# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୬/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, August 26/2019 | ★★★★

୪୫ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସ୍ୱାଭାବିକ ଆଚରଣ କରନ୍ତି ଅନନ୍ୟା**
ବଲିଉଡ୍ ଅଭିନେତ୍ରୀ ହୋଇଥିଲେ ବି ସ୍ୱାଭାବିକ ଆଚରଣ ପ୍ରଦର୍ଶନ କରନ୍ତି ବୋଲି ଅଭିନେତ୍ରୀ ଅନନ୍ୟା ପାଣ୍ଡେ ପ୍ରକାଶ କରିଛନ୍ତି।
୦୨

୧୪
**ପ୍ରମୋଦଙ୍କୁ ବିରଳ ସଫଳତା**
ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ସହ ବିରଳ ସଫଳତା ଲାଭ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।



# ସିନ୍ଧୁଙ୍କୁ ଐତିହାସିକ ସ୍ୱର୍ଣ୍ଣ

**ବାସେଲ (ସୁଇଜରଲାଣ୍ଡ), ୨୫।୮ (ପି.ଟି.)**

ଭାରତର ତାରକା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ରବିବାର ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସ୍ୱର୍ଣ୍ଣିମ ସଫଳତା ଯୋଡ଼ିଛନ୍ତି। ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୪ ବର୍ଷୀୟା ସିନ୍ଧୁ ମହିଳା ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହାଇଦ୍ରାବାଦୀ ଲଳନା ସିନ୍ଧୁ ଏକତରଫା ବିଶିଷ୍ଟ ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ପ୍ରଥମ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି।

ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି ହାଇଭୋଲଟେଜ୍ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌କୁ ୨୪ ବର୍ଷୀୟା ସିନ୍ଧୁ ଏକତରଫା ଭାବେ ୨୧-୭, ୨୧-୭ ସିଧାସଳଖ ଗେମ୍‌ରେ ଓକୁହାରାଙ୍କୁ ପରାସ୍ତ କରିବାରେ ସମର୍ଥ ହୋଇଥିଲେ। ୫ ଫୁଟ୍ ୧୦ ଇଞ୍ଚ ଉଚ୍ଚତା ବିଶିଷ୍ଟ ସିନ୍ଧୁ ନିଜ ଉଚ୍ଚତାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ମାତ୍ର ୩୮ ମିନିଟ୍‌ରେ ମ୍ୟାଚ୍‌କୁ ଜିତିନେଇଥିଲେ। ଏଥିସହ ସିନ୍ଧୁ ୨ ବର୍ଷ ତଳର ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ନେଇଛନ୍ତି। ୨୦୧୭ ଗ୍ଲାସଗୋରେ ଖେଳାଯାଇଥିବା ଏହି ସମାନ ପ୍ରତିଯୋଗିତାର ଫାଇନାଲରେ ଓକୁହାରାଙ୍କ ନିକଟରୁ ହାରି ସିନ୍ଧୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସେହି ଫାଇନାଲ ମ୍ୟାଚ୍ ଦୀର୍ଘ ୧ ଘଣ୍ଟା ୫୦ ମିନିଟ୍ ଧରି ଅନୁଷ୍ଠିତ ହୋଇଥିଲା, ଯାହାକୁ ବ୍ୟାଡ୍‌ମିଣ୍ଟନ ଇତିହାସର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ଭାବେ ବିବେଚିତ କରାଯାଉଛି।




## ■ ଲଘୁଚାପ: ଆହୁରି ୨୪ ଘଣ୍ଟା ପ୍ରବଳ ବର୍ଷା

# ବଜ୍ରପାତରେ ୬ ଚାଷୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଦୁଇଦିନ ହେବ ରାଜ୍ୟରେ ବର୍ଷା ଜାରି ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଚିନ୍ତା ବଢ଼ାଇଦେଇଛି ବଜ୍ରପାତ। ରବିବାର ଅପରାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଚାଷଜମିରେ କାର୍ଯ୍ୟରତ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବରକନ୍ଧା ଗ୍ରାମର କୃପାସିନ୍ଧୁ ରାଉତ, କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭେଡ଼ାସାଲେପୁର ଗ୍ରାମର ନିରଞ୍ଜନ ମଲିକ(୫୫), ଲଳିତଗିରି ଗ୍ରାମର ବାବୁଲି ଯେନା(୪୯), ସାଲେପୁର ବ୍ଲକ ମାଲଶାସନ ପଞ୍ଚାୟତ ଲେଖନପୁର ଗ୍ରାମର ରଞ୍ଜନ ବେହେରା(୪୧), ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ବାଲିପାଳ ଗ୍ରାମର ସ୍ୱପ୍ନାରେଖା ମହାଳିକ (୪୫) ଏବଂ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ନୂଆପଡ଼ା ଗ୍ରାମର ବିନୋଦ ପୋଡ଼। ଆହତ ୩ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷରେ ବଜ୍ରପାତରେ ବହୁ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ସୂଚନା ମିଳିଛି। ହେଲେ ଚିନ୍ତାର ବିଷୟ ଯେ, ଗତ ୫ ଦିନରେ ବଜ୍ରପାତ ୧୬ ଜଣଙ୍କ ଜୀବନ ନେଇଥିବାବେଳେ ୮ଜଣ ଆହତ ହୋଇଛନ୍ତି। ଗତ ବୁଧବାର ୬ଜଣ, ଗୁରୁବାର ୨ଜଣ ଓ ଶନିବାର ୨ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀ ହୋଇଥିବାବେଳେ କେନ୍ଦ୍ରାପଡ଼ାର ୭ଜଣ, ଅନୁଗୋଳରେ ୨ଜଣ ଓ ପୁରୀର ଜଣେ ରହିଛନ୍ତି।

ଅନ୍ୟପକ୍ଷରେ ରବିବାର ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇଛି। ନୂଆପଡ଼ା, ବଲାଙ୍ଗୀର, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ପୁରୀ, କନ୍ଧମାଳ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଗଞ୍ଜାମ, ନୟାଗଡ଼ ଓ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହୋଇଛି। ପାରାଦୀପରେ ସର୍ବାଧିକ ୮୯ ମିଲିମିଟର ବର୍ଷା ହୋଇଥିବାବେଳେ ଅନୁଗୋଳରେ ୩୬, କଟକ ଓ ଚାନ୍ଦବାଲିରେ ୨୬.୨, ବଲାଙ୍ଗୀରରେ ୨୫, ବାଲେଶ୍ୱରରେ ୨୪, ମାଲକାନଗିରିରେ ୧୩.୮, ଫୁଲବାଣୀରେ ୮.୮, ସୋନପୁରରେ ୭, ଭବାନୀପାଟଣାରେ ୬, କେନ୍ଦୁଝରରେ ୫.୩, ଭୁବନେଶ୍ୱରରେ ୪.୩, ଟିଟିଲାଗଡ଼ରେ ୨ ମିମି ବର୍ଷା ରେକର୍ଡ କରାଯାଇଛି।

**■ ୫ଦିନରେ ଗଲାଣି ୧୬ ଜୀବନ**
**■ ପାରାଦୀପରେ ସର୍ବାଧିକ ବର୍ଷା**



## ୨୩ରେ ୪ ରାଜ୍ୟରେ ବିଧାନସଭା ଉପନିର୍ବାଚନ

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ଉତ୍ତରପ୍ରଦେଶ, ତ୍ରିପୁରା, ଛତିଶଗଡ଼ ଓ କେରଳର ଗୋଟିଏ ଲେଖାଏ ବିଧାନସଭା ଆସନରେ ସେପ୍ଟେମ୍ବର ୨୩ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ରବିବାର ଏନେଇ ଘୋଷଣା କରିଛନ୍ତି। ସେହି ଆସନଗୁଡ଼ିକ ହେଲା ଛତିଶଗଡ଼ର ଦାନ୍ତେୱାଡ଼ା, ତ୍ରିପୁରାର ବଧେରଘାଟ, ଉତ୍ତରପ୍ରଦେଶର ହମିରପୁର ଏବଂ କେରଳର ପାଲା। ହମିରପୁରର ଭାଜପା ବିଧାୟକ ଅଶୋକ ଚାଣ୍ଡେଲ୍ ଅଯୋଗ୍ୟ ଘୋଷିତ ହେବା ପରେ ସେଠାରେ ଉପନିର୍ବାଚନର ଆବଶ୍ୟକ ପଡିଛି। ସେହିପରି ଦାନ୍ତେୱାଡ଼ା, ପାଲା ଓ ବଧେରଘାଟର ବିଧାୟକମାନଙ୍କ ପରଲୋକ ହୋଇଥିବାରୁ ସେଠାରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ୪ଟି ଆସନ ପାଇଁ ଅଗଷ୍ଟ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ସେପ୍ଟେମ୍ବର ୨୭ରେ ଭୋଟଗଣତି ହେବ। ଉତ୍ତରପ୍ରଦେଶର ଅନ୍ୟ ୧୨ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଥିଲେ ହେଁ ଏଥିପାଇଁ ତାରିଖ ଘୋଷଣା ହୋଇନାହିଁ। ଅଧିକାଂଶ ବିଧାୟକ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ ସେହି ଆସନଗୁଡିକ ଖାଲିପଡିଛି।

## ପାର୍ସଲରୁ ବାହାରିଲା ନାଗ

**ରାଇରଙ୍ଗପୁର/ ବାରିପଦା ଅଫିସ, ୨୫।୮ (ଡି.ଏନ୍.ଏ.)**


ନାଗ ବାହାରିଥିବା ପାର୍ସଲ ପେଟି।

ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳରୁ ଏକ ଟ୍ରାନ୍ସପୋର୍ଟ ସଂସ୍ଥା ଜରିଆରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ଟ୍ରକରେ ଆସିଥିବା ଏକ ପାର୍ସଲ ପେଟିରୁ ନାଗ ସାପ ବାହାରିଛି। ଏଲ୍‌ଆଣ୍ଡଟି କମ୍ପାନୀରେ କାମ କରୁଥିବା ମୁଥୁ କୁମାର ନାମକ ଜଣେ କର୍ମଚାରୀ ଟ୍ରାନ୍ସପୋର୍ଟ ସଂସ୍ଥା ଜରିଆରେ ଫଳ ସମେତ କେତେକ ଘରୋଇ ସାମଗ୍ରୀ ବିଜୟୱାଡାରୁ ବୁକ୍ କରିଥିଲେ। ଟ୍ରକ ଯୋଗେ ଏହି ସାମଗ୍ରୀ ଆସି ରାଇରଙ୍ଗପୁର ସହରର ୫ ନଂ ୱାର୍ଡ ଅଧୀନ ଧରମଗଳି ବସ୍ତିରେ ମୁଥୁ କୁମାର ରହୁଥିବା ଘରେ ଶନିବାର ସନ୍ଧ୍ୟାରେ ପହଞ୍ଚିଥିଲା। ପାର୍ସଲ ପେଟିଗୁଡିକୁ ନେଇ ☞ପୃଷ୍ଠା-୪

## ମହାକାଶରେ ଆକାଉଣ୍ଟ ହ୍ୟାକ୍

**ୱାଶିଂଟନ୍, ୨୫।୮ (ଏଏଫ୍‌ପି)**


ମହାକାଶଚାରୀ ମ୍ୟାକ୍‌କ୍ଲେନ୍

ମହାକାଶରେ ବ୍ୟାଙ୍କ ଆକାଉଣ୍ଟ ହ୍ୟାକ୍ ଘଟଣାଟି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ୍ୟ। ଏହି ଘଟଣାର ତଦନ୍ତ କରିବାକୁ ଯାଉଛି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'। ମହାକାଶଚାରୀ ଆନ୍ନେ ମ୍ୟାକ୍‌କ୍ଲେନ୍‌ଙ୍କ ବିରୋଧରେ ଆସିଛି ଏଭଳି ଅଭିଯୋଗ। ସେ ସ୍ପେସ୍ ସେଣ୍ଟରରେ ଥିବା କମ୍ପ୍ୟୁଟରରୁ ତାଙ୍କ ପରିତ୍ୟକ୍ତା ସ୍ତ୍ରୀ ସମର ଓର୍ଡେନ୍‌ଙ୍କ ଇମେଲ୍ ଓ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ୍ସ ବିବରଣୀ ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍(ଆଇଏସ୍ଏସ୍)ରେ ୬ମାସିଆ ମିଶନ୍ କାଳରେ ମ୍ୟାକ୍‌କ୍ଲେନ୍ ଏଭଳି କେଳେଙ୍କାରି କରିଥିବା କୁହାଯାଉଛି। ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**
**ଛଟେଇ ବିପଦ**

**ଆଜିର ମନ୍ତବ୍ୟ**
"ଆମାଜନ ଜଙ୍ଗଲରେ ଲାଗିଥିବା ନିଆଁ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ।
-ଫ୍ରାନ୍ସିସ୍ ପୋପ୍, କ୍ୟାଥୋଲିକ୍ ଧର୍ମଗୁରୁ





NECC NATIONAL EGG CO-ORDINATION COMMITTEE 25.08.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 59 | 105 | 115 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 59 | 105 | 115 |
| BHM | 57 | 102 | 112 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜେଟ୍‌ଲୀଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆଦିଲ୍ଲୀ, ୨୫।୮ (ଆଇଏଏନ୍ଏସ୍)**

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଯାଇଛି। ରବିବାର ଅପରାହ୍ନରେ ନିଗମବୋଧ ଘାଟଠାରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜେଟ୍‌ଲୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରୋହନ୍ ମୁଖାଗ୍ନି ଦେଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଲୋକ ନିଗମବୋଧ ଘାଟରେ ପହଞ୍ଚି ଜେଟ୍‌ଲୀଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଶନିବାର ଅପରାହ୍ନରେ ନୂଆଦିଲ୍ଲୀର ଏମ୍ସରେ ଜେଟ୍‌ଲୀଙ୍କ ପରଲୋକ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିବାବେଳେ ୯ ତାରିଖରୁ ଏମ୍ସରେ ଭର୍ତ୍ତି ହୋଇଥିଲେ।

ଶେଷକୃତ୍ୟ ବେଳେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାଓ୍ୱତ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ, ସ୍ମୃତି ଇରାନୀ, ଅନୁରାଗ ଠାକୁର, କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କପିଲ ଶିବଲ, ଏନ୍‌ସିପି ନେତା ପ୍ରଫୁଲ ପଟେଲ, ଯୋଗଗୁରୁ ବାବା ରାମଦେବ ପ୍ରମୁଖ ଉପସ୍ଥିତ ଥିଲେ। ଜେଟ୍‌ଲୀଙ୍କ ଶେଷଯାତ୍ରା ପୂର୍ବରୁ ଭାଜପା ମୁଖ୍ୟାଳୟରେ ବିଭିନ୍ନ ଦଳର ତୁଙ୍ଗ ନେତାମାନେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତରେ ଥିବାରୁ ଯୋଗଦେଇ ନ ପାରି ଶୋକବ୍ୟକ୍ତ କରିଥିଲେ।

ପୂର୍ବାହ୍ନ ୧୧ଟାରେ ଜେଟ୍‌ଲୀଙ୍କ ମରଶରୀରକୁ ତାଙ୍କ କୈଳାସ କଲୋନୀ ବାସଭବନରୁ ଭାଜପା ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ମରଶରୀରକୁ ଅଢ଼େଇ ଘଣ୍ଟା ରଖାଯାଇଥିଲା। ଭାଜପା ସମେତ ବିଭିନ୍ନ ଦଳର ନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ପହଞ୍ଚି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଅପରାହ୍ନ ୨ଟା ପରେ ମରଶରୀରକୁ ଜାତୀୟ ପତାକାରେ ଆବୃତ୍ତ କରି ନିଗମବୋଧ ଘାଟକୁ ନିଆଯାଇଥିଲା। ଦିଲ୍ଲୀ ପୋଲିସ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀଙ୍କୁ ତୋପସଲାମୀ ଦିଆଯାଇଥିଲା।

**ପୁଅ ରୋହନ୍ ଦେଲେ ମୁଖାଗ୍ନି**


ନିଗମବୋଧ ଘାଟଠାରେ ଜେଟ୍‌ଲୀଙ୍କୁ ପୁଅ ରୋହନ ମୁଖାଗ୍ନୀ ଦେଉଛନ୍ତି।



ସୋସିଆଲ ମିଡିଆରେ ମିଥ୍ୟା ଖବର ପ୍ରସାରଣ ଏବେ ସାମାଜିକ ତଥା ସାମ୍ପ୍ରଦାୟିକ ଉତ୍ତେଜନାର ମୂଳ କାରଣ ପାଲଟିଛି। ତେଣୁ କୌଣସି ତଥ୍ୟ ଶେୟାର କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା ଉଚିତ।

-ପ୍ରଣବ ମୁଖାର୍ଜୀ, ପୂର୍ବତନ ରାଷ୍ଟ୍ରପତି

## କେନ୍ଦ୍ର ନିଷ୍ପତ୍ତିର କୋଡ଼ିଏ ଦିନ ପରେ

# କୁହୁଳୁଛି କଶ୍ମୀର, ନିଆଁକୁ ଡର



ଠିକ୍ କୋଡ଼ିଏ ଦିନ ତଳେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇଦେଇ ଜମ୍ମୁ-କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନର ନିଷ୍ପତ୍ତି ନେଇଥିଲେ। ସଂଖ୍ୟାବଳରେ ବଳୀୟାନ ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିବାବେଳେ ବିରୋଧର ସ୍ୱର ମଧ୍ୟ କମ୍ ଉଠିନାହିଁ। ରାଷ୍ଟ୍ରପତି ଶାସନାଧୀନ ଉପତ୍ୟକାରେ ସବୁକିଛି ଠିକ୍ ଚାଲିଛି ବୋଲି ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ପ୍ରଶାସନ କହୁଥିବାବେଳେ ସେଠାକୁ କୌଣସି ବିରୋଧୀ ନେତାଙ୍କୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ୪୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀଙ୍କୁ ଗୃହବନ୍ଦୀ କରାଯାଇଛି। ଗଣମାଧ୍ୟମ ଉପରେ ମଧ୍ୟ କଟକଣା ବଳବତ୍ତର ରହିଛି। ଏପରି କି ମୋବାଇଲ, ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇନାହିଁ। ମାଧ୍ୟମିକ ଯାଏ ସ୍କୁଲଗୁଡ଼ିକର ତାଲା ଖୋଲିଛି। ହେଲେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ମା'ବାପା ସୁରକ୍ଷିତ ମଣୁନାହାନ୍ତି। ସବୁଠି ଚାପା ଉତ୍ତେଜନା। କେତେବେଳେ କେଉଁଠି ବୋମା ଫୁଟିବ କି ଗୁଳି ବର୍ଷା ହେବ କହିହେଉନାହିଁ। ସୁତରାଂ କୁହୁଳୁଥିବା କଶ୍ମୀରକୁ ଏବେ ନିଆଁର ଡର।

> ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ଏକ ଟିମ୍ କଶ୍ମୀର ଉପତ୍ୟକାକୁ ମଙ୍ଗଳବାର ଦୁଇଦିନିଆ ଗସ୍ତରେ ଯିବ। ୩୭୦ ଉଚ୍ଛେଦ ପରେ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଅଞ୍ଚଳ ଚିହ୍ନଟ କରିବ।
>
> **-ମୁଖ୍‌ତାର ଅବ୍ବାସ୍ ନକଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ**


> ଜମ୍ମୁ-କଶ୍ମୀରରେ ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀର ନିଅଣ୍ଟ ନାହିଁ। ୬୫% ଦୋକାନ ଖୋଲାରହୁଛି। ପୂର୍ବରୁ ଯେତେବେଳେ ବି ସଙ୍କଟ ସୃଷ୍ଟି ହୋଇଛି ପ୍ରଥମ ସପ୍ତାହରେ ଅନ୍ୟୁନ ୫୦ ଜଣ ପ୍ରାଣ ହରାଇଛନ୍ତି। ତେଣୁ ଫୋନ୍ ଉପରେ କଟକଣା ଯଦି ଲୋକଙ୍କ ଜୀବନ ବଞ୍ଚାଉଛି, ତେବେ କ୍ଷତି କ'ଣ ?
>
> **- ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ**

## ୩୭୦ ଉଚ୍ଛେଦକୁ ବିରୋଧ କର

### ଗିଲାନିଙ୍କ ଆହ୍ୱାନ

ଶ୍ରୀନଗର,୨୫।୮(ଆଇଏଏନ୍ଏସ୍)

ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ପାହ୍ୟା ପ୍ରତ୍ୟାହାର ନେଇ କେନ୍ଦ୍ରର ନିଷ୍ପତ୍ତି ସମସ୍ତ ଅନ୍ତର୍ଜାତୀୟ ଆଇନ ଓ ଜାତିସଂଘର ସଂକଳ୍ପନାମାକୁ ଉଲ୍ଲଂଘନ କରୁଛି। ଏହାଦ୍ୱାରା କଶ୍ମୀରରେ ଜନସଂଖ୍ୟା ପରିସଂଖ୍ୟାନରେ ପରିବର୍ତ୍ତନ ଆଣି ଉପନିବେଶ ସ୍ଥାପନ କରିବାକୁ ଚାହୁଁଛି କେନ୍ଦ୍ର। ତେଣୁ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ କରିବା ପାଇଁ ଉପତ୍ୟକାବାସଙ୍କୁ ଆହ୍ୱାନ ଦେଇଛନ୍ତି ଅଲ୍ ପାର୍ଟି ହୁରିୟାତ୍ କନ୍‌ଫରେନ୍ସ ଅଧ୍ୟକ୍ଷ ସୟଦ ଅଲି ଶାହ



ଗିଲାନି। ପାକିସ୍ତାନ ସହ କଶ୍ମୀରର ମିଶ୍ରଣ ପାଇଁ ଓକିଲାତି କରୁଥିବା ୮୯ ବର୍ଷୀୟ କଠୋରପନ୍ଥୀ ବିଚ୍ଛିନ୍ନତାବାଦୀ ନେତା ଗିଲାନି କହିଛନ୍ତି, କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ପ୍ରତିବାଦ ଜଣାଇବା ପାଇଁ ଜନସାଧାରଣ ନିଜ ନିଜ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରନ୍ତୁ। ସଶସ୍ତ୍ର ଶତ୍ରୁ (ସୁରକ୍ଷା ବଳ) ଲୋକଙ୍କୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ରହିଛି। ତେଣୁ ଶତ୍ରୁକୁ ଏହାର ସୁଯୋଗ ନ ଦେବା ପାଇଁ ଶୃଙ୍ଖଳିତ ଭାବେ ଆନ୍ଦୋଳନ କରନ୍ତୁ ବୋଲି ଗିଲାନି ପରାମର୍ଶ ଦେଇଛନ୍ତି। ସୁରକ୍ଷା ବଳର ଆକ୍ରମଣରେ ସେମାନଙ୍କର କିଛି ଘଟିଲେ ସେଥିପାଇଁ ଭାରତୀୟ ସେନା ଦାୟୀ ଏବଂ ବିଶ୍ୱ ସମୁଦାୟ ସାକ୍ଷ୍ୟ ରହିବ ବୋଲି ଗିଲାନି କହିଛନ୍ତି।

## ସଚିବାଳୟରେ କେବଳ ତ୍ରିରଙ୍ଗା

**ଶ୍ରୀନଗର,୨୫।୮(ପି.ଟି.):** ୩୭୦ ଉଚ୍ଛେଦର ତିନି ସପ୍ତାହ ପରେ ଶ୍ରୀନଗରସ୍ଥିତ ସଚିବାଳୟରୁ ଜମ୍ମୁ-କଶ୍ମୀରର ପତାକା ହଟିଛି। ଏବେ ସେଠାରେ କେବଳ ତ୍ରିରଙ୍ଗା ଉଡୁଛି। ପୂର୍ବରୁ ସଚିବାଳୟ ଶୀର୍ଷରେ ଜାତୀୟ ପତାକା ସହ ଜମ୍ମୁ-କଶ୍ମୀରର ଲାଲ ପତାକା ଉଡୁଥିଲା। କାରଣ ସମ୍ବିଧାନର ଅନୁଚ୍ଛେଦ ୩୭୦ ରାଜ୍ୟକୁ ୧୯୫୨ ଜୁନ୍ ୭ରୁ ଏହି ଅନୁମତି ପ୍ରଦାନ କରିଥିଲା। ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବ। ସେହିଦିନଠାରୁ କେବଳ ଜାତୀୟ ପତାକା ଉଡ଼ିବାର ଥିଲା। ହେଲେ ରବିବାର ସକାଳଠାରୁ ଏହାକୁ ଲାଗୁ କରାଯାଇଛି। ଆଗକୁ ସମସ୍ତ ଅଫିସରେ କେବଳ ତ୍ରିରଙ୍ଗା ଉଡ଼ିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।



## ଅକ୍ଟୋବର ୨ରୁ ପ୍ଲାଷ୍ଟିକ୍ ବର୍ଜ୍ୟ ବିରୋଧରେ ଗଣଆନ୍ଦୋଳନ ଆହ୍ୱାନ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ,୨୫।୮(ପି.ଟି.)

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବାକୁ ଥିବାବେଳେ ଏହିଦିନକୁ ସ୍ମରଣୀୟ କରିବା ପାଇଁ ଭାରତକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଦିୱାଲି ପୂର୍ବରୁ ବିଭିନ୍ନ ସ୍ଥାନରେ ଜମା ହୋଇ ରହିଥିବା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଏକତ୍ର କରିବାକୁ ରବିବାର ମୋଦି ତାଙ୍କର ପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ୍' ଜରିଆରେ ମ୍ୟୁନିସିପାଲିଟି, ଜିଲା ପ୍ରଶାସନ, ଗ୍ରାମ ପଞ୍ଚାୟତ, ଏନ୍‌ଜିଓ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, କର୍ପୋରେଟ ସେକ୍ଟରଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ରିସାଇକ୍ଲିଂ ପ୍ରକ୍ରିୟାରେ ସେଗୁଡ଼ିକୁ ଇନ୍ଧନରେ ପରିଣତ କରାଯାଇପାରିବ। ତେଣୁ ନିରାପଦର ସହ ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ମୁକ୍ତ ହେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପରିବେଶର ସୁରକ୍ଷା ଲାଗି ଗୋଟିଏ ଥର ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିବାବେଳେ ରବିବାର ଏହା ବିରୋଧରେ ଗଣ ଆନ୍ଦୋଳନ ପାଇଁ ଡାକରା ଦେଇଛନ୍ତି। ସେପ୍ଟେମ୍ବର ୧୧ରୁ ଆରମ୍ଭ ହେବାକୁ ଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଜନସାଧାରଣଙ୍କୁ ସାମିଲ ହେବା ପାଇଁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପ୍ରକୃତି ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ନିମନ୍ତେ ପ୍ରଧାନମନ୍ତ୍ରୀ



ପରାମର୍ଶ ଦେଇଛନ୍ତି। ମନ୍ କୀ ବାତ୍‌ରେ ମୋଦି ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ପୋଷଣ ଅଭିଯାନ ସମ୍ପର୍କରେ କହିବା ସହ ଏଥିରେ ଜନସାଧାରଣଙ୍କ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ସଚେତନତା ଅଭାବରୁ ଗରିବ ଓ ନିଃସହାୟ ପରିବାର ଅପପୁଷ୍ଟିର ଶିକାର ହେଉଛନ୍ତି। ତେଣୁ ଅଭିଯାନ ମାଧ୍ୟମରେ ମହିଳା ଓ ଶିଶୁ ପୋଷଣ କାର୍ଯ୍ୟକ୍ରମକୁ ଗଣ ଆନ୍ଦୋଳନରେ ପରିଣତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ଫିଟ୍ ଇଣ୍ଡିଆ ଆନ୍ଦୋଳନ' ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

ନିକଟରେ ପ୍ରସାରିତ 'ମ୍ୟାନ ଭର୍ସେସ ୱାଇଲ୍ଡ' କାର୍ଯ୍ୟକ୍ରମରେ ବିଅର ଗ୍ରିଲ୍ସ ସହ ତାଙ୍କର କଥୋପକଥନକୁ ନେଇ ଅନେକ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି। ଆଦୌ ହିନ୍ଦୀ ଜାଣି ନ ଥିବା ଗ୍ରିଲ୍ସ ମୋଦିଙ୍କ କଥାକୁ ବୁଝିବାର ରହସ୍ୟ ଟେକ୍ନୋଲୋଜି ଥିଲା ବୋଲି ମୋଦି କହିଛନ୍ତି।

## ବିବାହ ସରିବା ପରେ ଦୁର୍ଘଟଣା: ନବଦମ୍ପତିଙ୍କ ମୃତ୍ୟୁ

ଅରେଞ୍ଜ (ଟେକ୍ସାସ),୨୫।୮

ବିବାହର ଖୁସି ମୁହୂର୍ତ୍ତକ ମଧ୍ୟରେ ପାଣିଫୋଟକା ଭଳି ମିଳାଇଗଲା। ବିବାହ ସମ୍ପନ୍ନ ହେବାର କେଇ ମିନିଟ ପରେ ଟ୍ରାକ୍ଟର ବୋଝେଇ ଏକ ଟ୍ରେଲର ଧକ୍କାଦେଲା। ବିବାହ ସ୍ଥଳରେ ଦୁର୍ଘଟଣାରେ ନବଦମ୍ପତିଙ୍କ ଜୀବନ ଗଲା। ପଛରେ ଛିଡ଼ା ହୋଇଥିଲେ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନ। ଏଭଳି ଦୁଃଖଦ ଘଟଣା ଘଟିଛି ଆମେରିକାର ଟେକ୍ସାସରେ। ୧୯ ବର୍ଷୀୟା ମୋର୍ଗାନ ଓ ୨୦ ବର୍ଷୀୟ ବୋଦ୍ରେକ୍ସ ପିଲାଦିନୁ ପରସ୍ପରକୁ ଭଲ ପାଉଥିଲେ ଓ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର



ଅରେଞ୍ଜ କାଉଣ୍ଟିର ଜଷ୍ଟିସ୍ ଅଫ ପିସ୍ ଡୁବୋସ୍-ସିମୋଣ୍ଟନ୍ ସେମାନଙ୍କର ବିବାହ କରାଇଥିଲେ। ବିବାହ ଶେଷ ହେବା ପରେ ଜଷ୍ଟିସ୍ ଅଫ୍ ପିସ୍ ପରିସରରୁ କାର ଚଳାଇ ନବଦମ୍ପତି ବାହାରିବା ବେଳକୁ ଟ୍ରେଲର ଧକ୍କା ଦେଇଥିଲା।

## ଶିରୋନାମା ରଖିଥାନ୍ତି କେବଳ '୨୦'

### ଇସ୍ତଫା ଦେଇଥିବା ଆଇଏଏସ୍ ଅଧିକାରୀଙ୍କ ମତ

ନୂଆଦିଲ୍ଲୀ,୨୫।୮

ମୁଁ ଯଦି ଏକ ଖବରକାଗଜର ମାଲିକ ହୋଇଥାନ୍ତି, ଆସନ୍ତା କାଲି ତା'ର ଶିରୋନାମା ହୋଇଥାନ୍ତା କେବଳ ଗୋଟିଏ ଶବ୍ଦ '୨୦'। କାରଣ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାରକୁ ରବିବାର କୋଡ଼ିଏ ଦିନ ପୂରୁଛି। ଉପତ୍ୟକାବାସୀଙ୍କ ଅଧିକାର ଉପରେ କୋଡ଼ିଏ ଦିନ ଧରି କଟକଣା ଜାରି କରାଯାଇଛି ବୋଲି ଇସ୍ତଫା ଦେଇଥିବା କେରଳର ଆଇଏଏସ୍ ଅଧିକାରୀ କନ୍ନାନ ଗୋପୀନାଥ କହିଛନ୍ତି। ଜମ୍ମୁ-କଶ୍ମୀରରେ



କନ୍ନାନ ଗୋପୀନାଥ

ଜରୁରିକାଳୀନ ପରିସ୍ଥିତି ଭଳି ସ୍ଥିତି ସୃଷ୍ଟି ହୋଇଛି। ଏହା ୧୯୭୦ ଦଶକ ନୁହେଁ, କି ୟେମେନ ନୁହେଁ ଯେ ତୁମେ ସମସ୍ତ ଲୋକଙ୍କ ଅଧିକାର ଛଡ଼ାଇନେବ ଓ ସେମାନେ ମୁହଁ ଫିଟାଇବେ ନାହିଁ ବୋଲି ୨୦୧୨ ବ୍ୟାଚ୍‌ର ଗୋଆ-ମିଜୋରାମ-କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡର ଆଇଏଏସ୍ ଅଧିକାରୀ କନ୍ନାନ ସମାଲୋଚନା କରିଛନ୍ତି। ସେ ମୁକ୍ତ ଭାବେ କହିବା ପାଇଁ ଆଇଏଏସ୍ ଚାକିରିରୁ ଇସ୍ତଫା ଦେବା ପାଇଁ ଶନିବାର ନିଷ୍ପତ୍ତି ନେଇଛନ୍ତି।

## 'ନିଷ୍ଠୁରତାକୁ ସାମ୍ନା କରିଛନ୍ତି ବିରୋଧୀ'

ନୂଆଦିଲ୍ଲୀ,୨୫।୮(ପି.ଟି.):ଶ୍ରୀନଗର ଗସ୍ତବେଳେ ବିରୋଧୀ ଜମ୍ମୁ-କଶ୍ମୀର ପ୍ରଶାସନର ନିଷ୍ଠୁରତା ଓ ସୁରକ୍ଷା ବଳର ନିର୍ମମତାର ସମ୍ମୁଖୀନ ହୋଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ସେହିପରି ଗଣମାଧ୍ୟମ ସହ ମଧ୍ୟ ଅନୁରୂପ ବ୍ୟବହାର ଦେଖାଉଛି। ୨୦ ଦିନ ହେଲା ଜମ୍ମୁ-କଶ୍ମୀରବାସୀଙ୍କ ସ୍ୱାଧୀନତା ଓ ନାଗରିକ ଅଧିକାରର ହନନ କରାଯାଉଛି ବୋଲି ରବିବାର ରାହୁଲ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ରାହୁଲଙ୍କ ନେତୃତ୍ୱରେ ୧୨ ବିରୋଧୀ ଦଳ ନେତା ଶନିବାର ଶ୍ରୀନଗର ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ପରେ ପ୍ରଶାସନ ତାଙ୍କୁ ବିମାନବନ୍ଦରରୁ ଦିଲ୍ଲୀକୁ ଫେରାଇଦେଇଥିଲା। ବିରୋଧୀ ନେତାମାନେ କଶ୍ମୀର ପ୍ରସଙ୍ଗକୁ ନେଇ ରାଜନୀତି କରୁଥିବା ଅଭିଯୋଗକୁ ରବିବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖଣ୍ଡନ କରିଛନ୍ତି। କଶ୍ମୀରରେ



ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ଛଡ଼ାଇନେବାଠାରୁ ଅଧିକ ରାଜନୀତି ଓ ଦେଶବିରୋଧୀ କାର୍ଯ୍ୟ କିଛି ନୁହେଁ ବୋଲି ସେ ଟୁଇଟ୍ କରିଛନ୍ତି।

## ବୃହତ୍ ରକେଟ ଲଞ୍ଚର ପରୀକ୍ଷା କଲା ଉତ୍ତର କୋରିଆ

ସିଓଲ,୨୫।୮

ଆମେରିକା ସହ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ରୋକିବା ସମ୍ପର୍କରେ ଆଲୋଚନା ପୂର୍ବରୁ ଉତ୍ତର କୋରିଆ ଶନିବାର ସର୍ବବୃହତ୍ ରକେଟ ଲଞ୍ଚର ପରୀକ୍ଷା କରିଛି। ନୂତନ ଭାବେ ବିକଶିତ ଏହି ଲଞ୍ଚରରୁ ଏକସଙ୍ଗେ ଏକାଧିକ ରକେଟ ଛଡ଼ାଯାଇପାରିବ। ବାସ୍ତବରେ ଏହା ଏକ ବଡ଼ ଅସ୍ତ୍ର। ଆମେରିକା ଓ ଦକ୍ଷିଣ କୋରିଆର ମୁକାବିଲା ପାଇଁ ସେନାବାହିନୀ ନିମନ୍ତେ ଏଭଳି ଅସ୍ତ୍ରର ଆବଶ୍ୟକତା ରହିଛି ବୋଲି ପରୀକ୍ଷାସ୍ଥଳରେ ଉପସ୍ଥିତ ଥିବା ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ କହିଛନ୍ତି। ପରୀକ୍ଷା ସଫଳ ହୋଇଥିବା ଉତ୍ତର କୋରିଆ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ନିକଟରେ ଆମେରିକା ଓ ଦକ୍ଷିଣ କୋରିଆ ସେନାବାହିନୀ ମିଳିତ ସମରାଭ୍ୟାସ କରିଥିଲେ। ଆକ୍ରମଣ ପାଇଁ ଏହା ସେମାନଙ୍କର ରିହରସାଲ୍ ବୋଲି ଉତ୍ତର କୋରିଆ କହିଥିଲା। ଏହାର ଜବାବରେ ଉତ୍ତର କୋରିଆ ଏକାଧିକ କ୍ଷେପଣାସ୍ତ୍ର ଓ ରକେଟ ପରୀକ୍ଷା କଲାଣି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ କିମ୍‌ଙ୍କ ମଧ୍ୟରେ ଆଣବିକ ବୁଝାମଣା ପୂର୍ବରୁ ନିଜକୁ ଅଧିକ ଶକ୍ତିଶାଳୀ ଦର୍ଶାଇବା ପାଇଁ ଉତ୍ତର କୋରିଆ ନିଜର ଅସ୍ତ୍ର ପ୍ରଦର୍ଶନ କରୁଥିବା ବିଶେଷଜ୍ଞମାନେ କହିଛନ୍ତି। ଗତ ଫେବୃୟାରୀରେ ଭିଏତ୍‌ନାମରେ ଦୁଇ ନେତାଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ ବିଫଳ ହୋଇଥିଲା। ଜୁନ୍‌ରେ କୋରିଆ ସୀମାରେ ଉଭୟ ପୁଣି ଥରେ ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଥିଲେ।

## ଜି-୭ରେ ମୋଦି

ବିଆରିଜ୍,୨୫।୮(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଫ୍ରାନ୍ସର ବିଆରିଜ୍‌ରେ ଆୟୋଜିତ ତିନିଦିନିଆ ଜି-୭ ସମ୍ମିଳନୀରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଛନ୍ତି। ସେ ବାହାରିନ୍‌ରୁ ଫ୍ରାନ୍ସ ଯାଇ ସମ୍ମିଳନୀରେ ବିଶ୍ୱନେତାମାନଙ୍କୁ ଭେଟିଛନ୍ତି। ସମ୍ମିଳନୀରେ ୭ ସଦସ୍ୟ ରାଷ୍ଟ୍ର (ଫ୍ରାନ୍ସ, ଇଟାଲୀ, କାନାଡା, ଆମେରିକା, ଜାପାନ, ଜର୍ମାନୀ ଓ ବ୍ରିଟେନ)ର ନେତାମାନେ ଯୋଗଦେଇଛନ୍ତି।

## ଆନ୍ଧ୍ର ପୂର୍ବତନ ବାଚସ୍ପତିଙ୍କ ବିରୋଧରେ ମାମଲା

ହାଇଦ୍ରାବାଦ,୨୫।୮

ଆନ୍ଧ୍ରପ୍ରଦେଶ ବିଧାନସଭାର ପୂର୍ବତନ ବାଚସ୍ପତି ତଥା ତେଲୁଗୁଦେଶମ୍ ପାର୍ଟିର ବରିଷ୍ଠ ନେତା କୋଡେଲା ଶିବପ୍ରସାଦ ରାଓଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେ ବାଚସ୍ପତି ଥିବାବେଳେ ବିଧାନସଭାର କମ୍ପ୍ୟୁଟର, ଆସବାବପତ୍ର ଆଦି ସାମଗ୍ରୀକୁ ବ୍ୟକ୍ତିଗତ ବ୍ୟବହାର ପାଇଁ ନେଇଯାଇଥିବା ଅଭିଯୋଗ ହୋଇଥିଲା। ସେଥିରେ ରହିଛି ଦାମୀ ସୋଫା ସେଟ୍, ଟେବୁଲ୍, ଚେୟାର, ଏୟାର କଣ୍ଡିସନର ଏବଂ କମ୍ପ୍ୟୁଟର। ସେଗୁଡିକ ଗୁଣ୍ଟୁର ସହରରେ ଥିବା କୋଡେଲାଙ୍କ ପୁଅ କେ. ଶିବରାମଙ୍କ ଗାଡ଼ି ଶୋ'ରୁମ୍‌ରେ ପଡିଥିବା ବିଧାନସଭାର ଜନୈକ ଅଧିକାରୀ ପୋଲିସକୁ ଜଣାଇଥିଲେ। ଥୁଲ୍ଲୁରୁ ପୋଲିସ କୋଡେଲା ଓ ତାଙ୍କ ପୁଅ ନାମରେ ଆଇପିସିର ଧାରା ୪୦୯ ଓ ୪୧୧ରେ ମାମଲା ରୁଜୁ କରିଛି।

## 'ଗଗନୟାନ' ପାଇଁ ଯନ୍ତ୍ରାଂଶ ଯୋଗାଇବ ରୁଷିଆ

ଚେନ୍ନାଇ: ଭାରତର ମାନବବାହୀ ମହାକାଶ ମିଶନ୍ 'ଗଗନୟାନ' ପାଇଁ ଜଟିଳ ଯନ୍ତ୍ରାଂଶ ଯୋଗାଇବ ରୁଷିଆ। ଏଥିପାଇଁ ଭାରତ ଖୁବ୍‌ଶୀଘ୍ର ରୁଷିଆ ସହିତ ବିସ୍ତୃତ ଆଲୋଚନାର କରିବା କାର୍ଯ୍ୟକ୍ରମ ରହିଛି। ଭାରତର ମାନବ ମିଶନ୍ ପାଇଁ ମହାକାଶଚାରୀ ସିଟ୍, ଉଇଣ୍ଡୋ ଏବଂ ସ୍ପେସ୍‌ସୁଟ୍ ଯୋଗାଣ ପାଇଁ ଦୁଇଦେଶ ମଧ୍ୟରେ ସହମତିଭିତ୍ତିକ ଆଲୋଚନା ହେବା ଆଶା କରାଯାଉଛି ବୋଲି ରୁଷିଆ ପରିଚାଳିତ ମହାକାଶ ନିଗମ 'ରସକସମସ୍' ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରୁଷିଆର ଭ୍ଲାଡିଭୋଷ୍ଟକଠାରେ ସେପ୍ଟେମ୍ବର ୪ରୁ ୬ ମଧ୍ୟରେ ହେଉଥିବା ପ୍ରାଚ୍ୟ ଅର୍ଥନୀତି ସମ୍ମିଳନୀ ସମୟରେ ଭାରତ ଓ ରୁଷିଆ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ହେବା ସମ୍ଭାବନା ଅଛି। ଅଗଷ୍ଟ ୨୧ରେ ଏ ସଂକ୍ରାନ୍ତରେ ମସ୍କୋଠାରେ ଭାରତର ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ରସକସମସ୍ ନିର୍ଦ୍ଦେଶକ



ଜେନେରାଲ ଡିମିତ୍ରି ରୋଗୋଜିନ୍‌ଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୁଇ ଦେଶ ମଧ୍ୟରେ ମାନବଯୁକ୍ତ ମହାକାଶଯାନ, ସାଟେଲାଇଟ ନ୍ୟାଭିଗେଶନ୍ ଏବଂ ଇଞ୍ଜିନ ଟେକ୍ନୋଲୋଜି କ୍ଷେତ୍ରରେ ସହଯୋଗ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ରସକସମସ୍ ପକ୍ଷରୁ କୁହାଯାଇଛି। ରୋଗୋଜିନ ଏବଂ ଡୋଭାଲଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଅନୁଯାୟୀ ଭାରତର ୪ ମହାକାଶଚାରୀଙ୍କୁ ୟୁରି ଗାଗାରିନ କସ୍ମୋନଟ୍ ଟ୍ରେନିଂ ସେଣ୍ଟରରେ ତାଲିମ ପ୍ରଦାନ କରାଯିବ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଏ ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷର ହେବ। ଭାରତର ପ୍ରଥମ ମାନବ ମିଶନ୍ ଗଗନୟାନ ୨୦୨୨ରେ ଲଞ୍ଚ ହେବାକୁ ଯାଉଛି।

### ଇତିହାସର ଆଇନାରେ

**ଅଗଷ୍ଟ ୨୬ର ପ୍ରମୁଖ ଘଟଣା**

୧୯୯୯ ଅଗଷ୍ଟ ୨୬ରେ ଦ୍ୱିତୀୟ ଚେଚେନ ଯୁଦ୍ଧ ଆରମ୍ଭ କରିଥିଲା ରୁଷିଆ। ଏହା ଥିଲା ଉତ୍ତର କାଉକାସିଆନ ଅଞ୍ଚଳରେ ଆତଙ୍କବାଦୀ ବିରୋଧୀ ଅଭିଯାନ। ରଷିଆନ୍ ଫେଡେରେଶନ୍ ଏବଂ ଚେଚେନ ରିପବ୍ଲିକ୍ ଅଫ୍ ଇଚ୍‌କେରିଆ ମଧ୍ୟରେ ଏହି ଯୁଦ୍ଧ ହୋଇଥିଲା। ବିଭିନ୍ନ ଇସଲାମିକ୍ ଉଗ୍ରପନ୍ଥୀ ଗୋଷ୍ଠୀ ଏହି ଯୁଦ୍ଧରେ ସାମିଲ ହୋଇଥିଲେ।

୨୦୧୫ ଅଗଷ୍ଟ ୨୬ରେ ଭର୍ଜିନିଆର ମୋନେଟାଠାରେ ୨ଜଣ ଆମେରିକୀୟ ଖବରଦାତା ରିପୋର୍ଟିଂ କରୁଥିବାବେଳେ ତାଙ୍କର ଜଣେ ପୂର୍ବତନ ସହକର୍ମୀ ଦୁଇଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ମୋନେଟା ହେଉଛି ଫ୍ରାଙ୍କଲିନ୍ କାଉଣ୍ଟିର ଏକ ଅଞ୍ଚଳ, ଯାହା ଚଳଚ୍ଚିତ୍ର ଶୁଟିଂ ପାଇଁ ପ୍ରସିଦ୍ଧ।

## ମୋ ଆଚରଣ ସ୍ୱାଭାବିକ: ଅନନ୍ୟା ପାଣ୍ଡେ

ମୁମ୍ବାଇ: ପ୍ରଯୋଜକ କରନ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ୟର୍'ରେ ଅଭିନୟ ସହ ବଲିଉଡ଼ରେ ପଦାର୍ପଣ କରିଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଏହାଦ୍ୱାରା ତାଙ୍କ ଜୀବନରେ ପରିବର୍ତ୍ତନ ଘଟିଥିଲେ ବି ତାଙ୍କର ଆଚରଣ ସ୍ୱାଭାବିକ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ୨୦ବର୍ଷ ବୟସ୍କା ଏହି ତରୁଣୀ କହିଛନ୍ତି, ପ୍ରଥମ ଫିଲ୍ମରେ ଅଭିନୟ କରିବା ପରେ ଜୀବନରେ ନିଶ୍ଚୟ ପରିବର୍ତ୍ତନ ଘଟିଛି। ତେବେ ସେ ସବୁବେଳେ ଜଣେ ନବ ତରୁଣୀ ଭଳି ଆଚରଣ କରିଥାନ୍ତି ବୋଲି କହିଛନ୍ତି। ଅନନ୍ୟା ହେଉଛନ୍ତି ଲୋକପ୍ରିୟ ହାସ୍ୟାଭିନେତା ଚଙ୍କି ପାଣ୍ଡେଙ୍କ କନ୍ୟା। ଜଣେ କଳାକାର ପରିବାରରେ ଜନ୍ମ ହୋଇଥିବାରୁ ସେ ନିଜକୁ ଧନ୍ୟ ମନେକରନ୍ତି। ଏଥିପାଇଁ ବଲିଉଡରେ ପ୍ରବେଶ କରିବା ତାଙ୍କ ପାଇଁ ଖୁବ୍ ସହଜ ହୋଇଥିବା ସେ ଅନୁଭବ କରନ୍ତି। ତେବେ ସେ ଏ କଥା ମଧ୍ୟ କହିଛନ୍ତି ଯେ, ଜଣେ ଅଭିନେତାଙ୍କ କନ୍ୟା ହୋଇଥିବାରୁ ଫିଲ୍ମରେ ପ୍ରବେଶ କରିବା ସହଜ ହୋଇଥିଲେ ହେଁ ଏ ଦିଗରେ ଆଗ୍ରହ ନ ଥିଲେ କେହି ସହାୟକ ହୋଇପାରିବେ ନାହିଁ।



## ସଂକ୍ଷେପରେ

### ସବ୍‌ଡେଗା ବ୍ଲକ ଅଞ୍ଚଳରେ ଲୋକେ ଆତଙ୍କିତ
## ହାତୀ ଆକ୍ରମଣରେ ଜଣେ ମୃତ, ଦମ୍ପତି ଗୁରୁତର

**ସୁନ୍ଦରଗଡ଼/ସବ୍‌ଡେଗା, ୨୫।୮ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅଞ୍ଚଳରେ ଶନିବାର ରାତିରେ ଏକ ଦନ୍ତାହାତୀ ତାଣ୍ଡବ ଚଳାଇବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ଏହି ବ୍ଲକର କରମଡିହି ପଞ୍ଚାୟତ କଟଙ୍ଗଡିହି ଗ୍ରାମର ଶଙ୍କର ତନ୍ତୀ (୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ହମିରପୁର ପଞ୍ଚାୟତ ବୀରତୁଲା ଗ୍ରାମରେ ଏକ ଦମ୍ପତି ଗୁରୁତର ହୋଇଛନ୍ତି। ହାତୀ ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ କ୍ଷତି କରିଛି। ମୃତାହତ ପରିବାର ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା କହିଛନ୍ତି।

### ପୋଲ ତଳକୁ ଖସିଲା ଟ୍ରାକ୍ଟର
## ୨ ମୃତ, ଜଣେ ଗୁରୁତର

**ପଟ୍ଟାଙ୍ଗି, ୨୫।୮ (ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଞ୍ଚଳରେ ଶନିବାର ପୋଲ ତଳକୁ ଏକ ଟ୍ରାକ୍ଟର ଖସିପଡ଼ିବାରୁ ସେଥିରେ ଥିବା ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଅମ୍ବାବାଲି ପଞ୍ଚାୟତ ମୁସୁରିଗୁଡ଼ା ଗ୍ରାମର ଚିନ୍ତା ବାନି, କାରେସପାଡୁ ଗ୍ରାମର ବେଟକାରି ଭୀମ, ଗାଲୁଙ୍ଗୁ ବୋଇ ରାଜୁ ଶନିବାର ସନ୍ଧ୍ୟାରେ ଅମ୍ବାବାଲି ସିମେଣ୍ଟ କାରଖାନା ନିକଟସ୍ଥ ହୋଟେଲରୁ ଖାଇସାରି ପବିତ୍ର ଜାନିଙ୍କ ଟ୍ରାକ୍ଟରରେ ଘରକୁ ଫେରୁଥିଲେ। ବାଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଚିନ୍ତାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଥିବା ବେଳେ ବେଟକାରୀ ଆଖି ବୁଜିଥିଲେ। ଗାଲୁଙ୍ଗୁଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ବେଳେ ତାଙ୍କୁ ନିକଟସ୍ଥ ସୁଙ୍କି ଡାକ୍ତରଖାନା ନିଆ ନଯାଇ ଆନ୍ଧ୍ରର ସାଲୁର ବ୍ଲକସ୍ଥିତ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ଦୁର୍ଘଟଣା ସମ୍ପର୍କରେ ଲିଖିତ ଏତଲା ହେବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବିଧାୟକ ପ୍ରୀତମ ପାଢ଼ୀ ଥାନାରେ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ପୋଲିସ ୨ଟି ମୃତଦେହ ଜବତ କରି ଏହାର ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ■ ମାର୍ଚ୍ଚରେ ସରିବ ୩ ଖଣି ଲିଜ ଅବଧି
# ବିକାଶ ହାର ହୋଇପାରେ ମାପଦଣ୍ଡ

- ପୁନଃ ଲିଜ୍ ଦୌଡ଼ରେ ଟାଟା ଷ୍ଟିଲ, ବିସି ମହାନ୍ତି, ମିଶ୍ରିଲାଲ
- ଆଶା ଆଶଙ୍କାରେ ଶ୍ରମିକ, କର୍ମଚାରୀ



**ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.), ୨୫।୮**

ଆଉ ମାତ୍ର ୭ମାସ ପରେ ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳ ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣି, ବିସି ମହାନ୍ତି କମର୍ଦ୍ଧା ଖଣି ଓ ମିଶ୍ରିଲାଲର ସାରୁଆବିଲ କ୍ରୋମ ଖଣି ଅବଧି ଶେଷ ହେବାକୁ ବସିଛି। ନିକଟରେ କମର୍ଦ୍ଧା ଓ ସାରୁଆବିଲ ଖଣି ପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ମାଇନ୍ସ ଆଣ୍ଡ ମିନେରାଲ୍ସ, ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ (ଏମଏମଡିଆର) ଆକ୍ଟ-୨୦୧୫ ଅନୁଯାୟୀ ନିଲାମ କରାଯିବ। ତେଣୁ ନିଲାମ ପ୍ରକ୍ରିୟା ଦେଇ ଏହି ଖଣି ମାଲିକମାନେ ପୁଣି ଲିଜ୍ ପାଇବେ କି ନାହିଁ ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଶେଷ କରି ସ୍ଥାନୀୟ ଗାଡି ମାଲିକ, କର୍ମଚାରୀ ଓ ଶ୍ରମିକଙ୍କ ମହଲରେ ଭାଳେଣି ପଡିଛି। ତେବେ ଲିଜ୍ ପାଇଥିବା ଖଣି ମାଲିକମାନେ ଖଣିଜ ସମ୍ପଦ ଉତ୍ତୋଳନ ହାରରେ କିଏ କେତେ ଅଞ୍ଚଳର ବିକାଶ କରିଛି ତାକୁ ଲିଜ ପ୍ରକ୍ରିୟା ସମୟରେ ରାଜ୍ୟ ସରକାର ମାପଦଣ୍ଡ ଭାବେ ନେଇ ପାରନ୍ତି ବୋଲି ମତପ୍ରକାଶ ପାଉଛି।

ସୁକିନ୍ଦା ବ୍ଲକ କାଳିଆପାଣି ଅଞ୍ଚଳରେ ଭାରତ ବର୍ଷର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ରୋମାଇଟ ଗଚ୍ଛିତ ରହିଛି । କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ଆଗାମୀ ଦିନରେ ଓଡିଶାର ୩୪ଟି ଖଣି ନିଲାମ ହେବାକୁ ଥିବାବେଳେ ସେଥିରୁ ସୁକିନ୍ଦାର ୩ଟି ଖଣି ରହିଛି। ସୁକିନ୍ଦା ଖଣିଅଞ୍ଚଳରେ ୨୩୯୧.୭୯ ହେକ୍ଟର ପରିମିତ ବିଶିଷ୍ଟ ମୋଟ ୧୨ଟି ଖଣିରୁ ବାର୍ଷିକ ୨୫୮୯୬୫.୪୭୪ ମେଟ୍ରିକ ଟନ କ୍ରୋମାଇଟ ଉତ୍ତୋଳନ ହେଉଛି । ଟାଟା, ମିଶ୍ରିଲାଲ ଓ ବିସି ମହାନ୍ତି ଖଣିକୁ ବାଦ ଦେଲେ ଓଡ଼ିଶା ଖଣି ନିଗମ, ଜିନ୍ଦଲ, ବାଲେଶ୍ୱର ଆଲଏଜ, ଫେକର, ଆଇଡିସି, ଇମ୍ଫା ଭଳି କଂପାନୀ କ୍ରୋମ ଉତ୍ତୋଳନ କରୁଛନ୍ତି। ଏହି ସମସ୍ତ ଖଣିରୁ ବାର୍ଷିକ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆକାରରେ ମିଳିଥାଏ । ଏଥିରୁ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠି ହୋଇଥାଏ। ନିକଟରେ ଓଡ଼ିଶା ସରକାରଙ୍କ ୬୫.୬୮୩ ହେକ୍ଟର ବିଶିଷ୍ଟ ଆଇଡିସି ଠେଙ୍ଗି ଖଣି ବନ୍ଦ ହେବା ଦ୍ୱାରା ୮୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କ ଜୀବିକା ଯାଇଛି। ଏହା ପୂର୍ବରୁ ୮୯ ହେକ୍ଟର ବିଶିଷ୍ଟ ଜିନ୍ଦଲ ଖଣି ବନ୍ଦ ହୋଇପଡିଛି। ଏଥିରେ ନିୟୋଜିତ ୪ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ଦାନାପାଣି ଯାଇଛି। ଏହିକ୍ରମରେ ୪୦୬ ହେକ୍ଟର ବିଶିଷ୍ଟ ଟାଟାର ସୁକିନ୍ଦା କ୍ରୋମାଇଟ ମାଇନ୍ସ ୨୦୨୦ ମାର୍ଚ୍ଚ ସୁଦ୍ଧା ବନ୍ଦ ହୁଏ ତେବେ ଏହି ଖଣିରୁ ଉତ୍ତୋଳନ ହେଉଥିବା ଅନ୍ୟୁନ ୯୨୬୮୬୧.୧୮ ମେଟ୍ରିକ ଟନ କ୍ରୋମ ଉତ୍ତୋଳନ ବାଧାପ୍ରାପ୍ତ ହେବ। ଯାହା ଦ୍ୱାରା ଟାଟାର ନିଜସ୍ୱ କାରଖାନା ସହିତ ଦେଶ ଓ ବିଦେଶରେ ଥିବା ବହୁ କ୍ରୋମ ଭିତ୍ତିକ ଶିଳ୍ପ ପ୍ରଭାବିତ ଏବଂ ବନ୍ଦ ହେବାର ସମ୍ଭାବନା ରହିଛି। ସେହିପରି ଏହି ଖଣିରେ କାର୍ଯ୍ୟ କରୁଥିବା ୩୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ଜୀବିକା ପ୍ରଭାବିତ ହେବ। ତେବେ ଯିଏ ବି ଏହି ଖଣି ଲିଜ ପାଇବ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ ପୁଣି ସେଠାରେ ନିୟୋଜିତ ହେବା ନେଇ ଆଶଙ୍କା ଦେଖାଦେଇଛି। ତେବେ ନିକଟରେ ୨୪୬.୮୫୮ ହେକ୍ଟର ବିଶିଷ୍ଟ ମିଶ୍ରିଲାଲର ସାରୁଆବିଲ ଖଣି ଏବଂ ୧୦୭.୨୪ ହେକ୍ଟର ବିଶିଷ୍ଟ ବିସି ମହାନ୍ତି ଆଣ୍ଡ ସନ୍ସ କ୍ରୋମାଇଟ ଖଣିର ନିଲାମ ପାଇଁ ସରକାର ନୋଟିସ ଜାରି କରିଛନ୍ତି । କିନ୍ତୁ ଟାଟା କମ୍ପାନୀ ଖଣି ଲିଜ ସଂକ୍ରାନ୍ତରେ ରାଜ୍ୟ ସରକାର ନୀରବ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି । ପ୍ରାୟ ୧୯୫୨ ମସିହାରୁ ଟାଟା ଖଣି ଏଠାରେ କ୍ରୋମାଇଟ ଉତ୍ତୋଳନ କରୁଛି । ତଦନୁସାରେ ସୁକିନ୍ଦା ଖଣି ଅଞ୍ଚଳର ଯେଭଳି ବିକାଶ ହେବା କଥା ତାହା ହୋଇପାରି ନାହିଁ । ଏବେ ବି ସୁକିନ୍ଦା ଖଣି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି ଭଳି ସମସ୍ୟା ଲାଗି ରହିଛି। ନଗଡ଼ାରେ ଅପପୁଷ୍ଟି ଜନିତ ଶିଶୁମୃତ୍ୟୁ ସାରା ଭାରତରେ ବଦନାମ ଆଣିଛି । ଏଥିଯୋଗୁ ଟାଟା ଷ୍ଟିଲ ଉପରେ ସରକାର ଆଉ ଭରସା କରିବେ କି ନାହିଁ ତାହା ସନ୍ଦେହରେ ରହିଛି । ଟାଟା ଷ୍ଟିଲ ବିଭିନ୍ନ ପାରିପାର୍ଶ୍ୱିକ କାର୍ଯ୍ୟକ୍ରମ ଚଳାଇଛି ସତ ହେଲେ ୬୭ ବର୍ଷର କ୍ରୋମାଇଟ ଉତ୍ତୋଳନ ହାରକୁ ଅବଲୋକନ କଲେ ବିକାଶ ନଗଣ୍ୟ ବୋଲି ମତପ୍ରକାଶ ପାଉଛି । ତେଣୁ ଯିଏ ବି ଏହି ୩ ଖଣିର ଲିଜ ପାଇବ, ସେ ବିକାଶକୁ ନିଶ୍ଚିତ ଭାବେ ଅଗ୍ରାଧିକାର ଦେବେ ବୋଲି ସରକାର ଚିନ୍ତା କରୁଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଖଣି ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ, ଲିଜ୍ ଅବଧି ସରିବା ପରେ ଆଇନ ଓ ନିୟମ ଅନୁସାରେ ଲିଜ ଦିଆଯିବ। ଏଥିପାଇଁ ୨ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି।

### ବିଳମ୍ବିତ ହେଉଛି ଓସା ନିର୍ବାଚନ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ସଚିବାଳୟ ସେବା ସଂଘ(ଓସା) ପକ୍ଷରୁ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ହୋଇଥାଏ। ୨୦୧୭ରେ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କ କାର୍ଯ୍ୟକାଳ ଗତ ଜୁନ୍‌ରୁ ସମାପ୍ତ ହୋଇଛି। ଇତିମଧ୍ୟରେ ଦୁଇ ମାସ ବିତିଗଲାଣି, ହେଲେ ପରବର୍ତ୍ତୀ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଦରମା ବୃଦ୍ଧି, ଘରଭଡ଼ା ଭତ୍ତା, ମେଡିକାଲ ଭତ୍ତା, ସଚିବାଳୟ ପାଇଁ ସ୍ୱତନ୍ତ୍ର କଲୋନୀ ବ୍ୟବସ୍ଥା, ଅଧିକାରୀଭିତ୍ତିକ ପ୍ରଶାସନ ପ୍ରଚଳନ ଏବଂ ବିଭାଗ-ନିର୍ଦ୍ଦେଶାଳୟ ସମ୍ମିଶ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଓସା ହିଁ କର୍ମଚାରୀମାନଙ୍କ ଦାବିକୁ ଶୀର୍ଷ ପ୍ରଶାସନରେ ପହଞ୍ଚାଇବାର ମାଧ୍ୟମ। ତେଣୁ ପରବର୍ତ୍ତୀ ନିର୍ବାଚନ କେବେ, ତାହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଏପରି କି ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଓସାର ବିଭିନ୍ନ କମିଟି କ୍ରିୟାଶୀଳ ହେବା ଦୂରର କଥା, ଗଠନ ମଧ୍ୟ ହୋଇନାହିଁ। ୨୦୧୫-୧୭ ମଧ୍ୟରେ ସଂଘର ପ୍ରାୟ ୩୨ ଲକ୍ଷ ଟଙ୍କାର ହିସାବ ଏବଂ ଭାଉଚର ନାହିଁ। ତେଣୁ ଓସାର ପୁରାତନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଫେରାଇ ଆଣିବା ପାଇଁ ନିର୍ବାଚନର ଆବଶ୍ୟକତା ଥିବା ଅନେକେ ମତ ରଖିଛନ୍ତି।

### ପଞ୍ଚାୟତିରାଜ ବିଭାଗ ଆଣିବ ନୂଆ ଆପ୍
# ହିତାଧିକାରୀ ଘର ଫଟୋ ଦେଇ ପାଇପାରିବେ ଟଙ୍କା

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଏକ ନୂଆ ଆପ୍ ପ୍ରଚଳନ ହେବାକୁ ଯାଉଛି। ଏହି ଆପ୍ ଦ୍ୱାରା ବିଜୁ ପକ୍କାଘର ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାରୀ ଘର ପାଇଥିବା ହିତାଧିକାରୀ ସିଧାସଳଖ ନିଜ ଆକାଉଣ୍ଟରେ ଟଙ୍କା ପାଇପାରିବେ। ଏଥିପାଇଁ ସେମାନଙ୍କୁ ଆଉ କାହା ପାଖକୁ ଦୌଡିବାକୁ ପଡିବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ହିତାଧିକାରୀମାନେ ସେମାନଙ୍କ ଘର କେତେ କାମ କରିଛନ୍ତି ତା'ର ଏକ ଫଟୋ ଉଠାଇ ଏହି ଆପ୍‌ରେ ଡାଉନଲୋଡ୍ କରିଦେଲେ ସେମାନଙ୍କ କିସ୍ତି ବାବଦ ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ଆସିଯିବ।

ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନାରେ ଘର ଯୋଗାଇ ଦିଆଯାଉଛି। ସରକାରଙ୍କ ପକ୍ଷରୁ ଏହି ଯୋଜନା ଥିଲେ ମଧ୍ୟ ଗରିବ ଲୋକଟିଏ ସରକାରୀ ଘର ପାଇବା ପାଇଁ ବହୁ କଷ୍ଟ କରୁଛନ୍ତି। ସରକାର ବିଭିନ୍ନ ଆବାସ ଯୋଜନାରେ ଲୋକଙ୍କୁ ୪ଟି କିସ୍ତିରେ ଅର୍ଥ ପ୍ରଦାନ କରୁଛନ୍ତି। ମାତ୍ର ଜଣେ ଗରିବ ଲୋକ ପ୍ରଥମ କିସ୍ତିରେ ଯେତିକି ଟଙ୍କା ପାଉଛି ସେଥିରେ ଘର ଖଣ୍ଡେ ଆରମ୍ଭ କରିବାକୁ ଅସମର୍ଥ ହେଉଛି। ସରକାର ଦେଉଥିବା କିସ୍ତି ଅନୁଯାୟୀ ଉକ୍ତ ଟଙ୍କାରେ ପଥର କିଣିବାରେ ହିତାଧିକାରୀଙ୍କ ଟଙ୍କା ଖର୍ଚ୍ଚ ହୋଇଯାଉଥିବା କେତେଜଣ ଅଭିଯୋଗ କରିଛନ୍ତି। ଏହାସହ ଘର କରାଇଦେବା ନାଁରେ ମଧ୍ୟ ବହୁ କୁଜିନେତା ଲାଞ୍ଚ ନେଇଯାଉଥିବାର ଅଭିଯୋଗ ବହୁବାର ଶୁଣିବାକୁ ପଡୁଛି। ଏହାପରେ ସରକାରଙ୍କ ଅନ୍ୟ କିସ୍ତି ପାଇବା ଲାଗି ଯେଉଁ ମାଧ୍ୟମ ରହିଥିଲା ସେଥିରେ ମଧ୍ୟ ଜଣେ ହିତାଧିକାରୀ ହାତଗୁଞ୍ଜା ନ ଦେଲେ କାମ କରିବାକୁ ଅସମର୍ଥ ହେଉଥିଲା। ତେଣୁ ଏହିସବୁଥିରୁ ହିତାଧିକାରୀଙ୍କୁ ଆଶ୍ୱସ୍ତି ଦେବା ସକାଶେ ସରକାର ନୂଆ ଆପ୍ ଆରମ୍ଭ କରିବାକୁ ଯାଉଥିବା ଜଣାପଡିଛି।

# ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ

**ରାଜନଗର, ୨୫।୮ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୩୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜିଓ ସିନ୍ଥେଟିକ ପ୍ରାଚୀର (ଜିଓ ଟ୍ୟୁବ୍ ୱାଲ)ରେ ରବିବାର ଭୋର ସମୟରେ ନିଆଁ ଲାଗି ଏହାର କିଛି ଅଂଶ ପୋଡିଯାଇଛି। ସମୁଦ୍ର ଏଠାରେ କୂଳ ଖାଉଥିବାରୁ ପେଣ୍ଠ ସମେତ ୫୬ଟି ସମୁଦ୍ରକୂଳିଆ ଗାଁଙ୍କୁ ସୁରକ୍ଷା ଦେବା ପାଇଁ ଏହା ନିର୍ମାଣ କରାଯାଇଥିଲା। ଏହି ପ୍ରାଚୀରରେ ନିଆଁ ଲାଗିବା ଜଣାପଡିବା ପରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି ।

ପ୍ରକାଶ ଯେ, ରାଜନଗର-ଗୋପାଳପୁର ଲୁଣାଘେରି ବନ୍ଧର ପେଣ୍ଠ ନିକଟରେ ଚିଙ୍ଗୁଡି ଘେରି ଦାୟିତ୍ୱରେ ଥିବା କେତେଜଣ ବ୍ୟକ୍ତି ଭୋର ସମୟରେ ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ ଲାଗିଥିବା ପ୍ରଥମେ ଦେଖିଥିଲେ। ସେମାନେ ପେଣ୍ଠ ଗାଁର ଲୋକଙ୍କୁ ଏହା ଜଣାଇବା ପରେ ସେମାନେ ନିଆଁ ଲିଭାଇବା ପାଇଁ ବାଲ୍‌ଟି, ଗରା, ମାଠିଆ ନେଇ ପହଞ୍ଚି ଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସମୁଦ୍ର କୂଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ପ୍ରାଚୀରର ୨୦ମିଟର ଓସାର ଯାଏଁ ନିଆଁ ଲାଗିଛି। ୨୦ମିଟର ମଧ୍ୟରେ ଥିବା ପ୍ରାୟ ୧୦୦ଟି ଗ୍ୟାବନ ବକ୍ସର ଜାଲି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ସିନ୍ଥେଟିକ ଜାଲି ପୋଡି ଯାଇଥିବାରୁ ଗ୍ୟାବନ ବକ୍ସ ମଧ୍ୟରେ ଥିବା ପଥରଖଣ୍ଡ ଭୁଶୁଡି ପଡିବା



**ଲୋକେ ଆତଙ୍କିତ**

ଆଶଙ୍କା ସୃଷ୍ଟି ହୋଇଛି। ଖବରପାଇ ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ରଥ, ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପେଣ୍ଠ ନିକଟରେ ସମୁଦ୍ର କୂଳ ଖାଇ ଜନବସତି ଆଡକୁ ମାଡି ଆସିବାରୁ ସେଠାରେ ୫୦୫ ମିଟର ଜିଓ ସିନ୍ଥେଟିକ ପ୍ରାଚୀର ନିର୍ମାଣ କରାଯାଇଥିଲା। ଏହି ପ୍ରାଚୀର ଭାରତର ଦ୍ୱିତୀୟ ଓ ଓଡିଶାର ପ୍ରଥମ ପ୍ରକଳ୍ପ। ସମୁଦ୍ରର ଉତ୍ତାଳ ଢ଼ୁଆର ମାଡକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏହା ନିର୍ମାଣ କରାଯାଇଛି।

## ଏୟାରପୋର୍ଟ, ଶପିଙ୍ଗ୍ ମଲ୍‌ରେ ମିଳିବ କୁଲ୍ହଡ ଚା'



**ନୂଆଦିଲ୍ଲୀ, ୨୫।୮**

ଦେଶର ପ୍ରମୁଖ ରେଳ ଷ୍ଟେଶନ, ବସ୍ ଡିପୋ, ଏୟାରପୋର୍ଟ ଓ ଶପିଙ୍ଗ୍ ମଲ୍‌ରେ ଖୁବଶୀଘ୍ର କୁଲ୍ହଡରେ ଚା' ପିଇବାର ମଜା ନେଇ ହେବ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏ ସଂକ୍ରାନ୍ତରେ ରେଳ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ପତ୍ର ଲେଖିଛନ୍ତି। ବର୍ତ୍ତମାନ କେବଳ ବାରାଣସୀ ଓ ରାୟବରେଲି ଷ୍ଟେଶନ ମଧ୍ୟରେ ମାଟିରେ ତିଆରି କୁଲ୍ହଡରେ ଚା' ବିକ୍ରି ହେଉଛି।

ଦେଶର ୧୦୦ ରେଳ ଷ୍ଟେଶନରେ କୁଲ୍ହଡରେ ଚା' ବିକ୍ରି କରିବାକୁ ବାଧ୍ୟତାମୂଳକ କରିବାକୁ ସେ ଗୋୟଲଙ୍କୁ କହିଥିବା ଗଡ଼କରୀ କହିଛନ୍ତି। ଏଥିସହିତ ଏୟାରପୋର୍ଟ ଓ ବସ୍ ଡିପୋ ଆଖପାଖ ଅଞ୍ଚଳରେ ମାଟି ପାତ୍ରରେ ଚା' ବିକ୍ରିକୁ ବାଧ୍ୟତାମୂଳକ କରାଯିବ। ସେହିପରି ଶପିଙ୍ଗ୍ ମଲ୍‌ରେ କୁଲ୍ହଡ ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ଉତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କୁମ୍ଭାରଙ୍କୁ ବଡ଼ ବଜାର ମିଳିଯିବ ଏବଂ ସେମାନଙ୍କୁ ରୋଜଗାର ମିଳିବ। ଏହାଦ୍ୱାରା ପ୍ଲାଷ୍ଟିକ ଓ କାଗଜ କପ୍ ଓ ଗ୍ଲାସ୍‌ରେ ଚା'ବିକ୍ରି ବନ୍ଦ ହୋଇଯିବ ଏବଂ ପରିବେଶ ପ୍ରଦୂଷଣଜନିତ କ୍ଷତିକୁ ଅନେକାଂଶରେ କମାଯାଇପାରିବ ବୋଲି ଗଡ଼କରୀ ଯୁକ୍ତି ଦର୍ଶାଇଛନ୍ତି। ଚାହିଦା ବୃଦ୍ଧି କାରଣରୁ ବ୍ୟାପକ ହାରରେ କୁଲ୍ହଡ ଉତ୍ପାଦନ ଲାଗି ଆବଶ୍ୟକ ଉପକରଣ ଯୋଗାଇବାକୁ ସେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଆୟୋଗ ଅଧ୍ୟକ୍ଷ ବିନୟ କୁମାର ସାକ୍ସେନା କହିଛନ୍ତି ଯେ, କୁଲ୍ହଡ ତିଆରି କରିବା ଲାଗି ଆୟୋଗ ପକ୍ଷରୁ ଗତବର୍ଷ ୧୦ ହଜାର ଇଲେକ୍ଟ୍ରିକ ଚକ କୁମ୍ଭାରଙ୍କୁ ପ୍ରଦାନ କରାଯାଇଛି। ଚଳିତବର୍ଷ ୨୫ ହଜାର ଚକ ବଣ୍ଟାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ସରକାର କୁମ୍ଭାର ସଶକ୍ତୀକରଣ ଯୋଜନା ଅଧୀନରେ କୁମ୍ଭାରଙ୍କୁ ଇଲେକ୍ଟ୍ରିକ ଚକ ବାଣ୍ଟୁଛନ୍ତି।

## ଶ୍ରୀଲଙ୍କା ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ, ୨୫।୮ (ଡି.ଏନ୍.ଏ.)**

ଭାରତରେ ଅବସ୍ଥାପିତ ଶ୍ରୀଲଙ୍କାର ରାଷ୍ଟ୍ରଦୂତ ଅଷ୍ଟିନ୍ ଫର୍ନାଣ୍ଡୋ ରବିବାର ଅପରାହ୍ଣରେ ସପରିବାର କୋଣାର୍କ ଗସ୍ତରେ ଆସି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଏହାର ଭୂୟସୀ ପ୍ରଶଂସା କରିଥିଲେ। କୋଣାର୍କ ଥାନା ଏଏସ୍‌ଆଇ ଶ୍ରୀଧର ମଲ୍ଲିକ ଅତିଥିମାନଙ୍କୁ ପରିଦର୍ଶନରେ ସହଯୋଗ କରିଥିଲେ।

## ଆଜି ମାଓବାଦୀ ହିଂସା ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ

- ଯୋଗଦେବେ ୧୦ ରାଜ୍ୟର ମୁଖ୍ୟମନ୍ତ୍ରୀ
- ଅଧିକ ମୋବାଇଲ ଟାୱାର, ବ୍ୟାଙ୍କିଙ୍ଗ୍ ସେବା ଦାବି କରିବ ଓଡ଼ିଶା

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ):** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହେବ। ଏଥିରେ ମାଓ ପ୍ରଭାବିତ ୧୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଏହି ବୈଠକରେ ଯୋଗଦେବେ। ଶୁକ୍ରବାରଠାରୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଅଛନ୍ତି। ଏହି ବୈଠକରେ ଯୋଗଦେବାକୁ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ଜାତୀୟସ୍ତରୀୟ ଏହି ବୈଠକ ପୂର୍ବରୁ ରାଜ୍ୟସ୍ତରରେ ଗତ ଗୁରୁବାର ସଚିବାଳୟଠାରେ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଓଡ଼ିଶା ପକ୍ଷରୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅଧିକ ମୋବାଇଲ ଟାୱାର ସ୍ଥାପନ ଏବଂ ବ୍ୟାଙ୍କିଙ୍ଗ୍ ସେବା ପ୍ରଚଳନ ପାଇଁ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଉକ୍ତ ବୈଠକ ପରେ ମନ୍ତବ୍ୟ ଦେଇଥିଲେ। ଏକଦା ରାଜ୍ୟର ୧୫ଟି ଜିଲା ମାଓ ପ୍ରଭାବିତ ଜିଲା ଭାବେ ପରିଗଣିତ ହେଉଥିଲା, ବର୍ତ୍ତମାନ ଏହା ୫କୁ ହ୍ରାସ ପାଇଛି। ଆଗାମୀ ଦିନରେ କଠୋର ଭାବେ ମାଓବାଦ ମୂଳୋତ୍ପାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ଦିଲ୍ଲୀରେ ପହଞ୍ଚି ମତ ରଖିଥିଲେ।

## ଶରତ ସନ୍ଧ୍ୟା: 'ଆରୋହଣ', 'ଘାସଫୁଲ' ଉନ୍ମୋଚିତ




କବିତା ପୁସ୍ତକ ଓ ସଙ୍ଗୀତ ଆଲବମ୍ 'ଆରୋହଣ' ଓ ଗଳ୍ପ ସଙ୍କଳନ 'ଘାସଫୁଲ'କୁ ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

କବି ଓ କଥାକାର ଶରତ କୁମାର ଦାଶଙ୍କ ବିବିଧ ସୃଜନ ଧାରାକୁ ନେଇ ପେନ୍ ଇନ୍ ବୁକ୍ସ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ସାରସ୍ୱତ ସମାରୋହ 'ଶରତ ସନ୍ଧ୍ୟା' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଶରତ କୁମାର ଦାଶଙ୍କ ଅଷ୍ଟମ କବିତା ପୁସ୍ତକ ଓ ସଙ୍ଗୀତ ଆଲବମ୍ 'ଆରୋହଣ' ଓ ଗଳ୍ପ ସଙ୍କଳନ 'ଘାସଫୁଲ' ଉନ୍ମୋଚିତ ହୋଇଥିଲା। 'ଆରୋହଣ' କବିତା ସଙ୍କଳନରେ ୫୧ଟି କବିତା ଥିବାବେଳେ ଏଥିରୁ ନିର୍ବାଚିତ ୧୦ଟି କବିତାକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତଜ୍ଞ ପ୍ରେମ୍ ଆନନ୍ଦ। ସେହିଭଳି 'ଘାସଫୁଲ' ସଙ୍କଳନର ସମସ୍ତ ୧୬ଟି ଗଳ୍ପ ଶରତ ଦାଶ ୪ଦଶନ୍ଧି ତଳେ ନିଜେ ଛାତ୍ରାବସ୍ଥାରେ ରଚନା କରିଥିଲେ। କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବରିଷ୍ଠ କବି ଓ ସମାଲୋଚକ ଡ. ହୃଷୀକେଶ ମଲ୍ଲିକ ଓ ପ୍ରେମ୍ ଆନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ଓ ଆଲବମ୍ ସିଡୀକୁ ଉନ୍ମୋଚନ କରିଥିଲେ। କବି ଶରତ ଦାଶ ନିଜର ଲେଖକୀୟ ଅଭିବ୍ୟକ୍ତି ଉପସ୍ଥାପନା କରିଥିଲେ।

ଏହି ଅବସରରେ 'ଆରୋହଣ' ଆଲବମ୍‌ରେ କଣ୍ଠଦାନ କରିଥିବା ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ଦୀପ୍ତିରେଖା, ହ୍ୟୁମାନ ସାଗର, ସବିଶେଷ, ଦେବକୃପା, ଆଶୁତୋଷ, ବିଷ୍ଣୁମୋହନ, ଲୋପାମୁଦ୍ରା, ସତ୍ୟଜିତ୍ ଓ ଜ୍ୟୋତିର୍ମୟୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ 'ତୁମ ଦେହ କଜଳରେ', 'ସବୁ ସମ୍ପର୍କର ସଂଜ୍ଞା', 'ତୁମ ନୟନର ନିରୀହ ଚାହାଣି', 'ପ୍ରିୟାରେ ମୋର', 'ମୋ ନୟନରେ ଯେତେ ସପନ', 'ସଂଜ୍ଞା ନାହିଁ ଜୀବନର', 'ସଖୀ ତୁମ ଆଖି କଥା କହେ', 'ଚହଟ ଚାନ୍ଦିନୀ', ଆଖିରେ ଲାଖି ଥାଏରେ ସଖୀ' ଗୀତଗୁଡ଼ିକ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶରତ କୁମାର ଦାଶଙ୍କ ପୂର୍ବ ଆଲବମ୍ 'କୁହନାହିଁ କିଛି'ର 'ମୋହନ ମୋହିଛି' ସଙ୍ଗୀତ ଆଧାରରେ ଗୁରୁ ଗୌରୀଶଙ୍କର ଦାଶଙ୍କ ଶିଷ୍ୟମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଶରତ ଦାଶଙ୍କ କାହାଣୀ 'ପଥର'କୁ ନେଇ ପ୍ରାଚୀ ତାରା କଥାଭିନୟ ପ୍ରଦର୍ଶନ କରିଥିଲେ। ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

### ■ ର୍‍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ ଆରମ୍ଭ
# ର୍‍ୟାଗିଂ ବିରୋଧରେ ସ୍ୱର ଉତ୍ତୋଳନ କର

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ର୍‍ୟାଗିଂ ଘଟଣା ନଜରକୁ ଆସିଲେ ମୁହଁ ବନ୍ଦ ନ ରଖି ଏହା ବିରୋଧରେ ସ୍ୱର ଉତ୍ତୋଳନ କର। ଉକ୍ତ ଶିକ୍ଷାନୁଷ୍ଠାନ ସହ ଜଡ଼ିତ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କର, ଆବଶ୍ୟକ ପଡ଼ିଲେ ଥାନାରେ ଅଭିଯୋଗ କର। ଶିକ୍ଷାନୁଷ୍ଠାନରେ ଚାଲୁଥିବା ର୍‍ୟାଗିଂ ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଥାନାଗୁଡ଼ିକରେ ଆଣ୍ଟି ର୍‍ୟାଗିଂ ସେଲ ଖୋଲାଯିବା ଆବଶ୍ୟକ ବୋଲି ରବିବାର 'ର୍‍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ' ଆରମ୍ଭ ଅବସରରେ ମତପ୍ରକାଶ ପାଇଛି।

କ୍ୟାମ୍ପସଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ଉପରେ ବଢିଚାଲିଥିବା ର୍‍ୟାଗିଂ ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟରେ 'ର୍‍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ' ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ର୍‍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ଆବାହକ ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ପାର୍କରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ପ୍ରତିବାଦ ସଭାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଛାତ୍ରୀଛାତ୍ର ଯୋଗଦେଇ ବିଗତ ଦିନଗୁଡ଼ିକରେ ହୋଇଥିବା ର୍‍ୟାଗିଂ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ହୋଇଥିବା ଘଟଣାମାନଙ୍କୁ ଦୃଷ୍ଟିରେ ରଖି ଆସନ୍ତା ରବିବାର ଭୁବନେଶ୍ୱରରେ ଏକ ର୍‍ୟାଗିଂ ବିରୋଧୀ କର୍ମଶାଳା ଓ ଆଲୋଚନାଚକ୍ର ଆୟୋଜନ କରାଯିବ ଏବଂ ସମସ୍ତ ଜିଲା ସଙ୍ଗଠନର ସଦସ୍ୟମାନଙ୍କୁ ର୍‍ୟାଗିଂ ପୀଡ଼ିତମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯିବ ବୋଲି ଆବାହକ ପରିଡ଼ା କହିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ର୍‍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ସହ ଆବାହକ ମୀର ମହମ୍ମଦ ଅଲ୍ଲୀ, ସହ ଆବାହକ ସତ୍ୟବ୍ରତ ଜେନା, ଗାନ୍ଧୀବାଦୀ ନେତା ପ୍ରହଲ୍ଲାଦ ସିଂ, ମଧୁସୂଦନ ଦାସ, ମନୋଜ ଜେନା, ଆର୍ଯ୍ୟଭଟ୍ଟ ମହାନ୍ତି, ରାଜ୍ୟ ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ପ୍ରସନ୍ନ ବିଶୋୟୀ, ବିପିୟୁଟି ଛାତ୍ର ସଙ୍ଗଠନର ଆବାହକ ପ୍ରଦୋଷ ପରିଡ଼ା, ସାମାଜିକ କର୍ମୀ ତୁଷାରକାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




'ର୍‍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନ' ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଆୟୋଜିତ ଶାନ୍ତିପୂର୍ଣ୍ଣ ଧାରଣା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଦିତି
ପରିବାରବର୍ଗ


ଆହାନା
ପରିବାରବର୍ଗ


ଆଶୁତୋଷ
ପରିବାରବର୍ଗ


ଦିବ୍ୟରୂପା
ପରିବାରବର୍ଗ


ସାଇ
ପରିବାରବର୍ଗ


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଅମୃତ ଯୋଜନାରେ ସାରା ଦେଶରେ ୧,୧୦୦ ପାର୍କର ଉନ୍ନତିକରଣ କରାଯାଇଛି।

– ବାସଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ

■ ବାଲୁଙ୍କା ପୂଜା ପାଇଁ ଯାଇ ନଦୀରେ ଭାସିଗଲେ

# ୪ ଯୁବତୀ ଉଦ୍ଧାର, ଜଣେ ନିଖୋଜ


ନଦୀରେ ନିଖୋଜ ଯୁବତୀଙ୍କୁ ଖୋଜା ଚାଲିଛି।

**ଶେରଗଡ଼/ହିଞ୍ଜିଳିକାଟୁ,୨୫।୮ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମରେ ରବିବାର ଖୁଦୁରୁକୁଣୀ ଓଷା ପାଇଁ ବାଲୁଙ୍କା ପୂଜା କରିବାକୁ ରଷିକୂଲ୍ୟା ନଦୀକୁ ଯାଇ ୫ ଯୁବତୀ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ଯୁବତୀ ଜଣକ ହେଲେ ସିଲି ବେହେରା। ଅପରାହ୍ନ ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ସିଲିଙ୍କ ପତ୍ତା ମିଳି ନ ଥିଲା।

ପ୍ରକାଶ ଯେ, ବାଲୁଙ୍କା ପୂଜା ପାଇଁ ରବିବାର ପୂର୍ବାହ୍ନରେ କାଞ୍ଜିଆମା ଗ୍ରାମର ପ୍ରାୟ ୨୦ ଯୁବତୀ ଓ ବାଳିକା ମିଶି ରଷିକୂଲ୍ୟା ନଦୀ କୂଳକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ସିଲିଙ୍କ ସମେତ ପୂଜା ବେହେରା, ରୂପାଲି ବେହେରା, ଟିଙ୍କି ବେହେରା ଓ ପୂଜା ଜେନା ବାଲି ଆଣିବାକୁ ନଦୀରେ ପଶିଥିଲେ। ପାଣିରେ ବୁଡ଼ି ସେମାନେ ବାଲି କାଢ଼ିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। କୂଳରେ ଥିବା ଅନ୍ୟମାନେ ଏହାଦେଖି ନିକଟସ୍ଥ ବିଲରେ କାମ କରୁଥିବା ଲୋକଙ୍କୁ ଡାକିବା ସହ ଗାଁରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ୪ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସିଲିଙ୍କୁ ପାଇ ନ ଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ଲବ ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଅପରାହ୍ନ ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ ସିଲିଙ୍କ ପତ୍ତା ମିଳି ନ ଥିଲା। ଉଦ୍ଧାର ୪ ଯୁବତୀଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

■ ସରକାରୀ ବିଭାଗର ଟୁଇଟର ହ୍ୟାଣ୍ଡେଲ

# ଉପଯୁକ୍ତ ପରିଚାଳନା ହୋଇପାରୁନି

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

ଜନସାଧାରଣଙ୍କ ସମସ୍ୟା ତଥା ଅଭିଯୋଗକୁ ଗ୍ରହଣ କରି ତାହାର ସମାଧାନ କରିବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ। ହେଲେ ପ୍ରଶାସନ ନିକଟରେ ପ୍ରତ୍ୟକ୍ଷ ଭାବେ ହାଜର ନ ହୋଇ ମଧ୍ୟ ସମସ୍ୟା/ଅଭିଯୋଗ ଜଣାଇହେବ। ଏଥିପାଇଁ ବୈଷୟିକ ବିଦ୍ୟା(ଟେକ୍ନୋଲୋଜି)କୁ ଉପଯୋଗ କରାଯାଇଛି। ପ୍ରାଥମିକ ଭାବେ ମନୋରଞ୍ଜନର ମାଧ୍ୟମ ଥିବା ସାମାଜିକ ଗଣମାଧ୍ୟମ (ଟୁଇଟର, ଫେସ୍‌ବୁକ୍ ଆଦି) ପ୍ରଶାସନିକ କାର୍ଯ୍ୟରେ ବ୍ୟବହାର କରାଯାଇଛି। ତନ୍ମଧ୍ୟରୁ ଟୁଇଟର ବ୍ୟବହାର ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହାର ପରିଚାଳନା ଏବଂ ଅଭିଯୋଗ ଗ୍ରହଣୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଶ୍ଚର୍ଯ୍ୟର ବିଷୟ, ବିଭାଗଗୁଡ଼ିକ ଅଭିଯୋଗ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେବା ତ ଦୂରର କଥା, ଅଭିଯୋଗକୁ ସ୍ୱୀକାର କରି ତାହାର ଉତ୍ତର ଦେଉନାହାନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଭାଗ କେବଳ ସୌଜନ୍ୟତା ଦୃଷ୍ଟିରୁ ଟୁଇଟର ହ୍ୟାଣ୍ଡେଲ୍‌ଟିଏ ଖୋଲିଥିବା ପ୍ରତୀୟମାନ ହେଉଛି। ଜଙ୍ଗଲ ଓ ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଟୁଇଟର ଶେଷଥର ପାଇଁ ଗତବର୍ଷ ଅର୍ଥାତ୍ ୨୦୧୮ ସେପ୍ଟେମ୍ବର ୧୦ରେ ଏକ ରିଟୁଇଟ୍ କରିଥିଲା। ଏହି ରିଟୁଇଟ୍‌କୁ ଆଉ ଦୁଇ ସପ୍ତାହ ପରେ ବର୍ଷେ ପୂରିବ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା '୫-ଟି'ର ଟେକ୍ନୋଲୋଜିକୁ କେତେ ଗୁରୁତ୍ୱ ଦିଆଯାଉଛି, ତାହା ଜଙ୍ଗଲ ଓ ପରିବେଶ ବିଭାଗ (@ForestDeptt)ର ଟୁଇଟର ପରିଚାଳନାରୁ ସ୍ପଷ୍ଟ ଅନୁମେୟ।

ଯୋଜନା ଓ ସଂଯୋଜନା ବିଭାଗ (@PCDept_Odisha)ର ମଧ୍ୟ ଅନୁରୂପ ଅବସ୍ଥା। ବିଭିନ୍ନ ଯୋଜନାର ଖଡ଼ିଛୁଆଁ ଏହି ବିଭାଗ ଦ୍ୱାରା ହୋଇଥାଏ। ହେଲେ ବିଭାଗର ଟୁଇଟର ପରିଚାଳନା ନାହିଁ କହିଲେ ଚଳେ। ଚଳିତବର୍ଷ ଏହି ବିଭାଗ ପକ୍ଷରୁ ମାତ୍ର ଗୋଟିଏ ଟୁଇଟ୍ କରାଯାଇଛି। ଗତ ଏପ୍ରିଲ ୫ରେ ଏହି ଟୁଇଟ୍‌ଟି କରାଯାଇଥିଲା। ସେହିପରି ଅଣୁ, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ(ଏମ୍ଏସ୍ଏମ୍ଇ) ବିଭାଗ ପକ୍ଷରୁ ଗତ ଜୁନ୍ ୨୭ରେ ଶେଷ ଟୁଇଟ୍ କରାଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (@PRDeptOdisha)ର ଟୁଇଟରର ଶେଷ ରିଟୁଇଟ୍ ଗତ ଜୁନ୍ ୫ରେ କରାଯାଇଥିଲା। ଅପରପକ୍ଷରେ ଏମିତି କିଛି ବିଭାଗ ରହିଛି, ଯେଉଁଗୁଡ଼ିକ ନିଜସ୍ୱ ବିଭାଗ ସମ୍ବନ୍ଧୀୟ ବ୍ୟାପାର ଏତେଟା କରୁନାହାନ୍ତି। କେବଳ ସୌଜନ୍ୟତା ଦୃଷ୍ଟିରୁ ଆକାଉଣ୍ଟକୁ ଚଳାଇ ରଖିବା ପାଇଁ କେତେକ ସରକାରୀ ଘୋଷଣାର ରିଟୁଇଟ୍ କରୁଛନ୍ତି। ପୂର୍ତ୍ତ (@WorksDepartment), ଅର୍ଥ (@FdOdisha), ସଂସ୍କୃତି (@CultureDeptt) ଭଳି ପ୍ରମୁଖ ବିଭାଗର ଟୁଇଟ୍‌ର ହ୍ୟାଣ୍ଡେଲରେ ଏହା ବହୁଳଭାବେ ପ୍ରତିଫଳିତ ହେଉଛି। ୨୦୧୭ ଅଗଷ୍ଟ ୫ରୁ ଏହି ସେବା ଆରମ୍ଭ କରାଯାଇଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜିଏ ଆଣ୍ଡ ପିଜି) ପକ୍ଷରୁ ପିନ୍ଡ ଟୁଇଟ୍ କରି ଉଲ୍ଲେଖ କରାଯାଇଥିଲା ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଟୁଇଟର ହ୍ୟାଣ୍ଡେଲ ଦିଆଯାଇଛି। ଉପଯୁକ୍ତ ପ୍ରସ୍ତାବ ଏବଂ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗକୁ ଟ୍ୟାଗ୍ କରି ଜଣାଇପାରିବେ।

କେତେକ ବିଭାଗ (କୃଷି, ସ୍ୱାସ୍ଥ୍ୟ, ଶିଳ୍ପ, ଗୃହ) ପୂର୍ବାପେକ୍ଷା ନିଜ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଅଧିକ ମାତ୍ରାରେ ଦେଉଛନ୍ତି। ହେଲେ ଅଭିଯୋଗ ଗ୍ରହଣ କରି ପଦକ୍ଷେପ ନେବା ଏଯାବତ୍ ଦେଖାଯାଇନାହିଁ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (@Naveen_Odisha) ଏବଂ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ(ସିଏମ୍ଓ) (@CMO_Odisha)ର ଟୁଇଟର ହ୍ୟାଣ୍ଡେଲରୁ ନିୟମିତ ବ୍ୟବଧାନରେ ଟୁଇଟ୍ କରାଯାଉଥିବା ଲକ୍ଷ୍ୟ କରାଯାଉଛି।

ବିଭିନ୍ନ ବେସରକାରୀ ସଂସ୍ଥା ସହ ଚୁକ୍ତି କରି ସାମାଜିକ ଗଣମାଧ୍ୟମ ପରିଚାଳନା ଦାୟିତ୍ୱ ତୁଲାଯାଉଛି। ହେଲେ କ'ଣ ଟୁଇଟ୍ କରାଯିବ, ତାହା ବିଭାଗଗୁଡ଼ିକର ନିର୍ଦ୍ଦେଶକ ତଥା ଅଧିକାରୀଙ୍କ ଉପରେ ନିର୍ଭର କରିଥାଏ। ଏହିଭଳି ଏକ ସଂସ୍ଥାରେ କାର୍ଯ୍ୟରତ ଜନୈକ କର୍ମଚାରୀ କହିଛନ୍ତି ଯେ, ଅଭିଯୋଗ ଗ୍ରହଣ କରି ତା' ଉପରେ ପ୍ରତିକ୍ରିୟା ରଖିବା ଉପରେ ଅଧିକାରୀମାନେ ଏତେଟା ଗୁରୁତ୍ୱ ଦିଅନ୍ତି ନାହିଁ। ଏହିସବୁ ଅବ୍ୟବସ୍ଥା ଉପରେ ସରକାରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଇ ଆଣ୍ଡ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ରବିବାର ସନ୍ଧ୍ୟା ୭ଟା ୩୪ରେ ତାଙ୍କ ମୋବାଇଲ ଫୋନ(୯୭୭୭୩୩୮୭୧୫)କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଇ ନଥିଲେ।

■ ଅଭିଯୋଗ ଗ୍ରହଣ ହେଉନି
■ ରିଟୁଇଟ୍‌ରେ ସୀମିତ ଅନେକ ବିଭାଗ



ଜଙ୍ଗଲ ଓ ପରିବେଶ ବିଭାଗର ୧୦.୯.୨୦୧୮ରେ ହୋଇଥିବା ରିଟୁଇଟ୍।

### ପାର୍ସଲରୁ...

ଘରେ କିଛି ସମୟ ରଖିବା ପରେ ରାତି ପ୍ରାୟ ସାଢେ ୮ଟାରେ ଏହାକୁ ଖୋଲାଯାଇଥିଲା। ତେବେ ସେତେବେଳେ ଗୋଟିଏ ପେଟିରୁ ଏକ ନାଗ ବାହାରିଥିଲା। ଏହି ନାଗର ଲମ୍ବ ପ୍ରାୟ ୪ରୁ ୫ ଫୁଟ ହେବ। ପରିବାର ଲୋକେ ଭୟଭୀତ ହୋଇ ରାଇରଙ୍ଗପୁର ବନ ବିଭାଗକୁ ଖବର ଦେଇଥିଲେ। ଦୁଇ ଜଣ ବନ କର୍ମଚାରୀ ପହଞ୍ଚି ନାଗ ସାପକୁ ଉଦ୍ଧାର କରି ପରେ ନିକଟସ୍ଥ କୁଚେଇବୁଢ଼ୀ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ। ନାଗ ବାହାରିଥିବା ପେଟିରେ ଏକ କଣା ଥିବାରୁ ସେଥିରେ କୌଣସି ପ୍ରକାର ନାଗ ପଶିଯାଇଥିବା ଅନୁମାନ କରାଯାଉଛି। ପରିବହନ ସମୟରେ କିମ୍ବା ମୁଥୁ କୁମାରଙ୍କ ଘରେ ରଖାଯିବା ବେଳେ ସେଥିରେ ସାପ ପଶିଥିବା ଚର୍ଚ୍ଚା ହେଉଛି। ମୁଥୁ କୁମାରଙ୍କ ନିଜ ଘର ବିଜୟୱାଡାରେ। ପାର୍ସଲ ପେଟିରୁ ନାଗ ବାହାରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ମୁଥୁ କୁମାରଙ୍କୁ ପଚାରିବାରୁ ନାଗ ପେଟି ମଧ୍ୟକୁ କିପରି ଆସିଲା ସେ କିଛି ଜାଣି ନ ଥିବା କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ମହାକାଶରେ...

ଏହି ମହାକାଶଚାରୀଙ୍କ ପତ୍ନୀ (ଉଭୟ ସମକାମୀ ଦମ୍ପତି) ଓର୍ଡେନ ଚଳିତବର୍ଷ ପ୍ରାରମ୍ଭରେ ଫେଡେରାଲ ଟ୍ରେଡ ମିଶନ୍ (ଏଫ୍‌ଟିଏମ୍)ରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ମ୍ୟାକ୍‌କ୍ଲେନ୍ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଚୋରି କରିଛନ୍ତି। ଏଥିସହିତ ଓର୍ଡେନଙ୍କ ପରିବାର ମଧ୍ୟ 'ନାସା'ର ଇନ୍ସପେକ୍ଟର ଜେନେରାଲ ଅଫିସରେ ଆଉ ଏକ ଅଭିଯୋଗ ଦାଏର କରିଛନ୍ତି।

ଅପରପକ୍ଷରେ ମ୍ୟାକ୍‌କ୍ଲେନ୍‌ଙ୍କ ଆଇନଜୀବୀଙ୍କ କହିବାନୁଯାୟୀ, ତାଙ୍କ ମହକିଲ ପୂର୍ବର ଯୁଗ୍ମ ଆକାଉଣ୍ଟ ତର୍ଜମା କରିବା ପାଇଁ ଆଇଏସ୍ଏସ୍‌ରେ ବ୍ୟାଙ୍କ ରେକର୍ଡ ତଥ୍ୟ ଜାଣିବା କିଛି ଭୁଲ ନୁହେଁ। ଅବଶ୍ୟ ଦମ୍ପତିଙ୍କ ବିଚ୍ଛେଦ ଘଟିବା ପରେ ଏହା କରାଯାଇଥିବାରୁ ଭୁଲ ହୋଇଥାଇପାରେ। ଇତିମଧ୍ୟରେ ନାସା ତଦନ୍ତକାରୀ ଅଫିସର ଉଭୟ ମହିଳାଙ୍କୁ ସାକ୍ଷାତ୍‌କରି ଏ ସଂକ୍ରାନ୍ତରେ ପଚରାଉଚରା କରି ଫେରିଛନ୍ତି।

ମହାକାଶଚାରୀ ମ୍ୟାକ୍‌କ୍ଲେନ୍ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌ରେ ୬ମାସ ରହିବା ପରେ ଜୁନ୍‌ରେ ପୃଥିବୀକୁ ଫେରିଥିଲେ। ଯେଉଁ ଦୁଇଜଣ ମହିଳା ମହାକାଶରେ ଚାଲିବା ପାଇଁ ଚୟନ ହୋଇଥିଲେ, ତନ୍ମଧ୍ୟରେ ମ୍ୟାକ୍‌କ୍ଲେନ୍ ଥିଲେ ଅନ୍ୟତମ। କିନ୍ତୁ ମ୍ୟାକ୍‌କ୍ଲେନ୍ ଜଣେ ସମକାମୀ ମହିଳା ଭାବେ ବିବାଦୀୟ ହୋଇପଡିଥିବାରୁ ତାଙ୍କୁ ଉପଯୁକ୍ତ ସ୍ପେସ୍‌ସୁଟ୍ ପିନ୍ଧିବାରୁ ବାରଣ କରାଯାଇଥିଲା। ଫଳରେ ସେ ମାର୍ଚ୍ଚରେ ମହାକାଶରେ ଚାଲିବାରୁ ବଞ୍ଚିତ ହୋଇଥିଲେ। ଓର୍ଡେନଙ୍କ କହିବାନୁଯାୟୀ, ଫେଡେରାଲ ଟ୍ରେଡ କମିଶନ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଚୋରି ସମ୍ପର୍କରେ କୌଣସି ତଦନ୍ତ ଆରମ୍ଭ କରି ନ ଥିବାବେଳେ ନାସାର ଇନ୍ସପେକ୍ଟର ଜେନେରାଲ ଅଫିସ ପକ୍ଷରୁ ଏହି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚତୁର୍ଥସ୍ଥାନରେ ଷଷ୍ଠାଧିପତି ବୁଧଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ ମାନସିକ ଅସ୍ଥିରତା ଲାଗି ରହିବ। କର୍ମକ୍ଷେତ୍ରରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହର ସମ୍ଭାବନା ରହିଛି। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଶିଳ୍ପ,ବ୍ୟବସାୟ ଓ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ବୃଷ** – ଧନସ୍ଥାନରେ ରାହୁଯୁକ୍ତ ଚନ୍ଦ୍ର ଅନ୍ୟମନସ୍କତା ସାଙ୍ଗକୁ ଧନହାନି ଘଟାଇପାରେ। କିନ୍ତୁ ଶୁକ୍ରଙ୍କ ଚତୁର୍ଥସ୍ଥିତି ମୃଗଶିରା ନକ୍ଷତ୍ର ସକାଶେ ସୌଖୀନ ଦ୍ରବ୍ୟ, ବିଳାସବ୍ୟସନ, କାବ୍ୟ ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ଏହା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆଶାନୁରୂପ ସଫଳତା ହାସଲ କରିବେ।

**ମିଥୁନ** – ଆଜିର ଗ୍ରହସ୍ଥିତି ଅପ୍ରିୟ ସତ୍ୟ ଭାଷଣ କିମ୍ବା ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିବ। କିନ୍ତୁ ପୁନର୍ବସୁ ନକ୍ଷତ୍ର ପାଇଁ ଶିଳ୍ପ,ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ ଆଶାନୁଯାୟୀ ସୁଫଳ ପାଇବେ। ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କର୍କଟ** – ଆକସ୍ମିକ ଭାବରେ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। କେତେକ କ୍ଷେତ୍ରରେ ଦୁରଭିସନ୍ଧି ରଖି କାର୍ଯ୍ୟ କରିବାର ପ୍ରବୃତ୍ତି ମନରେ ସ୍ଥାନ ପାଇବ। ଅବଶ୍ୟ ଆପଣଙ୍କର ଅତି ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭ କରିବେ। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି।

**ସିଂହ** – ଦ୍ୱାଦଶସ୍ଥ ଶୁକ୍ର ହେତୁ କର୍ମକ୍ଷେତ୍ରରେ କୌଣସି ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ପୁରାତନ ଗୃହ, ଯାନ୍ତ୍ରିକ ଜିନିଷ ମରାମତି ପାଇଁ ଘରୁ ବାଦ୍ ପାଇପାରନ୍ତି। ସାହିତ୍ୟ ଚର୍ଚ୍ଚା ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ସଭାସମିତି କିମ୍ବା ବନ୍ଧୁ ଗହଣରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅଭିନୟ କରିବାକୁ ପଡ଼ିପାରେ।

**କନ୍ୟା** – ଚତୁର୍ଥ ଶନି ଯୋଗୁ ବିଭିନ୍ନ ପ୍ରକାରର ପୁରୁଣା ସମସ୍ୟା ଲାଗି ରହିଥିବା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। କିନ୍ତୁ ଚିତ୍ରା ନକ୍ଷତ୍ର ସକାଶେ କୌଶଳ ପ୍ରୟୋଗ କରି କିମ୍ବା ବଳପୂର୍ବକ କାର୍ଯ୍ୟହାସଲ କରିବାର ମନୋବୃତ୍ତି ସୃଷ୍ଟି ହେବା ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା,କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତରେ ପ୍ରଶଂସିତ ହେବେ।

**ତୁଳା** – ଆଜି ଏକାଦଶସ୍ଥ ତିନୋଟି ଗ୍ରହ ଯୋଗୁ ଆପଣଙ୍କ ଆଶା ଅବଶ୍ୟ ପୂରଣ ହୋଇଯିବ। ଜଣେ ବନ୍ଧୁ ହଠାତ୍ ଆସି ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଅଫିସରେ ନାହିଁ ନାହିଁ କରୁଥିଲେ ମଧ୍ୟ ଓ ସହକର୍ମୀ ପରିଶେଷରେ କାମଟିକୁ କରିଦେବେ। ସାମାଜିକ ସ୍ତରରେ ତଥା ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିପାରନ୍ତି।

**ବିଛା** – ଚତୁର୍ଥସ୍ଥାନକୁ କର୍ମାଭାବରୁ ଏକାଧିକଗ୍ରହ ଅବଲୋକନ କରୁଥିବାରୁ ପାରିବାରିକ ଜୀବନ ସହ କର୍ମକ୍ଷେତ୍ରରେ ସୁଖ ସମ୍ମାନ ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। କିନ୍ତୁ ଧନସ୍ଥାନସ୍ଥ ଶନିଙ୍କ କୁପ୍ରଭାବ କାରଣରୁ ବ୍ୟବସାୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। ବିବାଦୀୟ ଘଟଣାର ଅବସାନ ଘଟିପାରେ।

**ଧନୁ** – ବକ୍ରୀ ଶନି ପାପଗ୍ରହ ଯୁକ୍ତ ହୋଇ ରାଶିରେ ଥିବାରୁ ଦୁର୍ଭାବନାରେ ମାନସିକ ସ୍ଥିତି ଅଶାନ୍ତ ରହିବ। ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆର୍ଥିକ ଉନ୍ନତିର ଆଶା ଉଜ୍ଜ୍ୱଳତର ହେବ ଓ ମାଲି ମକଦ୍ଦମାରେ ବିଜୟୀ ହେବେ। ଆଇନ, ସଙ୍ଗଠନ, ଆନୁଷ୍ଠାନିକ କାମକୁ ପ୍ରାଧାନ୍ୟ ଦେବେ ଏବଂ ଲୋକ ସମ୍ପର୍କ ମଧ୍ୟ ବୃଦ୍ଧି ପାଇବ।

**ମକର** – ଭାଗ୍ୟାଧିପତିଙ୍କ ସପ୍ତମସ୍ଥିତି ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। କର୍ମକ୍ଷେତ୍ରରେ ପୃଷ୍ଠସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଧନିଷ୍ଠା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପରିବାରରେ କଳହ ସୃଷ୍ଟି ହୋଇପାରେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କୁମ୍ଭ** – ଚନ୍ଦ୍ରଯୁକ୍ତ ରାହୁ ଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକକୁ ସାମନା କରିବାର ଧୈର୍ଯ୍ୟ ଧାରଣ କରି ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା, ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** – ଚତୁର୍ଥସ୍ଥ ପାପଗ୍ରହ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ର ବିବାଦୀୟ ରହିବ। ବହୁ ପୂର୍ବରୁ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ି ଚାଲିବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅବଶ୍ୟ ଉତ୍ତରଭାଦ୍ରପଦ୍ ନକ୍ଷତ୍ର କେତେକାଂଶରେ ସମସ୍ୟାଗୁଡ଼ିକୁ ସୁଧାରିବା ସକାଶେ ଉପକ୍ରମ କରି ପାରନ୍ତି।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଜା/କାଳୀୟଦଳନ ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଣଭୋଜି ବେଶ, କୋଳିବିକା ଓ ବକାସୁର ଏବଂ ଅଘାସୁର ବଧ ପ୍ରସ୍ତାବ, ଅଗଷ୍ଟ ୨୬ ତାରିଖ, ମଦରଟେରେସା ଜୟନ୍ତୀ,ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର,ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୧ମି. ମଧ୍ୟେ, ଘ୧।୫୧ମି. ଗତେ ଘ୨।୪୪ମି. ମଧ୍ୟେ, ଘ୪।୦୪ମି. ଗତେ ଘ୬।୨୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୩ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




## SALE

Gharabari boundary plot Infocity-2 near 100ft. road side. Direct owner- 8144391451. D-66768

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

Own plot for sale 1400 (30'x47') near Khandagiri. 9937816565, 9937568585. D-14067

Private plot sale near DN Regalia Mall, Patrapada, Bhubaneswar. 899/- sqft. 9437335686, 7008487006. D-14019

A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363. D-66944

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312. D-66766

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

Own sthitiban residential 1200 sqft. plot for sale. 9937816565, 9937568585. D-14041

Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564. D-66770

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709. D-66772

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560. D-66773

## PURCHASE

Land requires on basis of outright/ sharing/ marketing. 9937816565, 9937568585. D-14036

## CONSTRUCTION

Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980




ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

Single furnished room for office near BDA, Keshari Talkies, plot-5, Bhubaneswar. Contact: 9238579309. D-66182

2100 sqft. house, GF, near CRP square, Bhubaneswar. Corporate residence-cum-office preferred. 9937344728, 06742554515. D-56652

A spacious 3BHK 14th floor (1810 sqft) semi-furnished flat at Royal Lagoon Apartment, Bhubaneswar with 3 toilets, servant room & toilet, garage is available for rent. Contact: 8240107574 / 8961512649. D-14074




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

Newly open Herbal full body massage ladies & gents. 8018246332. D-66948

## AFFIDAVIT

By virtue of an affidavit before Notary Public, Bhubaneswar, I here by declare that I have changed my name from Sunil Kumar to Sunil Kumar Samal for all purposes. D-56177

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜିଲ୍ଲା ଚିଠି ମୟୂରଭଞ୍ଜ

# ଜମାକାରୀ କେବେ ପାଇବେ ଟଙ୍କା

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଆଦିବାସୀ ଓ ପଛୁଆବର୍ଗଙ୍କୁ ସୁବିଧାରେ ବ୍ୟାଙ୍କ ସେବା ଯୋଗାଇବା ଦେବା ପାଇଁ ୧୯୫୮ରେ ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ଓଡ଼ିଶାର ସମବାୟ ବ୍ୟାଙ୍କମାନଙ୍କ ମଧ୍ୟରେ ରାଜ୍ୟସ୍ତରରେ ଏହା ଯଥେଷ୍ଟ ନାଁ କମେଇଥିଲା। ମାତ୍ର ଏହି ବ୍ୟାଙ୍କର ଭାଗ୍ୟ ଏବେ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ନିଜ କଷ୍ଟ ଉପାର୍ଜିତ ଟଙ୍କାକୁ ଏଥିରେ ଜମା ରଖି ମୁଣ୍ଡରେ ହାତ ଦେଇ ବସିଛନ୍ତି ୭୧ ହଜାର ୩୨୪ ଜମାକାରୀ। କାରଣ ଏହି ବ୍ୟାଙ୍କର ଲାଇସେନ୍ସକୁ ରିଜର୍ଭ ବ୍ୟାଙ୍କ ୨୦୧୪ରୁ ରଦ୍ଦ କରିଦେଇଛି। ଫଳରେ ଲୋକେ ଟଙ୍କା ଫେରି ପାଇବାରେ ଅସୁବିଧା ଭୋଗୁଛନ୍ତି। ରାଜ୍ୟ ସରକାର ଅକ୍ଟୋବର୨୦୧୫ରେ ଏହି ବ୍ୟାଙ୍କର ସମସ୍ତ ସ୍ଥାବର ସମ୍ପତ୍ତିକୁ ବିକ୍ରୟ କରିବା ତଥା ବ୍ୟାଙ୍କକୁ ବିଲୋପ କରିବା ପାଇଁ ପଦକ୍ଷେପ ନେଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ରହିତାଦେଶ ଆଣିଥିଲେ। ଲାଇସେନ୍ସ ନ ଥିବାରୁ ବ୍ୟାଙ୍କରେ କୌଣସି ପ୍ରକାର ଆର୍ଥିକ କାରବାର ହୋଇପାରୁନାହିଁ। ଅନ୍ୟପକ୍ଷେ କୋର୍ଟ ଏଯାଏଁ ଚୂଡ଼ାନ୍ତ ରାୟ ମଧ୍ୟ ପ୍ରକାଶ କରି ନାହାନ୍ତି। ଗତ ଜାନୁୟାରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଆସି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାଙ୍କକୁ ପୁନଃ କାର୍ଯ୍ୟକ୍ଷମ କରିବା ସକାଶେ ସରକାର ପଦକ୍ଷେପ ନେବେ ବୋଲି କହିଥିଲେ। ହେଲେ ଏହା ମଧ୍ୟରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ବ୍ୟାଙ୍କର ପରିଚାଳନା ପରିଷଦ ସରକାରଙ୍କ ଦ୍ୱାରା ମନୋନୀତ ପରିଚାଳନା କମିଟି ଦ୍ୱାରା ପରିଚାଳିତ ହୋଇ ଆସୁଥିଲା। ଏହି ସମୟ ମଧ୍ୟରେ ପରିଚାଳନାଗତ ତ୍ରୁଟି, କର୍ମଚାରୀଙ୍କ ଅବହେଳା ଏବଂ ଋଣ ଖିଲାପକାରୀଙ୍କ ଯୋଗୁଁ ବ୍ୟାଙ୍କର ଆଜି ଏପରି ଦୁରବସ୍ଥା ହୋଇଛି। ବ୍ୟାଙ୍କର ମୋଟ ୨ ହଜାର ୯୫୩ ଋଣୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଋଣୀ ବ୍ୟାଙ୍କକୁ ୬୨ କୋଟି ୨୧ ଲକ୍ଷ ୫୪୨ ଟଙ୍କା ଫେରସ୍ତ ଦେବେ। କିନ୍ତୁ ୭୨ ହଜାର ୩୨୪ ଜମାକରୀ ୭୧ କୋଟି ୫୬ ଲକ୍ଷ ଟଙ୍କା ବ୍ୟାଙ୍କରୁ ପାଇବାର ଅଛି। ବର୍ତ୍ତମାନ ବ୍ୟାଙ୍କରେ ୭୦ କୋଟି ୨୮ ଲକ୍ଷ ଟଙ୍କା ଜମା ରହିଛି। ଯଦି ବ୍ୟାଙ୍କକୁ ପୁନଃ କାରବାର ପାଇଁ କ୍ଷମତା ପ୍ରଦାନ କରାଯାଏ ତା'ହେଲେ ଜମାକାରୀ ସେମାନଙ୍କ ଟଙ୍କା ସୁବିଧାରେ ପାଇପାରିବେ। ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କକୁ ଏ ନେଇ ଅବଗତ କଲେ ରିଜର୍ଭ ବ୍ୟାଙ୍କ ଅନୁମତି ପ୍ରଦାନ କରିବ ବୋଲି ଜମାକାରୀ ଦାବି କରି ଆସୁଛନ୍ତି। ହେଲେ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ନିର୍ବାଚିତ ପ୍ରତିନିଧି କେହି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି।

– ରବି ନାରାୟଣ ଚଲାନ

# ସାହିତ୍ୟିକ, ସାହିତ୍ୟ ସଙ୍ଗଠନକୁ ମିଳିବ ପ୍ରୋତ୍ସାହନ

## ପ୍ରଥମଥର ପାଇଁ ଦିଆଯିବ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ଓଡ଼ିଆ ଭାଷା ଓ ସାହିତ୍ୟର ବ୍ୟାପକତା ବୃଦ୍ଧି ପାଇଁ ସାହିତ୍ୟିକ ଓ ସାହିତ୍ୟ ସଙ୍ଗଠନକୁ ପ୍ରୋତ୍ସାହନ ପ୍ରଦାନ କରିବେ ରାଜ୍ୟ ସରକାର। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଏ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିବା ନିମନ୍ତେ ଏଣିକି ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷଠାରୁ ପ୍ରଥମଥର ପାଇଁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆବେଦନପତ୍ର ଆହ୍ୱାନ କରାଯାଇଛି।

ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରତ୍ୟେକ ବର୍ଷ ଜଣେ ବ୍ୟକ୍ତିବିଶେଷ କିମ୍ବା ଏକ ସାହିତ୍ୟ ଅନୁଷ୍ଠାନକୁ ଦିଆଯିବ। ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କରେ ଉତ୍କୃଷ୍ଟ ଆଲୋଚନା ବା ସାରସ୍ୱତ ରଚନା କୃତିତ୍ୱକୁ ଅଗ୍ରାଧିକାର ଦିଆଯିବ। ଏହାସହିତ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟରତ ସଙ୍ଗଠନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ। ଅତିକମ୍‌ରେ ୫ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଏବଂ ଅଗ୍ରଗତି ପାଇଁ ଯେଉଁ ସାରସ୍ୱତ ଅନୁଷ୍ଠାନ ପ୍ରୟାସ ଜାରି ରଖିଥିବ, ସେହି ଅନୁଷ୍ଠାନକୁ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ। ସେହିଭଳି ବ୍ୟକ୍ତିଗତ ଭାବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସାହିତ୍ୟିକଙ୍କୁ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯିବ। ସାହିତ୍ୟିକମାନେ ଯଦି ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇଥିବେ, ତାହେଲେ ସେମାନଙ୍କୁ ବିଚାରକୁ ନିଆଯିବ ନାହିଁ। ଏହି ପୁରସ୍କାର ମରଣୋତ୍ତର ଭାବେ ପ୍ରଦାନ କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ମାମଲା ଯୋଗୁ ସଂସ୍କୃତି ବିଭାଗର ବିଭିନ୍ନ ପୁରସ୍କାର ଅଟକି ରହୁଥିବାରୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି କୁହାଯାଇଛି। ଏ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ସେହିଭଳି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ସେହିବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ। ଚଳିତବର୍ଷର ସମ୍ମାନ ପ୍ରଦାନ ନିମନ୍ତେ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୨୩ ଥିବାବେଳେ ସଂସ୍କୃତି ବିଭାଗର ୱେବ୍‌ସାଇଟ୍‌ରେ ସମସ୍ତ ତଥ୍ୟ ଉପଲବ୍ଧ ହେବ।

# ବିପୁଳ ପରିମାଣର କଫ୍ ସିରପ୍ ଜବତ

ସମ୍ବଲପୁର,୨୫।୮ (ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ପୋଲିସ କଫ୍ ସିରପ୍ ବିକ୍ରି କରୁଥିବା ଏକ ର୍ୟାକେଟର ୫ ସଦସ୍ୟଙ୍କୁ ଗିରଫ କରିଛି। ସହରର ଦଲେଇପଡ଼ା ଓ ସାହୁ କଲୋନୀରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସାହୁ କଲୋନୀରୁ ରଜେଶ ନାଗ (୩୫) ଓ ସୋମନାଥ ବେହେରା (୩୫)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ. ୩୪୦/୧୯) ରୁଜୁ କରାଯାଇଛି। ଏମାନଙ୍କ ନିକଟରୁ ୬୦୧ ବୋତଲ କଫ୍ ସିରପ୍ ଏବଂ ୨ ହଜାର ଟଙ୍କା ସହ ବ୍ୟବହୃତ ବାଇକ୍ (ନଂ. ଓଡି ୧୫-ଏଲ୍‌୩୦୭୬) ଜବତ କରାଯାଇଛି। ସେହିପରି ଦଲେଇପଡ଼ାରେ ଚଢ଼ାଉ କରି କମେଶ ସାହା (୨୨), ଶୁଭବ୍ରତ ରାୟ (୨୮) ଓ ସତ୍ୟ ଭୋଇଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ୫୧୬ ବୋତଲ କଫ୍ ସିରପ୍ ଏବଂ ୧ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୩୪୧/୧୯) ରୁଜୁ ହୋଇଥିବା ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଥିଲେ, ଅଭିଯୁକ୍ତମାନେ କଫ୍ ସିରପ୍‌ରେ ନିଶା ବଟିକା ମିଶାଇ ବିକ୍ରି କରୁଛନ୍ତି। ପୋଲିସକୁ ମୁଖ୍ୟ ଅଭିଯୁକ୍ତଙ୍କ ସୁରାକ ମିଳିଛି। ତାଙ୍କୁ ଧରିବା ଦିଗରେ ପଦକ୍ଷେପ ନିଆଯାଉଛି। ରାଜ୍ୟ ବାହାରୁ କଫ୍ ସିରପ୍ ଅଣାଯାଇ ଏଠାରେ ବିକ୍ରି କରାଯାଉଥିବା ପୋଲିସ ସନ୍ଦେହ କରୁଛି ବୋଲି ଅତିରିକ୍ତ ଏସ୍‌ପି ମହାପାତ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସହରର ଅନେକ ସ୍ଥାନରେ ଏପରି କଫ୍ ସିରପ୍ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ପୋଲିସ ଚଢ଼ାଉ କରି ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ହେଉଛି।

# ଚିତ୍ରକୋଣ୍ଡାରେ ଏକାଠି ହେଲେ ସ୍ୱାଭିମାନ ଅଞ୍ଚଳବାସୀ

ଚିତ୍ରକୋଣ୍ଡା,୨୫।୮ (ଡି.ଏନ.ଏ.)



ଚିତ୍ରକୋଣ୍ଡା ସ୍ଲିପୱେ ଲଞ୍ଚ ଘାଟଠାରେ ପହଞ୍ଚିଥିବା ସ୍ୱାଭିମାନ ଅଞ୍ଚଳବାସୀ।

- ଆଜି ଜିଲାପାଳଙ୍କ ଅଫିସ ଆଗରେ ଧାରଣା
- ଲଞ୍ଚ ଯୋଗେ ଆସିଛନ୍ତି ୧ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଉକ୍ତ ଅଞ୍ଚଳବାସୀ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ପଣଷପୁଟ, ଯୋଡ଼ାମ୍ବ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡ଼ି ପଞ୍ଚାୟତକୁ ନେଇ ଗଠିତ ବିଚ୍ଛିନ୍ନାଞ୍ଚଳ ବିକାଶ ପରିଷଦ ଏହାର ନେତୃତ୍ୱ ନେଇଛି। ନିଜ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ଯଥା ସ୍ୱାସ୍ଥ୍ୟସେବା,ରାସ୍ତାଘାଟ, ପାନୀୟ ଜଳ, ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କିତ ଦାବି ଜିଲାପାଳଙ୍କୁ ଭେଟି ଜିଲା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ଲାଗି ଚିତ୍ରକୋଣ୍ଡାର ସ୍ଲିପୱେ ଲଞ୍ଚ ଘାଟଠାରେ ୧ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ୧୦୦ କିଲୋମିଟର ଲଞ୍ଚ ଯୋଗେ ଆସି ପହଞ୍ଚିଥିଲେ। ତେବେ ଘାଟରେ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ବିଡ଼ିଓ ଲରିମନ ଖରସେଲ, ମାଲକାନଗିରି ଥାନା ଅଧିକାରୀ ରାମ ପ୍ରସାଦ ନାଗ, ଚିତ୍ରକୋଣ୍ଡା ଥାନା ଅଧିକାରୀ ଯୁଗଳ ଶବର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଛନ୍ତି। ଜିଲାପାଳ ମନୀଷ ଅଗ୍ରୱାଲ ଏବେ ଛୁଟିରେ ଅଛନ୍ତି। ଦାବିପତ୍ର ଆମକୁ ଏଠାରେ ଦେଇ ଫେରିଯାନ୍ତୁ, ଆମେ ଏ ଦିଗରେ ପଦକ୍ଷେପ ନେବୁ ବୋଲି ଅଧିକାରୀମାନେ କହିଥିଲେ ମଧ୍ୟ ସେମାନେ ଜିଲାପାଳଙ୍କୁ ଭେଟିବାକୁ ବର୍ଷାରେ ଭିଜି ଭିଜି ସନ୍ଧ୍ୟା ପର୍ଯ୍ୟନ୍ତ ଜିଦ୍ ଧରି ବସିଥିଲେ। ସେମାନେ ଘରକୁ ନ ଫେରି ଚିତ୍ରକୋଣ୍ଡାରେ ରାତ୍ରିଯାପନ କରି ସୋମବାର ମାଲକାନଗିରି ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି କହିଛନ୍ତି। ବିଚ୍ଛିନ୍ନାଞ୍ଚଳର ଉପରୋକ୍ତ ୫ଟି ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟଜଗତରୁ ଅଲଗା ହୋଇ ରହିଥିବାରୁ ଉକ୍ତ ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀ ଗତ ସାଧାରଣ ନିର୍ବାଚନ ପୂର୍ବରୁ ୩୧ଦଫା ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନକୁ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସେମାନେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୭ରେ ବିଚ୍ଛିନ୍ନାଞ୍ଚଳରେ ମାଓବାଦୀମାନେ ପ୍ରଜାମେଳି କରିଥିଲେ। ବିଚ୍ଛିନ୍ନାଞ୍ଚଳରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଖୋଲୁ ନ ଥିବାରୁ ସେମାନେ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ଡିଉଟି କର, ନ ହେଲେ ଚାକିରି ଛାଡ଼ ବୋଲି ଚେତାବନୀ ଦେଇଥିଲେ। ଏହାର କିଛି ଦିନ ପରେ ବିଚ୍ଛିନ୍ନାଞ୍ଚଳର ୫ଟି ପଞ୍ଚାୟତର ଲୋକେ ଏକଜୁଟ୍ ହେବା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

# ବୋଲଗଡ଼ରେ ଝାଡ଼ାବାନ୍ତି: ପହଞ୍ଚିଲେ ଡାକ୍ତରୀ ଦଳ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ୬ ଗ୍ରାମରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି। ସପ୍ତାହକ ମଧ୍ୟରେ ଏଥିରେ ଜଣଙ୍କର ମୃତ୍ୟୁ ଘଟିଲାଣି। ଏହି ଘଟଣା ଜଣାପଡିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଏହାକୁ ଗୁରୁତର ସହ ନେଇଛନ୍ତି। ଏକ ଡାକ୍ତରୀ ଦଳ ପଠାଇ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସହ ଝାଡ଼ାବାନ୍ତି କିପରି ରୋକାଯାଇ ପାରିବ ସେନେଇ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଡାକ୍ତରୀ ଦଳସେହି ଅଞ୍ଚଳର ୭ଟି ଗ୍ରାମ ଗସ୍ତ କରିଛନ୍ତି। ଗତ ସପ୍ତାହକ ମଧ୍ୟରେ ୧୭ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସାପରେ ଏବେ ସମସ୍ତେ ସୁସ୍ଥ ଥିବା ଡାକ୍ତରୀଦଳ ଜଣାଇଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ସାଇ ଶୁଭମ (ଶୁଭମ)
(ଖୋର୍ଦ୍ଧା)
ଆଜି ତୋର ଅଷ୍ଟମ ଜନ୍ମଦିନରେ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ବାପା, ମାମା, ମାଉସୀ
ଧ-୬୭୩୬୪

# ତୁଳସୀ ପାହାଡ଼ରେ ମାଓବାଦୀ ଶିବିର ଧ୍ୱଂସ

ମାଲକାନଗିରି,୨୫।୮ (ଡି.ଏନ୍.ଏ.)

## ଖସିଗଲେ ଟପ୍ କ୍ୟାଡର ନେତା ବିନୋଦ କଶ୍ୟପ

- ୮ଜଣଙ୍କୁ ଉଠାଇନେଲା ଛତିଶଗଡ଼ ପୋଲିସ
- ବହୁ ବିସ୍ଫୋରକ ସାମଗ୍ରୀ ଜବତ
- ଦରଭା ଡିଭିଜନ ନେଇଥିଲା ନେତୃତ୍ୱ



ମାଲକାନଗିରି ଜିଲା ମାଥିଲି ବ୍ଲକର ମହୁପଦରସ୍ଥିତ ତୁଳସୀ ପାହାଡରେ ଶନିବାର ମାଓବାଦୀଙ୍କ ପକ୍ଷରୁ ଚାଲିଥିବା ଶିବିରକୁ ପୋଲିସ ଧ୍ୱଂସ କରିଦେଇଛି। ମାଲକାନଗିରି ପୋଲିସ ସହାୟତାରେ ଛତିଶଗଡ ପୋଲିସ ୨ ଦିନ ଧରି ଏକ ସ୍ୱତନ୍ତ୍ର ଅପରେଶନ କରିଥିଲା। ସୁକୁମା ପୋଲିସ ମାଲକାନଗିରି ସୀମାନ୍ତରେ ପ୍ରବେଶ କରି ଦଣ୍ଡିପଦର ଅଞ୍ଚଳରେ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଶିବିର ଉପରେ ଆକ୍ରମଣ କରିଥିଲା। ତେବେ ଯବାନଙ୍କୁ ପ୍ରତିହତ କରି ନ ପାରି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ୟାମ୍ପ ଛାଡି ଚାଲି ଯାଇଥିଲେ। ଏହି ସମୟରେ ଶିବିରରେ ଥିବା ମାଓବାଦୀ ନେତା ବିନୋଦ କଶ୍ୟପ ମଧ୍ୟ ଖସି ପଳାଇଥିବା କୁହାଯାଉଛି। ଶିବିରରୁ ପୋଲିସ ବହୁ ବିସ୍ଫୋରକ ସାମଗ୍ରୀ, ଅଫୁଟା ଗୁଳି, କିଟ୍ ବ୍ୟାଗ୍, ମାଓବାଦୀ ସାହିତ୍ୟ ପୁସ୍ତିକା, ଖାଦ୍ୟ ସାମଗ୍ରୀ, ଔଷଧ, ଜାଳେଣି କାଠ ଆଦି ଜବତ କରିଛି। ଏହି ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ଥିବା ଏବଂ ମାଓବାଦୀଙ୍କ ଦରଭା ଡିଭିଜନ ନେତୃତ୍ୱ ନେଇଥିବା ପୋଲିସ ସୂଚନା ପାଇବା ପରେ ଏହି ସ୍ୱତନ୍ତ୍ର ଅପରେଶନ କରାଯାଇଥିଲା। ଘଟଣା ପରେ ପୋଲିସ ସନ୍ଦେହରେ ଦଣ୍ଡିପଦର ତୁଳସୀ ଗ୍ରାମର ପ୍ରାୟ ୮ ଜଣଙ୍କୁ ଉଠାଇ ନେଇଥିବା ଜଣାପଡିଛି। ତେବେ ଏମାନେ ମାଓବାଦୀ ସମର୍ଥକ ନୁହନ୍ତି ବୋଲି ଅଭିଯୋଗ ହୋଇଛି। ଓଡ଼ିଶାର ଏହି ଆଦିବାସୀଙ୍କୁ କେଉଁ କାରଣରୁ ଛତିଶଗଡ ପୋଲିସ ଉଠାଇ ନେଇଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ଜନ୍ମଦିନ ଶୁଭେଚ୍ଛା



ଅଦିତି ପ୍ରିୟଦର୍ଶିନୀ ମଲ୍ଲିକ
ତୋର ପଞ୍ଚମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମମି, ପାପା, ମମି, ଦାଦା, ଖୁଡ଼, ପିଉସା, ପିଉସି, ମାମୁ, ମାଉସି, ନନା, ପୂଜା ଦିଦି, ସୂର୍ଯ୍ୟ ନନା, ଅଂଶୁମାନ, ଆର୍ଯ୍ୟନ୍।
ଧ-୧୪୦୬୫

୪ର୍ଥ ଜନ୍ମଦିନ ଶୁଭେଚ୍ଛା



ଆହାନା ଦାଶ
(ଧ୍ରିତି)
ଆଜି ୪ର୍ଥ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ବନ୍ଧୁ ଓ ପରିବାରବର୍ଗ
ଧ-୧୪୦୬୬

୭ମ ଜନ୍ମଦିନ ଶୁଭେଚ୍ଛା



ଆଶୁତୋଷ ନାୟକ
(ଖଲିସରା, ବଳରାମପ୍ରସାଦ, ନୟାଗଡ଼)
ଆଜି ତୁମର ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ।
ଶୁଭେଚ୍ଛା ସହ
ଚିକୁ, ଭବାନୀ, ମାମାଲି, ବାବୁନା ଓ ପରିବାରବର୍ଗ।
ଧ-୬୭୩୬୩

୫ମ ଜନ୍ମଦିନ ଶୁଭେଚ୍ଛା



(Raja)
Sai Shivam Sahoo
(ରମ୍ଭା, ବରି, ଯାଜପୁର)
ଆଜି ତୋର ୫ମ ଜନ୍ମବାର୍ଷିକରେ ମା' ତାରିଣୀଙ୍କ ପାଖରେ ଏତିକି କାମନା କରୁଛୁ, ମା' ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ, ଜେଜେମା, ବଡ଼ବାପା, ବଡ଼ମାମା, ବାପା, ମାମା, ସନ୍ତୁ ବାପା, ଦାଦା, ଖୁଡ଼ୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ଅଭିଜିତ୍ ଭାଇ, ଦିବ୍ୟଜିତ୍ ଭାଇ, ଗୁଲି ଦିଦି, ଗୁନୁ ଦିଦି, ସୁନୁ ଦିଦି, ଇସୁ, ଓମ୍ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୧୪୦୬୨

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ କାଶିନାଥ ପ୍ରଧାନ
ଲକ୍ଷ୍ମୀନାରାୟଣ ନଗର, ଆଙ୍କୁଲି, ବ୍ରହ୍ମପୁର
ତିରୋଧାନ: ୧୫।୦୮।୨୦୧୯
ଆଜି ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗଦର୍ଶନ ହୋଇ ରହିବ।
ଶୋକସନ୍ତପ୍ତ:
ସୁବାସଚନ୍ଦ୍ର ନାୟକ, ଇଚ୍ଛାରାଣୀ ନାୟକ, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୦୬୮

ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଡ଼ା. ତୃପ୍ତି ମିଶ୍ର
(ବି.ଏ.ଏମ.ଏସ୍)
ପି.କେ.ଆର.ଆଇ.ଟି. କଲୋନୀ, ପୁରୀ
ତୁ ସଦାସର୍ବଦା ଆମ ଭିତରେ ଜୀବନ୍ତ ହୋଇ ରହିଥିବୁ। ଆଜି ତୋର ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ:
ପିତା: କୃଷ୍ଣଚନ୍ଦ୍ର ମିଶ୍ର, ମାତା: ଅନ୍ନପୂର୍ଣ୍ଣା ମିଶ୍ର, ଭ୍ରାତୃଦ୍ୱୟ: ନୃସିଂହ ପ୍ରସାଦ, ଶମ୍ଭୁ ପ୍ରସାଦ।
ଧ-୬୪୦୮୫

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଇଂ. ହରିହର ମହାରଣା
ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ
ଜଳସେଚନ ବିଭାଗ, ଓଡ଼ିଶା ସରକାର, ବିବେକାନନ୍ଦ ଟାୱାର, ତୋଟା ସାହି, ବ୍ରହ୍ମପୁର
ଆବିର୍ଭାବ: ୧୫।୦୭।୧୯୫୮
ତିରୋଧାନ: ୧୫।୦୮।୨୦୧୯
ବଂଶ ପଛେ ଯାଉ, ଜାତି ବୃଦ୍ଧି ପାଉ, ସାଧଏ ଉଦାର ନୀତି, ଗାଁ ଶିବାଳୟ ଗାଉ ଚିରକାଳ, ତୁମ୍ଭ ପୁଣ୍ୟ ତ୍ୟାଗ ଗୀତି, ଏକ-ର ସକାଶେ ଅନେକର ଡ଼ାକ, ନ ପାରିଲ ତୁମେ ଏଡ଼ି, କହୁଥିଲ "ଦିଅ ଛାଡ଼ି ଦିଅ ମୋତେ, ଚାଲିଯାଏ ଆଜି ଚାଲିଯାଏ ମୁହଁ ବିଶ୍ୱ ଜୀବନ ପଥେ"।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୪୦୬୯

# ସ୍ୱଚ୍ଛତାରେ ତଳକୁ ଖସିପାରେ ଭୁବନେଶ୍ୱର ରେଳ ଷ୍ଟେଶନ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

- କ୍ୟୁସିଆଇର ଦୁଇଜଣିଆ ଟିମ୍ ପକ୍ଷରୁ ସର୍ଭେ ଆରମ୍ଭ
- ମନ୍ଥର ଗତିରେ ଚାଲିଛି ସ୍ୱଚ୍ଛତା କାର୍ଯ୍ୟକ୍ରମ

ସ୍ୱଚ୍ଛତା ପାରାମିଟର ପର୍ଯ୍ୟବେକ୍ଷଣ ଲାଗି ରବିବାର କ୍ୱାଲିଟି କାଉନ୍‌ସିଲ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ର ଦୁଇଜଣିଆ ଟିମ୍ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପହଞ୍ଚିଛି। ଷ୍ଟେଶନରେ ସଫେଇ, ବର୍ଜ୍ୟବସ୍ତୁ ପରିଚାଳନା, ମଇଳା ପାଣି ପରିଚାଳନା, ଗ୍ରୀନ୍ ସାର୍ଟିଫିକେଟ, ଶକ୍ତି ସଂରକ୍ଷଣ, ଆଇଏସ୍‌ଓ ସାର୍ଟିଫିକେଟ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ବିଷୟକୁ ନେଇ ପର୍ଯ୍ୟବେକ୍ଷଣ ଆରମ୍ଭ କରିଛି। କ୍ୟୁସିଆଇ ଟିମ୍ ଦେଶର ସମସ୍ତ ରେଳ ଷ୍ଟେଶନକୁ ଯାଇ ଏସବୁ ସ୍ଥିତି ଅନୁଧ୍ୟାନ କରୁଛି। ଯାତ୍ରୀଙ୍କ ସହ ଆଲୋଚନା କରି ପ୍ରତିକ୍ରିୟା ଓ ପରାମର୍ଶ ଗ୍ରହଣ କରୁଛି। ଆସନ୍ତା ମାସକ ମଧ୍ୟରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଗତବର୍ଷ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଭୁବନେଶ୍ୱର ରେଳ ଷ୍ଟେଶନକୁ ସର୍ବଭାରତୀୟ ସ୍ତରରେ ୯ମ ସ୍ଥାନ ମିଳିଥିଲା। କିନ୍ତୁ ଚଳିତବର୍ଷର ସ୍ୱଚ୍ଛତା କାର୍ଯ୍ୟକ୍ରମ ରିପୋର୍ଟ କାର୍ଡ ଦେଖିଲେ ଭୁବନେଶ୍ୱର ରେଳ ଷ୍ଟେଶନ କ୍ୟୁସିଆଇ ନିର୍ଦ୍ଧାରଣ କରିଥିବା ମାନଦଣ୍ଡ ମଧ୍ୟରୁ ଅର୍ଦ୍ଧାଧିକ ପୂରଣ କରିବା କଷ୍ଟକର ହେବ। ସ୍ୱଚ୍ଛତା ସର୍ବେକ୍ଷଣ ତାଲିକାରେ ଏଥର ତଳକୁ ଖସିଯିବ ବୋଲି ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ରେଳ ଷ୍ଟେଶନ 'ଏ' କ୍ଲାସରେ ଅନ୍ତର୍ଭୁକ୍ତ। କିନ୍ତୁ ଗତବର୍ଷ ଅପେକ୍ଷା ଚଳିତଥର ଷ୍ଟେଶନର ନିଜସ୍ୱ ସ୍ୱଚ୍ଛତା କାର୍ଯ୍ୟକ୍ରମ ମନ୍ଥର ଗତିରେ ଚାଲିଛି। ଏପରିକି ସ୍ୱଚ୍ଛତା ନେଇ କଟକଣା ମଧ୍ୟ ସେପରି ନ ଥିବା ଦେଖିବାକୁ ମିଳୁଛି। ଅପରିଷ୍କାର କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ ଲାଗି ରେଳପଥ ପକ୍ଷରୁ ତିନୋଟି ବିଭାଗକୁ ଦାୟିତ୍ୱ ଦିଆଯାଇଛି। ରେଳପଥ ସ୍ୱାସ୍ଥ୍ୟ ବିଭାଗ, ବାଣିଜ୍ୟିକ ବିଭାଗ ଓ ଆର୍‌ପିଏଫ୍। ସ୍ୱଚ୍ଛତା ନିଶ୍ଚିତ କରିବା ହେଉଛି ସ୍ୱାସ୍ଥ୍ୟ ବିଭାଗର ନିଜସ୍ୱ ଦାୟିତ୍ୱ। କିନ୍ତୁ ଏ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସଂକ୍ରାନ୍ତ ରିପୋର୍ଟ ଅତ୍ୟନ୍ତ ନୈରାଶ୍ୟଜନକ।

UTKAL UNIVERSITY
VANI VIHAR, BHUBANESWAR-751004
AUCTION SALE NOTICE

No. Estt.IV/983/24116/2019 Dated: 22.08.2019

Sealed Tenders are invited in plain paper for auction / sale of the following Vehicle on **"as is where is basis"** in the Campus of the Utkal University, Vani Vihar by the undersigned by **03.00P.M. up to 06.09.2019.** The sealed tender will be opened in the presence of the bidders or their authorized representatives in the office of the Registrar at **04.00 P.M. on 06.09.2019.**

| Sl. No. | Reg. No of the Vehicle | Make & Model of the Vehicle | Date of Purchase |
|---|---|---|---|
| 1. | OR-02-AC 0808 | Hindustan Motors Ltd. Ambassador Diesel Car | 31.07.2004 |

The details of Vehicles, terms & conditions for auction is available in the Estt-IV section of the University, which can be obtained by the intending tenderers in any working day in office hours i.e. **10.00 A.M. to 5.30 P.M.** For details visit our website **www.utkaluniversity.ac.in** .

The authority reserves the right to reject any / all tenders without assigning any reason thereof.

Sd/- Registrar

# ଛଟେଇ ବିପଦ

ଏସିଆନ୍ ଟାଇଗର୍ସ ଭାବେ ପରିଚିତ ସିଙ୍ଗାପୁର, ହଂକଂ, ଦକ୍ଷିଣ କୋରିଆ, ତାଇୱାନ, ଥାଇଲାଣ୍ଡ ଏବଂ ବିଶେଷକରି ମାଲେସିଆ ଭଳି ଦେଶରେ ୧୯୯୭ରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଥିଲା। ଏହାଦ୍ୱାରା ସେହି ସମୟରେ ବିଶ୍ୱ ଅର୍ଥନୀତି ଘୋର ପ୍ରଭାବିତ ହୋଇଥିଲା। ହେଲେ ଭାରତ ସୁରକ୍ଷିତ ରହିଥିଲା। ପରବର୍ତ୍ତୀ ସମୟରେ ୨୦୦୮ରେ ଆମେରିକାରେ ସୃଷ୍ଟି ହୋଇଥିବା ସବ୍-ପ୍ରାଇମ୍ ସଙ୍କଟ ପୃଥିବୀ ସାରା ବ୍ୟାପିଥିଲା। ଏହା ସତ୍ତ୍ୱେ ସେତେବେଳେ ଭାରତ ଉପରେ ଆଖିଦୃଶିଆ ପ୍ରଭାବ ପଡ଼ି ନ ଥିଲା। ଏବେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ଦେଖାଦେଇଥିବା ଆର୍ଥିକ ଦୁର୍ଗତି ବିଗତ ୭୦ ବର୍ଷ ଭିତରେ ଦେଖା ଯାଇ ନ ଥିଲା। ଲୋକଙ୍କର ବ୍ୟବସ୍ଥା ଉପରେ ବିଶ୍ୱାସ ତୁଟିଯାଇଛି। ସେଥିପାଇଁ ଏଠାରେ ନିବେଶ କରିବାକୁ ଅନେକେ କୁଣ୍ଠିତ। ଏଭଳି ସ୍ଥିତି ଯୋଗୁ ଭାରତୀୟ ଅର୍ଥନୀତି ଏକ ସଙ୍କଟ ଦେଇ ଗତି କରୁଛି ବୋଲି ସେ କହିବା ପାଇଁ ବାଧ୍ୟ ହୋଇଥିଲେ। ହେଲେ ସତ୍ୟ ପ୍ରକାଶ ଯୋଗୁ ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଥିବାରୁ ତାଙ୍କ ଉପରେ ଚାପ ପଡ଼ିଥିଲା। ଫଳରେ ନିଜ ମନ୍ତବ୍ୟରୁ ସେ ଓହରି ଯାଇଥିଲେ। ନିଜ ବକ୍ତବ୍ୟକୁ ଭୁଲ ଭାବେ ଚିତ୍ରଣ କରାଯାଇଛି ବୋଲି କହି ଗଣମାଧ୍ୟମ ଉପରେ ଦୋଷ ଲଦିଥିଲେ। କିନ୍ତୁ ସେହି ମତ ଦେଶର ବାସ୍ତବ ପରିସ୍ଥିତି ହୋଇଥିବାରୁ ତାଙ୍କର ମତ ପରିବର୍ତ୍ତନକୁ ସାଧାରଣରେ କେହି ବିଶ୍ୱାସ କରୁନାହାନ୍ତି। ଏବେ ସେହି ମତ ଯୋଗୁ ଘଟିଥିବା କ୍ଷତି ଭରଣା କରିବାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଅଧ୍ୟକ୍ଷ ରଜନୀଶ କୁମାର କହିଲେଣି ଯେ ଏବେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ନାହିଁ, କେବଳ କେତେକ କ୍ଷେତ୍ରରେ ଚାହିଦା ହ୍ରାସ ପାଇଛି। ଏଭଳି କଥା କଟାକଟି ଗୋଟିଏ ପଟେ କୌତୁହଳ ସୃଷ୍ଟି କରୁଥିବା ବେଳେ ଅନ୍ୟପଟେ ତାହା ଭୟଙ୍କର ପରିସ୍ଥିତିକୁ ଘୋଡ଼ାଇବାର ଅପରିପକ୍ୱ ଚେଷ୍ଟା ସମ୍ପୃକ୍ତ ବ୍ୟକ୍ତ କରିବା କଥା। କିନ୍ତୁ ତାହା ଅଛି-'ଅନ୍ଧ ହିଁ ସୁଖୀ'। ଏହି ନୀତିରେ ବିଭିନ୍ନ ଚିନ୍ତାଧାରାର ଜନ୍ମ ଓ ମୃତ୍ୟୁକୁ ନେଇ ଭିନ୍ନ ଆଡ଼େ ଦୃଷ୍ଟି ଆକର୍ଷଣ କରାଯାଉଛି।

ଅର୍ଥନୀତିର ବାସ୍ତବ ଅବସ୍ଥାକୁ ବୁଝି ଏହାର ସମାଧାନ ବାହାର କରିବାକୁ ଯାଇ ୨୩ ଅଗଷ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ୟାକେଜ ଘୋଷଣା କରିଛନ୍ତି। ଖବରଦାତା ସମ୍ମିଳନୀ ଡାକି ସେ ଯେଉଁଭଳି ତରବରିଆ ଭାବେ ପ୍ୟାକେଜ ଘୋଷଣା କଲେ, ସେଥିରୁ ମନେହେଲା ଯେପରି ଅର୍ଥମନ୍ତ୍ରୀ ଏକ ମିନି ବଜେଟ ଉପସ୍ଥାପନ କରୁଛନ୍ତି। ଜୁଲାଇ ୫ରେ ଉପସ୍ଥାପିତ ବଜେଟର ମାତ୍ର ଦେଢ଼ ମାସ ପରେ ସେହି ସାମ୍ବାଦିକ ସମ୍ମିଳନୀରେ କେବଳ ଯେ ତାଙ୍କର ମୁଖ୍ୟ ୧୦ ପଏଣ୍ଟ କାର୍ଯ୍ୟକ୍ରମ ଉପସ୍ଥାପନ କଲେ ତାହା ନୁହେଁ, ଅର୍ଥମନ୍ତ୍ରୀଙ୍କ ବ୍ୟସ୍ତତା ମଧ୍ୟ ସ୍ପଷ୍ଟ ଜଣାପଡ଼ିଥିଲା। ଏହି ସାମ୍ବାଦିକ ସମ୍ମିଳନୀ ଡକାଇ ପୁନର୍ବାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଫେରାଇ ନେବା ଅର୍ଥନୈତିକ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରୁନାହିଁ। ଏହାର କାରଣ ହେଲା ବଜେଟରେ ଅନେକ ଲକ୍ଷ୍ୟ ରଖି ଅର୍ଥନୈତିକ ପଦକ୍ଷେପ ଚିନ୍ତା କରାଯାଇଥିଲା। କିନ୍ତୁ ୨୦୧୬ ନଭେମ୍ବରର ବିମୁଦ୍ରୀକରଣ ଯୋଗୁ ଦେଶକୁ ଘଟିଥିବା ଅର୍ଥନୈତିକ କ୍ଷତିର କୁଫଳ ଏବେ ଫଳପ୍ରଦ ହେବାକୁ ଆରମ୍ଭ ମାତ୍ର ହୋଇଛି। ତାହା ଫଳରେ ଭାରତ ସକାଶେ ଦୀର୍ଘମିଆଦୀ ଅର୍ଥନୈତିକ ପଦକ୍ଷେପ ଗ୍ରହଣ କରିବା ସମ୍ଭବପର ହୋଇପାରୁ ନାହିଁ। ଏହାକୁ ଚିହ୍ନି ସରକାର ମାତ୍ର ଦେଢ଼ ମାସ ଭିତରେ ୨୦୧୯-୨୦ ବଜେଟର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିବା ଫଳରେ ସ୍ପଷ୍ଟ ବୁଝାପଡ଼ୁଛି ଯେ, ପୂର୍ବରୁ ରଖା ଯାଇଥିବା ଲକ୍ଷ୍ୟସବୁ ଅପୂରଣୀୟ ରହିଯିବ। ଯଦି ସରକାର ତାଙ୍କ ନୀତି ସୃଷ୍ଟି କରି ନିଜେ ବଦଳାଇବାକୁ ବାଧ୍ୟ ହେଉଛନ୍ତି, ତେବେ ଦେଶ ସଙ୍କଟରେ ପଡ଼ିଥିବା ଅର୍ଥନୀତି ସମ୍ପର୍କରେ ସାଧାରଣ ଲୋକ ମଧ୍ୟ ବୁଝିପାରୁଥିବେ। ଅବଶ୍ୟ ଯେଉଁ ନାଗରିକ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହୃଦୟଙ୍ଗମ କରିବେ ନାହିଁ, ସେମାନଙ୍କ ପାଇଁ କୌଣସି ମଲମ କାମ କରିବ ନାହିଁ।

ଏହି ପରିପ୍ରେକ୍ଷୀରେ ଅଟୋମୋବାଇଲ କ୍ଷେତ୍ରକୁ ଦେଖାଯାଉ। ପ୍ରଦୂଷଣ ହ୍ରାସ ଲାଗି ସରକାର ୨୦୨୦ ଆରମ୍ଭରେ ଗାଡ଼ିମୋଟରରେ ବିଏସ୍ (ଭାରତ ଷ୍ଟେଜ୍)-୬ ନିୟମ ଲାଗୁ କରିବାକୁ ଯାଉଛନ୍ତି। ବର୍ତ୍ତମାନର ଗାଡ଼ିଗୁଡ଼ିକୁ ଦେଖିଲେ ତାହା ବିଏସ୍-୪ରେ ଗଢ଼ୁଛି। ଏଥିସହିତ ସରକାର ଦେଶରେ ଇ-ଯାନ ପ୍ରଚଳନ ଲାଗି ଅଣ୍ଟା ଭିଡ଼ୁଛନ୍ତି। ଏହାଦ୍ୱାରା ଉଭୟ କମ୍ପାନୀ ଓ ଗ୍ରାହକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିବାରୁ ଗାଡ଼ି ବିକ୍ରି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଫଳରେ ଉତ୍ପାଦିତ ଗାଡ଼ି ପଡ଼ି ରହିଛି। ଏହି କାରଣରୁ କମ୍ପାନୀଗୁଡ଼ିକ କାରଖାନା ବନ୍ଦ କରିବାକୁ ବାଧ୍ୟ ହେଲେଣି। ଅଟୋ ଡିଲର ମହାସଂଘ ତଥ୍ୟ ଅନୁଯାୟୀ ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀ ଛଟେଇ ହୋଇ ସାରିଲେଣି। ସେହିଭଳି ବିସ୍କୁଟ ଭଳି ଖାଦ୍ୟ ପ୍ରସ୍ତୁତ କରୁଥିବା 'ପାର୍ଲେ' କମ୍ପାନୀ ଆଗକୁ ୧୦,୦୦୦ କର୍ମଚାରୀ ଛଟେଇ କରିବ ବୋଲି କହିଲାଣି। ଅନ୍ୟପଟେ ବ୍ୟାଙ୍କ ଭଳି ସଂସ୍ଥା ମଧ୍ୟ କ୍ଷତିର ସମ୍ମୁଖୀନ ହେଉଛନ୍ତି। ପୃଥିବୀର ଅନ୍ୟତମ ବୃହତ୍ ବ୍ୟାଙ୍କ ଏଚ୍‌ଏସ୍‌ବିସିର ପ୍ରେସ ବିଜ୍ଞପ୍ତିରୁ ଜଣାପଡ଼ିଛି ଯେ, ମହାରାଷ୍ଟ୍ରର ପୁଣେ ଓ ତେଲେଙ୍ଗାନାର ହାଇଦ୍ରାବାଦରୁ ପ୍ରାୟ ୧୫୦ ମଧ୍ୟ ସ୍ତର (ମିଡିଲ ଲେଭଲ) କର୍ମଚାରୀ ନିକଟରେ ଛଟେଇ ହୋଇଛନ୍ତି। ଏହା ପ୍ରମାଣ କରୁଛି ଯେ, ଆର୍ଥିକ ମାନ୍ଦାବସ୍ଥାର କୁପ୍ରଭାବ ଏବେ ଅର୍ଥନୀତିର ସବୁ କ୍ଷେତ୍ରକୁ ବ୍ୟାପୁଛି।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର କହୁଛନ୍ତି ଯେ, ବିଶ୍ୱ ଅର୍ଥନୀତି ୩.୨ ପ୍ରତିଶତ ଅଭିବୃଦ୍ଧି ଦେଇ ଗତି କରୁଥିବା ବେଳେ ଭାରତ ୫.୮ ପ୍ରତିଶତରେ ଚାଲିଛି। ତେଣୁ ଭାରତୀୟ ଅର୍ଥନୀତି ସବଳ ଅଛି। ବାସ୍ତବରେ ଡଉଲଡାଉଲ ଚେହେରା ରଖିଥିବା ଯୁବକ ଭିତରେ ମାରାତ୍ମକ ରୋଗ ଥିଲେ କିଛି ଦିନ ପରେ ସେ ଯେପରି ରୋଗାକ୍ରାନ୍ତ ହୋଇଯାଏ, ଆଜି ଭାରତୀୟ ଅର୍ଥନୀତି ଭିତରୁ ରୁଗ୍ଣ ହୋଇଗଲାଣି। ଏଥିପାଇଁ ବାହ୍ୟ ପ୍ରଭାବ ନୁହେଁ, ଆଭ୍ୟନ୍ତରୀଣ ଆର୍ଥିକ ନୀତିରେ ଚଟାପଟ ପରିବର୍ତ୍ତନ ଦାୟୀ। ଉଦାହରଣ ସ୍ୱରୂପ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଜିତିବା ପାଇଁ କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଆଣିଲେ। ଅବଶ୍ୟ ରାଜନୈତିକ ଲକ୍ଷ୍ୟ ସିଦ୍ଧି ହେଲା, କିନ୍ତୁ ଦେଶକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚିଛି। ଏହି ନିଷ୍ପତ୍ତି ଯୋଗୁ ଅନେକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ଲାଗିଗଲା, ଯାହାକି ଏବେଯାଏ ଖୋଲି ନାହିଁ। ସେହିଭଳି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ ଅନେକ ଉଦ୍ୟୋଗ ଉପରକୁ ଉଠିପାରୁ ନାହାନ୍ତି।

କହିବାକୁ ଗଲେ ରାଜନୈତିକ ଅଭିସନ୍ଧି ରଖି ଦେଶର ଅର୍ଥନୀତିକୁ ପରିଚାଳନା କରାଗଲେ ସଙ୍କଟ ଦେଖାଦେବ। ବାଲାକୋଟ୍ ଆକ୍ରମଣ ଭଳି ଦେଶପ୍ରେମ ଜାଗ୍ରତ କରୁଥିବା ଘଟଣା କ୍ଷଣିକ ଉତ୍ତେଜନା ସୃଷ୍ଟି କରେ। ସେହି 'ଘୋ'ରେ ଭାସିଯିବା ପାଇଁ ଅନେକେ ପସନ୍ଦ କରିପାରନ୍ତି। କିନ୍ତୁ ତାହାର ବିପରୀତ ଦିଗକୁ କ୍ୱଚିତ୍ ଅନୁଭବ କରିଥାଆନ୍ତି। ସବୁବେଳେ ଅର୍ଥନୀତି ରାଜନୀତିଠାରୁ ଅଲଗା ରହିବା କଥା। ତାହା ହେଉ ନ ଥିବାରୁ ଅର୍ଥନୈତିକ ବିପଦ ମାଡ଼ି ଆସିଲାଣି।

ତଥାଗତ ସତପଥୀ

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂରାଜୀ ଲିପି ରହିବ।



ଗତକାଲିର ଉତ୍ତର

# ବେୟାରଫୁଟ ଡାକ୍ତର

ଡା. ଦ୍ୱିଜେଶ କୁମାର ପଣ୍ଡା

ଚାଇନାରେ କୃଷି ଶ୍ରମିକମାନଙ୍କୁ ସ୍ୱାସ୍ଥ୍ୟ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ଦେଇ ଗ୍ରାମୀଣ ଲୋକମାନଙ୍କୁ ଚିକିତ୍ସା କରିବାର ଅନୁମତି ଦିଆଯାଉଥିଲା। ଏମାନେ ଜୋତା ଓ ମୋଜା ନ ପିନ୍ଧି ଖାଲି ପାଦରେ ଯିବା ଆସିବା କରନ୍ତି। ତେଣୁ ଏମାନଙ୍କୁ ବେୟାରଫୁଟ ଡାକ୍ତର କୁହାଯାଏ। ୧୯୩୦ ମସିହାରେ ଉଚ୍ଚ ଶିକ୍ଷିତ ଡାକ୍ତରମାନେ ଗ୍ରାମାଞ୍ଚଳରେ ରହି ଚିକିତ୍ସା କରିବାକୁ ଅନିଚ୍ଛୁକ ହେଉଥିବାରୁ ଚାଇନା ସରକାର ଏହି ପଦକ୍ଷେପ ନେଇଥିଲେ।

ବେୟାରଫୁଟ ଚିକିତ୍ସକମାନଙ୍କୁ ସ୍ୱାସ୍ଥ୍ୟରକ୍ଷା, ପ୍ରତିଷେଧକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ପରିବାର କଲ୍ୟାଣ ଓ ପ୍ରାଥମିକ ଚିକିତ୍ସାର ଦାୟିତ୍ୱ ନ୍ୟସ୍ତ ହେଲା। ୧୯୬୫ ମସିହାରେ ଚାଇନାର ନେତା 'ମାଓ ଜେଡଙ୍ଗ' ସହରୀକରଣ ଡାକ୍ତରୀ ଚିକିତ୍ସାକୁ ସମାଲୋଚନା କଲେ। ଗ୍ରାମାଞ୍ଚଳରେ ସାର୍ବଜନୀନ ଚିକିତ୍ସା ବ୍ୟବସ୍ଥାକୁ ଅଗ୍ରାଧିକାର ଦେଲେ। ଏହାଦ୍ୱାରା କୃଷି କର୍ମୀ ଚିକିତ୍ସକଙ୍କୁ ଜାତୀୟ ସ୍ୱାସ୍ଥ୍ୟ ସେବାରେ ସାମିଲ କରାଗଲା। ଏହାକୁ ଗ୍ରାମାଞ୍ଚଳ ସମବାୟ ଡାକ୍ତରୀ ଚିକିତ୍ସା ଆଖ୍ୟା ଦିଆଗଲା। ଏଥିରେ ସବୁ ଲୋକଙ୍କୁ ସହଯୋଗ କରିବାର ବ୍ୟବସ୍ଥା ରହିଲା।

୧୯୮୦ ମସିହା ବେଳକୁ ଏହି ପ୍ରକାର ଚିକିତ୍ସା ଅଧୋଗାମୀ ହେଲା। ପାଶ୍ଚାତ୍ୟ ଦେଶରେ ଆଧୁନିକ ଉନ୍ନତ ଶିକ୍ଷା ଲାଭ କରି ଆସିଥିବା ଡାକ୍ତରମାନଙ୍କର ଚାହିଦା ବୃଦ୍ଧି ହେଲା। ଖାଲିପାଦ ଚିକିତ୍ସକଙ୍କର ଆବଶ୍ୟକତା ଅନୁଭୂତ ହେଲା ନାହିଁ। ଏମାନେ ମାଧ୍ୟମିକ ଶିକ୍ଷା ପରେ ଛଅ ମାସ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂକ୍ରାମକ ରୋଗ ନିରାକରଣ, ଜ୍ୱର, ଥଣ୍ଡା ଓ କାଶର ଚିକିତ୍ସା ପାଇଁ ତାଲିମ ପାଇଲେ। କାଳକ୍ରମେ ପରୀକ୍ଷା କରି ଏମାନଙ୍କ ମଧ୍ୟରୁ ଏକପଞ୍ଚମାଂଶକୁ ଡାକ୍ତରୀ ସ୍କୁଲରେ ଶିକ୍ଷା ପ୍ରଦାନ କରାଗଲା। ଏହି ଚିକିତ୍ସକମାନେ ଗ୍ରାମବାସୀଙ୍କ ଦ୍ୱାରା ପ୍ରୋତ୍ସାହିତ ହେଲେ। କମ୍ ଖର୍ଚ୍ଚରେ ବହୁତ ଲୋକ ଚିକିତ୍ସା ପାଇଲେ। ଅଭିଜ୍ଞ ଡାକ୍ତରଙ୍କର ଅଭାବ ପୂରଣ ହେଲା। ପ୍ରତି ଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରିଲା।

ବେୟାରଫୁଟ ଡାକ୍ତରୀ ଚିକିତ୍ସା କ୍ରମେ ବନ୍ଦ ହୋଇଗଲା। ଚିକିତ୍ସାର ଘରୋଇକରଣ ହେଲା। ଏହି ଚିକିତ୍ସକମାନଙ୍କୁ ଜାତୀୟ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପଡ଼ିଲା। ସେମାନଙ୍କୁ ଉଚ୍ଚତର ଶିକ୍ଷା ପ୍ରଦାନ କରି ଗ୍ରାମାଞ୍ଚଳ ଡାକ୍ତର ହିସାବରେ ଗ୍ରହଣ କରାଗଲା। ଅସଫଳମାନେ ଗ୍ରାମ ସହାୟକ କାର୍ଯ୍ୟ କଲେ। ସ୍ୱୀକୃତିପ୍ରାପ୍ତ ଗ୍ରାମୀଣ ଡାକ୍ତରମାନେ ମାଗଣା ଚିକିତ୍ସା ବଦଳରେ ରୋଗୀଙ୍କଠାରୁ ଫି' ଆଦାୟ କଲେ। ୧୯୯୪ ମସିହାରେ ସରକାର ଗ୍ରାମାଞ୍ଚଳ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ପାଇଁ ଚେଷ୍ଟା କଲେ। କିନ୍ତୁ ସେମାନେ ଆଧୁନିକ ଚିକିତ୍ସା ପାଇଁ ଦାବି କଲେ। ଫଳରେ ଖାଲିପାଦ ଚିକିତ୍ସକଙ୍କର ଆବଶ୍ୟକତା ରହିଲା ନାହିଁ।

୨୦୦୩ ମସିହାରେ ଚାଇନା ସରକାର ନୂତନ ସମବାୟ ଚିକିତ୍ସା ନୀତି ଅନୁସରଣ କଲେ। ଏହାର ବ୍ୟୟ ଓ ପ୍ରଶାସନିକ ଦାୟିତ୍ୱ ସରକାର ବହନ କଲେ। ଜୀବନବୀମା ପରି ଏହା କାର୍ଯ୍ୟକାରୀ ହେଲା। ଏହି ଯୋଜନା ଦ୍ୱାରା ଗାଁ ଲୋକେ କମ୍ ଖର୍ଚ୍ଚରେ ଚିକିତ୍ସା ପାଇଲେ ନାହିଁ। ତେଣୁ ସେମାନେ ସନ୍ତୁଷ୍ଟ ନ ହୋଇ ସହରମୁଖୀ ହେଲେ। ଆଧୁନିକ ଚିକିତ୍ସା ବ୍ୟୟବହୁଳ ହେବାରୁ ସେମାନଙ୍କର ଆଶା ବିଫଳ ହେଲା। ବର୍ତ୍ତମାନ ଚାଇନାରେ ୯୫ ପ୍ରତିଶତ ଦେଶବାସୀ ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ। ବୀମା କମ୍ପାନୀମାନେ ୭୦ ଭାଗ ଖର୍ଚ୍ଚ ବହନ କରୁଛନ୍ତି। ୨୦୨୦ ସୁଦ୍ଧା ସମସ୍ତଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଯୋଜନା ହେଉଛି। ଚାଇନା ବହୁଦେଶୀୟ ଔଷଧ କମ୍ପାନୀମାନଙ୍କର କେନ୍ଦ୍ରସ୍ଥଳୀ ହେବାକୁ ଯାଉଛି। ଏମାନେ ଉନ୍ନତ ଚିକିତ୍ସା, ଗବେଷଣା ପାଇଁ ଅନେକ ଅର୍ଥ ନିବେଶ କରୁଛନ୍ତି। ତଥାପି ସହରୀ ଲୋକମାନେ ମାଗଣା ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ। ବୃହତ୍ ନଗରୀରେ ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ। ଏହା ଅତ୍ୟନ୍ତ ବ୍ୟୟବହୁଳ ଓ ସରକାରୀ ଡାକ୍ତରଖାନାର ୧୦ଗୁଣ ଅଧିକ। ଅତି ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର କୋଠରି ଓ ଚିକିତ୍ସା ବହୁମୂଲ୍ୟରେ ଉପଲବ୍ଧ। ୨୦୧୬ ମସିହାରୁ ଡାକ୍ତରଙ୍କ ସାକ୍ଷାତ ଫି' ୨୦୦ରୁ ୩୦୦୦ ୟାନ (ଚାଇନା ମୁଦ୍ରା) ପର୍ଯ୍ୟନ୍ତ ରହିଛି।

ଚାଇନାରେ ତାଲିମପ୍ରାପ୍ତ ବେୟାରଫୁଟ ଡାକ୍ତର ପ୍ରତି ହଜାର ଲୋକଙ୍କ ପାଇଁ ଜଣେ ନିଯୁକ୍ତ ହୋଇଛନ୍ତି। ସେମାନେ ପ୍ରତିଷେଧକ ଓ ପ୍ରାଥମିକ ଚିକିତ୍ସା କରିବେ। ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେଇ ପ୍ରତି ୫ ବର୍ଷରେ ଲାଇସେନ୍ସ ନବୀକରଣ ହେବ। ଦ୍ୱିତୀୟ ସ୍ତର ଚିକିତ୍ସା ବ୍ୟବସ୍ଥା ପ୍ରତି ୧୦ ହଜାରରୁ ୩୦ ହଜାର ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ୨୦ ବେଡ ଡାକ୍ତରଖାନାରେ ଏମାନେ ସହାୟକ ଡାକ୍ତର ଭାବେ କାମ କରନ୍ତି। ୩ୟ ସ୍ତର ଡାକ୍ତରଖାନାରେ ଗୁରୁତର ରୋଗୀଙ୍କୁ ଅଭିଜ୍ଞ ଓ ଆଧୁନିକ ଶିକ୍ଷାପ୍ରାପ୍ତ ଡାକ୍ତରମାନେ ସେବା ପ୍ରଦାନ କରନ୍ତି।


ଏବେ ଭାରତ ସରକାର ବେୟାରଫୁଟ ଡାକ୍ତର ସୃଷ୍ଟି କରିବାକୁ ଯାଉଛନ୍ତି। ଏମାନେ ଗ୍ରାମୀଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବେ। ଗ୍ରାମାଞ୍ଚଳ ଡାକ୍ତରଖାନାରେ ଡାକ୍ତର ଅଭାବ। ବହୁ ଯୁଗରୁ ଏହା ପରିଲକ୍ଷିତ ହେଉଛି ଏବଂ ଭବିଷ୍ୟତରେ ଏହା ଲାଗି ରହିବ। ଅପରିପକ୍ୱ ଡାକ୍ତର ସୃଷ୍ଟି ଏହାର ପରିପୂରକ ନୁହେଁ। ଚାଇନାରେ ବହୁ ପୂର୍ବରୁ ଏହା ଆରମ୍ଭ ହୋଇଥିଲା। ବର୍ତ୍ତମାନ ବିଫଳ ହୋଇଛି। ଗ୍ରାମୀଣ ଲୋକମାନେ ଉନ୍ନତ ଚିକିତ୍ସା ଓ ବ୍ୟବସାୟ ପାଇଁ ସହରକୁ ଆସି ଅନେକ ବସ୍ତି ସୃଷ୍ଟି କରୁଛନ୍ତି। ଅନେକ ଗ୍ରାମୀଣ ଡାକ୍ତରଖାନାରେ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ଆଇନ ଅନୁସାରେ ସେମାନେ ଏଲୋପାଥିକ ଚିକିତ୍ସା କରିପାରିବେ ନାହିଁ। ଗତ ଶତାବ୍ଦୀର ଷାଠିଏ ଦଶକରେ ଡାକ୍ତର ଅଭାବରୁ ଆୟୁର୍ବେଦିକ ଡାକ୍ତରମାନଙ୍କୁ ସ୍ୱଳ୍ପକାଳୀନ ତାଲିମ ଦେଇ ଏଲୋପାଥିକ ଚିକିତ୍ସା କରିବାକୁ ଅନୁମତି ଦିଆଗଲା। ଏହା ସଫଳ ନ ହେବାରୁ ବନ୍ଦ ହୋଇଗଲା।

ଏଲୋପାଥିକ ଔଷଧ ଶରୀରରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରେ। ଫଳରେ ରୋଗୀର ହଠାତ୍ ମୃତ୍ୟୁ ହେବାର ଆଶଙ୍କା ଥାଏ। ଅଭିଜ୍ଞ ଏଲୋପାଥିକ ଡାକ୍ତର ଏହି ସମସ୍ୟାର ସମ୍ମୁଖୀନ ହୋଇପାରିବେ। ଅନ୍ୟ ପଦ୍ଧତି ଚିକିତ୍ସାରେ ଏପରି ବିପଦ ନ ଥାଏ। ତେଣୁ ସେହି ପଦ୍ଧତିରେ ଶିକ୍ଷା ପାଇଥିବା ଡାକ୍ତର ଏଲୋପାଥିକ ଔଷଧ ବ୍ୟବହାର କରିବା ଆଇନବିରୁଦ୍ଧ। ଏମ୍‌ବିବିଏସ୍ ପଢ଼ିବାକୁ ହେଲେ ଦୁଇ ବର୍ଷରୁ ଅଧିକ ରସାୟନ, ପଦାର୍ଥ, ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ ବିଷୟରେ ପଢ଼ିବାକୁ ହୁଏ। ଆମେରିକାରେ ଡାକ୍ତରି ପଢିବା ପୂର୍ବରୁ ୪ ବର୍ଷ ବିଜ୍ଞାନରେ ସ୍ନାତକ ଶିକ୍ଷା ଅଧ୍ୟୟନ ବାଧ୍ୟତାମୂଳକ। ବିଜ୍ଞାନ ବିଷୟରେ ଯଥେଷ୍ଟ ଜ୍ଞାନ ନ ଥିଲେ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଜାଣିବା ସହଜ ନୁହେଁ। ବିଜ୍ଞାନର ଅନେକ ଅଗ୍ରଗତି ହୋଇଛି। ସେ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ଥିଲେ ଆଧୁନିକ ଉପକରଣ, ଯନ୍ତ୍ରପାତି ଓ ଚିକିତ୍ସା ପଦ୍ଧତିର ବ୍ୟବହାର ଜାଣି ହେବ।

ଅନେକ ଉନ୍ନତ ଦେଶରେ ଗ୍ରାମୀଣ ଡାକ୍ତରଖାନାରେ ରୋଗୀ ସେବା ପାଇଁ ଡାକ୍ତର ନାହାନ୍ତି। କିନ୍ତୁ ଅନଭିଜ୍ଞ ଡାକ୍ତରଙ୍କୁ ସେ ସବୁ ଦେଶ ନିୟୋଜିତ କରି ଏଲୋପାଥିକ ଚିକିତ୍ସା ସେବା ଯୋଗାଉ ନାହାନ୍ତି। ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ନୂତନ ଯୋଜନା କରିବାକୁ ଯାଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ପ୍ରଦାନ କରିବେ। ଏହାକୁ ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ ମନା କରୁଛନ୍ତି। ଏହା ମେଡିକାଲ ପାଠ୍ୟକ୍ରମ ହୋଇ ନ ଥିବାରୁ ଶିକ୍ଷାପ୍ରାପ୍ତ ବ୍ୟକ୍ତି ଏଲୋପାଥିକ ଚିକିତ୍ସା କରିବା ପାଇଁ ଯୋଗ୍ୟ ନୁହନ୍ତି। ଏହି ଛାତ୍ରମାନେ ୩ ବର୍ଷ ମୌଳିକ ବିଜ୍ଞାନରେ ଶିକ୍ଷା ପାଇବେ। ତା' ପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ର ଦାୟିତ୍ୱରେ ରହି ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ଏଲୋପାଥିକ ଚିକିତ୍ସା ପ୍ରଦାନ କରିବେ। ବିକଳ୍ପ ଚିକିତ୍ସାର ସଫଳତା ସମୟ ହିଁ କହିବ।

ବରିଷ୍ଠ ବୈଜ୍ଞାନିକ, ୧୨,
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

# ଓଡ଼ିଶାରେ ପୂର୍ବସୂରୀ ସ୍ମରଣ



ଡ. ଅନ୍ତର୍ଯ୍ୟାମୀ ମିଶ୍ର

ପୂର୍ବସୂରୀ ସ୍ମରଣ ହେଉଛି ସଭ୍ୟତା ଓ ସଂସ୍କୃତିର ପରିମାପକ। କିନ୍ତୁ ଓଡ଼ିଶାରେ ବହୁ ଐତିହାସିକ ପ୍ରବାଦପୁରୁଷ ବିସ୍ମୃତ ହେବାକୁ ବସିଲେଣି। ଯେଉଁ କେତେ ଜଣଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ହେଉଛି ତାହା କେବଳ ଲୋକଦେଖାଣିଆ। ଏହା ପାଳନ ନାମରେ ଆପଣାକୁ ପ୍ରତିଷ୍ଠିତ କରିବାର ମନୋବୃତ୍ତି ରହୁଛି। ଅନେକ ସ୍ଥଳରେ ଜୟନ୍ତୀ ବା ଶ୍ରାଦ୍ଧୋତ୍ସବ ପାଳନ ରାଜନୈତିକ ରୂପରେଖ ନେଇ ବିବାଦାସ୍ପଦ ହେଉଛି।

ପବିତ୍ର ଓଡ଼ିଶା ଭୂମିରେ ଅଗଣିତ ସନ୍ଥ ଓ ମହାମନୀଷୀ ଜନ୍ମ ନେଇ ଏହି ଭୂଖଣ୍ଡକୁ ଗୌରବୋଜ୍ଜ୍ୱଳ କରିଯାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କର ଜୟନ୍ତୀ ବା ଶ୍ରାଦ୍ଧୋତ୍ସବ ପାଳନ ହେଉଥିଲେ ହେଁ ଅନେକେ ବିସ୍ମୃତ। ଏ ମାଟିରେ ଜନ୍ମ ନେଇଥିବା ମହାମେଘବାହନ ଐର ଖାରବେଳ, ପଣ୍ଡିତ ବିଷ୍ଣୁଶର୍ମା, ପ୍ରଥମ ବୌଦ୍ଧ ଭିକ୍ଷୁ ତପସୁ ଓ ଭଲ୍ଲିକ, ବୌଦ୍ଧ ସାଧକ ଅନଙ୍ଗ ବଜ୍ର, ତଦୀୟ ଶିଷ୍ୟ ଇନ୍ଦ୍ରଭୂତି, ଦ୍ୱିତୀୟ ବୁଦ୍ଧ ପଦ୍ମସମ୍ଭବ, ସାଧିକା ଲକ୍ଷ୍ମୀଙ୍କରା, ଶାନ୍ତ ରକ୍ଷିତ, ଶୁଭାକର ଦେବ, ଜ୍ୟୋତିର୍ବିଜ୍ଞାନୀ ଶତାନନ୍ଦ, ନାଟ୍ୟକାର ମୁରାରି ମିଶ୍ର, ଗଜପତି କପିଳେନ୍ଦ୍ର ଦେବ, ମହାମହୋପାଧ୍ୟାୟ କୃଷ୍ଣ ମିଶ୍ର, ଆଳଙ୍କାରିକ ବିଶ୍ୱନାଥ କବିରାଜ, ପଣ୍ଡିତ ପୁରୁଷୋତ୍ତମ, ରାୟ ରାମାନନ୍ଦ, କବିଚନ୍ଦ୍ର ଦିବାକର, କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ, ଆଳଙ୍କାରିକ ବିଦ୍ୟାଧର, ପଣ୍ଡିତ ଚିନ୍ତାମଣି ମିଶ୍ର, କବି ବିଶ୍ୱନାଥ ଖୁଣ୍ଟିଆ, ରାଜା କୃଷ୍ଣ ସିଂହ, ବକୁଳକବି ଭୁବନେଶ୍ୱର ମିଶ୍ର, ସରସ୍ୱତୀ ଦାମୋଦର ମିଶ୍ର, ପଣ୍ଡିତ ରତ୍ନାକର ଗର୍ଗବଟୁ, ପ୍ରଫେସର ଜୟକୃଷ୍ଣ ମିଶ୍ର, କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ, ପ୍ରଫେସର ଗୋଲୋକ ବିହାରୀ ଧଳ, ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ, ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ବିନାୟକ ମିଶ୍ର, ସତ୍ୟନାରାୟଣ ରାଜଗୁରୁ, ଆଚାର୍ଯ୍ୟ ହରିହର ଦାଶ, ସରଳାଦେବୀ, ବ୍ରଜସୁନ୍ଦର ଦାସ ଆଦି ପ୍ରବାଦପୁରୁଷଙ୍କର କୌଣସି ଜୟନ୍ତୀ ବା ଶ୍ରାଦ୍ଧୋତ୍ସବ ପାଳନ କରାଯାଏ ନାହିଁ। ମହାକବି ଜୟଦେବଙ୍କ ବ୍ୟତୀତ ଅନ୍ୟ କାହାର କାବ୍ୟକୃତିକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା କରିବାକୁ ଚେଷ୍ଟା ମଧ୍ୟ କରାଯାଇନାହିଁ। ଓଡ଼ିଶାରେ ଜନ୍ମିଥିବା ଅନେକ ସନ୍ଥ ଭାରତୀୟ ସନ୍ଥ ସମାଜରେ ଯଥାଯୋଗ୍ୟ ଆସନ ପାଇନାହାନ୍ତି। ସଂସ୍କୃତ ସାହିତ୍ୟକୁ ଓଡ଼ିଶାର ଦାନ ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି।

ଯେଉଁ କେତେଜଣ କବି, ସନ୍ଥ ଓ ମନୀଷୀଙ୍କର ଜୟନ୍ତୀ ବା ଶ୍ରାଦ୍ଧୋତ୍ସବ ପାଳନ କରାଯାଏ ତାହା କେବଳ ଲୋକଦେଖାଣିଆ। ଓଡ଼ିଶା ସାହିତ୍ୟ ଏକାଡେମୀ ନିଜର ସୀମିତ ସମ୍ବଳ ଭିତରେ ଚତୁର୍ଦ୍ଦଶ ଶତାବ୍ଦୀର ଭାଷ୍ୟକାର ଜଗଦ୍‌ଗୁରୁ ଶ୍ରୀଧରସ୍ୱାମୀଙ୍କଠାରୁ ଆରମ୍ଭ କରି ଆଧୁନିକ ଯୁଗର ବହୁ କବିକୋବିଦଙ୍କର ଜୟନ୍ତୀ ବା ଶ୍ରାଦ୍ଧୋତ୍ସବ ପାଳନ କରୁଥିଲେ ହେଁ ଅନେକ ପ୍ରଥିତଯଶା କବି ଓ ଲେଖକ ବିସ୍ମୃତ। ଏପରିକି ସାରଳାଙ୍କ ପୂର୍ବବର୍ତ୍ତୀ ଚର୍ଯ୍ୟାଗୀତିକାର ବୃନ୍ଦ, ନାଥ ସାହିତ୍ୟ ସ୍ରଷ୍ଟାଗଣ, ବତ୍ସାଦାସ ପ୍ରମୁଖ ସମ୍ପୂର୍ଣ୍ଣ ବିସ୍ମୃତ। ରାୟ ରାମାନନ୍ଦ, କୃଷ୍ଣସିଂହ, ନୀଳମଣି ବିଦ୍ୟାରତ୍ନ, ପଣ୍ଡିତ ଗୋବିନ୍ଦ ରଥ, କୃଷ୍ଣପ୍ରସାଦ ବସୁ, ଭାଗୀରଥି ମହାପାତ୍ର, ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଣ୍ଡିତ ଦାମୋଦର ମିଶ୍ର, କବି ଦାମୋଦର ପଟ୍ଟନାୟକ, କବୀ ସୁଲକ୍ଷଣା, ପଣ୍ଡିତ ଚକ୍ରଧର ଦାଶ, ସରଳା ଦେବୀ, ଗୋଲୋକବିହାରୀ ଧଳ ଆଦିଙ୍କର ଜୟନ୍ତୀ ବା ଶ୍ରାଦ୍ଧୋତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ପାଳନ କରେ ନାହିଁ। ଏକାଡେମୀ ଯେତିକି ଜୟନ୍ତୀ ପାଳନ କରୁଛି ସେଥିରେ ସ୍ଥାନୀୟ ଲେଖକ, ବୁଦ୍ଧିଜୀବୀ ଓ ସର୍ବସାଧାରଣ ସହଯୋଗ କରନ୍ତି ନାହିଁ। ସଭିଏଁ ଚାହାନ୍ତି ଆମେ ଅତିଥି ବା ବକ୍ତା ହେବୁ। ଏପରିସ୍ଥିତିରେ ସେମାନେ ସମାନ୍ତରାଳ ଭାବରେ ଅନ୍ୟ ଗୋଟିଏ ଜୟନ୍ତୀ କରନ୍ତି। ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ତାଙ୍କ ଜନ୍ମମାଟି ବାଲେଶ୍ୱରରେ ଅନେକ ସ୍ଥାନରେ ପାଳନ କରାଯାଏ। ଗଣକବି ବୈଷ୍ଣବ ପାଣିଙ୍କୁ ଜୀବିତାବସ୍ଥାରେ ଗାଁରୁ ତଡି ଦିଆଗଲା ଏବଂ ମୃତ୍ୟୁ ପରେ ମଧ୍ୟ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଗଲା ନାହିଁ। ଅଥଚ ସମ୍ପ୍ରତି ତାଙ୍କ ଜୟନ୍ତୀ ପାଳନ ନିମିତ୍ତ ବିଭିନ୍ନ ଗୋଷ୍ଠୀ ତତ୍ପର। ଛଅଟି ଭାଷାରେ କାବ୍ୟକବିତା ଲେଖିଥିବା କବି ବ୍ରଜନାଥ ବଡ଼ଜେନା ଦୁଃଖ ଓ ଦାରିଦ୍ର୍ୟରେ କାଳାତିପାତ କରି ଢେଙ୍କାନାଳ ରାଜାଙ୍କ ଦ୍ୱାରା ଲାଞ୍ଛିତ ଓ ଅପମାନିତ ହୋଇ ପୁରୀରେ ଶେଷନିଃଶ୍ୱାସ ତ୍ୟାଗ କଲେ। ତାଙ୍କ ଜନ୍ମସ୍ଥାନ ଢେଙ୍କାନାଳରେ ଏକାଡେମୀ ଜୟନ୍ତୀ ପାଳନ ଉତ୍ସବରେ ବିଶେଷ ବ୍ୟକ୍ତି ଯୋଗ ଦିଅନ୍ତି ନାହିଁ। ଏପରିକି ଗୋଟିଏ ସଂସ୍ଥା ସମାନ୍ତରାଳ ଭାବରେ ଅନ୍ୟ ଗୋଟିଏ ଉତ୍ସବ ପାଳନ କରନ୍ତି। ବାମଣ୍ଡାକୁ ବୁଧହଂସ କେଳିସରରେ ପରିଣତ କରିଥିବା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ଜୟନ୍ତୀରେ ମାତ୍ର କୋଡ଼ିଏ ଜଣ ଲୋକ ଉପସ୍ଥିତ ରହନ୍ତି। ଅନ୍ୟାନ୍ୟ ବହୁ କବିକୋବିଦଙ୍କ ଜୟନ୍ତୀ ମଧ୍ୟ ବିବାଦାସ୍ପଦ।

ସୂଚନା ଓ ଲୋକସମ୍ପର୍କ ବିଭାଗ କେତେକ ପ୍ରବାଦପୁରୁଷଙ୍କର ଜୟନ୍ତୀ ପାଳନ କରନ୍ତି ଏବଂ ପ୍ରତ୍ୟେକ ଜୟନ୍ତୀରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ। କିନ୍ତୁ ମଞ୍ଚରେ ଯେତିକି ଲୋକ ଉପସ୍ଥିତ ରହନ୍ତି ତଳେ ପ୍ରାୟ ସେତିକି ବା ତା'ଠାରୁ ସାମାନ୍ୟ ଅଧିକ। ବିଭାଗ ବକ୍ତା ଓ ଅତିଥି ଚୟନରେ ମଧ୍ୟ ଚିହ୍ନାଜଣା ଲୋକଙ୍କୁ ଚୟନ କରିଥାନ୍ତି, ଯେଉଁମାନେ ସଂପୃକ୍ତ ପ୍ରବାଦପୁରୁଷଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଅନଭିଜ୍ଞ। ଏହି ବିଭାଗ ମଧ୍ୟ ବହୁ ପ୍ରବାଦ ପୁରୁଷଙ୍କ ଜୟନ୍ତୀ ପାଳନ କରୁନାହାନ୍ତି। ତାପଙ୍ଗ ଦଳବେହେରା, କୃତ୍ତିବାସ ପାଟ୍ଟଶାଣୀ, ବାଲିଆ ଜମିଦାର ରାମକୃଷ୍ଣ ସାମନ୍ତସିଂହାର, ଉଦ୍ଦଣ୍ଡ ସାଏ, ବଳରାମ ସିଂହ, ରତନା ନାଏକ, ରାଜକୃଷ୍ଣ ବୋଷ, ଗୌରାଙ୍ଗ ଚରଣ ଦାସ, ବାଞ୍ଛାନିଧି ମହାନ୍ତି, ଲକ୍ଷ୍ମୀନାରାୟଣ ମିଶ୍ର, ଗୋକୁଳ ଚନ୍ଦ୍ର ରାୟଚୂଡ଼ାମଣି, ସୁରେନ୍ଦ୍ରନାଥ ଦାସ, ଗଡ଼ଜାତ ଗାନ୍ଧୀ, ସାରଙ୍ଗଧର ଦାସ, ଘନଶ୍ୟାମ ପାଣିଗ୍ରାହୀ, ମହେଶ ଚନ୍ଦ୍ର ସୁବାହୁସିଂହ, ବ୍ରଜକିଶୋର ଧଳ, ସତ୍ୟବାଦୀ ମିଶ୍ର, କୈଳାସ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ସାହୁ, ବ୍ରଜସୁନ୍ଦର ଦାସ, ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରମୁଖ ସଂଗ୍ରାମୀଙ୍କର ଜୟନ୍ତୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପାଳନ କରନ୍ତି ନାହିଁ। ଏହା ବ୍ୟତୀତ ଅନେକ ପ୍ରବାଦପୁରୁଷ ଅଛନ୍ତି, ସ୍ଥାନାଭାବରୁ ସେମାନଙ୍କ ନାମ ଉଲ୍ଲେଖ କରି ହେଉନାହିଁ।

ସଂକ୍ଷେପରେ ଉଲ୍ଲେଖ କଲେ, ଓଡ଼ିଶାରେ ପୂର୍ବସୂରୀ ସ୍ମରଣ ପ୍ରାୟତଃ ବହ୍ୱାରମ୍ଭେ ଲଘୁକ୍ରିୟା ସଦୃଶ ହୋଇ ପ୍ରହସନରେ ପରିଣତ ହେଲାଣି। ଅନେକ ଜୀବିତ ପ୍ରତିଭା ଦୁଃଖରେ ଦିନ କାଟନ୍ତି। ପଦପଦବୀ ବା ପ୍ରତିପତ୍ତି ନ ଥିବାରୁ ସେମାନେ ପ୍ରତିଭାବନ୍ତ ହେଲେ ମଧ୍ୟ ଉପେକ୍ଷିତ ହୁଅନ୍ତି। ସ୍ୱର୍ଗୀୟ ବ୍ରଜନାଥ ବଡ଼ଜେନା, ବିମ୍ବାଧର ବର୍ମା, ଗୋପାଳ କାନୁନଗୋଙ୍କ ସଦୃଶ ଅନେକ ପ୍ରତିଭା ଦାରିଦ୍ର୍ୟ ମଧ୍ୟରେ ପ୍ରାଣତ୍ୟାଗ କଲେ। ପୂର୍ବସୂରୀଙ୍କ ସ୍ମରଣ ଆମର ଜାତୀୟ କର୍ତ୍ତବ୍ୟ ହେବା ଉଚିତ।

ଢେଙ୍କାନାଳ, ମୋ-୮୮୯୫୨୩୦୭୨୨

## ଏଇ ଭାରତରେ

ପରିବେଶ ପ୍ରଦୂଷଣ କମ୍ କରିବା ଓ ବୃକ୍ଷସଂଖ୍ୟା ବଢ଼ାଇବାକୁ ଯାଇ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ଭିନ୍ନ ଏକ ଉପାୟ ଅବଲମ୍ବନ କରିଛନ୍ତି। ଏଥିପାଇଁ ପ୍ରଫେସରଙ୍କ ନିୟମ ହେଲା ଯେଉଁ ଛାତ୍ରୀଛାତ୍ର ବିଳମ୍ବରେ କ୍ଲାସକୁ ଆସିବେ ସେମାନଙ୍କୁ ଦଣ୍ଡ ସ୍ୱରୂପ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚାରା ରୋପଣ କରିବାକୁ ପଡିବ। ପ୍ରାୟ ୮ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଆରା ଦଣ୍ଡ ପାଇଁ ଏବେ ବିର ନର୍ମଦା ସାଉଥ୍ ଗୁଜରାଟ ୟୁନିଭର୍ସିଟି ପରିସରରେ ପାଖାପାଖି ୫୫୦ ବୃକ୍ଷ ଦେଖିବାକୁ ମିଳୁଛି। ଏଥିରେ କିଛି ଗଛର ଉଚ୍ଚତା ପ୍ରାୟ ୨୦ଫୁଟ ହୋଇଗଲାଣି। ପ୍ରଫେସର ମେହୁଲ ପଟେଲ ସେଠାରେ ଆର୍କିଟେକ୍ଟର ବିଭାଗରେ କାମ କରୁଥିଲେ। ସେ ତାଙ୍କ ବିଭାଗର ଛାତ୍ରୀଛାତ୍ରଙ୍କୁ ଦେଉଥିବା ଦଣ୍ଡର ଫଳ ସ୍ୱରୂପ ଏବେ ତାଙ୍କ ବିଭାଗ ନିକଟରେ ଏକ ସବୁଜ ପରିବେଶ ସୃଷ୍ଟି ହୋଇଛି । ଏଥିରେ ଛାତ୍ରୀଛାତ୍ର ଖୁସି ଅନୁଭବ କରିବା ସହ ପରିବେଶକୁ ପ୍ରଦୂଷଣରୁ ମଧ୍ୟ ରକ୍ଷା କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅଗଷ୍ଟ ୧୯୯୪

- ଚିତ୍ରତାରକା ସଞ୍ଜୟ ଦତ୍ତଙ୍କ ମକଦ୍ଦମାର ବିଚାର କରୁଥିବା ୫ ଜଣିଆ ସାମ୍ବିଧାନିକ ବେଞ୍ଚର କାର୍ଯ୍ୟଧାରାରେ ହସ୍ତକ୍ଷେପ କରିବା ପାଇଁ ଜାତୀୟ ମାନବାଧିକାର କମିଶନ କରିଥିବା ଆବେଦନକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ।
- ୧୯୯୧ ଜନଗଣନାକୁ ଭିତ୍ତିକରି ଦେଶରେ ଥିବା ବିଭିନ୍ନ ନିର୍ବାଚନର ସୀମା ନିର୍ଦ୍ଧାରଣ ପାଇଁ କେନ୍ଦ୍ର ସରକାର ଏକ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଆଗତ କରିଛନ୍ତି।

## ଚିରନ୍ତନୀ

କେତେ ଝର ହଜିଯାଏ ନ ମିଶୁଁ ସାଗରେ
ଅବିଦିତ ପାଷାଣ ଗହ୍ୱରେ।
ଚିରକାଳ ପାଇଁ ତା'ର ଜୀବନର କ୍ଷୀଣ ଇତିହାସ
ଏ ଭୁବନ କୋଳାହଳେ ଅବହେଳେ ରହେ ଅପ୍ରକାଶ।
ନ ଦେଖୁଁ ଆଲୋକ ଧରାତଳେ ପଡ଼େ ଝରି
ଅଶୋକର ପେଲବ ମଞ୍ଜରୀ। (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ୧୮- ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ବାଦଲଫଟା ବର୍ଷା ଫଳରେ ଟୋନ୍ସ ନଦୀରେ ବନ୍ୟା ଆସି ୧୮ ଜଣ ନିଖୋଜ ହୋଇଯାଇଥିବା ବେଳେ ହିମାଚଳରେ ପ୍ରବଳ ବର୍ଷା ଓ ଭୂଚଳନ ଫଳରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି।

୧୯- ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କର ୮୨ ବର୍ଷ ବୟସରେ ପରଲୋକ।

୨୦- ଭାରତର ଦ୍ୱିତୀୟ ଲୁନାର ମିଶନ ଚନ୍ଦ୍ରଯାନ-୨ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଛି।

୨୧- ଆଇଏନ୍‌ଏକ୍ସ ମିଡ଼ିଆ ଦୁର୍ନୀତି ମାମଲାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ସିବିଆଇ ଗିରଫ କରିଛି।

- କଟକ-ଭୁବନେଶ୍ୱର ଦ୍ୱୈତନଗରୀର ନୂତନ ପୋଲିସ କମିଶନର ଭାବେ ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କ ଦାୟିତ୍ୱ ଗ୍ରହଣ।

୨୨- ପାକିସ୍ତାନ ସତ୍‌ଲେଜ ନଦୀର ଜଳ ଭାରତ ମଧ୍ୟକୁ ଛାଡ଼ିଦେବା ଯୋଗୁ ଭାରତର ସୀମାବର୍ତ୍ତୀ ୧୭ଟି ଗାଁ ଜଳମଗ୍ନ ହୋଇପଡ଼ିଛି।

## ଆମ ସମସ୍ୟା

### ଆବାସ ତାଲିକାରେ ଚଞ୍ଚକତା

ମହାଶୟ,

ଆୟତପୁର ପଞ୍ଚାୟତରେ ଫନୀ ବାତ୍ୟା ପ୍ରଭାବିତ ଘରଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ତାଲିକାରେ ଚଞ୍ଚକତା ହୋଇଛି। ଫନୀ ପ୍ରଭାବିତ ଗରିବ ଲୋକଙ୍କର ରୋଷେଇ ଘର ନାହିଁ, କିନ୍ତୁ ସେମାନଙ୍କୁ ତାଲିକା ଅନ୍ତର୍ଭୁକ୍ତ କରାଯାଇନାହିଁ। ଅନ୍ୟପକ୍ଷରେ କୋଠାଘର ତଥା ପୂର୍ବରୁ ଘର ପାଇଥିବା ପରିବାରଗୁଡ଼ିକୁ ଏହି ତାଲିକାରେ ସାମିଲ କରାଯାଇଛି। ଏଣୁ ଏହାର ତଦନ୍ତ କରାଯାଇ ଅଯୋଗ୍ୟଙ୍କୁ ବାଦଦେଇ ଯୋଗ୍ୟଙ୍କୁ ରଖାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଜାତୀୟ ରାଜପଥରେ ଅଚଳାବସ୍ଥା

ଚଣ୍ଡୀଖୋଲ-ଡୁବୁରୀ ରାସ୍ତା ପ୍ରମୁଖ ଶିଳ୍ପକେନ୍ଦ୍ର କଳିଙ୍ଗନଗର ଓ ପାରାଦ୍ୱୀପ ବନ୍ଦରକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ଚଣ୍ଡୀଖୋଲରୁ ଡୁବୁରୀ ଅଭିମୁଖେ ଗଲେ ମାତ୍ର ୪ କିଲୋମିଟର ଭିତରେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ମହାବିନାୟକ ପୀଠ ଓ ଚଣ୍ଡୀମନ୍ଦିର ସହ ବହୁ ଶିକ୍ଷାନୁଷ୍ଠାନ ଓ କୋର୍ଟ ଅବସ୍ଥିତ। ହେଲେ ଜାତୀୟ ରାଜପଥର ଏହି ଅଂଶରେ ଖଣିଜ ପଦାର୍ଥ ବୋଝେଇ ଟ୍ରକ୍‌ଗୁଡ଼ିକ ପାର୍କିଂ କରିବା ଫଳରେ ଶିକ୍ଷାନୁଷ୍ଠାନକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ତଥା ସାଧାରଣଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲିସ ବି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏଠାରେ ରହୁନାହାନ୍ତି।

ସତୀଶ ବିଶ୍ୱାଳ, ଭୁବନପୁର, ଗଡମଧୁପୁର, ଯାଜପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

uti
UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

ମାରାଥନ୍ କଥା ଚିନ୍ତା କଲେ, ଆପଣ ମନରେ ଦୂରତାକୁ ଆଙ୍କିବାକୁ ଲାଗନ୍ତି । ଏହା ସୁଦୀର୍ଘ ହୋଇଥାଏ, ତେଣୁ ଦୃଢ଼ ସଂକଳ୍ପ, ରଣନୀତୀପୂର୍ଣ୍ଣ ତଥା ଶୃଙ୍ଖଳିତ ଭାବେ ଆଗକୁ ବଢ଼ିଲେ ସେହି ଦୂରତାକୁ ଅତିକ୍ରମ କରାଯାଇପାରେ। ବ୍ୟକ୍ତିଗତ ଫାଇନାନ୍ସରେ, ଆପଣ ଏହା ନିଜର ଅବସରକାଳୀନ ଯୋଜନା ଲକ୍ଷ୍ୟ ପାଇଁ କରିଥାନ୍ତି।

ଏହି ଆର୍ଥିକ ମାରାଥନ୍ ପାଇଁ ପ୍ରସ୍ତୁତ ହେବା, ରଣନୀତି ପ୍ରସ୍ତୁତ କରିବା ତଥା ତାହାକୁ ଜିତିବାର ବିଭିନ୍ନ ଉପାୟଗୁଡ଼ିକ ସମ୍ପର୍କରେ ଆସନ୍ତୁ ଆଲୋଚନା କରିବା।



# ଗେଟ୍, ସେଟ୍, ଗୋ

## ନିଜ ଆର୍ଥିକ ମାରାଥନ୍ ଲାଗି ପ୍ରସ୍ତୁତ ହୁଅନ୍ତୁ

### ନିଜର ଆର୍ଥିକ ଫିଟ୍‌ନେସ୍‌କୁ ପରୀକ୍ଷା କରନ୍ତୁ

ଯେକୌଣସି ଫିଟ୍‌ନେସ୍ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଆପଣ ନିଜର ବିଏମ୍‌ଆଇ, କୋଲେଷ୍ଟରଲ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସୂଚକଗୁଡ଼ିକୁ ମାପିଥାନ୍ତି। କେଉଁସବୁ କ୍ଷେତ୍ରରେ ଆପଣଙ୍କୁ କାମ କରିବାକୁ ହେବ ତାହା ଏହି ସୂଚକଗୁଡ଼ିକ ଆପଣଙ୍କୁ କହିଥାଏ। ବ୍ୟକ୍ତିଗତ ଫାଇନାନ୍ସରେ ମଧ, ଆପଣଙ୍କୁ ସମସ୍ୟା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାକୁ ହେବ। ନିଜ ଆର୍ଥିକ ଜୀବନକୁ ଆପଣ ଯେତେ ଭଲଭାବେ ଜାଣିଥିବେ, ନିଜ ଆର୍ଥିକ ମାରାଥନ୍ ପାଇଁ ଆପଣ ସେତେ ଭଲ ଭାବେ ପ୍ରସ୍ତୁତ ହୋଇପାରିବେ।

**କେମିତି ?** ଆପଣ ନିଜ ଖର୍ଚ୍ଚଗୁଡ଼ିକର ରେକର୍ଡ ରଖିପାରିବେ। ତା'ପରେ, ଅତ୍ୟାବଶ୍ୟକ ଖର୍ଚ୍ଚ, ବିଳାସପୂର୍ଣ୍ଣ ଖର୍ଚ୍ଚ ଓ ଲକ୍ଷ୍ୟ-ଭିତ୍ତିକ ଖର୍ଚ୍ଚ ନାମରେ ସେଗୁଡ଼ିକୁ ଶ୍ରେଣୀଭୁକ୍ତ କରିପାରିବେ। ଏହାଦ୍ୱାରା ଆପଣଙ୍କୁ ନିଜ ଆର୍ଥିକ ଜୀବନକୁ ଜାଣିବାରେ ସହାୟତା ମିଳିପାରିବ, ଆବେଗଗତ କ୍ରୟ ହ୍ରାସିତ ହେବ ଏବଂ ଆପଣ ନିଜର ଦୂରାନ୍ତ (ଅବସରକାଳୀନ ଯୋଜନା) ଲକ୍ଷ୍ୟ ଲାଗି ପ୍ରସ୍ତୁତ ହୋଇପାରିବେ।

### ଜଣେ କୋଚ୍‌ଙ୍କ ସହାୟତା ନିଅନ୍ତୁ

କେଉଁ କ୍ଷେତ୍ରରେ ଆପଣଙ୍କୁ ଧ୍ୟାନ ଦେବାକୁ ହେବ ଥରେ ଆପଣ ତାହା ଜାଣିଗଲେ, ବିଶେଷଜ୍ଞଙ୍କ ସହାୟତା ହାସଲ କରିବାର ସମୟ! ସେହିଭଳି, ନିଜ ଆର୍ଥିକ ସମସ୍ୟା କ୍ଷେତ୍ରରେ ମଧ କାମ କରିବା ପାଇଁ ଆପଣ ବିଶେଷଜ୍ଞଙ୍କ ପରାମର୍ଶ ଆବଶ୍ୟକ କରିଥାନ୍ତି ।

**କେମିତି ?** ଆପଣ ଆର୍ଥିକ ଉପଦେଶ ଲୋଡ଼ିପାରନ୍ତି! ଆର୍ଥିକ ପରାମର୍ଶଦାତା ହେଉଛନ୍ତି ବଜାର ବିଶେଷଜ୍ଞ । ସେମାନେ ଆପଣଙ୍କୁ ଆପଣଙ୍କ ଲକ୍ଷ୍ୟ ପାଇଁ ପ୍ରସ୍ତୁତ କରିବା ଏବଂ ଆପଣଙ୍କ ଆର୍ଥିକ ଦୁର୍ବଳତାଗୁଡ଼ିକ ଉପରେ ବିଜୟପ୍ରାପ୍ତିରେ ସହାୟତା କରିପାରିବେ। ସେମାନେ ଆପଣଙ୍କ ପାଇଁ ଆଦର୍ଶ ଅବସରକାଳୀନ ପାଣ୍ଠିର ପରିମାଣ ମଧ ନିର୍ଦ୍ଧାରଣ କରିପାରିବେ।

### ଏକ ଯୋଜନା ପ୍ରସ୍ତୁତ କରନ୍ତୁ

ମାରାଥନ୍ ପାଇଁ ଆପଣଙ୍କ ରଣନୀତି କ'ଣ ହୋଇଥାଏ ? ଆପଣ ଦୌଡ଼ ଧୀରେ ସୁସ୍ଥେ ଆରମ୍ଭ କରିବାକୁ ଚାହାନ୍ତି ନା ପ୍ରଥମ ରାଉଣ୍ଡରେ ହିଁ ଆଗୁଆ ରହି ସେହି ସ୍ଥାନକୁ ବଜାୟ ରଖିବାର ଚେଷ୍ଟା କରନ୍ତି ? ସେହିଭଳି, ବ୍ୟକ୍ତିଗତ ଫାଇନାନ୍ସରେ ମଧ ଆପଣଙ୍କୁ ନିଜର ନିବେଶ ରଣନୀତି ସ୍ଥିର କରିବାକୁ ହୋଇଥାଏ । ଏଥିରେ ଆରମ୍ଭ, ବିସ୍ତାରଣ, ବିବିଧକରଣ ଓ ସମାପନର ଉପାୟଗୁଡ଼ିକ ଅନ୍ତର୍ଭୁକ୍ତ।

**କେମିତି ?** ଆପଣ ନିଜ ଖର୍ଚ୍ଚଗୁଡ଼ିକର ଯୋଜନା ପ୍ରସ୍ତୁତ କରନ୍ତି। ଏହା ମଧ୍ୟରେ କିଣାକିଣି ବେଳେ ଏକ ତାଲିକା ବ୍ୟବହାର କରିବା, ନିଜ ଖର୍ଚ୍ଚଗୁଡ଼ିକୁ ବଜେଟ ମଧ୍ୟରେ ରଖିବା ଏବଂ ଆବେଗପୂର୍ଣ୍ଣ କିଣାକିଣିକୁ ବନ୍ଦ କରିବା ଅନ୍ତର୍ଭୁକ୍ତ । ଅଧିକନ୍ତୁ, କେଉଁ ଲକ୍ଷ୍ୟ ପ୍ରଥମେ ଆସିବ, ବିବିଧକରଣ ଏବଂ ନିଜ ନିବେଶଗୁଡ଼ିକୁ କିପରି ପୃଥକ ରଖାଯିବ ତାହାର ଯୋଜନା ମଧ ଆପଣଙ୍କୁ ତିଆରି କରିବାକୁ ହେବ ।

### ମାଇଲଖୁଣ୍ଟରେ ପହଞ୍ଚନ୍ତୁ

ଆପଣ କେବଳ ଗୋଟିଏ ଦିନ ପ୍ରାକ୍ଟିସ୍ କରି ମାରାଥନ୍ ଲାଗି ପ୍ରସ୍ତୁତ ହୋଇପାରିବେ ନାହିଁ! ନିଜର ଷ୍ଟାମିନାକୁ ଉନ୍ନତ କରିବା, ଗୋଟିଏ ପରେ ଗୋଟିଏ ବିଭିନ୍ନ ପର୍‌ଫର୍ମାନ୍ସ ମାଇଲଖୁଣ୍ଟକୁ ଛୁଇଁବା ପାଇଁ ଆପଣଙ୍କୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ହୋଇଥାଏ। ବ୍ୟକ୍ତିଗତ ଫାଇନାନ୍ସରେ, ଆପଣ ନିଜର ନିବେଶ କ୍ଷମତାକୁ ଧୀରେ ଧୀରେ ବୃଦ୍ଧି କରି ତାହାକୁ ଉନ୍ନତ କରିପାରିବେ।

**କେମିତି ?** ଆରମ୍ଭରେ, ଆପଣ ମାତ୍ର ₹୫୦୦ ଭଳି କମ୍ ପରିମାଣରୁ ଏସ୍‌ଆଇପି (ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍)ରୁ ଆରମ୍ଭ କରିପାରିବେ। ନିଜ ନିବେଶ କ୍ଷମତାକୁ କ୍ରମଶଃ ବୃଦ୍ଧି କରିବା ପାଇଁ ଆପଣ ନିବେଶ ମାଇଲଖୁଣ୍ଟ ସ୍ଥିର କରିପାରିବେ। ଯଦି ଆପଣ ₹୫୦୦ରୁ ଆରମ୍ଭ କରିଛନ୍ତି ତେବେ ଆପଣଙ୍କ ପରବର୍ତ୍ତୀ ଲକ୍ଷ୍ୟ ₹୧,୫୦୦, ₹୩,୦୦୦, ₹୫,୦୦୦ ଓ ସେହିଭଳି ଆଗକୁ ହୋଇପାରେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### ବିଶେଷଜ୍ଞ କୁହନ୍ତି

ଜଣେ ପାଠକ ଆମକୁ ପଚାରିଛନ୍ତି: ମୁଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରିବାକୁ ଚାହୁଁଛି। ମ୍ୟୁଚୁଆଲ ଫଣ୍ଡ ସହ ନିବେଶ ଆରମ୍ଭ କରିବାର ଠିକ୍ ସମୟ କ'ଣ ଓ ମୁଁ ତାହା କେବେ ବନ୍ଦ କରିବା ଉଚିତ ?

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ବସନ୍ତ କୁମାର କର
ଆର୍ଥିକ ପରାମର୍ଶଦାତା

ନିବେଶ କରିବା ପାଇଁ ପ୍ରକୃଷ୍ଟ ସମୟକୁ ଅପେକ୍ଷା କରିବା ବଦଳରେ ଭଲ ରିଟର୍ନ ପାଇବା ପାଇଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆଜିଠାରୁ ହିଁ ଆରମ୍ଭ କରିଦିଆଯିବା ଭଲ। ଆପଣ ନିଜର ପ୍ରଥମ ଦରମା ପାଇବା ଦିନଠାରୁ ହିଁ ନିବେଶ ଆରମ୍ଭ କରିଦେବା ଉଚିତ୍ ଯାହାଦ୍ୱାରା ଆପଣ ଅବସରକାଳ ଭଳି ବିଭିନ୍ନ ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ହାସଲ କରିପାରିବେ। ତେଣୁ, ନିବେଶ ହେଉଛି ଏକ ଆଜୀବନ ପ୍ରକ୍ରିୟା, ଯାହା ଆପଣଙ୍କୁ ଆପଣଙ୍କ ଅବସରକାଳୀନ ଜୀବନ ପାଇଁ ପାଣ୍ଠି ଏକତ୍ରିତ କରିବାରେ ସାହାଯ୍ୟ କରିଥାଏ। ଏହା ଦୂର ବାଟ ମାରାଥନ୍ ଦୌଡ଼ିବା ଭଳି। ଆପଣଙ୍କୁ ଯୋଜନା କରିବାକୁ ହେବ, ଅଭ୍ୟାସ କରିବାକୁ ହେବ ଏବଂ ଶୃଙ୍ଖଳିତ ରହିବାକୁ ହେବ। ସେହିଭଳି, ମ୍ୟୁଚୁଆଲ ଫଣ୍ଡରେ ଆପଣଙ୍କୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ନିବେଶ ଜାରି ରଖିବା ଉଚିତ । ଏକ ବଡ଼ ଆକାରର ପାଣ୍ଠିରୁ ମିଳୁଥିବା ଆର୍ଥିକ ସୁରକ୍ଷା ଆପଣଙ୍କୁ ଏକ ଶାନ୍ତିପୂର୍ଣ୍ଣ ଜୀବନ ଜିଇବାରେ ସହାୟତା କରିଥାଏ, ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ନ ହୋଇ। ତେଣୁ ଏଇ ମୁହୂର୍ତ୍ତରୁ ହିଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରନ୍ତୁ।

### ଗୁରୁ କୁହନ୍ତି

ପ୍ରତାପ କୁମାର ସାହୁ
ଆର୍ଥିକ ପରାମର୍ଶଦାତା

**ଗୋଟିଏ କି ଦୁଇଟି ଏସ୍‌ଆଇପି ଦେଇ ନ ପାରିଲେ କ'ଣ ହୋଇଥାଏ ?**

ପ୍ରଥମ ତିନିମାସ ପାଇଁ ଫଣ୍ଡ ହାଉସ୍ ଆପଣଙ୍କ ସିଷ୍ଟମାଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ପେମେଣ୍ଟ ଦିଆ ନ ଯିବା କାରଣରୁ ଆପଣଙ୍କଠାରୁ ଜରିମାନା ଆଦାୟ କରି ନ ଥାଏ । ହେଲେ, ଆପଣଙ୍କ ପେମେଣ୍ଟକୁ ସମ୍ମାନିତ କରି ନ ଥିବା କାରଣରୁ ଆପଣଙ୍କୁ ନିଜ ବ୍ୟାଙ୍କକୁ କିଛି ଜରିମାନା ଦେବାକୁ ପଡ଼ିପାରେ। କିନ୍ତୁ ଚତୁର୍ଥ ମାସରେ ଫଣ୍ଡ ହାଉସ୍ ଆପଣଙ୍କ ଏସ୍‌ଆଇପିକୁ ରଦ୍ଦ କରିଦେଇପାରେ। ଯଦି ଆଗକୁ ଅର୍ଥ ନିଅଣ୍ଟ ପଡ଼ିବ ବୋଲି ଆପଣ ଜାଣିଥାନ୍ତି ତେବେ ସେହି ମାସ ପାଇଁ ଏସ୍‌ଆଇପିକୁ ଅଟକାଇବା ଲାଗି ଆପଣ ଫଣ୍ଡ ହାଉସ୍‌କୁ ଆଗୁଆ ସୂଚିତ କରିପାରିବେ। ଆପଣ ଏହା ସର୍ବାଧିକ ଛଅ ମାସ ପର୍ଯ୍ୟନ୍ତ କରିପାରିବେ, ହେଲେ ଏ ସମ୍ପର୍କରେ ଆପଣଙ୍କୁ ଫଣ୍ଡ ହାଉସ୍‌ରୁ ବୁଝିନେବା ଆବଶ୍ୟକ। ମ୍ୟୁଚୁଆଲ ଫଣ୍ଡ ହାଉସ୍ ବ୍ୟାଙ୍କକୁ 'ପଜ୍' ଅଧାଦେଶ ପଠାଇବା ଲାଗି ସମୟ ଆବଶ୍ୟକ କରିଥାଏ। ତେଣୁ ଏସ୍‌ଆଇପିକୁ ଅଟକାଇବା ଲାଗି ଫଣ୍ଡ ହାଉସ୍‌କୁ ଅତି କମ୍‌ରେ ମାସେ ସମୟ ଦିଅନ୍ତୁ ଓ ଏହି ସମୟରେ ନିଜ ଅର୍ଥର ପରିଚାଳନା ବିଜ୍ଞତାର ସହ କରନ୍ତୁ। ଆପଣ ଆର୍ଥିକ ଭାବେ ସ୍ୱଚ୍ଛନ୍ଦ ହେଲା ପରେ ଏସ୍‌ଆଇପିକୁ ପୁନର୍ବାର ଆରମ୍ଭ କରିପାରିବେ।

### ପାଠକୀୟ ମତ

ଯେମିତି ପ୍ରତ୍ୟେକ ମାରାଥନ୍ ଦୌଡ଼ାଳି କୋଚ୍ ଆବଶ୍ୟକ କରନ୍ତି, ଠିକ୍ ସେମିତି ପ୍ରତ୍ୟେକ ନିବେଶକ ଜଣେ ଆର୍ଥିକ ପରାମର୍ଶଦାତା ଆବଶ୍ୟକ କରନ୍ତି। ଆପଣ ସମ୍ମତ କି ?

ହଁ ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ କରନ୍ତୁ **Poll<SPACE>YES** କିମ୍ବା **Poll<SPACE>NO** ଟାଇପ୍ କରି **5676756**କୁ ପଠାନ୍ତୁ ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ।

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:** ୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଏକ ଏସ୍‌ଆଇପି ଆପଣଙ୍କ ପାଇଁ କ'ଣ କରିପାରିବ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଅବସର ଗ୍ରହଣ ସମୟରେ ଆପଣଙ୍କ ପାଖରେ କେତେ ଟଙ୍କା ରହିଥିବା ଦରକାର ଏ ସମ୍ପର୍କରେ କେବେ ଭାବିଛନ୍ତି କି ? ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

**ଛୋଟ ଛୋଟ ଏସ୍‌ଆଇପି ସମୟ ସହିତ ଆପଣଙ୍କୁ ବହୁତ ଆଗକୁ ନେଇପାରିବ!**

ଏସ୍‌ଆଇପି ମାଧ୍ୟମରେ ନିଜର ଆର୍ଥିକ ମାରାଥନ୍ ଲାଗି ପ୍ରସ୍ତୁତ ହେବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ନିଜର ଏସ୍‌ଆଇପି ଆରମ୍ଭ କରନ୍ତୁ !

# ନିଜ ଆର୍ଥିକ ମାରାଥନ୍‌କୁ ସମ୍ପୂର୍ଣ୍ଣ କରନ୍ତୁ

### ଏହାପରେ କ'ଣ ?

ଏବେ ଯେହେତୁ ଆପଣ ନିଜର ଆର୍ଥିକ ମାରାଥନ୍ ପାଇଁ ପ୍ରସ୍ତୁତ, ଏଥିରେ ଅପାର ସଫଳତା ପାଇଁ ଏଠାରେ କେତେକ ସ୍ମାର୍ଟ ଟିପ୍‌ସ ଦିଆଯାଇଛି। ନିଜ ଆର୍ଥିକ ମାରାଥନ୍‌କୁ ପୂରା କରିବା ପାଇଁ ଆସନ୍ତୁ ତିନିଗୋଟି ମାର୍ଗ ଉପରେ ନଜର ପକାଇବା।

### ୧. ଡିଡିଡି (DDD) ମାର୍ଗ

ମାରାଥନ୍ ହେଉଛି ସୁଦୀର୍ଘ ଦୌଡ଼। ଏହି ଦୌଡ଼କୁ ପୂରା କରିବା ପାଇଁ ଆପଣଙ୍କୁ ଅଟଳ (Determined), ସମର୍ପିତ (Dedicated) ଓ ନିଷ୍ଠାପର (Devoted) ହେବାକୁ ପଡ଼ିଥାଏ। ବ୍ୟକ୍ତିଗତ ଫାଇନାନ୍ସରେ ମଧ ଆପଣଙ୍କୁ ନିଜର ଅବସରକାଳୀନ ଯୋଜନା ଲକ୍ଷ୍ୟକୁ ହାସଲ କରିବା ପାଇଁ ସମାନ ଡିଡିଡି ମାର୍ଗ ଆପଣାଇବା ଉଚିତ।

**ସ୍ମାର୍ଟ ଟିପ୍:** ନିଜ ଏସ୍‌ଆଇପିଗୁଡ଼ିକୁ ନେଇ ଶୃଙ୍ଖଳିତ ହୁଅନ୍ତୁ। ଅଧିକନ୍ତୁ, ନିୟମିତ ହେବା ଏବଂ ନିଜ ନିବେଶଗୁଡ଼ିକୁ ବନ୍ଦ ନ କରିବା ଜରୁରୀ । ଆଗକୁ ବଢ଼ିଚାଲନ୍ତୁ, ବେଗର ପରିଚାଳନା କରନ୍ତୁ ଏବଂ ଆପଣ ସଫଳତାର ସହିତ ସଅଳ ଅବସର ନେବାରେ ସକ୍ଷମ ହୋଇପାରିବେ।

### ୨. ଅନ୍ୟାନ୍ୟ ସ୍ୱଳ୍ପ-ମିଆଦୀ ଲକ୍ଷ୍ୟଗୁଡ଼ିକୁ ହାଇଡ୍ରେଟ୍ କରିବା

ପ୍ରତ୍ୟେକ ମାରାଥନ୍‌ରେ ହାଇଡ୍ରେଶନ୍ ପଏଣ୍ଟଗୁଡ଼ିକ ଥାଏ । ନିୟମିତ ବ୍ୟବଧାନ ହାଇଡ୍ରେଶନ୍ ଆପଣଙ୍କୁ ଦୌଡ଼ ଜାରି ରଖିବା ଓ ଆପଣଙ୍କ ସାମର୍ଥ୍ୟ ଉନ୍ନତ କରିବାରେ ସହାୟତା କରିଥାଏ। ସେହିଭଳି, ଅବସରକାଳୀନ ପାଣ୍ଠି ପାଇଁ ନିବେଶ ସମୟରେ ମଧ ଆପଣଙ୍କୁ ନିଜର ଅନ୍ୟାନ୍ୟ ସ୍ୱଳ୍ପମିଆଦୀ ଲକ୍ଷ୍ୟଗୁଡ଼ିକୁ ହାଇଡ୍ରେଟ୍ କରି ରଖିବାକୁ ହେବ।

**ସ୍ମାର୍ଟ ଟିପ୍:** ନିଜର ପ୍ରତ୍ୟେକ ଲକ୍ଷ୍ୟ ପାଇଁ ଏକ ପୃଥକ୍ ଏସ୍‌ଆଇପି (ପୋର୍ଟଫୋଲିଓ) ରଖନ୍ତୁ । ନିଜର ସ୍ୱଳ୍ପ-ମିଆଦୀ ଓ ମଧ୍ୟମ-ମିଆଦୀ ଲକ୍ଷ୍ୟଗୁଡ଼ିକରେ ପ୍ରାଥମିକତା ଅନୁଯାୟୀ ନିବେଶ ଜାରି ରଖନ୍ତୁ। ନିଜର ସମସ୍ତ ଲକ୍ଷ୍ୟ ପାଇଁ ଏକ ବିବିଧକୃତ ପୋର୍ଟଫୋଲିଓ ରଖନ୍ତୁ।

### ୩. ସଅଳ ବେଗ ଲାଭ କରିବା

ଏକ ରେସ୍ ଆରମ୍ଭ କରିବା ସମୟରେ ଆପଣ ନିଜର ସମସ୍ତ ବଳ ଓ ସତେଜତା ସହ ପ୍ରସ୍ତୁତ ଥାଆନ୍ତି। ସତେଜ ରହିବା ସମୟରେ ଦୌଡ଼ିବା ପାଇଁ ଆପଣଙ୍କ ନିକଟରେ ଅଧିକ ସାମର୍ଥ୍ୟ ଥାଏ, ଥକିପଡ଼ିବା ସମୟରେ ନୁହେଁ । ଆପଣ ଆଗକୁ ବଢୁଥିବାବେଳେ, ନିଜର ଆର୍ଥିକ ଅକ୍ଷମତାଗୁଡ଼ିକୁ ପଛରେ ପକାଇଦିଅନ୍ତୁ ।

**ସ୍ମାର୍ଟ ଟିପ୍:** କମ୍ପାଉଣ୍ଡିଂକୁ ତାହାର ଯାଦୁ ଦେଖାଇବାରେ ସାହାଯ୍ୟ କରିବା ପାଇଁ ସଅଳ ଆରମ୍ଭ କରନ୍ତୁ। ଆପଣ ସଅଳ ଆରମ୍ଭ କଲେ ଆପଣ ନିଜ ନିବେଶ ପ୍ରତି ଅଧିକ ଆଗ୍ରେସିଭ୍ ହୋଇପାରିବେ ଓ ନିଜ ଫାଇନାନ୍ସରେ ସଅଳ ବେଗ ଲାଭ କରିପାରିବେ। ଉଚ୍ଚ ଦୀର୍ଘ-ମିଆଦୀ ରିଟର୍ନ ପାଇଁ, ଆପଣ ଇକ୍ୱିଟି-ଭିତ୍ତିକ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିପାରନ୍ତି।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ପାହାଚ ପରେ ପାହାଚ - ଏସ୍‌ଆଇପି ପରେ ଏସ୍‌ଆଇପି

ଆପଣଙ୍କୁ କେଉଁଟା ସହଜ ଲାଗୁଛି - ₹୧୨,୦୦୦ର ନିବେଶ ନା ₹୧,୦୦୦ର ନିବେଶ ? ₹୧,୦୦୦ ଅଧିକ ସାଧ ବିକଳ୍ପ ଲାଗୁଛି। ନୁହେଁ କି ? ୧,୦୦୦ର ଛୋଟିଆ ଏସ୍‌ଆଇପି ମଧ ଆପଣଙ୍କୁ ଏକ କୋଟି*ର ଅବସରକାଳୀନ ପାଣ୍ଠି ଗଠନରେ ସହାୟତା କରିପାରିବ।

*କମ୍ପାଉଣ୍ଡିଂ କାଲକୁଲେଟର ମାଧ୍ୟମରେ ପ୍ରାପ୍ତ ଅଙ୍କ। ବର୍ଷ = ୩୫, ପ୍ରତିଫଳ ଶତକଡ଼ା = ୧୫, ପ୍ରାରମ୍ଭିକ ବାଲାନ୍ସ = ୧୦୦୦, ମାସିକ ଅଂଶଦାନ = ୧,୦୦୦।

**ପାଣ୍ଠି ଗଠନରେ ଏସ୍‌ଆଇପି-ପରେ-ଏସ୍‌ଆଇପି ମାର୍ଗ ଆପଣଙ୍କୁ ଏହିଭଳି ସହାୟତା କରିପାରିବ:**

### କୁନି ପାହୁଣ୍ଡ

ପୂର୍ବରୁ ବ୍ୟାଖ୍ୟା କରାଯାଇଥିବା ଅନୁଯାୟୀ, ନିଜ ପାଣ୍ଠିକୁ ଛୋଟ ଛୋଟ ଏସ୍‌ଆଇପିରେ ବିଭାଜିତ କରିବା ଦ୍ୱାରା ଆପଣ ସଅଳ ଆରମ୍ଭ କରିପାରିବେ। ଆପଣ କୌଣସି ଜରିମାନା ବିନା ନିଜର ଏସ୍‌ଆଇପି ପରିମାଣକୁ ପରିବର୍ତ୍ତନ ମଧ କରିପାରିବେ। ତେଣୁ, ଆପଣ ନିଜ ସୁବିଧା ଓ ସାମର୍ଥ୍ୟ ଅନୁଯାୟୀ ଅର୍ଥନୈତିକ ଭାବେ ନିବେଶ କରିପାରିବେ। ଏସ୍‌ଆଇପି ଯେତେ ଛୋଟ ହେବ, ତାକୁ ନିୟମିତ ରଖିବା ସେତେ ସହଜ ହେବ। ଆପଣ ନିଜ ନିବେଶକୁ ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ, ସାପ୍ତାହିକ ଏବଂ ଦୈନିକ ବାରମ୍ବାରତାରେ ଭାଗ କରିପାରିବେ।

### ଛୋଟ ନିୟମିତ ନିବେଶ

ଛୋଟ ପରିମାଣର ନିବେଶ ଅଧିକ ସାଧାରଣ, ବିଶେଷ କରି ଯଦି ଆପଣ ନୂଆ ନୂଆ ନିବେଶ ଆରମ୍ଭ କରିଛନ୍ତି। ଛୋଟ ନିୟମିତ ନିବେଶକୁ ନେଇ ଯେବେ ଆପଣ ନିୟମିତ ହୋଇଯିବେ, ଆପଣ ନିଜ ସାମର୍ଥ୍ୟକୁ ଉନ୍ନତ କରିବାର ଚେଷ୍ଟା କରିପାରନ୍ତି। ଏହା ଆପଣଙ୍କୁ ଟଙ୍କା ମୂଲ୍ୟ ହାରାହାରୀକରଣର ଲାଭ ମଧ ଦେଇଥାଏ, କାରଣ ଆପଣଙ୍କୁ ନିବେଶ କରିବା ପୂର୍ବରୁ ବଜାର ସ୍ଥିତିକୁ ଦେଖିବାକୁ ପଡ଼ି ନ ଥାଏ । ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ମାଧ୍ୟମରେ ଆପଣ ବିଭିନ୍ନ ବଜାର ପରିସ୍ଥିତିରେ ନିବେଶ କରିଥାନ୍ତି। ତେଣୁ, ବଜାରର ଉତ୍ଥାନ କିମ୍ବା ପତନ ଆପଣଙ୍କ ପୋର୍ଟଫୋଲିଓକୁ ବିଶେଷ ପ୍ରଭାବିତ କରି ନ ଥାଏ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ପରବର୍ତ୍ତୀ ସଂସ୍କରଣରେ:** ଯୁବାବସ୍ଥାରେ ଆପଣ ଅଧିକ ଦୌଡ଼ି ପାରିବେ। ସେହିଭଳି, ନୂଆ ଚାକିରିଜୀବୀମାନେ ସେମାନଙ୍କ ନିବେଶକୁ ନେଇ ଅଧିକ ନମନୀୟ ହୋଇପାରିବେ। ପରବର୍ତ୍ତୀ ସଂସ୍କରଣରେ ନିଜର ପ୍ରଥମ ଦରମାରୁ ହିଁ ନିଜର ଫାଇନାନ୍ସ ଆରମ୍ଭ କରିବାର ଲାଭଗୁଡ଼ିକ ସହିତ ଆମେ ଆପଣଙ୍କୁ ପରିଚିତ କରିବା।

f LIVE ନୂଆ ଚାକିରିଜୀବୀଙ୍କ ପାଇଁ ଆମର ସ୍ୱତନ୍ତ୍ର ସଂସ୍କରଣ ଦେଖିବାକୁ ଭୁଲନ୍ତୁ ନାହିଁ । ଏକ ନିବେଶ ନକ୍ସା ଯାହା ଆପଣଙ୍କୁ ସମୟୋଚିତ ଢଙ୍ଗରେ ନିଜର ଆର୍ଥିକ ଲକ୍ଷ୍ୟରେ ପହଞ୍ଚିବାରେ ସାହାଯ୍ୟ କରିବ। ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଆମର ଲାଇଭ୍ ଶୋ' ଦେଖନ୍ତୁ – 'ନିଜ ପ୍ରଥମ ଚାକିରିରେ ସ୍ମାର୍ଟ ମନି ମୁଭ୍' ୨୯ ଅଗଷ୍ଟ ୨୦୧୯ ଅପରାହ୍ଣ ୫ ଘଟିକା ପରଠାରୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

MUTUALFUNDS Sahi Hai

uti
UTI Mutual Fund
Haq, ek behtar zindagi ka

ଲାର୍ଜ୍ କ୍ୟାପ୍ ଫଣ୍ଡ ସହିତ ସବୁଠାରୁ ବିଶ୍ୱସ୍ତ କମ୍ପାନୀର ସ୍ଥିରତାର ଲାଭ ଉଠାନ୍ତୁ।



ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ

ଟ୍ରାକ୍ ରେକର୍ଡ଼ ଏବଂ ଲାର୍ଜ୍ କ୍ୟାପ୍ ଫଣ୍ଡସ ସହିତ ମାର୍କେଟ୍‌ରେ ଉତ୍ତମ ରୂପେ ଅବସ୍ଥାପିତ ଶ୍ରେଷ୍ଠ କମ୍ପାନୀ ଗୁଡ଼ିକରୁ ଲାଭ ଉଠାନ୍ତୁ । ଉତ୍ତମ ଲାଭ ପ୍ରାପ୍ତି ପାଇଁ ଦୀର୍ଘକାଳୀନ ନିବେଶ କରନ୍ତୁ ।
• ମାର୍କେଟ୍ ରେ ଶୀର୍ଷ 100* କମ୍ପାନୀ ମଧ୍ୟରେ ନିବେଶ
• ଦୀର୍ଘ ସମୟ ଅବଧି ଉପରେ ସମ୍ପତ୍ତି ସୃଷ୍ଟି

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ
SMS "UTIMS" to 5676756

To learn more scan this QR code

ଲାର୍ଜ୍ କ୍ୟାପ୍ ଇକ୍ୱିଟୀ ଫଣ୍ଡ୍‌ସ
ଅଧିକ ଜାଣିବା ପାଇଁ ଲଗ୍ ଅନ୍ କରନ୍ତୁ
www.utiswatantra.com
Follow us on f t in

*ସେବି ଦ୍ୱାରା ସୁପାରିଶ ବଜାର ପୁଞ୍ଜିକରଣର ପରିଭାଷା ନିମିତ୍ତ ନୂତନ ନିୟମ ଅନୁସାରେ, ବର୍ଗୀକରଣ ହେବ: ଲାର୍ଜ୍ କ୍ୟାପ୍: 1ମ–100ତମ କମ୍ପାନୀ (ସମ୍ପୂର୍ଣ୍ଣ ମାର୍କେଟ୍ କ୍ୟାପ୍), ମିଡ୍ କ୍ୟାପ୍: 101ତମ–250ତମ କମ୍ପାନୀ (ପୂରା ମାର୍କେଟ୍ କ୍ୟାପ୍), ସ୍ମଲ୍ କ୍ୟାପ୍: 251ତମ କମ୍ପାନୀ ଠାରୁ (ପୂରା ମାର୍କେଟ୍ କ୍ୟାପ୍)

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।

## ସଂକ୍ଷେପରେ

### ଶଟର ଭାଙ୍ଗି ମଦ ଦୋକାନରୁ ଲୁଟ୍

ଯାଜପୁର ରୋଡ,୨୫।୮(ନି.ପ୍ର.): ବ୍ୟାସନଗର ପୌରପରିଷଦର ଧବଳଗିରିଠାରେ ଥିବା ଏକ ସରକାରୀ ମଦ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଦୋକାନ ଶଟର ଭାଙ୍ଗି ୭ ଲକ୍ଷ ଟଙ୍କାର ମଦ ଲୁଟି ନେଇଥିବା ଯାଜପୁର ରୋଡ ଥାନାରେ ଦୋକାନର ମାଲିକ ରାଜେନ୍ଦ୍ର କୁମାର ରାଉତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚଳାଇଛି।

### ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଯାଜପୁର ରୋଡ,୨୫।୮(ନି.ପ୍ର.): ଖବରଦାତାଙ୍କ ସୁରକ୍ଷା ପାଇଁ ଆନ୍ଧ୍ର ପ୍ରଦେଶ, ହରିୟାଣା ସମେତ ବିଭିନ୍ନ ରାଜ୍ୟରେ ସରକାର କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟ ରାଜ୍ୟ ସରକାରମାନେ କାର୍ଯ୍ୟରତ ଖବରଦାତାଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରୁଥିବାବେଳେ ଓଡ଼ିଶା ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଦିନରାତି ସରକାର ତଥା ଜନ ସାଧାରଣଙ୍କ ସେବାରେ ଜୀବନ ବିପନ୍ନ କରି ବଞ୍ଚୁଥିବା ଖବରଦାତାଙ୍କୁ ଆକ୍ରୋଶମୂଳକ ଆକ୍ରମଣ ସମୟରେ କୌଣସି ସୁରକ୍ଷା ପ୍ରଦାନ କରାଯାଉନାହିଁ। ଏନେଇ ଜାରି ହୋଇଥିବା କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ଗେଜେଟ ଗାଇଡଲାଇନ ଅନୁଯାୟୀ ଓଡ଼ିଶା ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ରବିବାର ବ୍ୟାସନଗରସ୍ଥିତ ହୋଟେଲ ରୟାଲ କଳିଙ୍ଗ ପରିସରରେ ଯାଜପୁର ଜିଲା ସାମ୍ବାଦିକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଛି। ଜିଲା ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉତ୍ପଳମଣି ନାୟକ, ସୁବାସ ଧଳ, ଉଦୟନାଥ ଖଣ୍ଡାଇ, ମହେଶ୍ୱର ଜେନା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲାର ୧୦ଟି ବ୍ଲକ ଓ ୨ଟି ପୌର ପରିଷଦରୁ ଶତାଧିକ ଖବରଦାତା ଯୋଗଦେଇ ନୂତନ ସଂଘକୁ ରାଜ୍ୟର ଏକ ଶକ୍ତିଶାଳୀ ସଂଗଠନଭାବେ ଗଢି ତୋଳିବାକୁ ମତ ଦେଇଥିଲେ। ଖବରଦାତା ପ୍ରଦୀପ୍ତ ପୃଷ୍ଟି, ବିଶ୍ୱଜିତ୍ ନାୟକ, ଅକ୍ଷେଶ୍ୱର ଶତପଥୀ, ନୀଳମାଧବ ନାୟକ, ପ୍ରତାପ କୁମାର ଦାସ, ଅକ୍ଷୟ ପ୍ରତାପ ସିଂହ, ଶର୍ଣ୍ଣଶଙ୍କ କୁଣ୍ଡୁ, କୈଳାସ ମଲ୍ଲିକ, ଅଜୟ ଜେନା, ରଙ୍ଗବଲ୍ଲଭ ସାହୁ, ପବିତ୍ର ମୋହନ ରାଉତରାୟ, ରମାକାନ୍ତ ଧଳ, ଶରତ ପଧାନ, ରମାକାନ୍ତ ରାଉତ, ଅମୂଲ୍ୟ ବରାଳ, ପ୍ରତ୍ୟୁଷ ନାୟକ, ଅକ୍ଷୟ କୁମାର ଜେନା, ପ୍ରକାଶ ରାଉତ, ନାରାୟଣ ରାଉତରାୟ, ସନ୍ତୋଷ ରାୟ, ମନୋଜ ପରିଡା, ବିଜୟ ନାରାୟଣ ଖୁଣ୍ଟିଆ, ବିଦ୍ୟୁତ ବିଜୟ ପଣ୍ଡା, ସୁରେଶ ବେହେରା, ଦେବେନ୍ଦ୍ର ନାୟକ, ସରୋଜ ନାୟକ, ମାନସ ଜେନା, ପ୍ରକାଶ ସାମଲ, ସୌମ୍ୟରଞ୍ଜନ ପଣ୍ଡା, ପ୍ରଦୀପ ଜେନା, ମଳୟ କୁମାର ମଲ୍ଲିକ, ସେକ ମଇନୁଦ୍ଦିନ, ଅନିଲ କୁମାର ନାୟକ, ପ୍ରଫୁଲ୍ଲ ପଣ୍ଡା, ରାଣାପ୍ରତାପ ମହାପାତ୍ର, ବସନ୍ତ କୁମାର ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

### ତୃତୀୟ ବାର୍ଷିକ ଜନ୍ମାଷ୍ଟମୀ, କବିତା ପାଠ ଉତ୍ସବ

ଯାଜପୁର ରୋଡ,୨୫।୮(ନି.ପ୍ର.): ଜନ୍ମାଷ୍ଟମୀ ଉପଲକ୍ଷେ ସ୍ଥାନୀୟ ମୁକ୍ତମାଳ କବି କୁଟୀରରେ ଶନିବାର ତୃତୀୟ ବାର୍ଷିକ ଜନ୍ମାଷ୍ଟମୀ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀକୃଷ୍ଣଙ୍କର ଜନ୍ମଲୀଳା ଓ ତାଙ୍କର ବାତ୍ସଲ୍ୟ ମମତା ଉପରେ ସ୍ୱରଚିତ କବିତା ପ୍ରତିକ୍ କବିମାନେ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀର ସଦସ୍ୟା ସଞ୍ଜୁକ୍ତା ମହାପାତ୍ର, ଗୁଣନିଧି ଗୁରୁ, ନିର୍ମଳ ରାଉତ, ପ୍ରତାପ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବରଜ ଫୁଲର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ଅଧ୍ୟକ୍ଷତା କରିଥିଲେ। ଉତ୍ସବ କମିଟିର ସଭାପତି ଅମୂଲ୍ୟ କୁମାର ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଧରିତ୍ରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ଅନୁରାଗୀ କଣ୍ଠହିରି ଦାସ, ଶିଶୁ କବି ଗୌରଭଜ ସ୍ୱାଗତ ଅଭିମନ୍ୟୁ ଧଳ, ପ୍ରହ୍ଲାଦ ପଣ୍ଡା, ମଧୁସୂଦନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ କବୟିତ୍ରି ଧରିତ୍ରୀ ଦାସଙ୍କ ବାଳକୃଷ୍ଣ କବିତା ଓ ଭଜନ ମାଳା ପୁସ୍ତକ ଉନ୍ମୋଚନ ହୋଇଥିଲା। ଲବଙ୍ଗଲତା ପରିଡା, ବୃନ୍ଦମୋହନ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା।

### ଆଶ୍ୱାୟାର ସଂସ୍ଥାରେ କୋମଳମତି ଶିଶୁଙ୍କୁ ନିର୍ଯାତନା ଘଟଣା

# ମାଙ୍କେଡ଼ିଆ ବସ୍ତିରେ ଶିକ୍ଷାଦାନ ବାଧାପ୍ରାପ୍ତ

ସୁକିନ୍ଦା, ୨୩।୮(ଡି.ଏନ୍.ଏ.)

ସରକାର ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଦଣ୍ଡମୁକ୍ତ ବିଦ୍ୟାଳୟ କରିବା ସହ ମଧ୍ୟାହ୍ନଭୋଜନ ଏବଂ ପୋଷାକ ଆଦି ବିଭିନ୍ନ ସୁବିଧା ପ୍ରଦାନ କରୁଛନ୍ତି। କିନ୍ତୁ ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତ ମଲାରସାହି ମାଙ୍କେଡିଆ ବସ୍ତିରେ ଟାଟା ଷ୍ଟିଲ ଦ୍ୱାରା ପରିଚାଳନାଧୀନ ଆସ୍ୱାୟାର ସଂସ୍ଥାରେ କୋମଳମତି ଶିଶୁଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଗତ ୭ ତାରିଖ ବୁଧବାର ଦେଖିବାକୁ ମିଳିଥିଲା। ସଂସ୍ଥା ପକ୍ଷରୁ ପ୍ରାକ୍ଟିସ କ୍ଲାସରେ ନିୟୋଜିତ ଶିକ୍ଷକ ମାଙ୍କେଡିଆ ଜନଜାତି ବର୍ଗର ଜଣେ ଶିଶୁଙ୍କୁ କ୍ଲାସରେ ଅନୁପସ୍ଥିତ ରହିବା ଦର୍ଶାଇ ମାଡ଼ ମାରିଥିଲେ। ମାଡ଼ ଭୟରେ ଉକ୍ତ ଶିଶୁଙ୍କୁ ଜ୍ୱର ହୋଇଯାଇଥିଲା। ଏହି ଘଟଣା ଜାଣିବା ପରେ ୯ ତାରିଖରେ ସଂସ୍ଥା କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାବେଳେ ୧୫ ଦିନ ହେବ ପାଠପଢା ବନ୍ଦ ରହିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକଶ ଯେ, ଟାଟା ଷ୍ଟିଲ ପକ୍ଷରୁ ମାଙ୍କେଡିଆ ବସ୍ତିରେ ଶିକ୍ଷାର ଉନ୍ନତି ପାଇଁ ଆସ୍ୱାୟାର ସଂସ୍ଥା କାର୍ଯ୍ୟ କରୁଛି। ଏହି ସଂସ୍ଥା ପକ୍ଷରୁ ପ୍ରାକ୍ଟିସ୍ କ୍ଲାସରେ ୨ ଜଣ ଶିକ୍ଷକ ନିଯୁକ୍ତି ପାଇ ପାଠ ପଢାଉଥିଲେ। ଗତ ୭ ତାରଖରେ ମାଙ୍କେଡିଆ ଜନଜାତିର ଜଣେ ପିଲାଙ୍କୁ ମାଡ଼ମାରିବା ଘଟଣାରେ ରୋହିତ କୁମାର ଜୋଶି ନାମକ ଶିକ୍ଷକଙ୍କୁ ସଂସ୍ଥାର ବ୍ଲକ କୋର୍ଡିନେଟର ଗତ ୯ ତାରିଖରେ ନିଲମ୍ବନ କରିଥିଲେ। ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ବଦଳରେ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଆସ୍ୱାୟାର ସଂସ୍ଥାର କେତେଜଣ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାକୁ ରଫାଦଫା କରିଦେବାକୁ ଯୋଜନା କରିଥିଲେ। ଉକ୍ତ ଛାତ୍ରଙ୍କ ମା' ବାପା ଓ ଗ୍ରାମବାସୀଙ୍କଠାରୁ ସାଧା କାଗଜରେ ଦସ୍ତଖତ ନେଇ ଯାଇଥିଲେ। ଏହାପରେ ଶିକ୍ଷକ ରୋହିତ ପୁନର୍ବାର କାହାକୁ ନିର୍ଯାତନା ଦେଲେ କାର୍ଯ୍ୟରୁ ନିଲମ୍ବନ କରାଯିବାନେଇ ଏକ ଅଣ୍ଡରଟେକିଂ ସଂସ୍ଥାକୁ ପ୍ରଦାନ କରିଥିଲେ। ଏହାପରେ ରୋହିତଙ୍କୁ ପାଖ ଆଶ୍ରମ ସ୍କୁଲରେ ଶିକ୍ଷାଦାନ ପାଇଁ ନିୟୋଜିତ କରାଯାଇଛି। ହେଲେ ମାଙ୍କେଡିଆ ବସ୍ତିରେ ଅଦ୍ୟାବଧି ଶିକ୍ଷକ ନିଯୁକ୍ତି କରାଯାଇ ନାହିଁ। ଅପରପକ୍ଷେ ସଂସ୍ଥା ପକ୍ଷରୁ ପ୍ରାକ୍ଟିସ କ୍ଲାସ ବନ୍ଦ କରାଯିବା ଘଟଣା ଆସ୍ୱାୟାରର ପାରିବା ପଣିଆ ଓ ଶିଶୁମାନଙ୍କ ପ୍ରତି ସମ୍ବେଦନଶୀଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଆସ୍ୱାୟାର ସଂସ୍ଥାର ସୁକିନ୍ଦା ବ୍ଲକ କୋର୍ଡିନେଟର ଜି.ନରେସଙ୍କୁ ପଚାରିବାରୁ ଶିଶୁଙ୍କୁ ମାଡ଼ମାରିବା ଘଟଣା କ୍ରମରେ ଉକ୍ତ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ଉକ୍ତ ବସ୍ତିକୁଯାଇ ବୁଝିବା ପରେ ସେଠାକାର ଲୋକେ ଉକ୍ତ ଶକ୍ଷକଙ୍କୁ ଚାହିଁବାରୁ ଅଣ୍ଡରଟେକିଂ ଦେବାପରେ ତାଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଖୁବ୍‌ଶୀଘ୍ର କ୍ଲାସ ଆରମ୍ଭ କରାଯିବ ବୋଲି କହିଛନ୍ତି। ଯେ ସମ୍ପର୍କରେ ଯାଜପୁର ଡିସିପିଓ ନିରଞ୍ଜନ କରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଯାଜପୁର ଜିଲାପାଳ କିମ୍ବା ୧୦୯୮କୁ ନମ୍ବରରେ ଅଭିଯୋଗ କରିବାକୁ କହିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଯାଜପୁର ଜିଲାପାଳଙ୍କ ହସ୍ତକ୍ଷେପ ପାଇଁ ବହୁ ସାମାଜିକ କର୍ମୀ, ମାନବାଧିକାର କର୍ମୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ତାରିଣୀ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

କୋରେଇ,୨୫।୮ (ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟସ୍ଥିତ ତାରିଣୀ ଇଂଲିଶ ମିଡ଼ିୟମ ସ୍କୁଲ ଓ ତାରିଣୀ କଲଚରାଲ ଏକାଡେମୀ ପକ୍ଷରୁ ରବିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ମଦନ ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଉଭୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହାୟତାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅଧ୍ୟକ୍ଷ ପ୍ରୀତି ସାମଲ, ଶିକ୍ଷକ ପ୍ରକାଶ କୁମାର ସାହୁ, ଶିକ୍ଷୟିତ୍ରୀ ନଜରାନା ବେଗମ, ସୁମିତ୍ରା ଓଝା, ସସ୍ମିତା ସାହୁ, ଜୀବନ କୌଶଳ, ସ୍ୱର୍ଣ୍ଣଲତା ଶତପଥୀ, ସୁପ୍ରିୟା ସୁବୁଦ୍ଧିଙ୍କ ସହ କୁଳମଣି ସିଂ, ଏସ୍‌କେ ରିୟାଜ୍ ଉଦ୍ଦିନ୍, ରାକେଶ କୁମାର ସାହୁ, ଶିଶିକାନ୍ତ ରାୟ, ନିରଞ୍ଜନ ବେହେରା, ସସ୍ମିତା ପ୍ରଧାନ, ବିଶ୍ୱାସ ଶତପଥୀ, ଆଶା ମଲ୍ଲିକ, ଡଲି କାଣ୍ଡି, ସୁରେନ୍ଦ୍ର ବଳ ପ୍ରମୁଖ ସହଯୋଗ କରିଥିଲେ।



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଟ୍ରଷ୍ଟର କର୍ମକର୍ତ୍ତା।

## ଦେଶୀ ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୨୫।୮ (ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଛୋଟରାଘପୁର ଛକରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ୧୧ ବୋତଲ ଦେଶୀ ମଦ ଜବତ କରିଥିଲା। ବ୍ୟବସାୟୀ ଜଣକ ଯାଜପୁରରୋଡ ଥାନା ଅନ୍ତର୍ଗତ ଭିଙ୍ଗିପୁର ଗ୍ରାମର ବାବୁଲା ଜାଇନା। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୫/୧୯) ରୁଜୁକରି କୋର୍ଟ ଚାଲାଣ କରିଛି।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରିଆ କରିଛି ଭୋଗିଆ ଭୋଗୁଛି।**

ମାରିନେଲେ ମହାପାତ୍ରେ ଚାହିଁଥାରେ ଜକଳା ଭଳି କଣ୍ଢୁ ଭକୁଆ ବନେଇ ଅନ୍ୟଜଣେ ସୁବିଧା ସୁଯୋଗ କୌଶଳ କରି ହାତେଇ ନେଇଥାନ୍ତି। ସୁବିଧାବାଦୀ ବ୍ୟକ୍ତି ଚଞ୍ଚଳତା କରି ଅନ୍ୟର ପରିଶ୍ରମର ଫଳ ଅନାୟାସରେ ଭୋଗ କରିଥାନ୍ତି। ଚାଲାକ ଚତୁର ଲୋକ ନିଜ ସୁବିଧା କରିନେବା ଓ ସାଦାସିଧା ସରଳ ଲୋକ ଅନେଇ ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳିଲା ଦୀପ, ତଳ ଅନ୍ଧାର।**

ଦୀପ ଜଳୁଥିବା ବେଳେ ଦୀପର ଚାରିପଟ ଆଲୁଅ ହୋଇଥାଏ। ପରନ୍ତୁ ଦୀପତଳେ ଜାଗାରେ ଆଲୁଅ ପଡ଼େ ନାହିଁ, ଅନ୍ଧାର ଥାଏ। ପରୋକ୍ଷରେ ଅତି ପାଖରେ ଥିବା ବ୍ୟକ୍ତି ବା ବସ୍ତୁ ପ୍ରତି ଅନାଦର, ଦୂରଲୋକ ସକଳ ସୁବିଧା ପାଉଥିବା ବେଳେ ପାଖଲୋକ ସେଥିରୁ ବଞ୍ଚିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଉଗଡମାଳି ଓ ଲୋକଗୀତ
- ପ୍ରେରଣ୍ଣ ପତ୍ରିଶ୍ରୀ

## ଓଲଟିଲା ସାବୁନ୍ ବୋଝେଇ ଟ୍ରକ୍, ଚାଳକ ଗୁରୁତର

କୋରେଇ, ୨୫।୮ (ସ୍ୱ.ପ୍ର.)


ରାସ୍ତାକଡ଼କୁ ଓଲଟି ପଡ଼ିଥିବା ଟ୍ରକ୍।

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବୃନ୍ଦାବନପୁରସ୍ଥିତ ଲିଙ୍କଶ୍ୱର ନିକଟରେ ରବିବାର ଏକ ସାବୁନ ବୋଝେଇ ଟ୍ରକ୍ ଦୁଇ ରାସ୍ତାର ମଝିରେ ଓଲଟି ପଡ଼ିଛି। ଏଥିରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଡ୍ରାଇଭର ଜଣଙ୍କ ଅନୁଗୋଳ ଜିଲା ଭୋଗବାରିଣୀର ଜଗବନ୍ଧୁ ପଇନାୟକଙ୍କ ପୁଅ ରାମ ଚନ୍ଦ୍ର ପଟ୍ଟନାୟକ। ଗୁରୁତର ଅବସ୍ଥାରେ ତାଙ୍କୁ ଗାଡିରୁ ବାହାର କରାଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣାସ୍ଥଳେ ପୋଲିସ ପହଞ୍ଚି ଗାଡିକୁ ଜବତ କରିଛି। ପ୍ରକାଶ ଯେ, ବୃନ୍ଦାବନପୁର ନିକଟରେ ଜାତୀୟ ରାଜପଥ ୬ ଲେନ୍ କାମ ଯୋଗୁ ଗୋଟିଏ ରାସ୍ତାରେ ଗାଡିଗୁଡିକ ଯାତାୟାତ କରୁଥିବାରୁ (ଓଆର-୧୯ଏ-୮୨୯୯) ଉକ୍ତ ସାବୁନ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କସିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ASTROLOGY
ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
ସନ୍ତାପ୍ତେମାନ ନିରାଶ ବାହିକି ?
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ଼ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିନ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE
AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ପତନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ଗୁପ୍ତି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କସିଟ, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TN98PLC00855
ମାର୍କସିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସ୍ୱୟଂସହାୟକ ଲୋନ୍ ଘରେ ବସି ପାଆନ୍ତୁ ଦିନରେ,
2% ସୁଧ, 40% ଛାଡ
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼
HELPLINE
8859690149

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
9773820765


ଫ୍ରି ସେବା କୌଣସି ଫିସ୍ ନାହିଁ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସନ୍ତାନ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

EDUCATION
ADMISSION OPEN
MAA TARA TARINI SCHOOL OF NURSING
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

BUSINESS
Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଟିକିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡ଼ା 40,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ବେତନ - 20,000/- ଓ ଅନ୍ୟାନ୍ୟ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରିମେଣ୍ଟ ସହିତ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଷ୍ଠାପର ଲୋକ ହିଁ ଅନ୍ୟର
ନିଷ୍ଠାକୁ ଚିହ୍ନିପାରେ।
- କାର୍ଲାଇଲ



# ଏମ୍‌ଏଲ୍‌ଏ ଲାଡ ପାଣ୍ଠିର ଦୁରୁପଯୋଗ

ଯାଜପୁର ଅଫିସ,୨୫।୮

ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମଏଲଏଲାଡ୍ସ) ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଆଶାନୁରୂପକ ଏବଂ ଗାଇଡଲାଇନ ଅନୁସାରେ ଉପଯୁକ୍ତ ଖର୍ଚ୍ଚ ହୋଇ ନ ପାରି ବରବାଦ ହୋଇଛି । ୨୦୧୭-୧୮ ଆର୍ଥିକ ବର୍ଷର ଆୟବ୍ୟୟ ଉପରେ ହୋଇଥିବା ଅଡିଟ ରିପୋର୍ଟରେ ଏହା ଜଳଜଳ ଦିଶୁଛି। ପୂର୍ବ ବର୍ଷର ବକେୟା ଓ ଅଡିଟ ବର୍ଷରେ ହୋଇଥିବା ଅନୁଦାନକୁ ମିଶାଇ ସମୁଦାୟ ୧କୋଟି ୮୬ ଲକ୍ଷ ୧୮ ହଜାର ୫୬୧ଟଙ୍କା ଏମଏଲଏ ଲାଡ ପାଣ୍ଠିରେ ମହଜୁଦ ରହିଥିଲା। ତେବେ ଅଡିଟ ବର୍ଷରେ ମାତ୍ର ୩୧ଲକ୍ଷ ୩୧ହଜାର ୪୫ଟଙ୍କା ଖର୍ଚ୍ଚ ହୋଇ ପାରିଥିଲା। ମହଜୁଦ ଅର୍ଥରୁ ମାତ୍ର ୧୭ ପ୍ରତିଶତ ଖର୍ଚ୍ଚ ହୋଇଛି। ଯଦ୍ୱାରା ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପରାହତ ହୋଇଛି। ସ୍କୁଲ, ଲାଇବ୍ରେରୀ, ହଷ୍ଟେଲ ଗୃହ, ପାନୀୟ ଜଳ, ଗ୍ରାମ୍ୟ ରାସ୍ତା, କ୍ଲବଗୃହ, ଡାକ୍ତରଖାନା, ସରକାରୀ ଜମିରେ ଉଦ୍ୟାନ, ଫାର୍ମ ଫରେଷ୍ଟ୍ରି, ପାର୍କ ଓ ଗାର୍ଡେନ, ଡ୍ରେନେଜ ସିଷ୍ଟମ, ଅଙ୍ଗନୱାଡି ଗୃହ, ଶୌଚାଳୟ ଆଦି ନିର୍ମାଣ କରିବାକୁ ଗାଇଡଲାଇନରେ ଉଲ୍ଲେଖ ରହିଛି। ଏହାସହ ଆବଣ୍ଟିତ ଅନୁଦାନର ଅନ୍ୟୁନ ୧୦ ପ୍ରତିଶତ ଦକ୍ଷତା ବୃଦ୍ଧି ଓ ବେକାର ଯୁବତୀଯୁବକଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ କରିବା କଥା। କିନ୍ତୁ ଏହି ଗାଇଡଲାଇନକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି। ବିଦ୍ୟୁତୀକରଣ, ନିଯୁକ୍ତି, ପାନୀୟ ଜଳ ସମସ୍ୟା ଓ ସର୍ବସାଧାରଣର ଶୌଚାଳୟ ସମସ୍ୟା ରହିଥିଲେ ହେଁ ଏହି ପାଣ୍ଠିର ଦୁରୁପଯୋଗ କରାଯାଇ ମନଇଚ୍ଛା ଖର୍ଚ୍ଚ ହୋଇଛି ବୋଲି ଅଡିଟ ରିପୋର୍ଟରେ ଦର୍ଶାଯାଇଛି।

ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଏମଏଲଏ ଲାଡ ପାଣ୍ଠିରେ ସମ୍ପୂର୍ଣ୍ଣ ହୋଇଥିବା ୬୯ଟି ପ୍ରକଳ୍ପ କେବଳ କଂକ୍ରିଟକରଣ ରାସ୍ତା ନିର୍ମାଣ ହୋଇଛି । ଏଥିରୁ ଠିକାଦାରମାନଙ୍କ ଲାଭକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସ୍ପଷ୍ଟ ହୋଇଛି । ଏପରିକି ଏହିସବୁ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ନିର୍ମିତ ପ୍ରକଳ୍ପଗୁଡିକରୁ ଗେଟି, ସିମେଣ୍ଟ ଉପୁଡିଆହୁରିବିପଦାପନ୍ନ ହୋଇଛି। କୁଳନରସିଂହପୁର, ବେହେରାସାହି-ହାମଜାପୁର, ସୋଲେଇ, ଭେଜିଗୋଠ, ନାଥସାହି-ମର୍ଜିତାପୁର, ଗୁଡିଆସାହି ମର୍ଜିତାପୁର, ରାଧାକାନ୍ତ ଜିଉ ମନ୍ଦିର କବାଟବନ୍ଧ, ତରାସ, ରାଧାଦେଈପୁର

**ଧର୍ମଶାଳା ପଞ୍ଚାୟତ ସମିତି**

- ଲାଭଦାୟକ କଂକ୍ରିଟକରଣ କାର୍ଯ୍ୟକୁ ଅଧିକ ଗୁରୁତ୍ୱ
- ମହଜୁଦ ପାଣ୍ଠିର ମାତ୍ର ୧୭ ପ୍ରତିଶତ ଖର୍ଚ୍ଚ



ମଙ୍ଗଳା ମନ୍ଦିର, ବୁଧିଜାଗୁଳେଇ ମନ୍ଦିର କଣ୍ଟିଗଡିଆ, ହରିଜନସାହି ମହନ୍ତସୋଳା, ସିଦ୍ଧେଶ୍ୱର ମନ୍ଦିର, ଚାରିବାଟିଆ କଂକ୍ରିଟକରଣ, ଅଭୟପୁର ବେହେରାସାହି ହରିଜନଘାଟ, ଫାଜିଲପୁର ଦର୍ସଣି, ପାଇକରାପୁର ହରିଜନସାହି, ଅରାବଳ ହରିଜନସାହି, କୋଟପୁର ସାହୁସାହି, ରେଖିଦେଈପୁର ଲକ୍ଷ୍ମୀ, ଅନନ୍ତ ମଙ୍ଗଳା, ଭବାନୀପୁର, ଭଗବାନପୁର, ଲକ୍ଷ୍ମୀନାରାୟଣ ଖେଳପଡିଆ ପ୍ରଭୃତି ସ୍ଥାନରେ କଂକ୍ରିଟକରଣ କରାଯାଇଛି। କୌଣସି ଧାର୍ମିକ ପୀଠରେ ଏମଏଲଏଲାଡ ବିନିଯୋଗ ହେବାର ନିୟମ ନାହିଁ । କିନ୍ତୁ ଏଠାରେ ୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଧାର୍ମିକ ପୀଠଗୁଡିକରେ ବ୍ୟବହାର ହୋଇଛି । ଯାହାକି ଏମ୍‌ଏଲ୍‌ଏଲାଡର ମୁଖ୍ୟ ଲକ୍ଷ୍ୟ ବିଚ୍ୟୁତ ହୋଇଥିବା ମନେ ହୋଇଛି । ଧର୍ମଶାଳା ପଞ୍ଚାୟତ ସମିତିର ଅନେକ ଗ୍ରାମରେ ଏବେ ବି ପାନୀୟ ଜଳର ଘୋର ଅଭାବ ରହିଛି। ଏଥିପାଇଁ ଏମଏଲଏଲାଡରୁ ଅଧିକ ପାଣ୍ଠି ବିନିଯୋଗ ହେବା ବିଧେୟ। ତାହା ମଧ୍ୟ ପାଳନ ହୋଇନାହିଁ। ଉପରୋକ୍ତ ତଥ୍ୟକୁ ଅବଲୋକନ କଲେ ବିଧାୟକ ଅନାବଦ୍ଧ ପାଣ୍ଠିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଆନ୍ତରିକତା ଅଭାବ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। କେତେକ ପ୍ରକଳ୍ପରେ ଆଦୌ ଅର୍ଥ ବିନିଯୋଗ ନ ହୋଇ ମିଥ୍ୟା ବିଲ ଭାଉଚର କରି ଅର୍ଥ ଆତ୍ମସାତ ମଧ୍ୟ ହୋଇଥିବା ଅଭିଯୋଗ ଉଠିଛି। ଅନୁଦାନ ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ହୋଇ ପାରୁ ନ ଥିବାରୁ ଏବେ ବି ଗ୍ରାମାଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସମସ୍ୟା ଲାଗି ରହିଛି। ଏହି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ପୃକ୍ତ ଲୋକପ୍ରତିନିଧି ବ୍ରତୀ ବୋଲି ବିଭିନ୍ନ ସଭାସମିତି ତଥା ଗଣମାଧ୍ୟମ ଆଗରେ ବାହାସ୍ଫୋଟ ମାରୁଛନ୍ତି । କିନ୍ତୁ ଏମଏଲଏ ଲାଡର ସ୍ଥିତିକୁ ଦେଖିଲେ ସାଧାରଣ ଗରିବ, ନୀରିହ ଲୋକଙ୍କ ପାଇଁ ନା କର୍ମୀଙ୍କ ପାଇଁ ଆବଣ୍ଟିତ ଅର୍ଥ ପ୍ରଯୁଜ୍ୟ ହୋଇଛି ତାହା ସ୍ପଷ୍ଟ ଜଣାପଡୁଛି। ଧର୍ମଶାଳା ପଞ୍ଚାୟତ ସମିତିର ଲୋକାଲ ଫଣ୍ଡ ଅଡିଟ କାର୍ଯ୍ୟ ୩୦।୧୧।୨୦୧୮ରୁ ୫।୨।୨୦୧୯ ପର୍ଯ୍ୟନ୍ତ ହୋଇଥିଲା। ଏହି ଅଡିଟ ରିପୋର୍ଟକୁ ଜିଲା ଅଡିଟ ଅଧିକାରୀଙ୍କ ନିକଟରେ ୨୧।୫।୨୦୧୯ରେ ଦାଖଲ ହୋଇଛି। ମୁଖ୍ୟ ଅଡିଟର ଉଦୟ କୁମାର ନାୟକ ଓ ଅଡିଟର ମନୋରମା ଭୋଇ ଅଡିଟ କାର୍ଯ୍ୟ ସମ୍ପାଦନ କରିଥିଲେ। ତେବେ ଅଡିଟ ସମ୍ପର୍କରେ ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ନୂଆ ହୋଇ ଆସିଛନ୍ତି ଏବଂ ଅଡିଟ ରିପୋର୍ଟ ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗୁହାଳୀ ଅଞ୍ଚଳରେ ପୁଣି ହେଟା ବୁଲୁଥିବା ଚର୍ଚ୍ଚା

ସିଂହପୁର,୨୫।୮(ଡିଏନଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁହାଳୀ ଗ୍ରାମରେ ପୁଣି ହେଟା ଦେଖିବାକୁ ମିଳିଥିବା ଚର୍ଚ୍ଚା ହେଉଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଗତ ଦୁଇମାସ ତଳେ ମା' ହେଟା ତା'ର ଦୁଇଟି ଛୁଆ ସହିତ ଗୁହାଳି ଓ ପାଖ ଅଞ୍ଚଳରେ ଦେଖିବାକୁ ମିଳିଥିଲା। କିଛିଦିନ ପରେ ଏବେ ବୈତରଣୀରେ ବନ୍ୟା ଓ ବର୍ଷା ଯୋଗୁ ଚାଷ ଜମି ବୁଡିଯିବାରୁ ଏହି ହେଟା ଏବେ ଗାଁ ମୁହାଁ ହୋଇଥିବା ଆଲୋଚନା ହେଉଛି। ରବିବାର ଗୁହାଳି ଗ୍ରାମର ବଣବୁଦାରେ ଲୋକେ ହେଟାକୁ ଦେଖିଥିବା ପ୍ରକାଶ କରିଛନ୍ତି। ଫଳରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଦିନତମାମ ଓ ସନ୍ଧ୍ୟାରେ ମଧ୍ୟ ଲୋକେ ଲାଇଟ ଧରି ହେଟାକୁ ବିଭିନ୍ନ ସ୍ଥାନରେ ଖୋଜିବାରେ ଲାଗିଥିବା ଦେଖିବାକୁ ମିଳିଥିଲା। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ସଂକ୍ଷେପରେ**

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଯାଜପୁର ଟାଉନ,୨୫।୮(ଡିଏନଏ): ରବିବାର ଦିନ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଯାଜପୁରନଗରରେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ବିଦ୍ୟାଳୟର ସଭାପତି କାର୍ତ୍ତିକ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଜ୍ଞାନମେଳା ସରକାରୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରୁଣ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଂକୁଳସ୍ତରୀୟ ମେଳାରେ ୬ଟି ବିଦ୍ୟାଳୟରୁ ୨ଶହ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଭାଗନେଇ ପୁରସ୍କୃତ ହୋଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ମାନେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଚାର୍ଯ୍ୟ ଗିରିଧାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

କୋରେଇ,୨୫।୮(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ କଲ୍ୟାଣ ମଣ୍ଡପଠାରେ କୋରେଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଶୋକ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ ବଳ, ମୁଖ୍ୟ ବକ୍ତା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ନାୟକ ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୌଭାଗ୍ୟ କୁମାର ମହାନ୍ତି ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନାରାୟଣ ଶତପଥୀ ବିଭୁବନ୍ଦନା ଗାନ କରିଥିଲେ। ସଭା ପ୍ରାରମ୍ଭରେ ସଂଘ ପକ୍ଷରୁ ବିଧାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୋଜକ ଶ୍ରୀପତି ଶତପଥୀ ଅତିଥି ପରିଚୟ ଏବଂ ସମ୍ପାଦକ ନୃସିଂହ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗଦାଧର ମୁଦୁଲି, ସନାତନ ଜେନା, ପ୍ରଫୁଲ୍ଲ ଦେଉରୀ, ସ୍ୱର୍ଣ୍ଣଲତା ବଳଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ସଂଘ ଉପଦେଷ୍ଟା ସଭ୍ୟ ଋଷିକାନ୍ତ ରାୟ ଧନ୍ୟବାଦ ଦେଇଥିଲେ।

## ଚୋରଦା ଗ୍ରାମରେ ଖୁଦୁରୁକୁଣି ଓଷା

ଯାଜପୁର ରୋଡ,୨୫।୮(ନି.ପ୍ର.): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚୋରଦା ମଝି ସାହିରେ ରବିବାର ଖୁଦୁରୁକୁଣି ଓଷା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବତୀମାନେ ପୂଜା ମଣ୍ଡପକୁ ବିଭିନ୍ନ ରଙ୍ଗ ବେରଙ୍ଗି ବିଦ୍ୟୁତ୍ ଆଲୋକରେ ସୁଜିତ କରିଥିଲେ। 'ମା' ଖୁଦୁରୁକୁଣିଙ୍କୁ ବନ୍ଦନା କରି ଭାଇଙ୍କ ଓ ଘରର ମଙ୍ଗଳ କାମନା କରିଥିଲେ। ବିଭିନ୍ନ ଫୁଲ, ଫଳ, ଧୂପ ନୈବିଦ୍ୟରେ ''ମା'' ଠାକୁରାଣୀଙ୍କୁ ପୂଜାଅର୍ଚ୍ଚନା କରିଥିଲେ।

**ସରକାରୀ ଆବାସରୁ ବଞ୍ଚିତ ଦିବ୍ୟାଙ୍ଗ ପରିବାର**

## ସ୍ଥିତି ସମୀକ୍ଷା କଲେ ସାମାଜିକ ସୁରକ୍ଷା ଅଧିକାରୀ

ରସୁଲପୁର,୨୫।୮(ଡିଏନଏ)

ରସୁଲପୁର ବ୍ଲକର ମହେଶ୍ୱରପୁର ପଞ୍ଚାୟତରେ ନିଜ ଘର ନ ଥିବାରୁ ପର ଚାଳ ତଳେ ମୁଣ୍ଡ ଗୁଞ୍ଜିଛନ୍ତି ଦିବ୍ୟାଙ୍ଗ ଆଲ୍ଲାରଖାଙ୍କ ପରିବାରର ୬ଜଣ ସମ୍ପର୍କୀୟ। ମା, ସ୍ତ୍ରୀ ଓ ୩ ପିଲାକୁ ନେଇ ସେକ୍ ଆଲ୍ଲାରଖା(୩୦)ଙ୍କ ପରିବାର । ଆଲ୍ଲାରଖା ଓ ତାଙ୍କ ମାଙ୍କ ନାଁରେ ଜମି ନାହିଁ। ସେଥିପାଇଁ ସରକାରୀ ଆବାସ ମିଳିବାରେ ବାଧା ଉପୁଜିଛି। ହେଲେ ଆଲ୍ଲାରଖାଙ୍କ ମାମୁ ଘର ସେହି ଗ୍ରାମରେ ହୋଇଥିବାବେଳେ ଅଜାଙ୍କ ନାଁରେ ଜମି ରହିଛି। ବାପା ନାଁରେ ଥିବା ସମ୍ପତ୍ତିରେ ଝିଅର ଅଧିକାର ରହିଥିବା ଆଇନ୍ କହୁଥିଲେ ହେଁ ମାମୁମାନେ ସମ୍ପତ୍ତିରୁ ଭାଗ ଦେଉ ନାହାନ୍ତି। ଯାହାକି ସରକାରୀ ଆବାସ ପ୍ରଦାନରେ ବାଧକ ସାଜିଥିବା କୁହାଯାଉଛି। ଏହି ଅସହାୟ ପରିବାର ସମ୍ପର୍କରେ ସୂଚନା ପାଇ ଛୁଟିଦିନ ସତ୍ତ୍ୱେ ଜିଲା ସାମଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ସହାୟତାରେ ଅସହାୟ ପରିବାର ନିକଟରେ ପହଞ୍ଚି ଥିଲେ। ପରିବାର ସଦସ୍ୟଙ୍କ ସହ ଆଲୋଚନା କରିବାରୁ ସେମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୦ କେଜି ଚାଉଳ ମିଳୁଛି । ଉଭୟ ମା ଓ ପୁଅଙ୍କୁ ଭତ୍ତା ବାବଦକୁ ମାସିକ ୧୨ଶହ ଟଙ୍କା ବି ମିଳୁଛି । ହେଲେ ଘର ଖଣ୍ଡେ ନ ଥିବାରୁ ସେମାନେ ଅନ୍ୟ ଆଶ୍ରାରେ ଚଳିବାକୁ ବାଧ ହେଉଛନ୍ତି ବୋଲି କହିଥିଲେ। ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବାରୁ ପରିବାରର ୩ଟି ପିଲାଙ୍କ ପାଠପଢା ପାଇଁ ପୃଷ୍ଠପୋଷକତା ସହାୟତା ପ୍ରଦାନ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ସହ ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସହ ଯୋଗାଯୋଗ କରିଥିଲେ। ଏ ଦିଗରେ ପିଲାଙ୍କ ନାଁରେ ବ୍ୟାଙ୍କ ଜମାଖାତା ଓ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଏ ବାବଦରେ ମାସିକ ମୁଣ୍ଡ ପିଛା ୨ହଜାର ଟଙ୍କା ମିଳିବ ବୋଲି କୁହାଯାଇଛି। ଏଥିସହ ପରିବାର ମହିଳା ସଦସ୍ୟଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଦିଗରେ କର୍ମ ସଂସ୍ଥାନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି ଦାବି ହୋଇଛି।



ଦିବ୍ୟାଙ୍ଗ ପରିବାରକୁ ଭେଟିବାକୁ ଆସିଥିବା ସାମାଜିକ ସୁରକ୍ଷା ଅଧିକାରୀମାନେ ।

## ଆଞ୍ଚଳିକ ମହାବିଦ୍ୟାଳୟ ନାଥସାହିରେ ସ୍ୱାଗତ ସମ୍ବର୍ଦ୍ଧନା

ଯାଜପୁର ଟାଉନ ୨୫।୮(ଡିଏନ୍‌ଏ)

ଆଞ୍ଚଳିକ ମହାବିଦ୍ୟାଳୟ ନାଥସାହିର ପ୍ରଥମ ବାର୍ଷିକ ଛାତ୍ରୀଛାତ୍ରଙ୍କୁ (କଳା ଓ ବାଣିଜ୍ୟ) ବିଭାଗରେ ସ୍ୱାଗତ କରିବା ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟ ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ପାତ୍ର, ବିନୋଦ ଚନ୍ଦ୍ର ନାୟକ, ଶଚ୍ଚିଦାନନ୍ଦ କର, ଜ୍ଞାନଚାନ୍ଦ ଦାସ, ବିଜୟ କେତନ ରଥ, ନିରଞ୍ଜନ ମହାନ୍ତି, ରାଜ କିଶୋର ପଣ୍ଡା, ରଶ୍ମିତା ମହାନ୍ତି ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ୨ୟ ବାର୍ଷିକ ଛାତ୍ରୀଛାତ୍ରମାନେ ୧ମ ବାର୍ଷିକ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସ୍ୱାଗତ ଜଣାଇଥିଲେ। ଶେଷରେ ଅଧ୍ୟାପକ ଜ୍ଞାନେନ୍ଦ୍ର ବଲ୍ଲଭ ରାଉତରା ଧନ୍ୟବାଦ ଅର୍ପଣ କରିଥିଲେ।

## ଖବରଦାତାଙ୍କ ସୁରକ୍ଷା, ପେନସନ୍ ଦାବି

ଯାଜପୁର ଟାଉନ,୨୫।୮(ଡିଏନଏ)

**ଜେୟୁଜେ ପକ୍ଷରୁ ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ**

ଯାଜପୁର ବରୁହାଁ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଯାଜପୁର ଜିଲା ଖବରଦାତା ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର ଜିଲା ଖବରଦାତା ସଂଘ ସଭାପତି ସମରଜିତ ମହାନ୍ତି ସଭାପତିତ୍ୱ କରିଥିଲେ। ଖବରଦାତାଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ନୂତନ ଆଇନ୍ ପ୍ରଣୟନ କରିବା ସହ ଖବରଦାତାଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ ବୋଲି ଆଲୋଚନା ହୋଇଥିଲା। ଯାଜପୁର ଜିଲା ଖବରଦାତା ସଂଘ (ଜେୟୁଜେ) ସେପ୍ଟେମ୍ବରରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କରାଯିବାକୁ ସ୍ଥିର କରାଯାଇଥିଲା। ଜିଲା ସମ୍ପାଦକ ରଞ୍ଜିତ ରାଉତ ସ୍ୱାଗତ ଭାଷଣ ଦେଇ ଆଗାମୀ ଦିନରେ ସଂଘକୁ କିପରି ଶକ୍ତିଶାଳୀ କରିହେବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ଅଭୟ କୁମାର ପତି ଯୋଗଦେଇ ଖବରଦାତାଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର କରିଥିବା ଯୋଜନାର ନୀତି ପ୍ରଣୟନ କରିବାକୁ ଦାବି କରିଥିଲେ। ଓୟୁଜେ ଟ୍ରିବୁନାଲ ଅଧ୍ୟକ୍ଷ ରାଜୀବ ମହାନ୍ତି ଜିଲାରେ ଖବରଦାତାଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ଯାଜପୁର ସଦର ଥାନାଧିକାରୀ ବଂଶୀଧର ବେହେରା, ସତ୍ୟନାରାୟଣ ବଣିକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପରିଡା ଓ ବାବା ହରେକୃଷ୍ଣ ଦାସ ମହାବିଦ୍ୟାଳୟ, ମାର୍କଣ୍ଡପୁରର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସୁବୁଦ୍ଧିରାୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ଜିଲା ଉପସଭାପତି ଶ୍ରୀକାନ୍ତ ରାୟ, ମନୋଜ କୁମାର ପୃଷ୍ଟି, ଦେବପ୍ରସାଦ ସାହୁ, ପ୍ରଶାନ୍ତ କୁମାର ଜେନା, ସମ୍ପାଦକ ରାମକୃଷ୍ଣ ଦାସ, ଦିଲୀପ କୁମାର ଦାସ, ସଞ୍ଜୀବ କୁମାର ନାୟକ, ବ୍ରଜକିଶୋର ରାଉତ, ସାଙ୍ଗଠନିକ ସମ୍ପାଦକ ହେମେଶ କୁମାର ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସାହୁ, ମହେନ୍ଦ୍ର ସ୍ୱାଇଁ, ଅଜୟ କୁମାର ରାଉଳ ପ୍ରମୁଖ ବହୁ ଖବରଦାତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ରାମକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା, ରସୁଲପୁର ବ୍ଲକ ପାଇଁ ଏମ୍‌ପିଙ୍କ ପ୍ରତିନିଧି ଘୋଷଣା

ଧର୍ମଶାଳା,୨୫।୮(ଡି.ଏନ୍.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି କର୍ମକର୍ତ୍ତାଙ୍କର ଏକ ବୈଠକ ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଦଳୀୟ ସଂଗଠନ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଧର୍ମଶାଳା ଓ ରସୁଲପୁର ବ୍ଲକ ପାଇଁ ଏମ୍‌ପି ଧର୍ମଶାଳାରେ ଉତ୍କଳ କେଶରୀ ଦାସ ଓ ରସୁଲପୁର ବ୍ଲକରେ ପ୍ରକାଶ ସାମଲଙ୍କ ନାମ ପ୍ରତିନିଧି ଭାବେ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫୪ଟି ପଞ୍ଚାୟତସ୍ତରୀୟ ପ୍ରତିନିଧିମାନେ ଯୋଗଦେଇଥିଲେ।

## ବେକରେ ଲୁଗା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଛତିଆ,୨୫।୮(ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତର ଅମରାବତୀ ପାଟଣା ଗ୍ରାମରେ ରବିବାର ଜଣେ ଯୁବକ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣଙ୍କ ପବନା ନାୟକଙ୍କ ପୁଅ ରୁଦ୍ର ପ୍ରସାଦ ନାୟକ (୨୧)। ଘଟଣା ସ୍ଥଳରେ ବିଟ୍ ହାଉସ ଅଧିକାରୀ ଜଗଦୀଶ କର ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏଥିସହ ବୈରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୯)ରୁଜୁକରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ଅଞ୍ଚଳରେ ଏକ ଶୋକର ଛାୟା ଖେଳିଯାଇଥିଲା। ରୁଦ୍ର ଜଣେ ଭଦ୍ର ମେଳାପୀ ଯୁବକ ହୋଇଥିବାବେଳେ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ, ଶନିବାର ରାତିରେ ଘରେ ପରିବାର ଲୋକେ ଶୋଇବା ପରେ ରୁଦ୍ର ନିଜ ଶୋଇବାଘରେ ଶୋଇଥିଲେ। ରବିବାର ସକାଳୁ ବେକରେ ଲୁଗାଦେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖି ଛତିଆ ବିଟ୍ ହାଉସକୁ ଖବର ଦେଇଥିଲେ ।

## ରତ୍ନଭଣ୍ଡାର ଖୋଲିବା ଦାବିରେ ଗଣଧାରଣା



ରତ୍ନଭଣ୍ଡାର ସୁରକ୍ଷା ସମିତି ତରଫରୁ ଧାରଣା ଦିଆଯାଇଛି।

ଛତିଆ,୨୫।୮(ଡି.ଏନ୍.ଏ.)

ରତ୍ନଭଣ୍ଡାର ସୁରକ୍ଷା ସମିତି ତରଫରୁ ରବିବାର ସକାଳେ ଛତିଆ ପାନ୍ଥଶାଳା ସମ୍ମୁଖରେ ରତ୍ନଭଣ୍ଡାରର ସୁରକ୍ଷା ଓ ତାଲା ଭାଙ୍ଗିବା ଦାବିରେ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ଏଥିରେ ଶତାଧିକ ଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୁରୀ ବଡଦେଉଳର ରତ୍ନଭଣ୍ଡାରର ଚାବି ହଜିବାକୁ ନେଇ ତଦନ୍ତ କମିଶନ ଗଠନ କରାଯାଇଛି। ଏଥି ନିମନ୍ତେ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରି ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରତ୍ନଭଣ୍ଡାର ଚାବି ମିଳି ପାରି ନାହିଁ କି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯାଇନାହିଁ। ସରକାର କମିଶନ୍‌ଙ୍କ ତଦନ୍ତ ନାମରେ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ସୁଫଳ ମିଳିପାରୁ ନାହିଁ ବୋଲି ସମିତିର ଆବାହକ ଶିବାସିଷ ମହାପାତ୍ର କହିଛନ୍ତି। ସମିତିର ସଭାପତି ବୃନ୍ଦାବନ ଦାସ ଆଜାଦ୍, ରାଧା ମହାପାତ୍ର, ବିଜୟିନୀ ପଣ୍ଡା, ଶ୍ରଦ୍ଧା ମହାପାତ୍ର, ନିବେଦିତା ମହାନ୍ତି, ଦେବଶ୍ରୀ ମିଶ୍ର, ଇତିଶ୍ରୀ ମହାନ୍ତି, ଶ୍ରଦ୍ଧାଞ୍ଜଳି ମହାପାତ୍ର, ସତ୍ୟପ୍ରିୟ କୁଅଁର, ରତିକାନ୍ତ ନାୟକ, ପ୍ରଦୀପ କୁମାର ଦାସ, ବିଶ୍ୱଶ୍ରୀ ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ବିକାଶ କୁମାର ପ୍ରଧାନ, ଦୁଷ୍ମନ୍ତ ସାହୁ, ମାନସ କୁମାର ସାମଲ, ଅଶୋକ ବେହେରା, ରମେଶ ଚନ୍ଦ୍ର ପୃଷ୍ଟି, ଦେବଦତ୍ତ ମିଶ୍ର, ତପସ୍ୱିନୀ ବିନ୍ଧାଣୀ, ସାଇ ଆଶୁତୋଷ ଓଝା, ମମତା ବେହେରା, ଚିନ୍ମୟୀ ସାହୁଙ୍କ ସମେତ ଶତାଧିକ ଜଗନ୍ନାଥପ୍ରେମୀ ଉକ୍ତ ଗଣ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ ।

**ଦଖଲ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ପରିବର୍ତ୍ତନ ମାମଲା**

## ଟାଟା ଷ୍ଟିଲ ଗ୍ରାମସଭାକୁ ନେଇ ତେଜୁଛି ବିରୋଧ

ଯାଜପୁର ଅଫିସ,୨୫।୮

ଟାଟା ଷ୍ଟିଲ ସୁକିନ୍ଦା କ୍ରୋମାଇଟ ଖଣି ଲିଜ୍ ଏରିଆରେ ଦଖଲ ହୋଇଥିବା ୨୦୪.୩୦୪ ହେକ୍ଟର ଜଙ୍ଗଲ କିସମ (ସାବକ) ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ପାଇଁ କମ୍ପାନୀ ତତ୍ପରତା ପ୍ରକାଶ କରିଛି। ଗତ ୩ଦିନ ହେଲା ୩ଟି ସ୍ଥାନରେ ଏଥିପାଇଁ ଗ୍ରାମସଭା ଆୟୋଜନ କରିଥିଲେ ହେଁ ଟାଟାଷ୍ଟିଲ ବିରୋଧର ସମ୍ମୁଖୀନ ହୋଇଛି। ସୋମବାର କଳରଙ୍ଗୀଅତା ଶିବ ମନ୍ଦିର ଏବଂ ମଙ୍ଗଳବାର କାଳିଆପାଣି ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ଗ୍ରାମସଭାରେ ଗ୍ରାମବାସୀଙ୍କ ବିଭିନ୍ନ ଦାବି ଓ ବିରୋଧ ସତ୍ତ୍ୱେ ଜଙ୍ଗଲ ଜମି ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ପାଇଁ ଅନୁମୋଦିତ ହୋଇଛି। କିନ୍ତୁ ମହୁଲଖାଲରେ ଅନୁଷ୍ଠିତ ଗ୍ରାମସଭାରେ ତୀବ୍ର ବିରୋଧ କରାଯାଇଥିଲା। ମହୁଲଖାଲରେ ଗ୍ରାମସଭାର ସଫଳତା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ଅସଦ୍ ଉପାୟ ଅବଲମ୍ବନ ହେଉଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜଙ୍ଗଲ, ଜମି, ଜଳକୁ ନଷ୍ଟ କରି ଖଣି କମ୍ପାନୀମାନେ ହଜାର ହଜାର କୋଟି ଟଙ୍କା ଲାଭ କରୁଥିବାବେଳେ ପରୋକ୍ଷରେ ସେମାନଙ୍କ ସାମାଜିକ ଦାୟିତ୍ୱବୋଧକୁ ଭୁଲି ଖଣି ଅଞ୍ଚଳକୁ ଅବହେଳା କରୁଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ମତପ୍ରକାଶ ପାଉଛି।

ଟାଟା ଷ୍ଟିଲ ପୂର୍ବରୁ ହାଲ ବନ୍ଦୋବସ୍ତ ନାଁରେ ଚଞ୍ଚକତା କରି ପ୍ରାୟ ୪୦୦ ହେକ୍ଟର ଜଙ୍ଗଲ କିସମ ଜମିକୁ ନିଜ ଦଖଲକୁ ନେଇଛି। କେବଳ ଟାଟା ଷ୍ଟିଲ ନୁହେଁ, ପୂର୍ବରୁ ବିଭିନ୍ନ ଖଣି ପାଇଁ ଜିଲାର ୫୧୭୫ ଏକର ଜଙ୍ଗଲ କିସମ ଜମି ଅଣ ଜଙ୍ଗଲ ଜମିରେ ବ୍ୟବହୃତ ହୋଇଛି। ଏଥିରେ କୋଟିକୋଟି ସଂଖ୍ୟାରେ ମୂଲ୍ୟବାନ ଶାଳ, ପିଆଶାଳ, କେନ୍ଦୁ, ମହୁଲ ଆଦି ବୃକ୍ଷ କଟାଯାଇଛି। ସେହି ଅନୁପାତରେ ବୃକ୍ଷରୋପଣ ହୋଇପାରି ନାହିଁ । ସୁପ୍ରିମକୋର୍ଟରେ ଗୁରୁତ୍ୱପୂର୍ଣ୍ଣ ରାୟ ବଳରେ ୧୯୮୦ ପୂର୍ବରୁ ଜଙ୍ଗଲ ଜମିର କିସମ ଯାହା ଥିଲା ତାହା ରହିବ ବୋଲି ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି । ଫଳରେ ଖଣି କମ୍ପାନୀ ଦ୍ୱାରା ଦଖଲ ଜମି ପୁଣି ଜଙ୍ଗଲ ଜମିରେ ରୂପାନ୍ତରିତ ହୋଇଛି। ଏବେ ଓଏମ୍‌ସିର ଦଖଲ ଜଙ୍ଗଲ ଜମିରେ ପ୍ରାୟ ୫୦ହଜାର ମୂଲ୍ୟବାନ ଗଛ ରହିଛି। ସେସବୁକୁ ହାତେଇବାକୁ ଓଏମସି ମଧ୍ୟ ଗ୍ରାମସଭା ଆୟୋଜନ କରିବାକୁ ପ୍ରସ୍ତୁତ ଚଳାଇଥିବା ଜଣାପଡିଛି। ୫୦ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ଜିଲାର ଖଣିଜ ସମ୍ପଦକୁ ଉତ୍ତୋଳନ କରି ଖଣିସଂସ୍ଥା ବହୁ ଲାଭବାନ ହୋଇଛନ୍ତି। ହେଲେ ଖଣି ପାଇଁ ନିଜର ଭିଟାମାଟି ଛାଡିଥିବା ଅବା କ୍ଷତିଗ୍ରସ୍ତ ହୋଇଥିବା ଲୋକେ ଯାହା ଆଶା କରିଥିଲେ ତାହା ସେମାନଙ୍କୁ ମିଳିନାହିଁ। ପ୍ରାକୃତିକ ପରିବେଶ ନଷ୍ଟ ହୋଇଛି। ସାମାଜିକ ଦାୟିତ୍ୱବୋଧକୁ ଖଣି ସଂସ୍ଥାମାନେ ଭୁଲିଯିବାରୁ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନୟନ ହୋଇପାରି ନାହିଁ। ଡାକ୍ତରଖାନା ନାହିଁ କି ସ୍କୁଲ ବି ନାହିଁ। ଟାଟା ଷ୍ଟିଲ ପକ୍ଷରୁ ଯେଉଁ ଡାକ୍ତରଖାନା ହୋଇଛି ସେଠାରେ ଡାକ୍ତରଙ୍କୁ ଦେଖାଇଲେ ୪୦ଟଙ୍କା ଏବଂ ଭର୍ତ୍ତି ହେଲେ ୭୦୦ ଟଙ୍କା ଦେବାକୁ ପଡୁଛି। ଏଥିଯୋଗୁ ପୁଞ୍ଜିଭୂତ ଅସନ୍ତୋଷ ଏବେ ବିରୋଧାଭାସ ଆଡକୁ ମୁହାଁଇଛି। ସ୍ୱତଃପ୍ରବୃତ୍ତ ଭାବେ ଖଣିସଂସ୍ଥାଗୁଡିକୁ ସମର୍ଥନ ମିଳୁନାହିଁ। କିଛି ଲୋକଙ୍କୁ ଅର୍ଥ ବଳରେ ବଶୀଭୂତ କରି ସମର୍ଥନ ହାସଲ କରୁଥିବାବେଳେ ଯେଉଁଠାରେ ସଚେତନତା ରହିଛି ସେଠାରେ ଖଣି କର୍ତ୍ତୃପକ୍ଷ ଅଡୁଆରେ ପଡୁଛନ୍ତି। ଟାଟା ଷ୍ଟିଲ ଅବସ୍ଥା ଅନୁରୂପ ହୋଇଛି। ଭୀମଟାଙ୍ଗର ଫେକର ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଦୁଃଖ ଲାଘବ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ଧ୍ୟାନ ନ ଦେବାରୁ ଅସନ୍ତୋଷ ଲାଗି ରହିଛି। ଆଇଡିସି କ୍ରୋମାଇଟ ଖଣି ଦ୍ୱାରା କ୍ଷତିଗ୍ରସ୍ତ ତଳଙ୍ଗି-ଓସ୍ତପାଳ ଗ୍ରାମର ପ୍ରଜାଙ୍କ ସମସ୍ୟା ଏବେ ବି ଅସମାହିତ ରହିଛି। ତୈଳଙ୍ଗି-ଓସ୍ତପାଳ କ୍ଷତିଗ୍ରସ୍ତ ପ୍ରଜା ପୁଣି ଏକ ୫ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୂର୍ବରୁ ପ୍ରଦାନ କରିଛନ୍ତି। ପୀଡ଼ିତ, କ୍ଷତିଗ୍ରସ୍ତ ପ୍ରଜାଙ୍କ ସ୍ୱାର୍ଥ ପରିପନ୍ଥୀ କମ୍ପାନୀ ସ୍ୱାର୍ଥ ଓ ମୁନାଫା ବୃଦ୍ଧିରେ ସ୍ଥାନୀୟ ପ୍ରଶାସନର ତତ୍ପରତା, ଚଞ୍ଚକତା ପୀଡ଼ାଦାୟକ ହୋଇଯାଉଛି ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। ଓଏମ୍‌ସି ସୁକୁରଙ୍ଗୀ କ୍ରୋମାଇଟ ଖଣି ଲିଜ ଏରିଆରେ ୨୨୭.୦୨ ଏକର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଡିସେମ୍ବର ୧୮ରେ ସୁକୁରଙ୍ଗି ଓ ସାରୁଆବିଲ ରାଜସ୍ୱ ଗ୍ରାମରେ ଅନୁଷ୍ଠିତ ପଲ୍ଲୀସଭାରେ ଅନୁମୋଦିତ ହୋଇଛି। ଏହାକୁ ବେଆଇନ ଘୋଷଣା କରାଯାଉ ବୋଲି ଏବେ ଦାବି ଉଠିଛି। କିନ୍ତୁ ଟାଟାର ଦଖଲ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ କଦାପି କରି ଦିଆଯିବ ନାହିଁ ବୋଲି ସୁକିନ୍ଦା ଖଣି ଅଞ୍ଚଳ ବିସ୍ଥାପନ ବିରୋଧୀ ଜନମଞ୍ଚ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି।

**ଖଣି ଅଞ୍ଚଳକୁ ଅବହେଳା ପଡୁଛି ମହଙ୍ଗା**

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଡେରାବିଶ, ୨୫।୮ (ସ୍ୱ.ପ୍ର.):** ଡେରାବିଶ ଥାନା ଅଧୀନ ବୀର ନୀଳକଣ୍ଠପୁର-୧ ଗ୍ରାମରେ ସାପ କାମୁଡ଼ାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୀତବାସ ଜେନାଙ୍କ ସ୍ତ୍ରୀ କବିତା(୫୩)। ରବିବାର ଅପରାହ୍ନରେ କବିତା ନିଜ ବାଡ଼ିକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ସାପଟି ତାଙ୍କ ବାମ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଛତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟାଳୟରେ ରକ୍ତଦାନ ଶିବିର




**ପାଟକୁରା, ୨୫।୮ (ଡି.ଏନ୍.ଏ.):** ଗରଦପୁର ବ୍ଲକ ଅଧୀନ ପଳସୁଧା ପଞ୍ଚାୟତସ୍ଥିତ ରାଏସର ଖରିସାଣ ଉଚ୍ଚ ବିଦ୍ୟାଳୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଚ୍‌ଡିଏଫସି ବ୍ୟାଙ୍କ ପାରାଦୀପ ଶାଖା ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ମୋଟ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ସଞ୍ଜୟ ଅଗ୍ରୱାଲ ଉପସ୍ଥିତ ଥିଲେ। ଏଚ୍‌ଡିଏଫସି ବ୍ୟାଙ୍କ ଶାଖା ପରିଚାଳିକା ପ୍ରମୋଦିନୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ଅନୁଜ କୁମାର ମହାନ୍ତି, ସମିତିସଭ୍ୟ ସୂର୍ଯ୍ୟକାନ୍ତ ଖୁଣ୍ଟିଆ ଆଲୋକ ଦଳସିଂହ, ଦୀପ୍ତିମୟୀ ସ୍ୱାଇଁ, ତାପସ ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ପ୍ରଥମ

**କେନ୍ଦ୍ରାପଡା ଅଫିସ, ୨୫।୮:** କେନ୍ଦ୍ରାପଡା ଜିଲାର ରୟାଲ ଡ୍ୟାନ୍ସ ଏକାଡେମୀର ଛାତ୍ରୀଛାତ୍ର ଭୁବନେଶ୍ୱରସ୍ଥିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା 'ନୃତ୍ୟକଳା ପ୍ରଚାର ୨୦୧୯'ରେ ପ୍ରଥମ ସ୍ଥାନ ପାଇଛନ୍ତି। ଏକାଡେମୀର ସବ ଜୁନିୟରସ୍ତରରେ ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏଥିସହ ଜୁନିୟର ଆଧୁନିକ ନୃତ୍ୟ ପ୍ରତିଯୋଗିତାରେ ଏହି ଏକାଡେମୀର ଛାତ୍ରୀଛାତ୍ର ୨ୟ ସ୍ଥାନ ଅଧିକାର କରିଛନ୍ତି।

### କୃପାସିନ୍ଧୁ ବାବାଙ୍କ ୪୧ତମ ସ୍ମରଣ ଉତ୍ସବ

**ଡେରାବିଶ, ୨୫।୮ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଚକ୍ରୋଡ଼ା ପଞ୍ଚାୟତ ନରିଲୋସ୍ଥିତ ଅରଖକୁଦ ମଠ ମୁଖ୍ୟ କୃପାସିନ୍ଧୁ ବାବାଙ୍କ ୪୧ତମ ସ୍ମରଣୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ଅଖଣ୍ଡ ନାମ ସଂକୀର୍ତ୍ତନ ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

### ଦୁର୍ଗା ମୂର୍ତ୍ତି ପାଇଁ ମାଟି ଉଠାଣ

**ଡେରାବିଶ, ୨୫।୮ (ସ୍ୱ.ପ୍ର.):** ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଖରିଦାସାହି ପୂଜା କମିଟି ପକ୍ଷରୁ ନନ୍ଦୋତ୍ସବ ତିଥିରେ ମାଟି ଉଠାଣ କରାଯାଇଛି। ଏହି ଉପଲକ୍ଷେ ଗ୍ରାମବାସୀ ବାଜା ବାଣ ଫୁଟାଇ ରୋଷଣୀରେ ଯାଇ ଚାନ୍ଦୋଳ ଫାଣ୍ଡି ନିକଟ ପଡ଼ିଆଠାରେ ପହଞ୍ଚିଥିଲେ। ପୁରୋହିତ ବୃନ୍ଦାବନ ମିଶ୍ର ରୀତିନୀତି ଅନୁଯାୟୀ ପୂଜା କରିବା ପରେ ମାଟିକୁ ଏକ ବିମାନରେ ଅଣାଯାଇଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ଲୋକମାନେ ଧୂପ ଦୀପ ଲଗାଇ ସ୍ୱାଗତ କରିଥିଲେ। ଗୌରାଙ୍ଗ ଚନ୍ଦ୍ର ଦାସ, ଭଞ୍ଜନ କୁମାର ମହାନ୍ତି, ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଦୀପ କୁମାର ଚକ୍ରବର୍ତ୍ତୀ, ବିଷ୍ଣୁପ୍ରସାଦ ସିଂ, ସୂର୍ଯ୍ୟକାନ୍ତ ଗୋସ୍ୱାମୀ ଓ ଶୁଭେନ୍ଦୁ ପ୍ରତାପ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ■ ଜିଓ ଟ୍ୟୁବ୍ ୱାଲରେ ଅଗ୍ନିକାଣ୍ଡ

# ପ୍ରକଳ୍ପ କଳା କାରନାମାକୁ ଘୋଡ଼ାଇବାକୁ ଉଦ୍ୟମ

- ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ
- ନିର୍ମାଣ ସମୟରେ ଫାଟିଥିଲା ୨୬ ନଂ. ଟ୍ୟୁବ୍
- ଗାବିଅନ ବକ୍ସ ଜାଲ ସମୁଦ୍ର ଜୁଆର ମାଡ଼ରେ ଛିଡ଼ିଥିଲା

**କେନ୍ଦ୍ରାପଡା ଅଫିସ, ୨୫।୮**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ପେଣ୍ଠ ବେଳାଭୂମିସ୍ଥିତ ଜିଓ ସିନ୍ଥେଟିକ ଟ୍ୟୁବ୍ ୱାଲରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିବା ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏହାର କାରଣ ଅସ୍ପଷ୍ଟ ଥିବାବେଳେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଟ୍ୟୁବ୍ ୱାଲ୍‌ର ଗାବିୟନ ବକ୍ସରେ ଲାଗିଥିବା ସିନ୍ଥେଟିକ ଜାଲ ନଷ୍ଟ ହୋଇଯାଇଛି। ଫଳରେ ସେଠାରେ ଥିବା ବହୁ ପଥର ସମୁଦ୍ର ଗର୍ଭକୁ ଚାଲିଯାଇଛି। ଏହି ନିଆଁ ଲାଗିବା ପରେ ସମୁଦ୍ର ଉପକୂଳବର୍ତ୍ତୀ ୫୬ ଗ୍ରାମର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି ଲୁଣା ତଟବନ୍ଧ ବିଭାଗ, ଜଳ ସମ୍ପଦ ବିଭାଗ, ଜିଲା ପ୍ରଶାସନର ପ୍ରତିନିଧିମାନେ ସେଠାରେ ପହଞ୍ଚି ଅଗ୍ନିକାଣ୍ଡର ତଦନ୍ତ ଆରମ୍ଭ କରିଛନ୍ତି। ଜିଓ ଟ୍ୟୁବ୍ ୱାଲରେ ଦୁର୍ଘଟଣା ହେବା ଘଟଣା ନୂଆ ହୋଇ ନ ଥିବା ବେଳେ ଏହା ପୂର୍ବରୁ ୨୦୧୭ରେ ପ୍ରକଳ୍ପ ନିର୍ମାଣ ସମୟରେ ଏହାର ୨୬ ନଂ. ଟ୍ୟୁବ ଫାଟି ଯାଇଥିଲା। ପୁନର୍ବାର ପ୍ରକଳ୍ପ କାର୍ଯ୍ୟ ଶେଷ ହେବାପରେ ଗାବିଅନ ବକ୍ସର ଜାଲ ସମୁଦ୍ର ଜୁଆର ମାଡ଼ରେ ଛିଡ଼ିବା ନେଇ ଅଭିଯୋଗ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣରେ ବହୁ କୋଟି ଟଙ୍କାର ଅନିୟମିତତା ହୋଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିଲା। ୱାଲ ନିର୍ମାଣ ପରେ ତଟବର୍ତ୍ତୀ ଅଞ୍ଚଳରେ ବାଲି ପଡ଼ି ନ ଥିବା ଜଣାପଡିଥିଲା। ମାତ୍ର ୨ ବର୍ଷ ପୂର୍ବେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏବେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ୩୩ କୋଟି ଟଙ୍କାର ଏହି ପ୍ରକଳ୍ପର ଫେଲ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ବିଫଳ ପ୍ରକଳ୍ପର କଳାକାରନାମାକୁ ଘୋଡାଇବା ପାଇଁ ଏବେ ଉଦ୍ୟମ ଚାଲିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷେ ଜିଓ ଟ୍ୟୁବ୍‌ରେ ନିଆଁ ଲାଗିବା ଦ୍ୱାରା ସମୁଦ୍ର ନିକଟସ୍ଥ ୫୬ଟି ଗ୍ରାମରେ ବସବାସ କରୁଥିବା ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସୁରକ୍ଷା ଚିନ୍ତା ବଢ଼ିଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ମୋଟ ୪୮୦ କି.ମି. ତଟାଞ୍ଚଳ ମଧ୍ୟରୁ ପ୍ରାୟ ୪୦ କିଲୋମିଟର ସ୍ଥାନରେ ସମୁଦ୍ର ଜଳପତନ ଉଚ୍ଚା ହୋଇ ସ୍ଥଳଭାଗକୁ ମାଡି ଆସୁଛି। ଏହି କାରଣରୁ କେନ୍ଦ୍ରାପଡା ଜିଲାର ସାତଭାୟା ପଞ୍ଚାୟତର ୫ଟି ଗ୍ରାମ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ପେଣ୍ଠଠାରେ ସମୁଦ୍ର ପ୍ରତିବର୍ଷ ୧୨ ମିଟର ସ୍ଥଳଭାଗକୁ ମାଡି ଆସୁଥିଲା। ଏଠାରେ ସମୁଦ୍ରର ଜଳ ପତନ ପ୍ରାୟ ୩ ମିଟର ଉଚ୍ଚା ହୋଇଥିବାରୁ ୱାର୍ଲ୍ଡ ବ୍ୟାଙ୍କର ଅନୁଦାନରେ ୭ ମିଟର ଉଚ୍ଚ ବିଶିଷ୍ଟ ଜିଓ ଟ୍ୟୁବ ୱାଲ ନିର୍ମାଣ କରାଯାଇଥିଲା। ପ୍ରାଥମିକସ୍ତରରେ ୭୦୦ ମିଟର ଲମ୍ବର ଜିଓ ଟ୍ୟୁବ୍ ନିର୍ମାଣ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ୫୦୫ ମିଟର ଲମ୍ବରେ ସୀମିତ ରଖାଯାଇଥିଲା। ୨୦୦୯ ଜାନୁୟାରୀ ୩୦ରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଜିଓ ଟ୍ୟୁବରେ ବାଲି ପୂରାଇ ବିଛାଯିବା ସହ ସୁରକ୍ଷା ପାଇଁ ୧୬ ମିଲିମିଟରର ସିନ୍ଥେଟିକ ଜାଲ ମଧ୍ୟରେ ପଥର ରଖାଯାଇଛି।

ଏ ସମ୍ପର୍କରେ ପେଣ୍ଠ ଗ୍ରାମର କୃତିବାସ ସ୍ୱାଇଁ କୁହନ୍ତି, ଟ୍ୟୁବ୍‌ରେ ନିଆଁ ଲାଗିବା ପରେ ପେଣ୍ଠ, ଏଣ୍ଡୁଳାସାହି, ପ୍ରସନ୍ନପୁର, ସୁନ୍ଦୁରୀପାଳ, ଖଣ୍ଡମରା ଗ୍ରାମର ଭଳି ବହୁ ଗ୍ରାମର ଲୋକେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡିଛନ୍ତି। ପୂର୍ବରୁ ତଟକ୍ଷୟ ଯୋଗୁ ସ୍ଥାନୀୟ ଲୋକେ ବ୍ୟସ୍ତବିବ୍ରତ ରହୁଥିବା ବେଳେ ପ୍ରକଳ୍ପ ନିର୍ମାଣ ପରେ ଗ୍ରାମବାସୀ କିଛି ଆଶ୍ୱସ୍ତି ଲାଭ କରିଥିଲେ। ଏବେ ଧନ ଜୀବନ ପୁଣି ସଙ୍କଟରେ ରହିଥିବା ନେଇ ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସେହିପରି ପ୍ରସନ୍ନପୁରର ଦଇତାରୀ ସାମଲ କହିଛନ୍ତି, ପ୍ରକଳ୍ପ ନିର୍ମାଣ ଆରମ୍ଭରୁ ବିଭିନ୍ନ କ୍ଷେତ୍ରରେ ଅନିୟମିତତା ହୋଇଛି। ଉପଯୁକ୍ତ ସାମଗ୍ରୀ ବ୍ୟବହାର ହୋଇ ନ ଥିବା ବେଳେ ବୈଷୟିକ କୌଶଳ ପାଇଁ କୌଣସି ଇଞ୍ଜିନିୟର ସବୁ ସମୟରେ ରହୁ ନ ଥିଲେ। ଦୁର୍ବଳ ପ୍ରକଳ୍ପ ପାଇଁ ପଥର ଭାସି ଯାଉଛି। ଏଠାରେ ବନ୍ଧ ପରେ ବାଲି ୫୦୦ ମିଟର ଯାଏଁ ଆପଣା ଛାଏଁ ପଡିବ ବୋଲି ଦର୍ଶାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ହୋଇନାହିଁ ବୋଲି ସାମଲ ଅଭିଯୋଗ କରିଛନ୍ତି।

ଏହି ପ୍ରକଳ୍ପ ବିଫଳ ହୋଇଥିବାରୁ ଏହାର କଳାକାରନାମା ଲୁଚାଇବା ପାଇଁ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ନିଆଁ ଲଗାଯାଇଛି ବୋଲି ବୁଦ୍ଧିଜୀବୀ ବିଧୁଭୂଷଣ ମହାପାତ୍ର, ବାନାମ୍ବର ସାହୁ, ରାଧାକାନ୍ତ ମହାନ୍ତି, ଆଳୟ ସାମନ୍ତରାୟ ପ୍ରମୁଖ କହିଛନ୍ତି। ନିଆଁ ଲାଗିବାର କାରଣ ଏବେ ଅନୁସନ୍ଧାନ ଚାଲିଛି ବୋଲି ଆଳି ଲୁଣା ତଟବନ୍ଧ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ କହିଛନ୍ତି।

## ଭାଜପା ପକ୍ଷରୁ ଜେଟ୍‌ଲୀଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା କର୍ମକର୍ତ୍ତାମାନେ।

**ପଟ୍ଟାମୁଣ୍ଡାଇ, ୨୫।୮ (ସ୍ୱ.ପ୍ର.)**

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ରବିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଜେଟଲୀଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଆତ୍ମାର ସଦ୍‌ଗତୀ କାମନା କରାଯାଇଥିଲା। ସଭାରେ ସଞ୍ଜୟ ସାହୁ, ସୁଧାଂଶୁ ଜେନା, ବ୍ରଜକିଶୋର ଭୂୟାଁ, ବିଦ୍ୟାଧର ସେଠୀ, ଦେବାଶିଷ ମଲ୍ଲିକ, ହିମାଂଶୁ ତ୍ରିପାଠୀ, ପ୍ରଫୁଲ୍ଲ ପାତ୍ର, ବିଦ୍ୟାଧର ମଳିକ, ଶେଖ୍ ଅମରୁଲ୍, ରବୀନ୍ଦ୍ର ବିଶ୍ୱାଳ, ବିମଳ ତ୍ରିପାଠୀ, ଅଶୋକ ସାହୁ, ରବୀନ୍ଦ୍ର ବାୟୀ, ଅଶୋକ ସାହୁ, ଅଶୋକ ପ୍ରଧାନ, ବଳରାମ ମଲ୍ଲିକ, ବସନ୍ତ ଚୌଧୁରୀ, ପୀତାମ୍ବର କର ପ୍ରମୁଖ ଯୋଗଦେଇ ଜେଟଲୀଙ୍କ କର୍ମଧାରା ସମ୍ପର୍କରେ ଆଲୋଚନା କରିଥିଲେ।

## ବଜ୍ରପାତରେ ଚାଷୀ ମୃତ

**ମହାକାଳପଡ଼ା୨୫।୮ (ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ଗ୍ରାମରେ ରବିବାର ବଜ୍ରପାତ ଘଟି ଜଣେ ଚାଷୀଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କୃପାସିନ୍ଧୁ ରାଉତ(୫୮)। ସେ ବିଲରେ ଚାଷ କାମ କରୁଥିବାବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ କୃପାସିନ୍ଧୁଙ୍କ ଉପରେ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ମହାକାଳପଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯)ରୁଜୁ କରି ଦତନ୍ତ ଚଳାଇଛି।

# ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ମେଳାରେ ଉପସ୍ଥିତ ଅତିଥିମାନେ।

**ରାଜକନିକା, ୨୫।୮ (ଡି.ଏନ୍.ଏ.)**

ରାଜକନିକା ବ୍ଲକ କାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ଏହି ଜ୍ଞାନବିଜ୍ଞାନ ମେଳାରେ ରାଜକନିକା ଓ ଆଳି ବ୍ଲକ ଅନ୍ତର୍ଗତ ୮ ବିଦ୍ୟାଳୟର ୨୩୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମୋଟ ୫୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମେଳାରେ ଆଳି ବ୍ଲକର ଆଳି, ଭୂଇଁପୁର, ଜୁଆଣିଆ ଓ ରାଜକନିକା ବ୍ଲକର ଦେଉଳତରା, ରାଜକନିକା, ଜୟନଗର, ବରାଡିଆ ଏବଂ କାଟଣା ଶିଶୁମନ୍ଦିରର ଛାତ୍ରୀଛାତ୍ର ଭାଗନେଇଥିଲେ। ବିଚାରକ ଭାବେ ନବକିଶୋର ସୂତାର, ଅରୁଣ ଜେନା, ଗଗନ ମିଶ୍ର, ଅରବିନ୍ଦ ନାୟକ ଯୋଗଦେଇ ପ୍ରକଳ୍ପଗୁଡିକ ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହାରା ନର୍ସିଂହୋମର ଡାକ୍ତର ଅଜୟ କୁମାର ମହାପାତ୍ର, ମୁଖ୍ୟବକ୍ତାଭାବେ ଆଳି ସଙ୍କୁଳ ପ୍ରମୁଖ କପିଳ ମିଶ୍ର, ସରପଞ୍ଚ ନିରାକାର ସେଠୀ ପ୍ରମୁଖ ଯୋଗଦେଇ ଏହି ବିଜ୍ଞାନ ପ୍ରଦର୍ଶନୀକୁ ପ୍ରଶଂସା କରିଥିଲେ। ସଭାପତି ଧନୁର୍ଜୟ ଦାସ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମକୁ ସୁଶ୍ରୀ ଜାନକୀ ଦାସ ସଂଯୋଜନା କରିଥିଲେ। ନିରାକାର ମାହୁନ୍ତ, ବବିତା କୁଣ୍ଡ ଓ ଦେବବ୍ରତ ବେହେରା ଏହାକୁ ପରିଚାଳନା କରିଥିଲେ। ମେଳାରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରୀ ସହ ସେମାନଙ୍କ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା।

## ୩୩ ଲିଟର ମଦ ଜବତ

**କେନ୍ଦ୍ରାପଡା ଅଫିସ, ୨୫।୮**

କେନ୍ଦ୍ରାପଡା ସଦର ଓ ଟାଉନ ପୋଲିସ ପକ୍ଷରୁ ୨ଟି ସ୍ଥାନ ଚଢ଼ାଉ କରି ୩୩ ଲିଟର ମଦ ରବିବାର ଜବତ କରାଯାଇଛି। ସଦର ପୋଲିସ ପକ୍ଷରୁ ବାଲିଆ ଗ୍ରାମର ଗଗନ ମଲିକଙ୍କ ଘର ଉପରେ ଚଢ଼ାଉ କରାଯାଇ ୧୮ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିପରି ଟାଉନ ପୋଲିସ ସହରର ଚାଟରାପାଟଣା ଗ୍ରାମର ସୁରେଶ ଚନ୍ଦ୍ରଙ୍କ ଘରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏହି ୨ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା।

## ବଜ୍ରପାତରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

**ମାର୍ଶାଘାଇ, ୨୫।୮ (ଡି.ଏନ.ଏ.)**

ମାର୍ଶାଘାଇ ଥାନା କରଞ୍ଜ ଗ୍ରାମରେ ଗତ ବୁଧବାର ଅପରାହ୍ନରେ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଘଟି ସେହି ଗ୍ରାମର ରଙ୍ଗନାଥ ବେହେରା(୫୨) ଏବଂ ପପୁନି ଦାସ(୨୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପାଇବା ପରେ ରବିବାର ଅପରାହ୍ନରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଉଭୟ ମୃତକଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବିଧାୟକଙ୍କ ସହ ବହୁ ବିଜେଡି କର୍ମୀ ଯାଇଥିଲେ।

## ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

### କୁମ୍ଭୀର ଟାଣି ନେବା ସନ୍ଦେହ

**ପଟ୍ଟାମୁଣ୍ଡାଇ, ୨୫।୮ (ଡି.ଏନ.ଏ.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀକୁ ରବିବାର ଅପରାହ୍ନରେ ଗାଧୋଇବାକୁ ଯାଇ ଚନ୍ଦନ ଦେ(୨୪) ନାମକ ଜଣେ ଯୁବକ ନିଖୋଜ ଅଛନ୍ତି। ତାଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ କରାଯାଉଛି।

ପ୍ରକାଶ ଯେ, ସକାଳେ ଚନ୍ଦନ ନୀଳକଣ୍ଠପୁର ଗ୍ରାମର ୬ ଜଣଙ୍କ ସହିତ ରାଜମିସ୍ତ୍ରୀ କାମ କରିବାକୁ ଜଗନ୍ନାଥପୁର ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ତାଙ୍କ ମୋବାଇଲ ସାଙ୍ଗକୁ ଧରିବାକୁ ଦେଇ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ ନ ଆସିବାରୁ ତାଙ୍କୁ କୁମ୍ଭୀର ଟାଣି ନେଇଥିବା ସନ୍ଦେହ କରାଯାଉଛି। ନଦୀ କୂଳରେ ତାଙ୍କ ଜାମା, ପ୍ୟାଣ୍ଟ ଓ ଚପଲ ଥୁଆ ହୋଇଥିବା ଦେଖିବାକୁ ମିଳିଛି। ଚନ୍ଦନଙ୍କ ଘର ନୀଳକଣ୍ଠପୁର ଗ୍ରାମରେ ଓ ସେ ସ୍ୱର୍ଗତ ହରିଶ୍ଚନ୍ଦ୍ର ଦେଙ୍କ ପୁଅ। ସୂଚନାଯୋଗ୍ୟ ଯେ, ବ୍ରାହ୍ମଣୀ ନଦୀରେ କୁମ୍ଭୀର ଉପଦ୍ରବ ବୃଦ୍ଧି ପାଇଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

## ରଣାସାପ କାମୁଡ଼ାରେ ଛାତ୍ର ମୃତ

**ମାର୍ଶାଘାଇ/ମହାକାଳପଡା, ୨୫।୮ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅନ୍ତର୍ଗତ ବେଲାର ନୂଆଗାଁ ଗ୍ରାମରେ ସାପ କାମୁଡାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ବେଲାର ନୂଆଗାଁ ଗ୍ରାମର ରଞ୍ଜିତ ସେନାପତିଙ୍କ ପୁଅ ମନୋଜ (୧୫) ବିଛଣାରେ ଶୋଇଥିବା ସମୟରେ ରବିବାର ଭୋରରୁ ତାଙ୍କୁ ଏକ ରଣା ସାପ କାମୁଡ଼ି ଦେଇଥିଲା। ମନୋଜଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମନୋଜ ବେଲାର ନୁଆଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିଲେ। ସୂଚନାଯୋଗ୍ୟ ରଞ୍ଜିତଙ୍କ ବଡପୁଅ ମଧ୍ୟ ୩ ବର୍ଷ ପୂର୍ବେ ସାପ କାମୁଡାରେ ମୃତ୍ୟୁବରଣ କରିଥିଲେ। ମନୋଜଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ■ ପଟ୍ଟାମୁଣ୍ଡାଇ ମହିଳା କଲେଜ

# ଲାଇବ୍ରେରି ବହି କିଣାରେ ଟଙ୍କା ହଡ଼ପ ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୨୫।୮ (ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଲାଇବ୍ରେରୀ ପାଇଁ ବହି କିଣାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଯୁକ୍ତ ୩ ମହିଳା କଲେଜ ଅଧ୍ୟକ୍ଷା ପ୍ରଭାବତୀ ପଢିହାରୀ ଗତ ୨୦୧୮ ସେପ୍ଟେମ୍ବର ୨୮ ତାରିଖରେ କଲେଜର ସହକାରୀ ଲାଇବ୍ରେରିଆନ ରତି ରଞ୍ଜନ ନାୟକଙ୍କୁ କଟକରୁ କଲେଜ ଲାଇବ୍ରେରୀ ନିମନ୍ତେ ବହି କିଣିବାକୁ ଅଗ୍ରୀମ ଆକାରରେ ୭୦ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଲାଇବ୍ରେରିଆନ ନାୟକ ଚେକ ନମ୍ବର ୦୦୪୫୨୯ରେ ୭୦ହଜାର ଟଙ୍କା କଲେଜ କ୍ୟାସ ସେକସନରୁ ଗ୍ରହଣ କରିଥିଲେ। କିନ୍ତୁ କଲେଜ ଅଧ୍ୟକ୍ଷା ପଢିହାରୀ ସେହିବର୍ଷ ନଭେମ୍ବର ୧୯ ତାରିଖରେ କଲେଜ ସହକାରୀ ଲାଇବ୍ରେରୀଆନ ନାୟକଙ୍କୁ ପୁନର୍ବାର କଟକରୁ ଲାଇବ୍ରେରୀ ଲାଗି ବହି କିଣିବା ନିମନ୍ତେ ୭୦ହଜାର ଟଙ୍କା ଅଗ୍ରୀମ ପ୍ରଦାନ କରିବାକୁ କ୍ୟାସ ସେକସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇଟି ଯାକ ନିର୍ଦ୍ଦେଶ ବଳରେ ଦୁଇଥରରେ ୧ ଲକ୍ଷ ୪୦ହଜାର ଟଙ୍କା କଲେଜର ସହକାରୀ ଲାଇବ୍ରେରିଆନ ନାୟକଙ୍କୁ ପେମେଣ୍ଟ କରାଯାଇଥିବା କଲେଜ କ୍ୟାସବୁକରେ ସ୍ଥାନିତ ହୋଇଛି। କିନ୍ତୁ ଏହି ଅର୍ଥରେ କଲେଜର କୌଣସି ବହି କିଣାଯାଇ ନ ଥିବା ଅଭିଯୋଗ ହୋଇଛି। ଏଭଳି ଆର୍ଥିକ ଅନିୟମିତତାର ନିରପେକ୍ଷ ତଦନ୍ତ କରାଯିବାକୁ କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳର ଅଭିଭାବକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ମାତ୍ର ଏ ଦିଗରେ କୌଣସି ତଦନ୍ତ କରାଯାଇନାହିଁ। ଏ ସମ୍ପର୍କରେ ମହିଳା କଲେଜ ଅଧ୍ୟକ୍ଷା ପଢିହାରୀଙ୍କୁ ଯୋଗାଯୋଗ କରିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ, ଲାଇବ୍ରେରି ପାଇଁ ଥରେ ବହି କିଣାଯାଇଛି। ବହି କିଣିବା ପାଇଁ ୨ଥର ନିଷ୍ପତ୍ତି ହୋଇଥିଲେ ହେଁ ୭୦ହଜାର ଟଙ୍କା ଉଠାଣ ହୋଇଥିଲା।

## ଅନ୍ତର୍ଜାତୀୟ ଟାଏକୋଣ୍ଡା ପ୍ରତିଯୋଗିତାରେ ଜିଲାରୁ ୪ ସଫଳ ପ୍ରତିଯୋଗୀ

**କେନ୍ଦ୍ରାପଡା ଅଫିସ, ୨୫।୮**

ଦିଲ୍ଲୀସ୍ଥିତ ତାଲକୋଟରା ଇନଡୋର ଷ୍ଟାଡିୟମରେ ଗତ ୨୩ରୁ ୨୫ ପର୍ଯ୍ୟନ୍ତ ଏମକେ ଇଣ୍ଟରନ୍ୟାସନାଲ ଓପନ ଟାଏକୋଣ୍ଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରପଡା ଜିଲାରୁ ୪ ପ୍ରତିଯୋଗୀ ବିଭିନ୍ନ ବର୍ଗରେ କୃତୀତ୍ୱ ହାସଲ କରିଛନ୍ତି। କୋଚ କିଶୋର ଚନ୍ଦ୍ର ନେତୃତ୍ୱରେ ଯାଇଥିବା ପ୍ରତିଯୋଗୀ ସିବିସ୍ୱାଗତିକା ଦାସ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ଜ୍ୟୋତିରାଦିତ୍ୟ ସେଠୀଙ୍କୁ ରୌପ୍ୟ, ସଦ୍ୟସ୍ମିତା ନାୟକ ଓ ପ୍ରତୀକ୍ଷା ପରମିତା ଦାସଙ୍କୁ ବ୍ରୋଞ୍ଜ ମେଡାଲ ମିଳିଛି। ଏହି ପ୍ରତିଯୋଗିତାରେ ୧୨ଟି ଦେଶର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କ ଏହି କୃତୀତ୍ୱ ପାଇଁ କେନ୍ଦ୍ରାପଡା ଜିଲା ଟାଏକୋଣ୍ଡା ଆସୋସିଏଶନ ସଭାପତି ଦେବାଶିଷ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ୱିକିପିଡିଆ ୱେବ୍ ତାଲିକାରେ ସଙ୍ଗୀତକାର ପ୍ରେମାନନ୍ଦ

### ରାଜ୍ୟରେ ଶ୍ରୋତାଙ୍କ ପ୍ରଥମ ପସନ୍ଦ ପାଲଟିଲେ

**ମାର୍ଶାଘାଇ, ୨୫।୮ (ଡି.ଏନ୍.ଏ.)**



ପ୍ରେମାନନ୍ଦ ସାମଲ

ଅନ୍ତର୍ଜାତୀୟ ଓ ଜାତୀୟ ସିନେମାଠାରୁ ଆରମ୍ଭ କରି ବିଭିନ୍ନ ଭାଷାର ସିନେମା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ୱିକିପିଡିଆ ୱେବ୍‌ସାଇଟ୍ ଅନ୍‌ଲାଇନ୍‌ରେ ଲୋକପ୍ରିୟ ହୋଇପାରିଛି। ଏହି ୱେବ୍‌ସାଇଟ୍‌ର ତାଲିକାରେ ଓଡିଆ ସଂଗୀତ ନିର୍ଦ୍ଦେଶକ ଭାବେ ପ୍ରେମାନନ୍ଦ ସାମଲ ଶ୍ରୋତା ଓ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି।

ଏହି ୱେବସାଇଟରେ ଓଡିଆ ସିନେଜଗତର ଅଭିନେତା ମିହିର ଦାସ, ଆକାଶ ଦାସ ନାୟକ, ଅନୁଭବ ମହାନ୍ତି, ବାବୁସାନଙ୍କ ସମେତ ଅଭିନେତ୍ରୀ ଅନୁ ଚୌଧୁରୀ, ଅପରାଜିତା ମହାନ୍ତି, ଅର୍ଚ୍ଚିତା ସାହୁ, ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିପରି ନିର୍ଦ୍ଦେଶକ ଅଶୋକ ପତି, ବିଜୟ ଜେନା, ବିଶ୍ୱନାଥ ରଥ, ହର ପଟ୍ଟନାୟକ, ମହମ୍ମଦ ମହସିନ, ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ଭୁବନେଶ୍ୱର ମିଶ୍ର, ବାଳକୃଷ୍ଣ ଦାସ, ଉପେନ୍ଦ୍ର କୁମାର, କଣ୍ଠଶିଳ୍ପୀ ମୁଖାର୍ଜୀ, ଅକ୍ଷୟ ମହାନ୍ତି, ଅନନ୍ୟା ନନ୍ଦ, ଅନୁରାଧା ପଡ୍‌ୱାଲ ପ୍ରମୁଖ ଓଡିଆ ସିନେକଳାକାରଙ୍କ ନାମ ରହିଛି। ୱିକିପିଡିଆ ୱେବସାଇଟ୍‌ରେ ପ୍ରେମାନନ୍ଦଙ୍କ ସଫଳତା ପରେ ବିଭିନ୍ନ ସ୍ଥାନରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ୨୪ ପଞ୍ଚାୟତରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ

**ମାର୍ଶାଘାଇ, ୨୫।୮ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୨୪ ପଞ୍ଚାୟତରେ ଇତିମଧ୍ୟରେ 'ମୋ ପଞ୍ଚାୟତ' କାର୍ଯ୍ୟକ୍ରମର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗୁଳାଇ ପଞ୍ଚାୟତର ସଭାଗୃହରେ ଆୟୋଜିତ ବ୍ଲକସ୍ତରୀୟ ମୋ ପଞ୍ଚାୟତ ବୈଠକରେ କେନ୍ଦ୍ରର ବରିଷ୍ଠ ଆଇଏଏସ୍ ସଞ୍ଜୟ ଶରଣ ଯୋଗଦେଇଥିଲେ। ଏଥିରେ ଅତିରିକ୍ତ ବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସରିତା ପ୍ରଧାନଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ବିଭାଗ ସହକାରୀ ଅଧିକାରିଣୀ ପ୍ରଣତି ମହାନ୍ତି, ଉଦ୍ୟାନ କୃଷି ସହକାରୀ ଅଧିକାରିଣୀ ଶୁଭଶ୍ରୀ କର, ପ୍ରଧାନଶିକ୍ଷକ ଅଧିକାରୀ ରବି ନାରାୟଣ ଦାଶ, ଗ୍ରାମ୍ୟ କୃଷିକର୍ମୀ ଶୋଭାଶ୍ରୀ କୁଣ୍ଡ ଓ ଅନୁପମା ପାତ୍ର ପ୍ରମୁଖ ଯୋଗଦେଇ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଳଶକ୍ତି ମିଶନ କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ ହୋଇଥିଲା। ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ରମାକାନ୍ତ ଲେଙ୍କା ଯୋଗଦେଇଥିଲେ।

## ସଂକ୍ଷେପରେ

### ରାଖାଲଙ୍କୁ ପିପିଏଲର ସହାୟତା



**ପାରାଦୀପ,୨୫।୮(ସ୍ୱ.ପ୍ର.):** ଆସନ୍ତା ସପ୍ତାହରେ ଦକ୍ଷିଣ କୋରିଆରେ ହେବାକୁ ଥିବା ହ୍ୱିଲ ଚେୟାର ଫେନସିଂ ବିଶ୍ୱକପ୍‌ରେ ଓଡ଼ିଶାର ଭିନ୍ନକ୍ଷମ ଖେଳାଳି ରାଖାଲ କୁମାର ସେଠୀ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ) ପକ୍ଷରୁ ୨୫ ହଜାର ଟଙ୍କା ସହାୟତା ଦିଆଯାଇଛି। କମ୍ପାନୀର ବିତ୍ତ ଅଧିକାରୀ ଶୈଳେଶ ପତି ଓ କର୍ପୋରେଟ୍ ମୁଖ୍ୟ ସୁଧିରଞ୍ଜନ ମିଶ୍ର ପ୍ରମୁଖ ରାଖାଲଙ୍କୁ ଭେଟି ଏହି ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପାରାଦୀପ,୨୫।୮(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ପୋଲିସ ରବିବାର ବ୍ରାଉନ୍ ସୁଗାର କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ପ୍ରଶାନ୍ତ ପାଣି। ତାଙ୍କଠାରୁ ୫.୪ ଗ୍ରାମର ବ୍ରାଉନ୍ ସୁଗାର ଜବତ କରାଯାଇଛି। ଏନେଇ କେସ୍ ନଂ.୧୪୧/୧୯ ରୁଜୁ ହୋଇଛି। ସେ ପୁଡ଼ିଆ କରି ଗାଡ଼ିରେ ରଖି ବ୍ରାଉନ ସୁଗାର ବିକ୍ରି କରୁଥିଲେ। ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି।

### ମଦ ବୋଝେଇ ଅଟୋ ଜବତ, ଚାଳକ ଗିରଫ

**ବିରିଡ଼ି,୨୫।୮(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ବିଶେଷ କରି କଟକ ଜିଲାରୁ ଏସବୁ ଚୋରାମଦ ଚାଲାଣ ହେଉଛି। ଏନେଇ ବହୁବାର ଅଭିଯୋଗ ହେବା ପରେ ରବିବାର ବିରିଡ଼ି ଥାନା ପୋଲିସ କଳନ୍ତିରା ବରୁଣେଇ ପାଖରୁ ଏକ ମଦ ବୋଝେଇ ଅଟୋ ଜବତ କରିଛି। ଏଥିସହ ଚୋରା ମଦ ଚାଲାଣ ଅଭିଯୋଗରେ କନ୍ଦରପୁର ଥାନା କେଶପୁର ଗ୍ରାମର ଭରତ ଚନ୍ଦ୍ର ଦାସ(୨୪)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଭରତ ଏକ ଅଟୋ (ନଂ.ଓଡି ୦୫-ଏଚ ୫୨୭୯)ରେ ଗଡମା ଅଞ୍ଚଳରୁ ୮ପେଟି ଦେଶୀ ମଦ ବୋଝେଇ କରି ବିରିଡି ଥାନା ଶଙ୍ଖପୁର ପଞ୍ଚାୟତ କଳନ୍ତିରା ଦେଇ ଆସୁଥିବା ଆଇଆଇସି ପାରୋ ଟୁଡୁ ଖବରପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ପୋଲିସ ଆଗୁଆ ଛକି ରହି ଉକ୍ତ ଅଟୋ ଜବତ କରିଥିଲା। ଏନେଇ କେସ୍ ନଂ. ୧୦୨/୧୯ ରୁଜୁ ହୋଇଛି। ସୋମବାର ଭରତଙ୍କୁ କୋର୍ଟଚାଲାଣ କରାଯିବ।

### ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ନାଉଗାଁ,୨୫।୮(ସ୍ୱ.ପ୍ର.):** ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରିନେଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସରପଞ୍ଚ ନରୋତ୍ତମ କାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଏହା ପରେ ଆଲମିରା ତାଲା ଭାଙ୍ଗି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଥିଲେ। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଘଟଣାର ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ ପ୍ରଜ୍ଞା ଚିତାମ୍ବର କର କହିଛନ୍ତି।

### ଫଳ ଦୋକାନରେ ଅଗ୍ନିକାଣ୍ଡ

**ନାଉଗାଁ,୨୫।୮(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଙ୍ଗଦାହାଟରେ ଥିବା ଏକ ଫଳ ଦୋକାନରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ରଞ୍ଜିତ ପଣ୍ଡାଙ୍କ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଫଳ ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ କେହି ଦୋକାନରେ ନିଆଁ ଲଗାଇଦେଇଥିବା ସେ ସନ୍ଦେହ କରୁଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

■ ରଘୁନାଥପୁର ବ୍ଲକରେ ୧୭ ପଦବୀ ଖାଲି

# ଦୁଇ ବ୍ଲକ ଦାୟିତ୍ୱରେ ୫ ଅଧିକାରୀ

**ରଘୁନାଥପୁର, ୨୫।୮ (ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ କର୍ମଚାରୀ ଅଭାବ ପରିଲକ୍ଷିତ ହୋଇଛି। ୧୭ ଗୋଟି ପଦବୀ ଖାଲି ପଡିଥିବାବେଳେ ୫ ଅଧିକାରୀ ଦୁଇଟି ଲେଖାଏ ବ୍ଲକ ଦାୟିତ୍ୱରେ ରହି କାର୍ଯ୍ୟ କରୁଥିବାର ଜଣାପଡିଛି। ଫଳରେ ସରକାରୀ ଓ ଜନସାଧାରଣଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜୁଛି। ଅବଶିଷ୍ଟ କର୍ମଚାରୀଙ୍କ ଉପରେ ଅଧିକ କାର୍ଯ୍ୟଭାର ପଡୁଥିବାରୁ ସରକାରଙ୍କ ୫ ଟି ଚିନ୍ତାଧାରା ବ୍ଲକରେ ବିଫଳ ହୋଇଛି। ଏଇଇ, ସିଇଓ, ଡେଭଲପମେଣ୍ଟ କିରାଣି, ୫ ଜଣ ପିଇଓ, ବିଏସଏସଓ, ୨ଟି ସିନିୟର କିରାଣି, ୨ ଜେଇ, ଜୁନିୟର କିରାଣି, ଏମ୍‌ଜିଏନ୍‌ଆରଇଜିଏସ୍ ଏପିଓ ଏବଂ ୨ ପିଅନ ପଦବୀ ଖାଲି ପଡିଛି। ସହକାରୀ ଯନ୍ତ୍ରୀ, ଆକାଉଣ୍ଟସ୍ ଅଫିସର, ଡବ୍ଲୁଇଓ, ଆଇପିଓ ଏବଂ ଏମ୍‌ଆଇ ପଦବୀରେ ଥିବା କର୍ମଚାରୀମାନେ ଦୁଇଟି ବ୍ଲକ ଦାୟିତ୍ୱରେ ରହି କାମ କରୁଛନ୍ତି। ଏହାଛଡା ବ୍ଲକର ଜିପିଓ ଶରୀର ଖରାପ ଯୋଗୁ ଛୁଟିରେ ଥିବାରୁ ପିଏ ନିଜ କାର୍ଯ୍ୟ ସହ ଜିପିଓଙ୍କ ଚାର୍ଜରେ ରହି କାମ ତୁଲାଉଛନ୍ତି। ଏପରିକି ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ)ମାନେ ୩ ଲେଖାଏ ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ସାଧାରଣଜନତା କୌଣସି କାର୍ଯ୍ୟରେ ଏମାନଙ୍କୁ ପାଇବା କଷ୍ଟକର ହୋଇପଡୁଛି। ଅଧିକାଂଶ ସମୟରେ ପିଇଓମାନଙ୍କୁ ସରକାରୀ ସର୍ଭେ କିମ୍ବା କୌଣସି ତଦନ୍ତରେ ପଠାଯାଉଥିବାରୁ ଠିକ ସମୟରେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଲୋକମାନେ କୌଣସି କାମରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ନିରାଶ ହୋଇ ଫେରିବାକୁ ବାଧ ହେଉଛନ୍ତି। କର୍ମଚାରୀ ସମସ୍ୟା ଯୋଗୁ ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ କାମରେ ସ୍ଥାଣୁତା ପରିଲକ୍ଷିତ ହେଉଛି। ଶୀଘ୍ର ହେବାକୁ ଥିବା କାମ ଦୀର୍ଘଦିନ ଧରି ପଡି ରହୁଛି। ପରୋକ୍ଷରେ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀଙ୍କୁ ସାଧାରଣଜନତାଙ୍କ ରୋଷର ଶିକାର ହେବାକୁ ପଡୁଥିବାର ଲକ୍ଷ୍ୟ କରାଯାଉଛି। ସମୟ ସମୟରେ ଜନସାଧାରଣଙ୍କ ପକ୍ଷରୁ ଏହାକୁ ନେଇ ଧାରଣା ଅନଶନ ପର୍ଯ୍ୟନ୍ତ କଥା ଯାଉଛି। ୫ଟିସୂତ୍ର କାର୍ଯ୍ୟ କରିବାକୁ ହେଲେ ସରକାର ପ୍ରଥମେ ବ୍ଲକରେ ଖାଲିଥିବା ପଦବୀଗୁଡିକୁ ପୂରଣ କରିବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ ସାଧାରଣଜନତାଙ୍କ ପକ୍ଷରୁ ଜିଲାପାଳ, ପଞ୍ଚାୟତିରାଜ ସଚିବ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ବିରଳ ବିଦେଶୀ ପକ୍ଷୀ ଉଦ୍ଧାର



**ବାଲିଆ,୨୫।୮:** ବିରିଡ଼ି ବ୍ଲକ ଅରଣା ଗ୍ରାମରୁ ଶନିବାର ଏକ ବିରଳ ବିଦେଶୀ ପକ୍ଷୀ ଉଦ୍ଧାର ହୋଇଛି। ପକ୍ଷୀଟି ଅରଣା ଗ୍ରାମକୁ କେଉଁଆଡୁ ଆସିଲା ତାହା ଜଣାପଡିନାହିଁ। ତେବେ ଗ୍ରାମର ବିବେକାନନ୍ଦ ବେହେରାଙ୍କ ବାଡିରେ ଆସି ପକ୍ଷୀଟି ବସିଥିବାବେଳେ ସେ ପକ୍ଷୀଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ଜଗତ୍‌ସିଂହପୁର ବନ ବିଭାଗ କର୍ମଚାରୀ ପହଞ୍ଚି ଉକ୍ତ ପକ୍ଷୀଟିକୁ ନିଜ ହେପାଜତକୁ ନେଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ପକ୍ଷୀଟିକୁ ଛାଡ଼ିବା ନେଇ ଯାହା ନିଷ୍ପତ୍ତି ନିଆଯିବ ବୋଲଇ ସେମାନେ କହିଛନ୍ତି। ତେବେ ପକ୍ଷୀଟିକୁ ଦେଖିବାକୁ ଗ୍ରାମରେ ଲୋକଙ୍କ ଭିଡ଼ ଜମିଥିଲା।

## ଆର୍ତ୍ତଙ୍କୁ ଭରସା ଆର୍ତ୍ତତ୍ରାଣ

**ଜଗତ୍‌ସିଂହପୁର ଅଫିସ,୨୫।୮:** ମନରେ ଅନେକ ସ୍ୱପ୍ନ ଥିଲା ପାଠପଢି ଭଲ ମଣିଷ ହେବେ ଓ ଚାକିରି କରି ପରିବାର ମୁହଁରେ ହସ ଫୁଟାଇବେ। କିନ୍ତୁ ସବୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ପରିବାର ମୁହଁରେ ହସ ଫୁଟାଇବେ କ'ଣ, ଏବେ ସେ ନିଜେ ପରିବାର ପାଇଁ ବୋଝ ପାଲଟିଗଲେ। ଏହା ହେଉଛି ଜଗତ୍‌ସିଂହପୁର ଥାନା ଚାନ୍ଦଗଡ଼ର ଆର୍ତ୍ତ ଓରଫ ଆର୍ତ୍ତତ୍ରାଣ ମଲ୍ଲିକ(୪୫)ଙ୍କ କଥା। ରୋଗ ଯନ୍ତ୍ରଣାର ଶିକାର ହୋଇ ଏବେ ସେ ଜୀବନ ସହ ସଂଘର୍ଷ କରୁଛନ୍ତି। ପ୍ରତି ମାସରେ ଦିଲ୍ଲୀସ୍ଥିତ ଏମ୍‌ସ ଯିବା ପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ମାତ୍ର ତାଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଏପଟେ ମୁଣ୍ଡ ଉପରେ ପରିବାର ଚିନ୍ତା। ତେଣୁ ଏବେ କେବଳ ଆର୍ତ୍ତତ୍ରାଣଙ୍କ ଭରସାରେ ହାତ ଟେକିଦେବା ଛଡ଼ା ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ବାସ୍ପରୁଦ୍ଧ କଣ୍ଠରେ କହିଛନ୍ତି ଆର୍ତ୍ତ। ସ୍ତ୍ରୀ ସଞ୍ଜୁଲତା, ୨ ଝିଅ (୧୮ ଓ ୧୨ ବର୍ଷ)ଙ୍କୁ ନେଇ ତାଙ୍କ ପରିବାର। ବଡ଼ଝିଅ ଜଗତ୍‌ସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ଇଂଲିସ ସମ୍ମାନରେ ଶିକ୍ଷାଲାଭ କରୁଛନ୍ତି। ସାନ ଝିଅ ଗାଁ ସରକାରୀ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଛନ୍ତି। ରୋଜଗାରର ମାଧ୍ୟମ କହିଲେ ସେ ଜଣେ। ତରିକୁନ୍ଦ ନବକୃଷ୍ଣସ୍ଥିତ ଚୌଧୁରୀ ଭୋକେଶନାଲ ଇନିଷ୍ଟିଚ୍ୟୁସନ୍‌ରେ ଅସ୍ଥାୟୀ ଇଂଲିଶ ଅଧାପକ ଭାବେ ସେ ଖୁବ କମ ଟଙ୍କା ପାଉଥିଲେ। ଏଥିସହ ଗାଁରେ ଏକ କୋଚିଂ ସେଣ୍ଟର କରିଥିଲେ। ଏଥିରୁ ଯାହା ରୋଜଗାର ହୁଏ, ସେଥିରେ ପରିବାର ଚାଲେ। କିନ୍ତୁ ପ୍ରାୟ ୧ ବର୍ଷ ହେବ ସେ ସେରୋନେଗେଟିଭ୍ ମାଇଷ୍ଟେନିଆ ଗ୍ରାଭିଜ୍, ପକ୍ଷାଘାତ, ଉଚ୍ଚ ରକ୍ତଚାପ ଓ ମଳମୂତ୍ର ଆଦି ଏକାଧିକ ରୋଗରେ ପୀଡିତ ହୋଇଥିବାରୁ ତାଙ୍କ ପରିବାର ଉପରେ ଅନ୍ଧକାର ଘୋଟିଯାଇଛି। ସେରୋନେଗେଟିଭ୍ ମାଇଷ୍ଟେନିଆ ଗ୍ରାଭିଜ୍ ରୋଗର ଚିକିତ୍ସା ଓଡ଼ିଶାରେ ନ ଥିବାରୁ ତାଙ୍କୁ ଦିଲୀ ଏମ୍‌ସ ଯିବାକୁ ପଡୁଛି। ଗତ ଫେବୃୟାରୀରେ ଗାଁ ଲୋକ, ସମ୍ପର୍କୀୟ ଓ ସହୃଦୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ସେ ଏମ୍‌ସ ଯାଇଥିଲେ। ସେଠାରେ ୨୮ ଦିନ ଆଇସିୟୁରେ ଥିଲେ। ହୃତପିଣ୍ଡର ସିଟି ଆଞ୍ଜିଓଗ୍ରାଫି ଓ ରକ୍ତରୁ ଗ୍ଲୁକୋଜ୍ ନିଷ୍କାସନ ପାଇଁ ରକ୍ତ ବଦଳାଯାଇଥିଲା। ପ୍ରାୟ ୨ ମାସ ରହିଲା ପରେ ୧୯।୪।୧୯ରେ ଗାଁକୁ ଫେରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ପୁଣି ତା'ପର ମାସରେ ବଦାନ୍ୟ ଲୋକଙ୍କ ସହାୟତାରେ ଏମ୍‌ସ ଯାଇ ୧୯।୬।୧୯ରେ ଫେରିଥିଲେ। ଚଳିତ ମାସ ୧୯ରେ ପୁଣି ଯିବା କଥା। କିନ୍ତୁ ଅର୍ଥ ଯୋଗାଡ଼ ହୋଇପାରି ନ ଥିବାରୁ ସେ ଚିକିତ୍ସା ପାଇଁ ଯାଇପାରି ନାହାନ୍ତି। ଆଗକୁ ଯାଇପାରିବେ କି ନାହିଁ ସନ୍ଦେହ ବୋଲି ଦୁଃଖର ସହ କହିଛନ୍ତି ଆର୍ତ୍ତ। ୨ ଝିଅ ଭଲ ପଢୁଛନ୍ତି। ବଡ଼ଝିଅ ୪ ଥର ବୃତ୍ତି ପାଇଥିବାରୁ ମାସିକ ୫୦୦ ଟଙ୍କା ଲେଖାଏଁ ପାଉଛନ୍ତି। ଏହାକୁ ଛାଡ଼ି ଦେଲେ ଆଉ କିଛି ରୋଜଗାର ନାହିଁ। କୌଣସି ସହୃଦୟ ବ୍ୟକ୍ତି ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବାକୁ ଚାହିଁଲେ ମୋବାଇଲ ନଂ.୯୯୩୭୫୩୬୭୬୭ରେ ତାଙ୍କୁ ଯୋଗାଯୋଗ କରିବାକୁ ଆର୍ତ୍ତ ଅନୁରୋଧ କରିଛନ୍ତି।

**ଚିକିତ୍ସାରେ ଅର୍ଥ ବାଧକ**




ଆର୍ତ୍ତତ୍ରାଣ ମଲିକ।

### ବୈଦିକ ଗଣିତ ପ୍ରଶିକ୍ଷଣ ଶିବିର

**କୁଜଙ୍ଗ,୨୫।୮(ସ୍ୱ.ପ୍ର.):** ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ କୁଜଙ୍ଗ ବ୍ଲକ୍ ଭୂତମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନିଆ ବୈଦିକ ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ରବିବାର ଅପରାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈଷ୍ଣବ ଚରଣ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନ ଦିବସରେ ଜିଲା ସଂଯୋଜକ ବିଶ୍ୱଜିତ୍ ବିଶ୍ୱାଳ, ଜିଲା ପ୍ରଭାରୀ ସତ୍ୟବ୍ରତ ରଥ ପ୍ରମୁଖ ଯୋଗଦେଇ ଏହି ଶିବିରର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ପ୍ରଶିକ୍ଷକ ଭାବେ ଦେବେନ୍ଦ୍ର ମହାଳିକ ଓ ଲକ୍ଷ୍ମୀଧର ଆଚାର୍ଯ୍ୟ ଉଭୟ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୩୫ ବିଦ୍ୟାଳୟର ୮୦ ଜଣ ଗଣିତ ତଥା ବିଜ୍ଞାନ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଜୟଶ୍ରୀ ପରିଡା, ବସନ୍ତ କୁମାର ପରିଡା, ନୃସିଂହ ଚରଣ ସାମଲ, ଦିଲୀପ କୁମାର ତରାଇ, ପ୍ରଭଞ୍ଜନ ଗୋଛାୟତ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଜଳ ନିଷ୍କାସନ ସମସ୍ୟା ତଦାରଖ କଲେ ମନ୍ତ୍ରୀ



ମନ୍ତ୍ରୀ ରଘୁନନ୍ଦନ ଦାସ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଏରସମା,୨୫।୮(ସ୍ୱ.ପ୍ର.)**

ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ଅଚାନକ ଏରସମା ଗସ୍ତରେ ଆସି ବିଭିନ୍ନ ଗ୍ରାମରେ ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ବିନା କୌଣସି ପୂର୍ବ ସୂଚନାରେ ମନ୍ତ୍ରୀ ଦାସ ହଠାତ୍ ଏଭଳି ଭାବେ ଆସିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଚଳିତ ବର୍ଷାଋତୁରେ ବର୍ଷାଜଳ ନିଷ୍କାସନ ଏହି ଅଞ୍ଚଳରେ ପ୍ରମୁଖ ସମସ୍ୟା ପାଲଟିଛି। ତେଣୁ ମନ୍ତ୍ରୀ ଏହି ଅବସରରେ ଏରସମାରୁ ନଗରୀ ସ୍ଲୁଇସ ଗେଟ୍ ପାଖକୁ ଯାଇ ଏହାର ନିର୍ମାଣଗତ ତ୍ରୁଟି ଓ ଜଳ ନିଷ୍କାସନ ସମସ୍ୟା ଅନୁଧ୍ୟାନ କରିଥିଲେ। ଏହାର ସମାଧାନ ପାଇଁ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କିଆଦା, ଜିରାଇଲୋ, ବଡ଼ବେଲାରୀ ଗ୍ରାମବାସୀଙ୍କ ଭଲମନ୍ଦ ବୁଝିଥିଲେ। ଆମ୍ବିକିରେ ମହାବୀରଙ୍କୁ ଦର୍ଶନ କରିବା ପରେ ଭିତର ଅନ୍ଧାରୀ ଓ କୁଞ୍ଜକୋଠି ପଞ୍ଚାୟତକୁ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହିତ ଏମପିଙ୍କ ପ୍ରତିନିଧି ତଥା ବିଜେଡି ବ୍ଲକ ସଭାପତି ପୀତବାସ ଗଛାୟତ, ଉପସଭାପତି ବିଜୟ ପାଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବେଉରା, ଅକ୍ଷୟ ସ୍ୱାଇଁ, ଅଜୟ କୁମାର ଲେଙ୍କା, ତପନ କୁମାର ପାଲ, ଉମେଶ ସେଠୀ, ବୈଦ୍ୟନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

**ପାରାଦୀପ,୨୫।୮(ସ୍ୱ.ପ୍ର.):** ପାରାଦୀପ କଲେଜ ପରିସରରେ ରବିବାର କୁଜଙ୍ଗ ସାହିତ୍ୟ-ସଂସ୍କୃତି ପରିଷଦର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ପରିଷଦର ସଭାପତି ପିତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ଡା. ରାଜଶ୍ରୀ ମଲିକ, ବିଧାୟକ ଅମର ପ୍ରସାଦ ଶତପଥୀ, ସମ୍ବିତ ରାଉତରାୟ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାନ୍ତି, ଫନୀ ମହାନ୍ତି, ସୁଶାନ୍ତ ପଟ୍ଟନାୟକ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଇଫ୍‌କୋର ଜ୍ଞାନଚାନ୍ଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜ ଗଠନ ଦିଗରେ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ପରିବେଶବିତ୍ ଇଂ.ଅମରେଶ ନରେଶ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଏକ କବିତା ଆସର ହୋଇଥିଲା। ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ବହୁ କବୟିତ୍ରୀ କବି ଯୋଗଦେଇ କବିତା ପାଠ କରିଥିଲେ। ନଗେନ୍ଦ୍ରନାଥ ସ୍ୱାଇଁ ସଞ୍ଚାଳନା କରିଥିଲେ ଓ ସଂଘମିତ୍ରା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ଉପସ୍ଥିତ ଅତିଥି।

### ଗୋପୀନାଥ ମନ୍ଦିରରେ ନନ୍ଦ ଉତ୍ସବ

**ବାଲିଆ, ୨୫।୮:** ବିରିଡ଼ି ବ୍ଲକ ବଡିମୀରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ନନ୍ଦୋତ୍ସବ ଓ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଅନୁପ କୁମାର ବୋଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ଅଜୁ ବାବାଙ୍କ ସଞ୍ଚାଳନାରେ ଗୋପୀନାଥଙ୍କ ପୂଜା କରାଯାଇଥିଲା। ବାବା ଦିବାକର ଦାସ ପ୍ରବଚନ ଦେଇଥିଲେ। ଶିକ୍ଷାବିତ୍ ତଥା ଆଧ୍ୟାତ୍ମିକ ଗୁରୁ ବ୍ରଜକିଶୋର ନାୟକଙ୍କ ଦ୍ୱାରା ନନ୍ଦୋତ୍ସବ ସଙ୍ଗୀତ ଗାନ କରାଯାଇଥିଲା। ଅଲାଣ୍ଡୋ ଓ ତେନ୍ତୁଳିଆ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

ଆଞ୍ଚଳିକ ସୁରକ୍ଷା ସମିତିର ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ଦାବି

# ଆନ୍ଦୋଳନ ତୀବ୍ର କରିବାକୁ ଶପଥ



ଆଞ୍ଚଳିକ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଲୋକମାନେ ଆନ୍ଦୋଳନ ପାଇଁ ଲୋକନାଥ ମନ୍ଦିରରେ ଶପଥ ନେଉଛନ୍ତି।

**କୁଜଙ୍ଗ,୨୫।୮(ସ୍ୱ.ପ୍ର.)**

ଭୂତମୁଣ୍ଡାଇଠାରେ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଗଣତାନ୍ତ୍ରିକ ଉପାୟରେ ଦାବି କରିଆସୁଥିବା ଜନସାଧାରଣ ରବିବାର ଦୁର୍ବାର ଆନ୍ଦୋଳନ କରିବାକୁ ଶପଥ ନେଇଛନ୍ତି। କୁଜଙ୍ଗ ବ୍ଲକ ପାରାଦୀପ ଗଡ଼ର ପ୍ରସିଦ୍ଧ ଲୋକନାଥ ମନ୍ଦିରରେ ଆଞ୍ଚଳିକ ସୁରକ୍ଷା ସମିତିର ଆବାହକ ମଣ୍ଡଳୀ ସଦସ୍ୟଙ୍କ ସହ ସଭ୍ୟାସଭ୍ୟମାନେ ଯୋଗଦେଇ ନିର୍ଣ୍ଣାୟକ ଲଢେଇ କରିବାକୁ ନିଷ୍ପତ୍ତି ନେଇଥିଲେ। ସମିତିର ମୁଖ୍ୟ ଆବାହକ ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହ ଆବାହକ ଶ୍ରୀବଲ୍ଲଭ କର ଯୋଗଦେଇ କହିଲେ ଯେ, ସମସ୍ତ ବଡ଼ ବଡ଼ ପୋର୍ଟ ସହରରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ପାରାଦୀପ ଏହାର ବ୍ୟତିକ୍ରମ। ଏଠାକାର ଲୋକେ ଶିଳ୍ପ ସଂସ୍ଥା ଦ୍ୱାରା ପ୍ରତାରିତ ହେଉଛନ୍ତି। ବାବୁରାମ ଚୌଧୁରୀ କହିଲେ ଯେ, ଏଠାରେ ଥିବା ଶିଳ୍ପ ସଂସ୍ଥାଗୁଡିକ ନିଜ ସିଏସ୍‌ଆର ଅର୍ଥ ଅନ୍ୟତ୍ର ଖର୍ଚ୍ଚ କରୁଛନ୍ତି। ଅଥଚ ପାରାଦୀପ ନିକଟ କୁଜଙ୍ଗ, ଏରସମା ଓ ମହାକାଳପଡ଼ାର ଲୋକଙ୍କୁ ମିଳୁଛି କେବଳ ରୋଗ ଯନ୍ତ୍ରଣା। ସେହିପରି ପ୍ରମୋଦ କୁମାର ଜେନା, ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଆସନ୍ତା ଅକ୍ଟୋବରରେ ଦରକାର ପଡିଲେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ସହ ଆବାହକ ଦୁଷ୍ମନ୍ତ ମାଝୀ ଯୋଗଦେଇ କୌଣସି ପରିସ୍ଥିତିରେ ପାରାଦୀପ ବନ୍ଦର ଚାହୁଁଥିବା ସ୍ଥାନରେ ଟ୍ରକ୍ ଟର୍ମିନାଲ କରିବାକୁ ମାଟି ମୁଠାଏ ପକାଇ ଦେବୁନାହିଁ ବୋଲି ଚେତାବନୀ ଦେବା ସହ ଦୁର୍ବାର ଆନ୍ଦୋଳନ ଆହ୍ୱାନ ଦେଇଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସୁବାସ ମହାପାତ୍ର, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ସମିତିସଭ୍ୟ ସାରଦା ପ୍ରସନ୍ନ ଦାସ, ରବୀନ୍ଦ୍ରନାଥ ବେହେରା, ପ୍ରହ୍ଲାଦ ତରାଇ, ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ନାଥ ସ୍ୱାଇଁ, ଧିରେନ୍ଦ୍ର ମହାନ୍ତି, ପ୍ରଶାନ୍ତ ଚୌଧୁରୀ, ବିଭୂଦତ୍ତ ଦାଶ, ସରୋଜ ବାରିକ, ନୃସିଂହ ଦଳାଇ, ରବୀନ୍ଦ୍ରନାଥ ପ୍ରଧାନ, ଅରକ୍ଷିତ ଦାସ, ରଞ୍ଜିତ ପଣ୍ଡା, ଦେବବାଳା ମହାପାତ୍ର, ପ୍ରବୀର ସାହୁ, ସୋନାଲି ମହାନ୍ତି, ଟୁନୀ ପ୍ରଧାନ, ମିନର୍ଭା ପରିଡା, ସବିତା ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଗତବର୍ଷ ସେପ୍ଟେମ୍ବର ୧୫ରେ କୁଜଙ୍ଗ ବ୍ଲକ୍ ପଡ଼ିଆରେ ହୋଇଥିବା ବିଶାଳ ବିକ୍ଷୋଭର ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବାକୁ ସମିତି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଦୀର୍ଘ ୧୬ ମାସ ହେଲା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହସ୍ପିଟାଲ ନିର୍ମାଣ ପାଇଁ ଦାବି କରାଯାଉଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

■ ଲୋକନାଥ ମନ୍ଦିରରେ ଏକତ୍ରିତ ହେଲେ କର୍ମକର୍ତ୍ତା

■ ଅର୍ଥନୈତିକ ଅବରୋଧ କରିବାକୁ ନିଷ୍ପତ୍ତି

## ଗୀତିକବି ବାମଦେବଙ୍କ ଜୟନ୍ତୀ

**ବିରିଡ଼ି, ୨୫।୮ (ଡି.ଏନ୍.ଏ.):** ବିରିଡ଼ି ବ୍ଲକ ମଧ୍ୟଶାସନ ମହାବୀର ଲାଇବ୍ରେରୀ ପକ୍ଷରୁ ରବିବାର ଗୀତିକବି ବାମଦେବ ସ୍ୱାଇଁଙ୍କ ୬୬ତମ ଜୟନ୍ତୀ କମାଶାସନସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଛି। ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ, ସାମାଜିକ କର୍ମୀ ଚନ୍ଦ୍ରମଣି ଦାଶ, ରାମଚନ୍ଦ୍ର ପଣ୍ଡା, କବି ବିଭୁତି ରାୟ, ଆଷାଢ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର, ପ୍ରକୃତିବନ୍ଧୁ କବି ବନମାଳି ବେହେରା, ହୃଦାନନ୍ଦ ଜେନା, ଦିଗମ୍ବର ସ୍ୱାଇଁ, ଭସ୍କର ଚନ୍ଦ୍ର ନାୟକ, ପ୍ରତାପ ଚନ୍ଦ୍ର ବେହେରା, କାଦମ୍ବିନୀ ପରିଜା, ଲୋଭାକାନ୍ତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବି ଓ ତାଙ୍କ ଧର୍ମପତ୍ନୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଲାଇବ୍ରେରୀ ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ। ଗଣେଶ୍ୱର ସ୍ୱାଇଁ, ରଂଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ବାଲିଆ, ୨୫।୮:** ବିରିଡ଼ି ବ୍ଲକ ତେଲଦିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନ ସମ୍ପାଦକ ରଞ୍ଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓ ପ୍ରଧାନ ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ବେହେରାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାକୁ ଶିକ୍ଷାବିତ୍ ସୁବଳ ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ୍ ବେହେରା ଛାତ୍ରୀଛାତ୍ରଙ୍କୁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ବିଜ୍ଞାନ ମେଳାରେ ମୋଟ୍ ୧୪୮ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୫୨ ଜଣ ପ୍ରତିଯୋଗୀ ସଙ୍କୁଳସ୍ତରକୁ ମନୋନିତ ହୋଇଥିଲେ। ଗୁରୁମା ମିନାକ୍ଷୀ ସାହୁ, ନିଳେନ୍ଦ୍ରୀ ବେହେରା, ବିଷ୍ଣୁପ୍ରିୟା ବେହେରା, ସୁଚିସ୍ମିତା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢାରେ ବ୍ୟବହୃତ ବିଭିନ୍ନ ଉପକରଣ ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ରାଉତ, ସୂର୍ଯ୍ୟମଣୀ ଦାସ, ବିଜୟ ବେହେରା, କ୍ଷୀତିଶ ଜେନା ପ୍ରକଳ୍ପଗୁଡିକ ଚୟନ କରିଥିଲେ। ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୱାଟରପ୍ରୁଫ୍ ମୋଜା



ମୋଜା, ପୁଣି ୱାଟରପ୍ରୁଫ୍-ଏ କଥାକୁ ହୁଏ ତ ଅନେକେ ବିଶ୍ୱାସ କରିବା କଷ୍ଟକର ହୋଇପାରେ। ହେଲେ ସେପରି ଏକ ମୋଜା ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବାକୁ ଯାଉଛି। ଏଭଳି ମ୍ୟାଜିକ୍ ମୋଜାକୁ ଜାପାନର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ବିଶେଷଭାବରେ ବର୍ଷାଦିନେ ଏହାକୁ ପିନ୍ଧି ଜଣେ ଅନାୟାସରେ ଯିବା ଆସିବା କରିପାରିବ। କେବଳ ସେତିକି ନୁହେଁ, ଏହି ମୋଜା ଏତେ ହାଲୁକା ଯେ ତାକୁ ପିନ୍ଧିବା ପରେ ଜଣେ ଜାଣିପାରିବ ନାହିଁ ଯେ ସେ ହଳେ ମୋଜା ପିନ୍ଧିଛି। ବିଶେଷଭାବରେ ଏଭଳି ହାଇଟେକ ମୋଜା ଆଥଲେଟ୍ ଏବଂ ପର୍ବତାରୋହୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ଆଶାପୋଷଣ କରିଛନ୍ତି। ଏପରି କି ଏହାକୁ ପିନ୍ଧିବା ପରେ ଆଉ ଜୋତା ପିନ୍ଧିବାକୁ ପଡ଼ିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଡାଇନାମୋ ନାମକ ସୂତାରୁ ଏହି ମୋଜା ପ୍ରସ୍ତୁତ ହୋଇଛି। ପିନ୍ଧିବା ପରେ ବେଶ୍ ଆରାମ ଲାଗୁଥିବା ଏହି ମୋଜା ଘଷି ହେଲେ ମଧ୍ୟ ଛିଡ଼ିବ ନାହିଁ।

# ନିଦ୍ରାହୀନତା ଜିନ୍ ଓ ହୃଦ୍‌ରୋଗ




ନିଦ୍ରାହୀନତା (ଇନ୍‌ସୋମିନିଆ) ଜିନ୍ ଯୋଗୁ ହୃଦ୍‌ରୋଗ ହେବାର ଆଶଙ୍କା ରହିଛି। ଏଭଳି ଚାଞ୍ଚଲ୍ୟକର ତଥ୍ୟ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ନିଦ୍ରାହୀନତା ଜିନ୍ ଓ ହୃଦ୍‌ରୋଗ' ଶୀର୍ଷକ ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଗବେଷଣା କରିଥିଲେ। ଏପରି ନିଦ୍ରାହୀନତା ସହ ସଂପୃକ୍ତ ବ୍ୟକ୍ତି ଭବିଷ୍ୟତରେ କେବଳ ହୃଦ୍‌ରୋଗ ନୁହେଁ, ଷ୍ଟ୍ରୋକ୍ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନିଦ୍ରାଜନିତ ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଲେ ତାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଆବଶ୍ୟକ ମୁତାବକ ନିଦ୍ରା ନ ଯାଆନ୍ତି ତେବେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ। ଫଳତଃ ପରବର୍ତ୍ତୀ ସମୟରେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ବିଶ୍ୱରେ ପ୍ରାୟ ୧.୬ ମିଲିୟନ ବ୍ୟକ୍ତି ନିଦ୍ରାହୀନତା ସମସ୍ୟା ସହ ଜଡ଼ିତ। ତେବେ ଏପରି ସମସ୍ୟାଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଦିନ ଆମେ ଆବଶ୍ୟକ ମୁତାବକ ଶୋଇବା ଆବଶ୍ୟକ।

# ମଧୁମେହରେ କିଡ୍‌ନୀ ସମସ୍ୟା

"ଡାଇବେଟିସ୍(ମଧୁମେହ) ରୋଗୀଙ୍କ କିଡ୍‌ନୀ ଆକ୍ରାନ୍ତ ହେଲେ ସର୍ବପ୍ରଥମେ ପରିସ୍ରାରେ ଅଧିକ ମାତ୍ରାରେ ଆଲ୍‌ବୁମିନ୍ ନାମକ ଏକ ପ୍ରୋଟିନ୍ ନିଷ୍କାସିତ ହୋଇଥାଏ। ତେଣୁ ପ୍ରତ୍ୟେକ ଡାଇବେଟିସ୍ ରୋଗୀଙ୍କ ବର୍ଷକୁ ଥରେ ପରିସ୍ରାରେ ଆଲ୍‌ବୁମିନ୍ ପରୀକ୍ଷା କରିବା ଉଚିତ। ରାତିରେ ବାରମ୍ବାର ପରିସ୍ରା ଯିବା ସହ ରକ୍ତଚାପରେ ବୃଦ୍ଧି ଘଟିଥାଏ।"







ବର୍ତ୍ତମାନ ସମଗ୍ର ପୃଥିବୀ ତଥା ଭାରତବର୍ଷରେ ମଧୁମେହ ସମସ୍ୟା ବ୍ୟାପକ ରୂପେ ବଢ଼ି ଚାଲିଛି। ପାଶ୍ଚାତ୍ୟ ଦେଶ ତୁଳନାରେ ଏସିଆ ମହାଦେଶ ତଥା ଭାରତବର୍ଷର ଲୋକେ ଏହି ଜୀବନଶୈଳୀ ଅବ୍ୟବସ୍ଥା ଜନିତ ସମସ୍ୟାରେ ଅଧିକ ପରିମାଣରେ ତଥା ଏକ ଦଶନ୍ଧି ପୂର୍ବରୁ ଆକ୍ରାନ୍ତ ହୋଇଥାନ୍ତି। ତା'ଛଡ଼ା ମଧୁମେହ ଜନିତ କିଛିଟା ଜଟିଳ ଅବସ୍ଥା ଯଥା ହୃଦୟ ଏବଂ କିଡ୍‌ନୀ ସମସ୍ୟା ଅଧିକ ପରିମାଣରେ ଦେଖାଯାଏ। ମଧୁମେହ ହେଉଛି କିଡ୍‌ନୀ ସମସ୍ୟାର ଏକ ମୁଖ୍ୟ କାରଣ। ୨୦ ରୁ ୩୦ ଶତକଡ଼ା ମଧୁମେହ ରୋଗୀ କିଛି ନା କିଛି ପ୍ରକାର କିଡ୍‌ନୀ ସମସ୍ୟାରେ ପୀଡ଼ିତ ହୋଇଥାନ୍ତି। ଏଥିରେ କିଡ୍‌ନୀର କ୍ଷୁଦ୍ର ରକ୍ତ ଶିରା ପ୍ରଶିରା ପ୍ରଭାବିତ ହୋଇଥାଏ। ତେଣୁ ରକ୍ତରେ ଅବସ୍ଥିତ ଅଦରକାରୀ ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇପାରି ନ ଥାଏ। ଶରୀରରେ ଲବଣ ତଥା ପାଣି ଅତ୍ୟଧିକ ପରିମାଣରେ ଜମିଯାଇଥିବା ଯୋଗୁ ଓଜନ ବୃଦ୍ଧି ସହ ପାଦଫୁଲା ଦେଖାଦେଇଥାଏ। ଏହାଛଡ଼ା କିଛିଟା କ୍ଷୁଦ୍ର ପରିସ୍ରାନଳୀ କ୍ଷତିଗ୍ରସ୍ତ ହେବା ଦ୍ୱାରା ପରିସ୍ରା ଜରିଆରେ ଅଧିକ ପରିମାଣରେ ପ୍ରୋଟିନ୍ ଅଥବା ପୁଷ୍ଟିସାର ନିଷ୍କାସିତ ହୋଇଥାଏ। ଏହା ଶରୀରକୁ ଅଧିକ ଫୁଲାଇ ଦେଇଥାଏ। ରକ୍ତରେ ଅପଚୟକାରୀ ପଦାର୍ଥ ବହୁତ ମାତ୍ରାରେ ଜମିଯାଇଥାଏ। ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ସାଧାରଣତଃ ଦେଖାଯାଉଥିବା କିଛିଟା ପାର୍ଶ୍ୱ ଅବ୍ୟବସ୍ଥା ଯଥା ଉଚ୍ଚ ରକ୍ତଚାପ, ମେଦବହୁଳତା ଏବଂ କୋଲେଷ୍ଟରଲ ସମସ୍ୟା କିଡ୍‌ନୀ ପ୍ରତି ଆହୁରି କ୍ଷତିକାରକ ହୋଇଥାଏ।

ଡାଇବେଟିସ୍ ରୋଗୀଙ୍କ କିଡ୍‌ନୀ ଆକ୍ରାନ୍ତ ହେଲେ ସର୍ବପ୍ରଥମେ ପରିସ୍ରାରେ ଅଧିକ ମାତ୍ରାରେ ଆଲ୍‌ବୁମିନ୍ ନାମକ ଏକ ପ୍ରୋଟିନ୍ ନିଷ୍କାସିତ ହୋଇଥାଏ। ତେଣୁ ପ୍ରତ୍ୟେକ ଡାଇବେଟିସ ରୋଗୀ ବର୍ଷକୁ ଥରେ ପରିସ୍ରାରେ ଆଲ୍‌ବୁମିନ୍ ପରୀକ୍ଷା କରିବା ଉଚିତ। ରାତିରେ ବାରମ୍ବାର ପରିସ୍ରା ଯିବା ସହ ରକ୍ତଚାପରେ ବୃଦ୍ଧି ଘଟିଥାଏ। କିଡ୍‌ନୀର କାର୍ଯ୍ୟକଳାପ ଆହୁରି ବାଧାପ୍ରାପ୍ତ ହେଲେ ରକ୍ତରେ ବ୍ଲଡ ୟୁରିଆ ନାଇଟ୍ରୋଜେନ୍ ଏବଂ କ୍ରିଆଟିନିନ୍ ସ୍ତର ବୃଦ୍ଧି ଘଟିଥାଏ। କିଡ୍‌ନୀ ଆକ୍ରାନ୍ତ ହେଲେ କିଛିଟା ଲକ୍ଷଣ ଯଥା ବାନ୍ତି, ଓକାର ଭାବ, ମୁଣ୍ଡବ୍ୟଥା, ଭୋକ କ୍ଷୟ, ଆଳସ୍ୟତା, କ୍ଳାନ୍ତପଣ, ମାଂସପେଶୀରେ ଯନ୍ତ୍ରଣା, ନିଦ୍ରା ତଥା ମାନସିକ ଏକାଗ୍ରତାରେ ହ୍ରାସ, ରକ୍ତହୀନତା ଆଦି ଦେଖାଦେଇଥାଏ। ବାରମ୍ବାର ରକ୍ତ ଶର୍କରା ହ୍ରାସ ହେବା ସହ ଡାଇବେଟିସ୍‌ରେ ବ୍ୟବହାର ହେଉଥିବା ବଟିକାର ଆବଶ୍ୟକତା କମିଯାଇଥାଏ। କିଡ୍‌ନୀ ସମସ୍ୟାର ଶେଷ ଅବସ୍ଥାରେ ଅତ୍ୟଧିକ କୁଣ୍ଡିଆ, ଶୁଷ୍କ ତ୍ୱଚା ବା ଚର୍ମ ଏବଂ ନିଦ୍ରାଳୁ ହେବା ଦେଖାଯାଏ। ଏହିସବୁ ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର।



ଡା. ସୁନୀଲ କୁମାର କୋଟା

ଚିକିତ୍ସାଠାରୁ ନିବାରଣ ହିଁ ଅଧିକତର ଭଲ। ତେଣୁ ପ୍ରତ୍ୟେକ ଡାଇବେଟିସ ରୋଗୀ ବର୍ଷକୁ ଥରେ ରକ୍ତ, ପରିସ୍ରା ଆଦି ପରୀକ୍ଷା କରିବା ଦରକାର। ପ୍ରାରମ୍ଭିକ ଅବସ୍ଥାରେ କିଡ୍‌ନୀ ସମସ୍ୟା ଜାଣିବାକୁ ହେଲେ ଗ୍ଲୋମେରୁଲାର ଫିଲ୍‌ଟ୍ରେସନ୍ ରେଟ ଏବଂ ୟୁରିନ ମାଇକ୍ରାଲ କରିବା ଉଚିତ। କିଡ୍‌ନୀ ସମସ୍ୟା ନିରୂପିତ ହେବା ପରେ ଏହାର ମଧୁମେହ ଛଡ଼ା କିଛି ଅନ୍ୟ କାରଣ ଅଛି କି ଜାଣିବା ପାଇଁ ଅନ୍ୟ କେତୋଟି ପରୀକ୍ଷା କରାଯାଇଥାଏ। କିଡ୍‌ନୀ ବାୟୋପ୍ସି ହେଉଛି ଏଭଳି ଏକ ପରୀକ୍ଷା ଯେଉଁଥିରେ ଏକ ଛୁଞ୍ଚି ଦ୍ୱାରା କିଡ୍‌ନୀର କିଛି ଅଳ୍ପ ମାତ୍ରାରେ କୋଷକୁ କାଢ଼ି ଅଣୁବୀକ୍ଷଣ ଯନ୍ତ୍ର ଜରିଆରେ ଅଧ୍ୟୟନ କରାଯାଇଥାଏ। ପେଟର ଅଲଟ୍ରାସାଉଣ୍ଡ ସହ ଡିଟିପିଏ ଏବଂ ଡିଏମ୍‌ଏସ୍‌ଏ ସ୍କାନ୍ ଦ୍ୱାରା କିଡ୍‌ନୀର ଗଠନ ତଥା କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ ଅଧିକ ବିବରଣୀ ହାସଲ କରାଯାଇଥାଏ।

ଡାଇବେଟିସ ରୋଗୀଙ୍କ କିଡ୍‌ନୀ ଦୀର୍ଘକାଳୀନ ଭିତ୍ତିରେ ସୁଚାରୁ ରୂପେ କାମ କରିବାକୁ ହେଲେ କିଛିଟା ପଦକ୍ଷେପ ନେବାକୁ ପଡିଥାଏ।

- ଖାଦ୍ୟପେୟ ନିୟନ୍ତ୍ରଣ ତଥା ନିୟମିତ ବ୍ୟାୟାମ ଦ୍ୱାରା ଓଜନକ୍ଷୟ ତଥା ଠିକ୍ ଓଜନ ବଜାଇ ରଖିବା।
- ରକ୍ତଶର୍କରା ନିୟନ୍ତ୍ରଣରେ ରହିବା ଦରକାର। ହାଇପୋଗ୍ଲାଇସେମିଆ ଅଥବା ରକ୍ତଶର୍କରା ଅତ୍ୟଧିକ ହ୍ରାସ କରୁଥିବା କିଛିଟା ଡାଇବେଟିସ ବଟିକା ପରିହାର କରିବା ଉଚିତ। ଅଧୁନା ପ୍ରଚଳିତ ନୂଆ ଔଷଧ ଯଥା ଗ୍ଲିପ୍ଟିନ ଏବଂ ଗ୍ଲିଫ୍ଲୋଜିନ୍ ରକ୍ତ ଶର୍କରା ନିୟନ୍ତ୍ରଣ ସହ କିଡ୍‌ନୀ ପ୍ରତି କିଛି ଉପକାରିତା ସାବ୍ୟସ୍ତ କରିଛନ୍ତି। ଅଗ୍ରିମ ଅବସ୍ଥାରେ ଇନ୍‌ସୁଲିନ୍ ହିଁ ଏକମାତ୍ର ଔଷଧ ରୂପେ କାମ କରିଥାଏ।
- ରକ୍ତଚାପ ନିୟନ୍ତ୍ରଣ, ଏସିଇ ଏବଂ ଏଆର୍‌ବି ଆଦି ଔଷଧ ଏହି ଦିଗରେ ଅଧିକ ପସନ୍ଦଯୋଗ୍ୟ।
- ରକ୍ତ କୋଲେଷ୍ଟରଲ ନିୟନ୍ତ୍ରଣ କରିବା ପାଇଁ ଦୈନିକ ଷ୍ଟାଟିନ୍ ନାମକ ଏକ ଔଷଧ ଉପାଦେୟ।
- ମୂତ୍ରମାର୍ଗରେ କିଛି ସଂକ୍ରମଣ ଅଥବା ଇନ୍‌ଫେକସନ୍ ସମୟପୂର୍ବକ ଚିକିତ୍ସା।
- ମୂତ୍ରମାର୍ଗର ଗଠନ ସମ୍ବନ୍ଧୀୟ ଅସ୍ୱାଭାବିକତା ତଥା ପଥର ଆଦିର ସଂଶୋଧନ।
- କିଡ୍‌ନୀ ପ୍ରତି କ୍ଷତିକାରକ ଔଷଧ ଯଥା ପୀଡ଼ାନାଶକ, ଆଣ୍ଟିବାୟୋଟିକ୍ ଆଦିର ପରିହାର। ଡାକ୍ତରଙ୍କ ପରାମର୍ଶ ବିନା ଏହାର ବ୍ୟବହାର ଅତ୍ୟନ୍ତ କ୍ଷତିକାରକ।
- ପୁଷ୍ଟିସାର ଜାତୀୟ ଖାଦ୍ୟ ବିଶେଷକରି ଆମିଷ ଖାଦ୍ୟର କିଛିଟା କଟକଣା।
- ଠିକ୍ ପରିମାଣରେ ପାଣି ପିଇବା ସହ ଧୂମପାନ ବା ମଦ୍ୟପାନ ବର୍ଜନ।

କିଡ୍‌ନୀ ସମସ୍ୟାର ଶେଷ ଅବସ୍ଥାରେ ଡାଏଲିସିସ୍ ଏବଂ ଏକ ସୁସ୍ଥ ବ୍ୟକ୍ତିଠାରୁ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଇଥାଏ। ସମସ୍ତେ ଜାଣିବା ଦରକାର ଯେ କିଡ୍‌ନୀ ସମସ୍ୟାର କିଛି ପୂର୍ଣ୍ଣତଃ ଆରୋଗ୍ୟ ବିଧି ନାହିଁ। ଠିକ୍ ଚିକିତ୍ସା ସହ ରକ୍ତଶର୍କରା, ରକ୍ତଚାପ ଏବଂ କୋଲେଷ୍ଟରଲ ସ୍ତର ସାମାନ୍ୟ ଭାବେ ରଖିଲେ ଆହୁରି କଠୋର କିଡ୍‌ନୀ ସମସ୍ୟାରୁ ମୁକ୍ତି ମିଳିଥାଏ।

*-ଏଣ୍ଡୋକ୍ରାଇନୋଲୋଜିଷ୍ଟ*
*ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର କ୍ଲିନିକ୍, ବ୍ରହ୍ମପୁର*



# ଶରୀରର ବର୍ଜ୍ୟବସ୍ତୁ



ଡା. ଆଶିଷ ବାନାର୍ଜୀ

"ଶରୀର ତା'ର ଦୂଷିତ ବିଷାକ୍ତ ପଦାର୍ଥକୁ ବାହ୍ୟ ମାର୍ଗ ମୁଖ, ନାସା, ଲୋମକୂପ, ମଳ ମୂତ୍ର ଦ୍ୱାର, ଚକ୍ଷୁ, ନାସା ଅନ୍ତର୍ଗତ କୋଣ ପ୍ରଭୃତି ଦ୍ୱାର ଦେଇ ବାୟୁ ଦ୍ୱାରା ବାହାରକୁ ନିଷ୍କାସନ କରିଥାଏ। ମାତ୍ର ଆମେ ସେହି ଦୂଷିତ ପଦାର୍ଥ ବେଗକୁ ରୋକିଲେ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବୁ, ଯାହାକି ଚିକିତ୍ସାରେ ଅବହେଳା କଲେ ଦୁରାରୋଗ୍ୟ ବ୍ୟାଧିରେ ରୂପାନ୍ତରିତ ହୋଇଥାଏ।"

ଶରୀର ତା'ର ଦୂଷିତ ବିଷାକ୍ତ ପଦାର୍ଥକୁ ବାହ୍ୟ ମାର୍ଗ ମୁଖ, ନାସା, ଲୋମକୂପ, ମଳ ମୂତ୍ର ଦ୍ୱାର, ଚକ୍ଷୁ, ନାସା ଅନ୍ତର୍ଗତ କୋଣ ପ୍ରଭୃତି ଦ୍ୱାର ଦେଇ ବାୟୁ ଦ୍ୱାରା ବାହାରକୁ ନିଷ୍କାସନ କରିଥାଏ। ମାତ୍ର ଆମେ ସେହି ଦୂଷିତ ପଦାର୍ଥ ବେଗକୁ ରୋକିଲେ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବୁ, ଯାହାକି ଚିକିତ୍ସାରେ ଅବହେଳା କଲେ ଦୁରାରୋଗ୍ୟ ବ୍ୟାଧିରେ ରୂପାନ୍ତରିତ ହୋଇଥାଏ। ସେହି ଅଧାରଣୀୟ ବେଗଗୁଡ଼ିକ ମଧ୍ୟରୁ ମଳ, ମୂତ୍ର, ଶୁକ୍ର, ଅପାନବାୟୁ(ମଳଦ୍ୱାର ଦେଇ ନିର୍ଗମନ ବାୟୁ), ବମନ ବା ବାନ୍ତି, ଛିଙ୍କ, ଉଦ୍‌ଗାର, ହାଇ ମାରିବା, ଅଶ୍ରୁ ବା ଲୋତକ ସ୍ରାବ ଦ୍ୱାରା ଅଦରକାରୀ ପଦାର୍ଥ ଶରୀରରୁ ବାହାରି ଯାଇଥାଏ, ମାତ୍ର ଏହି ବେଗକୁ ରୋକିଲେ କେଉଁ ରୋଗ ହୋଇଥାଏ, ସେହି ବିଷୟରେ ସମ୍ୟକ ଆଲୋଚନା କରିବୁ।

**ମଳ ବେଗ :** ମଳ ବେଗକୁ ରୋକିଲେ ହୀନତା(ପାଣ୍ଡୁ), ଜ୍ୱର, କୁଷ୍ଠ ଏବଂ ବିସର୍ପ ଆଦି ଦେଖାଯାଏ।

**ଛିଙ୍କ ବେଗ :** ଛିଙ୍କ ବେଗକୁ ରୋକିଲେ ମନ୍ୟାସ୍ତମ୍ଭ(ସର୍ଭିକାଲ ସ୍ପଣ୍ଡିଲୋସିସ୍) ଶିରଃଶୂଳ, ଅର୍ଦ୍ଦିତ(ମୁଖମଣ୍ଡଳରେ ପକ୍ଷାଘାତ), ଅର୍ଦ୍ଧକପାଳି ଦୁର୍ବଳତା ଆଦି ଦେଖାଯାଏ।

**ଉଦ୍‌ଗାର ବେଗ :** ଉଦ୍‌ଗାର ବେଗକୁ ରୋକିଲେ ହିକ୍କା, ଶ୍ୱାସ, ଭୋଜନରେ ଅରୁଚି, କମ୍ପ, ଛାତିରେ ଜଳାପୋଡ଼ା ହେବା ଦେଖାଯାଏ।

**ହାଇ ବେଗ :** ଜୃମ୍ଭା(ହାଇ) ବେଗକୁ ବନ୍ଦ କଲେ ଆକ୍ଷେପ(କନ୍‌ଭଲସନ୍) ଶୂନ୍ୟତା, ଶରୀର, ହସ୍ତପାଦରେ କମ୍ପ ଓ ପିପାସା(ଶୋଷ) ଲାଗିଥାଏ।

**ପିପାସା ବେଗ :** ପିପାସା(ଶୋଷ)ଲାଗିବା ସମୟରେ ପାଣି ନ ପିଇଲେ କଣ୍ଠ ଓ ମୁଖ ଶୁଷ୍କତା, ଥକ୍କା, ଅବସାଦ(ଡିପ୍ରେସନ୍) ଏବଂ ହୃଦ୍‌ପୀଡ଼ା ହୋଇଥାଏ।



କଲେ, ପକ୍ୱାଶୟ, ମୂତ୍ରରେ ଯନ୍ତ୍ରଣା, ବାୟୁ ଦ୍ୱାରା ମଳାବରୋଧ, ଜାନୁ ଆଦି ସ୍ଥାନରେ ଯନ୍ତ୍ରଣା ଓ ଉଦରପୀଡ଼ା ହୋଇଥାଏ।

**ମୂତ୍ର ବେଗ :** ମୂତ୍ର ବେଗକୁ ରୋକିଲେ ମୂତ୍ରଥଳି ଓ ଲିଙ୍ଗରେ ଶୂଳ, ମୂତ୍ରାଳ୍ପତା, ମୁଣ୍ଡଯନ୍ତ୍ରଣା ହୋଇଥାଏ। ଭବିଷ୍ୟତରେ ବୃକ୍କ ରୋଗ ଦେଖାଯାଏ।

**ଶୁକ୍ର ବେଗ :** ଶୁକ୍ର ବେଗକୁ ଅଟକାଇଲେ ବୀର୍ଯ୍ୟ ସ୍ଖଳନ ସମ୍ପୂର୍ଣ୍ଣ ରୂପେ ନ ହୋଇ ପାରି ଅଣ୍ଡକୋଷରେ ଶୂଳ, ଅଙ୍ଗମର୍ଦ୍ଦ(ଅଙ୍ଗରେ ପୀଡ଼ା), ହୃଦୟରେ ଯନ୍ତ୍ରଣା, ମୂତ୍ର ରହି ରହି ଆସିବା ଦେଖାଯାଏ।

**ଅପାନବାୟୁ:** ଏହାର ନିର୍ଗମନ ବେଗକୁ ରୋକିଲେ ଫେଣଯୁକ୍ତ ମୂତ୍ର, ସ୍ରାବ, ମଳ ଠିକ୍ ରୂପେ ନିଷ୍କାସନ ନ ହେବା, କ୍ଳାନ୍ତି, ଉଦରପୀଡ଼ା ହୋଇଥାଏ।

**ବମନ ବେଗ :** ବମନ(ବାନ୍ତି) ବେଗକୁ ରୋକିଲେ ଶରୀରରେ କଣ୍ଡୁ(କୁଣ୍ଡେଇହେବା), ଭୋଜନରେ ଅରୁଚି, ଶୋଥ, ଶରୀର ରକ୍ତ

**ଅଶ୍ରୁ ବେଗ :** ଅଶ୍ରୁବେଗକୁ ଅଟକାଇଲେ ପ୍ରତିଶ୍ୟାୟ(ରିନିଟିଜ୍), ନେତ୍ରରୋଗ, ହୃଦ୍‌ରୋଗ, ଭୋଜନରେ ଅରୁଚି, ମୁଣ୍ଡ ବୁଲାଇବା ଦେଖାଯାଏ। ଏଥିରେ ଶୟନ ଓ ପ୍ରିୟବାକ୍ୟ ଶ୍ରବଣ ଶ୍ରେୟସ୍କର।

**ନିଦ୍ରା ବେଗ :** ନିଦ୍ରା ବେଗକୁ ରୋକିଲେ ହାଇମାରିବା, ନିଦ୍ରା, ଶିରଃଶୂଳ, ନେତ୍ର ଗୁରୁତା ବୋଧ ହୋଇଥାଏ। ଏଥିରେ ବିଶ୍ରାମ ନେବା ଉଚିତ।

ଏଣୁ ପ୍ରତି ରୋଗ ଆରମ୍ଭରୁ କାରଣ ଖୋଜି ତା'ର ଚିକିତ୍ସା କଲେ ତାହା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥାଏ। ମାତ୍ର ଲାକ୍ଷଣିକ ଚିକିତ୍ସା ଦ୍ୱାରା ଏହାର କେବଳ ଉପଶମ ହୋଇପାରେ। ତେଣୁ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶାନୁଯାୟୀ ଔଷଧ ସେବନ କଲେ ଏହା ସାମୟିକ ଉପଶମ ନ ହୋଇ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ପାରିବ ନଚେତ୍ ଭବିଷ୍ୟତରେ ଅସାଧ୍ୟ ବ୍ୟାଧି ରୂପେ ଦେଖାଦେବ।


*-ଆନନ୍ଦ ବଜାର,*
*ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

# ସନ୍ତୁଳିତ ଓଜନ ପାଇଁ..



ଆଜିକାଲି ଓଜନ ବଢ଼ିବା ଏକ ସାଧାରଣ ସମସ୍ୟା। ଏହାକୁ ନିୟନ୍ତ୍ରଣରେ ନ ରଖିଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ତେଣୁ ଏଥିପାଇଁ ମେଦବହୁଳ ବ୍ୟକ୍ତିଙ୍କୁ ସତର୍କ ରହିବାକୁ ପଡ଼େ। ଓଜନକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ହାତପାଆନ୍ତାରେ ରହିଛି। ତାକୁ ଅନୁସରଣ କଲେ ଜଣେ ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବ ବୋଲି ଆମେରିକାସ୍ଥିତ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତି ସବୁବେଳେ ଶାକାହାରୀ ଭୋଜନ କରନ୍ତି ତେବେ ସେହି ବ୍ୟକ୍ତି ଓଜନ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା କମ୍ ଥାଏ। ଗବେଷଣା ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ସବୁବେଳେ ଶାକାହାରୀ ଭୋଜନ କରୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ଓଜନ ବୃଦ୍ଧି ହେଉ ନ ଥିଲା ବୋଲି ଜଣାପଡ଼ିଥିଲା।

# ଲ୍ୟୁକେମିଆର ସହଜ ଚିକିତ୍ସା



ଲ୍ୟୁକେମିଆ ରୋଗୀଙ୍କ ପାଇଁ ଖୁସି ଖବର। ଏହି ରୋଗର ଏକ ସରଳ ଚିକିତ୍ସା ପ୍ରଣାଳୀ ନିକଟରେ ଉଦ୍ଭାବିତ ହୋଇଛି। ଦୀର୍ଘ ୫ବର୍ଷ ଗବେଷଣା କରି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ମଣିଷ ଶରୀରରେ ଏପରି ଏକ ସ୍ୱତନ୍ତ୍ର କୋଷ ରହିଛି, ଯାହାକୁ ବିଶ୍ଳେଷଣ କରି ଲ୍ୟୁକେମିଆର ଚିକିତ୍ସା କରାଯାଇପାରିବ ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଲ୍ୟୁକେମିଆଗ୍ରସ୍ତ କୋଷକୁ ସେମାନେ ପ୍ରଥମେ 'କଲ୍‌ଚର ପ୍ଲେଟ୍'ରେ ରଖି ତାହାର ଚିକିତ୍ସା କରିଥିଲେ। ଉକ୍ତ ସ୍ୱତନ୍ତ୍ର କୋଷ ସଂସ୍ପର୍ଶରେ ଆସିବା ପରେ ଲ୍ୟୁକେମିଆଗ୍ରସ୍ତ କୋଷ କେତେକାଂଶରେ ସୁସ୍ଥ ହେଉଥିବାର ସେମାନେ ଦେଖିବାକୁ ପାଇଥିଲେ। ତେବେ ଏହି କୋଷ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ସେମାନେ ଗବେଷଣା ଜାରି ରଖିଛନ୍ତି ଏବଂ ଏଥିରୁ ନିଶ୍ଚୟ ସଫଳତା ମିଳିବ ବୋଲି ବିଶେଷଜ୍ଞମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ନିୟନ୍ତ୍ରିତ ହେବ ସାନିଟାରୀ ନାପକିନ୍ ଭଳି ଉତ୍ପାଦ ମୂଲ୍ୟ

#### ୨ମାସ ମଧ୍ୟରେ ପ୍ରକାଶ ପାଇବ ତାଲିକା

**ନୂଆଦିଲ୍ଲୀ,୨୫-୮:** କେନ୍ଦ୍ର ସରକାର ଖୁବଶୀଘ୍ର ହାଇଜିନ ଉତ୍ପାଦ ସାନିଟାରୀ ନ୍ୟାପକିନ୍, ହ୍ୟାଣ୍ଡ ୱାଶ୍, ସମସ୍ତ ପ୍ରକାର କୀଟାଣୁନାଶକ ଉତ୍ପାଦ ଏବଂ ବୟସ୍କଙ୍କ ଲାଗି ଉଦ୍ଦିଷ୍ଟ ଡାୟପର୍ସ ମୂଲ୍ୟକୁ ନିୟନ୍ତ୍ରଣ କରିବାକୁ ଯାଉଛନ୍ତି। ଏଥିଲାଗି ମେଡିକାଲ ଉପକରଣ, ଡିସ୍‌ପୋଜେବଲ ଏବଂ ହାଇଜିନ୍ ଉତ୍ପାଦର ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଉଛି। ସୂଚନାଯୋଗ୍ୟ ଯେ, ନିକଟରେ ସରକାର କେତେକ ଜରୁରୀ ଔଷଧର ଦାମକୁ ନିୟନ୍ତ୍ରଣ ତାଲିକାଭୁକ୍ତ କରି ମୂଲ୍ୟ ହ୍ରାସ ଘୋଷଣା କରିଥିଲେ। ପ୍ରାୟ ୩୮୪ ଅତ୍ୟାବଶ୍ୟକ ଔଷଧ ଦରକୁ ସର୍ବାଧିକ ରିଟେଲ ମୂଲ୍ୟ(ଏମ୍‌ଆର୍‌ପି)ରେ ସୀମିତ ରଖାଯାଇଛି। ଏଥିସହିତ କ୍ୟାନସର ଚିକିତ୍ସାରେ ବ୍ୟବହୃତ ୪୨ ପ୍ରକାର ଔଷଧର ଲାଭକୁ ସର୍ବାଧିକ ୩୦ ପ୍ରତିଶତରେ ସୀମିତ ରଖାଯାଇଛି। ଏହି ତାଲିକା ବାଦ୍ ଅନ୍ୟ ଔଷଧଗୁଡ଼ିକ ଉପରେ କମ୍ପାନୀଗୁଡ଼ିକ ପକ୍ଷରୁ ସର୍ବାଧିକ ୧୦ ପ୍ରତିଶତ ମୂଲ୍ୟ ବଢ଼ାଇବାକୁ ଅନୁମତି ଦିଆଯାଇଛି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ହାଇଜିନ ଉତ୍ପାଦଗୁଡ଼ିକର ତାଲିକା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆସନ୍ତା ୨ ମାସ ମଧ୍ୟରେ ଏହାକୁ ଜାରି କରାଯିବ। ଏହି ତାଲିକାକୁ ୨ ଭାଗରେ ବିଭକ୍ତ କରାଯିବ। ପ୍ରଥମ ଭାଗରେ ଅର୍ଥାତ ପ୍ରାଇମେରୀ ଶ୍ରେଣୀରେ ରଖାଯାଇଥିବା ଉତ୍ପାଦଗୁଡ଼ିକର ମୂଲ୍ୟକୁ ନିୟନ୍ତ୍ରିତ କରାଯିବ। ସେହିପରି ସେକେଣ୍ଡାରୀ ଶ୍ରେଣୀରେ ଥିବା ଉତ୍ପାଦଗୁଡ଼ିକ ଯେପରି ଉଚିତ୍ ଦାମରେ ଗ୍ରାହକ କିଣିପାରିବେ ତାହା ସରକାର ସୁନିଶ୍ଚିତ କରିବେ। ତାଲିକା ଜାରି ହେବା ପରେ ଲାଭକୁ ସୀମାବଦ୍ଧ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ନୀତି ଆୟୋଗ କମିଟି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ।

### ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜାଲିଆତି

### ଗଠନ ହେଲା ଏବିବିଏଫ୍

**ନୂଆଦିଲ୍ଲୀ,୨୫-୮:** କେନ୍ଦ୍ରୀୟ ଭିଜିଲାନ୍ସ କମିଶନ(ସିଭିସି) ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଜାଲିଆତିର ତଦନ୍ତ ତଥା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୁପାରିସ କରିବା ଲାଗି ପୂର୍ବ ଭିଜିଲାନ୍ସ କମିଶନର ଟି.ଏମ୍. ଭସିନଙ୍କ ଅଧକ୍ଷତାରେ ଏକ ବ୍ୟାଙ୍କିଙ୍ଗ୍ ଜାଲିଆତି ସମ୍ପର୍କିତ ପରାମର୍ଶଦାତା ବୋର୍ଡ(ଏବିବିଏଫ୍) ଗଠନ କରିଛନ୍ତି। ପୂର୍ବରୁ ଏହାକୁ ବ୍ୟାଙ୍କ, ବାଣିଜ୍ୟିକ ଏବଂ ବିତ୍ତୀୟ ଜାଲିଆତି ସମ୍ପର୍କିତ ପରାମର୍ଶଦାତା ବୋର୍ଡ କୁହାଯାଉଥିଲା। ସିଭିସି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଆର୍‌ବିଆଇ ପରାମର୍ଶରେ ଗଠିତ ଏବିବିଏଫ୍ ଜାଲିଆତି, ଠକାମି ସଂକ୍ରାନ୍ତୀୟ ସମସ୍ତ ବଡ଼ ମାମଲାର ପ୍ରାଥମିକ ତଦନ୍ତ କରିବ। ବ୍ୟାଙ୍କର ମହାପ୍ରବନ୍ଧକ ସ୍ତରରେ ହୋଇଥିବା ଜାଲିଆତିର ତଦନ୍ତ ଏହି ୪ ସଦସ୍ୟବିଶିଷ୍ଟ ବୋର୍ଡ କରିବେ। ୫୦ କୋଟି ଟଙ୍କାରୁ ଅଧିକ ଜାଲିଆତି ମାମଲାଗୁଡ଼ିକର ପ୍ରାଥମିକ ତଦନ୍ତ ଲାଗି ବ୍ୟାଙ୍କଗୁଡ଼ିକ ବୋର୍ଡ ନିକଟକୁ ପଠାଇବେ। ବୋର୍ଡର ପରାମର୍ଶକ୍ରମେ ସମ୍ପୃକ୍ତ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। କମିଟିରେ ପୂର୍ବତନ ସହରାଞ୍ଚଳ ବିକାଶ ସଚିବ ମଧୁସୂଦନ ପ୍ରସାଦ, ସୀମା ସୁରକ୍ଷା ବଳର ପୂର୍ବତନ ମହାନିର୍ଦ୍ଦେଶକ ଡି.କେ. ପାଠକ ଓ ଆନ୍ଧ୍ର ବ୍ୟାଙ୍କର ପୂର୍ବତନ ପ୍ରବନ୍ଧ ନିର୍ଦ୍ଦେଶକ ତଥା ସିଇଓ ସୁରେଶ ଏନ୍. ପଟେଲ ସଦସ୍ୟ ରହିଛନ୍ତି।

"କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଆର୍ଥିକ ପ୍ୟାକେଜ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ। ଏହା ବିକାଶକୁ ଆଗେଇ ନେବ।

– ବିକ୍ରମ କିର୍ଲୋସ୍କର, ସଭାପତି, ସିଆଇଆଇ



"ଦେଶରେ ଚାହିଦା ରହିଥିବାରୁ ଟୟୋଟା କିର୍ଲୋସ୍କର ମୋଟର ଡିଜେଲ ଇଞ୍ଜିନଯୁକ୍ତ ଗାଡ଼ି ବିକ୍ରି ଜାରି ରଖିବ। ନୂଆ ଟେକ୍ନୋଲୋଜି ଆସିବା ପର୍ଯ୍ୟନ୍ତ ଏହା ବଜାୟ ରହିବ।

– ଶେଖର ବିଶ୍ୱନାଥନ, ଟୟୋଟା କିର୍ଲୋସ୍କର ମୋଟର ଉପାଧ୍ୟକ୍ଷ



## ଅଟୋ ପାର୍ଟ୍ସ ଉଦ୍ୟୋଗକୁ ବ୍ୟାପିଲା ମାନ୍ଦାବସ୍ଥା

# ୧୦ ହଜାର କୋଟି କ୍ଷତି ସହିବେ ୪୦୦ କମ୍ପାନୀ

**ନୂଆଦିଲ୍ଲୀ,୨୫-୮**

- ଗତବର୍ଷ ରାଜସ୍ୱ ଆୟ ୫୦ ହଜାର କୋଟି ହୋଇଥିଲା
- ସବୁଠୁ ଅଧିକ କ୍ଷତି ସହିବେ ଲଘୁ ଉଦ୍ୟୋଗ
- ଲକ୍ଷ ଲକ୍ଷ ସଂଖ୍ୟାରେ କର୍ମଚାରୀ ବେକାର ହୋଇଯିବେ



ଭାରତୀୟ ଅଟୋ ଉଦ୍ୟୋଗ ଏବେ ଅନେକ ପ୍ରକାର ସଙ୍କଟର ସାମ୍ନା କରୁଛି। ମାନ୍ଦାବସ୍ଥାର ପ୍ରଭାବ ଏଭଳି ଛାଇ ଯାଇଛି ଯେ, ଅଟୋ ସେକ୍ଟରରେ ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀଙ୍କୁ ଛଟେଇ କରାଯାଇସାରିଛି। ଆହୁରି ବହୁ କର୍ମଚାରୀ ବେକାର ହୋଇଯିବାର ଦ୍ୱାରଦେଶରେ ରହିଛନ୍ତି। ତେବେ ଅଟୋ ଉଦ୍ୟୋଗରେ ଦେଖାଦେଇଥିବା ମାନ୍ଦାବସ୍ଥାର ପ୍ରଭାବ ଏବେ ପାର୍ଟ୍ସ ନିର୍ମାତାଙ୍କ ଉପରେ ଦେଖାଯାଇଛି। ପ୍ରାୟ ୪୦୦ ଛୋଟ ବଡ଼ ପାର୍ଟ୍ସ ନିର୍ମାତା କମ୍ପାନୀ ଚଳିତବର୍ଷ ୧୦ ହଜାର କୋଟି ଟଙ୍କା କ୍ଷତି ସହିବାକୁ ଯାଉଛନ୍ତି।

ଆସୋସିଏଶନ ଅଫ୍ ଇଣ୍ଡିଆ ଫୋର୍ଜିଙ୍ଗ୍ ଇଣ୍ଡଷ୍ଟ୍ରି(ଏଆଇଏଫ୍‌ଆଇ) ପକ୍ଷରୁ ତଥ୍ୟ ପ୍ରଦାନ କରି ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ, ଅଟୋ ଉଦ୍ୟୋଗରେ ଆସିଥିବା ଧିମା ସ୍ଥିତିର ପ୍ରଭାବ ଏବେ ୪୦୦ କମ୍ପାନୀଙ୍କ ଉପରେ ପଡିଛି। ସେମାନଙ୍କ ମଧ୍ୟରେ ୧୮୦ରୁ ୨୦୦ ପାର୍ଟ୍ସ ଉତ୍ପାଦନକାରୀ, ୮୩% ଛୋଟ,୯% ମଧ୍ୟମ ଓ ଅବଶିଷ୍ଟ ବଡ଼ ଉଦ୍ୟୋଗ ରହିଛି। ମାନ୍ଦାବସ୍ଥାର ପ୍ରଭାବରେ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି ଲଘୁ ଉଦ୍ୟୋଗ। ଆର୍ଥିକ ବର୍ଷ ୨୦୧୮-୧୯ରେ ଉତ୍ପାଦନ କାରଣରୁ ଫୋର୍ଜିଙ୍ଗ୍ ଉଦ୍ୟୋଗ ପ୍ରାୟ ୫୦ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଥିଲେ। କିନ୍ତୁ ଚଳିତବର୍ଷ ପ୍ରାୟ ୯ରୁ ୧୦ ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡିବ। ଗାଡ଼ି ବିକ୍ରି କମିବା କାରଣରୁ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ତୁଳନାତ୍ମକ ରୂପରେ ଦେଖିଲେ ମଧ୍ୟମ ଓ ବଡ଼ ଫୋର୍ଜିଙ୍ଗ୍ ଉଦ୍ୟୋଗ ମୁକାବିଲା ଛୋଟ କମ୍ପାନୀ ଅଧିକ କ୍ଷତି ସହିବେ। ଉଦ୍ୟୋଗ କାର୍ଯ୍ୟକଳାପ ଅଟକି ଯିବାକୁ ପ୍ରତିକୂଳ ପ୍ରଭାବ କୁହାଯାଇଥାଏ। ଏହି ସମୟରେ ପାଣି ପ୍ରବାହକୁ ରୋକି ଦିଆଯାଏ ଅଥବା ନଗଦ ପ୍ରବାହ ଦୟନୀୟ ସ୍ଥିତିରେ ରହିଥାଏ। ବର୍ତ୍ତମାନ ଅଟୋ ସେକ୍ଟର ବିଏସ୍-୪ରୁ ବିଏସ୍-୬କୁ ପରିବର୍ତ୍ତିତ ହେବାକୁ ଯାଉଥିବା କାରଣରୁ ସଙ୍କଟ ସୃଷ୍ଟି ହୋଇଛି। ବିଏସ୍-୬ ଅପେକ୍ଷାରେ କାର୍ ବିକ୍ରି ଧିମା ହୋଇଗଲାଣି। ଅଟୋ ସେକ୍ଟରରେ ବିକ୍ରି କମିଯିବା କାରଣରୁ ଛୋଟ ଉଦ୍ୟୋଗରେ ହୋଇଥିବା ଉତ୍ପାଦିତ ସାମଗ୍ରୀ ଏବେ ଜମାହେବାରେ ଲାଗିଛି। ଅଟୋ ପାର୍ଟ୍ସ ବିକ୍ରି ନ ହେବା କାରଣରୁ ଛୋଟ ଉଦ୍ୟୋଗଗୁଡ଼ିକୁ କ୍ଷତି ସହିବାକୁ ପଡୁଛି। କଞ୍ଚା ମାଲ୍ ରହିଯିବା କାରଣରୁ ପାର୍ଟ୍ସ ତିଆରି କରୁଥିବା କମ୍ପାନୀଗୁଡ଼ିକ ଦର ହ୍ରାସ କରିବାକୁ ବାଧ୍ୟ ହେବେ। ଯାହାର ଫଳସ୍ୱରୂପ ଲଘୁ ଉଦ୍ୟୋଗରେ କାମ କରୁଥିବା ଲକ୍ଷ ଲକ୍ଷ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇବେ।

## ୫ ଲକ୍ଷ କୋଟି ଡଲାର ଅର୍ଥନୀତି ନେଇ ପ୍ରଣବଙ୍କ ମନ୍ତବ୍ୟ

# ହାସଲ ହୋଇପାରେ ସରକାରଙ୍କ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୫-୮**

- ଜିଏସ୍‌ଟିରେ ଅଧିକ ସ୍ପଷ୍ଟତା ଆବଶ୍ୟକ
- ନିବେଶ ବିନା ଅର୍ଥନୀତି ବଢ଼ିବ ନାହିଁ
- ବର୍ତ୍ତମାନର ଡଲାର-ଟଙ୍କା ବିନିମୟ ମୂଲ୍ୟ ବଜାୟ ରଖିବାକୁ ହେବ



ଭାରତକୁ ୨୦୨୪-୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଏନ୍‌ଡିଏ ସରକାର ଧାର୍ଯ୍ୟ କରିଥିବା ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରେ ବୋଲି ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଣବ ମୁଖାର୍ଜୀ ମତପ୍ରକାଶ କରିଛନ୍ତି।

ଆସୋସିଏଶନ ଅଫ୍ କର୍ପୋରେଟ ଆଡଭାଇଜର୍ସ ଆଣ୍ଡ ଏକ୍‌ଜିକ୍ୟୁଟିଭ୍ସ (ଏସିଏଇ) ଦ୍ୱାରା ଆୟୋଜିତ ବୈଠକରେ ଯୋଗ ଦେଇ ମୁଖାର୍ଜୀ କହିଛନ୍ତି ଯେ, ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ରେ ଅଧିକ ସ୍ୱଚ୍ଛତା ଆଣିବାକୁ ହେବ। ଗତବର୍ଷ ଅର୍ଥନୀତିରେ କିଛି ପରିମାଣରେ ମାନ୍ଦାବସ୍ଥାର ସଙ୍କେତ ଦେଖିବାକୁ ମିଳିଛି। ଫଳସ୍ୱରୂପ ଜିଡିପି ଅଭିବୃଦ୍ଧି ହାର କମିଯାଇଛି। ସେ କହିଛନ୍ତି ଯେ, ଅର୍ଥନୀତିକୁ ଠିକ୍ ବାଟରେ ଏବଂ ଦୂରଦୃଷ୍ଟି ସମ୍ପନ୍ନ ଭାବେ ପରିଚାଳନା କରାଗଲେ ୫ ଲକ୍ଷ କୋଟି ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ। ତେବେ ନିବେଶ ବିନା ଅର୍ଥନୀତି ବୃଦ୍ଧି ପାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସାମଗ୍ରୀ ଏବଂ ସେବା ଟିକସ ସମ୍ପର୍କରେ ଉଲ୍ଲେଖ କରି ମୁଖାର୍ଜୀ କହିଛନ୍ତି ଯେ, ଜିଏସ୍‌ଟି ଲାଗୁ ହେବା ଦ୍ୱାରା ଅନେକ ପ୍ରକାର ଟିକସ ଶେଷ ହୋଇଛି। ତେବେ ଏ ଦିଗରେ ସରକାରଙ୍କ ପକ୍ଷରୁ ଅଧିକ ସ୍ପଷ୍ଟତା ଆସିବା ଦରକାର। ଫଳରେ ଏହାକୁ ପାଳନ କରିବା ସହଜ ହେବ। ବର୍ତ୍ତମାନର ଡଲାର-ଟଙ୍କାର ବିନିମୟ ମୂଲ୍ୟକୁ ବଜାୟ ରଖିବା ଉପରେ ସେ ଜୋର୍ ଦେଇଥିଲେ। କର୍ପୋରେଟ ଜାଲିଆତି ବୃଦ୍ଧି ପାଉଥିବା ବେଳେ ଏହା ଉପରେ ଚିନ୍ତାବ୍ୟକ୍ତ କରି ସେ କହିଛନ୍ତି ଯେ, ଗତ କିଛିବର୍ଷ ହେଲା ଏଭଳି ଠକାମି ବେଶ୍ ବୃଦ୍ଧି ପାଇଛି। ସୂଚନାଥାଉ କି, ବର୍ତ୍ତମାନ ଅର୍ଥନୀତି ଆକାର ହିସାବରେ ଭାରତ ୭ମ ସ୍ଥାନରେ ରହିଛି। ୨୦୧୭ରେ ଦେଶ ୫ମ ସ୍ଥାନରେ ରହିଥିଲା। ଗତବର୍ଷ ଅର୍ଥନୀତି ଧିମା ପଡିବା କାରଣରୁ ଭାରତ ତଳକୁ ଖସିଯାଇଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୧୮ରେ ବ୍ରିଟେନ ଓ ଫ୍ରାନ୍ସର ଅର୍ଥନୀତି ଭାରତଠାରୁ ଅଧିକ ଅଭିବୃଦ୍ଧି ହାସଲ କରିଥିଲା। ଏହି କାରଣରୁ ସେମାନଙ୍କ ର୍‍ୟାଙ୍କିଙ୍ଗ୍‌ରେ ଏକ ସ୍ଥାନ ଉନ୍ନତି ହୋଇଛି। ବ୍ରିଟେନ ୫ମ ଓ ଫ୍ରାନ୍ସ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଉଲ୍ଲେଖଥାଉ କି, ଅର୍ଥନୀତିକୁ ଦ୍ରୁତତର କରିବା ଲାଗି ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବା ସହ ଅଟୋ ଉଦ୍ୟୋଗ ଲାଗି ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି। ସେହିପରି ଲୋକଙ୍କ ହାତରେ ଅଧିକ ଅର୍ଥ ପହଞ୍ଚାଇବା ଲାଗି ବ୍ୟାଙ୍କ ସୁଧ ହାରକୁ ରେପୋ ରେଟ୍ ସହ ସଂଯୋଗ କରାଯିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ଋଣ ଶସ୍ତା ହେବ ଓ ଲୋକେ ଆଗ୍ରହର ସହିତ ସାମଗ୍ରୀ କିଣିବେ। ଫଳରେ ଶିଳ୍ପ ଅଭିବୃଦ୍ଧି ଦ୍ରୁତତର ହେବ।

## କର୍ପୋରେଟ ପାଇଁ ଗତ ୫ବର୍ଷ ସବୁଠୁ ଖରାପ ସମୟ

**ନୂଆଦିଲ୍ଲୀ,୨୫-୮**

କର୍ପୋରେଟ ଇଣ୍ଡିଆ ପାଇଁ ଗତ ୫ ବର୍ଷ (ଆର୍ଥିକ ବର୍ଷ ୨୦୧୩-୧୪ରୁ ୨୦୧୭-୧୮) ସବୁଠୁ ଖରାପ ସମୟ ଥିଲା। ଦୀର୍ଘ ୨୫ ବର୍ଷ ଭିତରେ ଏଭଳି ଖରାପ ସମୟ ଦେଖାଯାଇ ନ ଥିଲା। କମ୍ପାନୀଗୁଡ଼ିକର ବିକ୍ରି ଅଭିବୃଦ୍ଧି ତଥା ଟିକସ ପ୍ରଦାନ ପରେ ଲାଭ ଉପରେ ଦୃଷ୍ଟି ଦେଲେ ଏହି ଧାରଣା ସୃଷ୍ଟି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟ ଯେ, ଏହି ସମୟରେ କର୍ମଚାରୀଙ୍କୁ ମିଳୁଥିବା ଦରମା ମଧ୍ୟ ଅନେକାଂଶରେ କମିଯାଇଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀଗୁଡ଼ିକରେ ଏଭଳିସମାନସ୍ଥିତିଦେଖିବାକୁମିଳିଛି। ତେବେ ବିଦେଶୀ କମ୍ପାନୀଗୁଡ଼ିକ କ୍ଷେତ୍ରରେ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।

ଇକୋନୋମିକ ଏବଂ ବିଜନେସ ଡାଟା ଉପରେ ନଜର ରଖୁଥିବା ଏଜେନ୍ସି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ)ର ତଥ୍ୟ ବିଶ୍ଳେଷଣ କଲେ ଜଣାପଡୁଛି ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ ଶେଷ ହୋଇଥିବା ଗତ ୫ ବର୍ଷରେ ବିକ୍ରିଜନିତ ରାଜସ୍ୱ ହାରାହାରି ୬% ହାରରେ ବଢ଼ିଥିଲା। ଏହା ୧୯୯୩-୯୪ ପରେ କୌଣସି ୫ ବର୍ଷର ସମୟାବଧିରେ ସବୁଠାରୁ କମ୍ ରହିଛି। ତେବେ ୨୦୦୨-୦୩ ଏବଂ ୨୦୦୭-୦୮ ମଧ୍ୟରେ ୫ ବର୍ଷରେ କର୍ପୋରେଟ ବିକ୍ରି ୨୧.୨%ର ହାରାହାରି ବାର୍ଷିକ ଅଭିବୃଦ୍ଧି ଦେଖାଯାଇଥିଲା, ଯାହା ଏହି ଅବଧିରେ ସର୍ବାଧିକ ରହିଥିଲା।

## ଅର୍ଥନୀତିରେ ମାନ୍ଦାବସ୍ଥା

ଭାରତୀୟ ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ଆଲୋଚନା ହେଉଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଏ ନେଇ ନିକଟରେ ମତ ରଖିଛନ୍ତି। ଅଗଷ୍ଟ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଖବରଦାତା ସମ୍ମିଳନୀରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ବଜେଟରେ ନିଆଯାଇଥିବା କେତେକ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ଏହାଦ୍ୱାରା ଭାରତୀୟ ଅର୍ଥନୀତିର ରୂପରେଖ କଣ ରହିବ ସାଧାରଣ ନାଗରିକଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏଭଳି ସ୍ଥଳେ ମାନ୍ଦାବସ୍ଥାକୁ ନେଇ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ସଙ୍କଟ ସମୟ ଦେଇ ଗତି କରୁଛି ଅର୍ଥନୀତି



"ଅର୍ଥନୀତି ବର୍ତ୍ତମାନ ଏକ ସଙ୍କଟ ସମୟ ଦେଇ ଗତି କରୁଛି। ଜିଡିପି ଅଭିବୃଦ୍ଧି କମିବା ସହ ଉଚ୍ଚ ହାରରେ ନିଯୁକ୍ତି ହ୍ରାସ ଚିନ୍ତାର କାରଣ ପାଲଟିଛି। ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ। କେନ୍ଦ୍ର ଏବଂ ରାଜ୍ୟ ସରକାର ଠିକ୍ ନୀତି ଦ୍ୱାରା ଏହି ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି।

- ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ଋଣ ଯୋଗାଣକୁ ତ୍ୱରାନ୍ୱିତ କରାଯାଉ



"ବିଶ୍ୱ ବଜାର ମାନ୍ଦାବସ୍ଥାର ପ୍ରଭାବ ଘରୋଇ ବଜାର ଉପରେ ରହିଛି। ବିଗତ ବର୍ଷଗୁଡିକରେ ବ୍ୟାଙ୍କଗୁଡିକ ଠିକ୍ ଭାବେ ଋଣ ପ୍ରଦାନ କରି ନ ଥିବାରୁ ଏହା ଏବେ ଏନ୍‌ପିଏ ଆକାଉଣ୍ଟରେ ପରିବର୍ତ୍ତିତ ହୋଇଛି। ନଗଦ ଅଭାବରେ ବ୍ୟାଙ୍କଗୁଡିକ ଋଣ ଦେବାକୁ ସକ୍ଷମ ହେଉ ନାହାନ୍ତି। ଅର୍ଥନୀତି ଅଭିବୃଦ୍ଧି ଲାଗି ଆର୍ଥିକ କାରବାର ବଢ଼ିବାର ଆବଶ୍ୟକତା ଥିଲେ ମଧ୍ୟ ବିଭିନ୍ନ କମ୍ପାନୀ ଋଣ ପାଉ ନ ଥିବାରୁ ସେମାନଙ୍କ ପରିଚାଳନା ପ୍ରଭାବିତ ହୋଇଛି। ଲୋକମାନେ ସେମାନଙ୍କ କ୍ରୟ ନେଇ ଏବେ ଅଧିକ ସଚେତନ। କ୍ରୟ ନ ବଢ଼ିଲେ ଏହାର ପ୍ରଭାବ ଚାହିଦା ଏବଂ ଯୋଗାଣ ଉପରେ ପଡ଼ିବ। ଯାହା ଏବେ ଅର୍ଥନୀତିରେ ଦେଖାଯାଇଛି। ବ୍ୟାଙ୍କ ଗୁଡିକର ଏନ୍‌ପିଏ ସମସ୍ୟା ଯୋଗୁ ନୂଆ ଋଣ ପ୍ରଦାନ ଅସୁବିଧା ହେଉଛି। ଏଭଳି ସ୍ଥିତିରେ ଲୋକମାନେ ଠିକ୍ ଭାବେ ପୁଞ୍ଜି ଲାଭ ନ କଲେ ବାଣିଜ୍ୟ ଅଭିବୃଦ୍ଧି ହେବ ନାହିଁ। ଦଶହରା ବେଳକୁ ସ୍ଥିତିରେ ପରିବର୍ତ୍ତନ ଆସିବା ନେଇ ଆଶାବାଦୀ।

- ନୀଶିଥ ନନ୍ଦ, ସଭାପତି, ଆଫୋର୍ଡ

### ନିବେଶ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉ



"ଜିଡିପି ଅଭିବୃଦ୍ଧି ହାର ଏବେ କମିଯାଇଛି। ଗତ ୫ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ। ଅଟୋମୋବାଇଲ୍ କ୍ଷେତ୍ରରେ ସାଢ଼େ ୩ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି। ମାନ୍ଦାବସ୍ଥା ପ୍ରଭାବ ରିୟଲ ଇଷ୍ଟେଟ ଉପରେ ମଧ୍ୟ ପଡ଼ିଛି। ଫଳରେ ଉକ୍ତ କ୍ଷେତ୍ର ସହ ୨୫୦ ସଂଲଗ୍ନ କ୍ଷେତ୍ରରେ ନିଯୁକ୍ତି ହ୍ରାସ ହୋଇଛି। ସେହିଭଳି ଏଫ୍‌ଏମ୍‌ସିଜି କ୍ଷେତ୍ର ବି ମାନ୍ଦାବସ୍ଥାର ଶିକାର ହୋଇଛି। ସରକାରଙ୍କ ଟିକସ ଅଭିବୃଦ୍ଧି କମିବା ଯୋଗୁ ସରକାରୀ ଖର୍ଚ୍ଚ କମୁଛି। ଟିକସ ସଂଗ୍ରହ ବଢ଼ିଲେ ସରକାରୀ କ୍ଷେତ୍ରରେ ନିବେଶ ବୃଦ୍ଧି ହେବ। ଏହାବାଦ ଘରୋଇ କ୍ଷେତ୍ର ନିବେଶ ବଢାଇବା ଲାଗି ସୁଧ ହାର କମାଇବା ଉଚିତ। ସୁଲଭ ସୁଧ ହାରରେ ଶିଳ୍ପ କ୍ଷେତ୍ର ଋଣ ପାଇଲେ ନିବେଶ ବଢ଼ିବ। ଏହା ଦ୍ୱାରା ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପଡିବ।

- ରଶ୍ମିରଞ୍ଜନ ବେହେରା, ଅର୍ଥନୀତି ଅଧାପକ, ବିଜ୍ଞାନ ସ୍ୱୟଂଶାସିତ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ

### ଦୂରଦୃଷ୍ଟି ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି



"ମାନ୍ଦାବସ୍ଥାର ପ୍ରଭାବରେ ସରକାରୀ ପେମେଣ୍ଟ ଅଂଶୀଦାରଙ୍କୁ ଠିକ୍ ଭାବେ ମିଳୁନାହିଁ। କ୍ୟାଶ ଫ୍ଲୋ କମ୍ ରହିଛି। ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ କମି ଥିବାରୁ ଏହାର ପ୍ରଭାବ ନିଯୁକ୍ତି ଉପରେ ମଧ୍ୟ ରହିଛି। ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରୁ ନାହାନ୍ତି। ଲୋକଙ୍କର ଖର୍ଚ୍ଚ କରିବା କ୍ଷମତା ମଧ୍ୟ କମିଛି। ସେହିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ସେଭଳି କିଛି ଆଖି ଦୃଶିଆ ପ୍ରକଳ୍ପ କାର୍ଯ୍ୟ ଗ୍ରହଣ କରାଯାଇ ନାହିଁ। ରାଜ୍ୟରେ ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରିବାକୁ ସଙ୍କୋଚ କରୁଛନ୍ତି। ଏହାର ମୁଖ୍ୟ କାରଣ ନଗଦ ସଙ୍କଟ। ଜିଏସ୍‌ଟି ରିଫଣ୍ଡ ଠିକ୍ ଭାବେ ମିଳୁ ନ ଥିବାରୁ ଶିଳ୍ପଗୁଡିକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେହିଭଳି ସରକାର ଠିକ୍ ନୀତି ଆଣିବା ଉଚିତ। ଠିକ୍ ଲକ୍ଷ୍ୟ ରଖି କାମ କଲେ ଅର୍ଥନୀତି ଉପରେ ଏହାର ଭଲ ପ୍ରଭାବ ପଡ଼ିବ।

- ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସ୍‌ମେ

# କୁଟିନାର ପ୍ରାଥମିକତା ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ

**ରୋଷେଇ ଘରେ ବ୍ୟବହାର ହେଉଥିବା ଚିମିନୀ ମାନୁଫାକଚରିଂ କ୍ଷେତ୍ରରେ କୁଟିନା ଏକ ପରିଚିତ ବ୍ରାଣ୍ଡ। ଏହା ଉକ୍ତ ବର୍ଗରେ ପ୍ରମୁଖ ବଜାର ଅଂଶୀଦାର ହୋଇ ପାରିଛି। କମ୍ପାନୀ ପ୍ରଡକ୍ଟରେ ନୂତନତ୍ୱ ଆଣିବା ସହ ନିଜର ଉପସ୍ଥିତିକୁ ବଢାଇବାରେ ଲାଗିଛି। ଏବେ ରପ୍ତାନି ସହ ଅନ୍‌ଲାଇନ ବଜାରରେ ନିଜର କାରବାର ଉନ୍ନତ କରିବାକୁ କମ୍ପାନୀ ପ୍ରୟାସ ଜୋରଦାର କରିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହାର ଡିଲର ସମ୍ମିଳନୀ ଅବସରରେ ବଜୋରିଆ ଆପ୍ଲାଏନ୍ସ ପ୍ରାଇଭେଟ ଲିମିଟେଡ୍ ଏମ୍‌ଡି ନମିତ ବଜୋରିଆଙ୍କ ସହ ଧରିତ୍ରୀର ସାକ୍ଷାତ୍‌କାର...**

**ଟେକ୍ନୋଲୋଜି ପ୍ରଡକ୍ଟ ଆଣିବା ଦିଗରେ କମ୍ପାନୀର ଉଦ୍ୟମକୁ କେମିତି ଦେଖୁଛନ୍ତି?**

ନୂଆ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ଆଣିବା ଲାଗି ସର୍ବଦା ପ୍ରୟାସ ଜାରି ରଖିଛୁ। ଗତ କିଛିବର୍ଷ ତଳେ ଅଟୋ କ୍ଲିନ ଚିମିନୀ ଆଣିଥିଲୁ। ଏହା ଦ୍ୱାରା ଭଲ ରେସପନ୍ସ ପାଇଛୁ। ଏବେ ଲୋକମାନେ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ। ଏହାକୁ ଧ୍ୟାନରେ ରଖି ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟକୁ ପ୍ରାଥମିକତା ଦେଉଛୁ। ସ୍ମାର୍ଟ ଟେକ୍ନୋଲୋଜି ଏବଂ ଇଣ୍ଟେଲିଜେନ୍ସ ଫିଚରକୁ କମ୍ପାନୀର ବିଭିନ୍ନ ପ୍ରଡକ୍ଟ କ୍ଷେତ୍ରରେ ବ୍ୟବହାର କରାଯିବ। ଆଗକୁ ବିଲ୍ଟ ଇନ୍ ରେଫ୍ରିଜରେଟର, ୱାଇନ ଚିଲର, ହବ୍‌ସ ଭଳି ନୂଆ ପ୍ରଡକ୍ଟ ଆଣିବୁ। ଗ୍ରାହକଙ୍କୁ ସମ୍ପୂର୍ଣ୍ଣ କିଚେନ୍ ସମାଧାନ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଛି।

**ଚିମିନୀ ଏବଂ କିଚେନ ଆପ୍ଲାଏନ୍ସ ବଜାର କିଭଳି ବଢୁଛି?**

ଏହି ବର୍ଗରେ ବଜାରର ଅଭିବୃଦ୍ଧି ଦ୍ରୁତ ରହିଛି। ଲୋକମାନେ ଏକ୍ଷେତ୍ରରେ ଅଧିକ ପଇସା ଖର୍ଚ୍ଚ କରିବାକୁ ଚାହୁଁଛନ୍ତି। ଦେଶରେ ମୋଟ୍ କିଚେନ ବଜାର ୭୦ରୁ ୮୦ ହଜାର କୋଟି ଟଙ୍କା ରହିଛି। ଚିମିନୀର ବଜାର ୧୨୦୦ କୋଟି ଟଙ୍କା ଥିବାବେଳେ କିଚେନ ଆପ୍ଲାଏନ୍ସର ବାର୍ଷିକ କାରବାର ୩ ରୁ ୪ ହଜାର କୋଟି ଟଙ୍କା ରହିଛି। ଏକ୍ଷେତ୍ରରେ ଅଭିବୃଦ୍ଧି ୧୪ରୁ ୧୫% ରହିଛି।

**ମାନ୍ଦାବସ୍ଥା କୁଟିନାର ଅଭିବୃଦ୍ଧିରେ ପ୍ରଭାବ ପକାଉଛି କି ? ଏପରିସ୍ଥିତିରେ କ'ଣ ପଦକ୍ଷେପ ନେଉଛନ୍ତି?**

ହଁ ମାନ୍ଦାବସ୍ଥା ପ୍ରଭାବ ପ୍ରତି ଶିଳ୍ପ ଉପରେ ରହିଛି। ଏହା ଯୋଗୁ କମ୍ପାନୀଗୁଡିକର ମାର୍ଜିନ କମିବ। କମ୍ପାନୀ ନିଜର ବ୍ୟବସାୟ ସଙ୍ଗଠିତ କରିବା ନେଇ ଆହୁରି ଯତ୍ନବାନ ହେବେ। ସଂସ୍ଥାଗୁଡିକ ନିଜର କୋର୍ ବାଣିଜ୍ୟ ଉପରେ ଅଧିକ ଧ୍ୟାନ ଦେବେ। ଏସ୍ଥିତିରେ ଅଭିବୃଦ୍ଧି ପାଇଁ ଯୋଜନା ରଖିଛୁ। ଏହି ସେଗ୍‌ମେଣ୍ଟରେ ଦେଶ ମଧ୍ୟରେ ପ୍ରାୟ ୮ରୁ ୧୦ ବଡ ବ୍ରାଣ୍ଡ ଏବଂ ମୋଟ ୧୫ କମ୍ପାନୀ ରହିଛନ୍ତି। ଭାଲ୍ୟୁ ଗ୍ରହଣ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛୁ। କୁଟିନା ୧୫ରୁ ୧୮ % ବଜାର ଅଂଶ ହାସଲ କରିଛି। ଅଭିବୃଦ୍ଧି ୨୨% ରହିଛି। ଗତ ବର୍ଷ ୨୫୦ କୋଟି ଟଙ୍କାର କାରବାର କରିଥିଲୁ। ଚଳିତ ବର୍ଷ ଏହା ୩୦୦ କୋଟି ଟଙ୍କା ଟପିବ ବୋଲି ଆଶାବାଦୀ। ଗତ ୧୫ ବର୍ଷ ହେବ ଗୁଣବତ୍ତା ପ୍ରଡକ୍ଟ ଯୋଗାଉଛୁ। ପ୍ରଡକ୍ଟ ଓ ସର୍ଭିସକୁ ନିରନ୍ତର ଅପ୍‌ଡେଟ କରାଯାଉଛି। ଗ୍ରାହକଙ୍କୁ ଆମ ବ୍ରାଣ୍ଡ ସହ ଯୋଡି ରଖିବା ଲାଗି ପଦକ୍ଷେପ ନେଉଛୁ। ଏବେ କୁଟିନାର ବ୍ରାଣ୍ଡ ଏକ୍ସକ୍ଲୁସିଭ ଗ୍ୟାଲେରୀ ଖୋଲିବା ଦିଗରେ ଧ୍ୟାନ ଦେଉଛୁ। ଏଠାରେ ଗ୍ରାହକ କୁଟିନାର ସମ୍ପୂର୍ଣ୍ଣ ପ୍ରଡକ୍ଟ ରେଞ୍ଜ ପାଇ ପାରିବେ। ପୂର୍ବ ଭାରତରେ ବର୍ତ୍ତମାନ ସୁଦ୍ଧା ୪୩ ଏଭଳି ଗ୍ୟାଲେରୀ ରହିଛି।

**ଓଡ଼ିଶା ବଜାର କମ୍ପାନୀ ଲାଗି କିଭଳି ମହତ୍ତ୍ୱ ରଖୁଛି?**

ଓଡ଼ିଶା ବଜାର ଦ୍ରୁତ ଗତିରେ ଅଭିବୃଦ୍ଧି କରୁଛି। ଏଠାରେ ଭିତ୍ତିଭୂମି, ରୋଡ ସହ ଅନ୍ୟ କ୍ଷେତ୍ରରେ ବେଶ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। କଟକ ଏବଂ ଭୁବନେଶ୍ୱରରେ ଏବେ ଅନେକ ବଡ ବଡ ମଲ ଏବଂ ଶୋ'ରୁମ ସ୍ଥାପନା ହୋଇଛି। ଓଡ଼ିଶାରେ ଲୋକଙ୍କର କ୍ରୟ ଚାହିଦା ତ୍ୱରିତ ହୋଇଛି। ଏଠାରେ ମାର୍କେଟ ଲିଡର ରହିଛୁ। ଟାୟାର-୩ ସହରଗୁଡିକ ଉପରେ ଏବେ ଧ୍ୟାନ କେନ୍ଦ୍ରିତ କରିଛୁ। ମାର୍ଚ୍ଚ ୨୦୨୦ ସୁଦ୍ଧା ୨୦୦ ରିଟେଲ ପାର୍ଟନରଙ୍କ ସହ ଯୋଡି ହୋଇ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଏଠାରେ ୧୫ କୋଟି ଟଙ୍କା କାରବାର ନେଇ ଆଶାବାଦୀ। ସେହିଭଳି ଚଳିତ ବର୍ଷ ୪ରୁ ୫ କୁଟିନା ଏକ୍ସକ୍ଲୁସିଭ୍ ଗ୍ୟାଲେରୀ ଆଣିବାକୁ ଯୋଜନା ରଖିଛୁ। ଆସନ୍ତା ବର୍ଷ ୨୦ରୁ ୨୨ ନୂଆ ଏକ୍ସକ୍ଲୁସିଭ ଗ୍ୟାଲେରୀ ଖୋଲିବୁ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରର ଗ୍ରାଣ୍ଡ ବଜାର ଏବଂ ବାପୁଜୀ ନଗରରେ ଏଭଳି ଗ୍ୟାଲେରୀ ଖୋଲିବ।

**କମ୍ପାନୀ ରିଟେଲ ବ୍ୟବସାୟ ବୃଦ୍ଧି ଦିଗରେ କେଉଁ ଯୋଜନା କାର୍ଯ୍ୟକାରୀ କରୁଛି?**

ରିଟେଲ ଚ୍ୟାନେଲ ପାର୍ଟନରଙ୍କ ସହ ମିଳିତ ହୋଇ କାମ କରୁଛି। ଗ୍ରାହକଙ୍କ ଆବଶ୍ୟକତା ସମ୍ପର୍କରେ ଚ୍ୟାନେଲ ପାର୍ଟନରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛୁ। ସେହି ଅନୁସାରେ ପଦକ୍ଷେପ ନିଆଯାଉଛି। ସାରା ଦେଶରେ ୩୦୦୦ ରିଟେଲ ପାର୍ଟନର ଏବଂ ୧୭୦ ବିତରକ କୁଟିନା ସହ ଯୋଡି ହୋଇଛନ୍ତି।


### ଆଣିଲା ନୂଆ ଆଇ-ଅଟୋ କ୍ଲିନ ଚିମିନୀ

କୁଟିନା ପକ୍ଷରୁ ନୂତନ ଆଇ-ଅଟୋ କ୍ଲିନ ଟେକ୍ନୋଲୋଜିଯୁକ୍ତ ଚିମିନୀ ବଜାରକୁ ଆସିଛି। କମ୍ପାନୀର ଏମ୍‌ଡି ନମିତ ବଜୋରିଆ ଏହାର ବଜାର ପ୍ରବେଶ କରାଇଥିଲେ। ଏହାର ୧୦ଟି ମଡେଲ ଉପଲବ୍ଧ ରହିଛି। ଏହି ପ୍ରଡକ୍ଟର ମୂଲ୍ୟ ୨୪,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହାବାଦ ଏଥିରେ ଇଣ୍ଡଷ୍ଟ୍ରିଫାଷ୍ଟ ଇଣ୍ଟେଲିଜେନ୍ସ ଅଟୋକ୍ଲିନ , ଶକ୍ତି ସଞ୍ଚୟକାରୀ ଫିଚର, ଟଚ୍ କଣ୍ଟ୍ରୋଲ ଇଣ୍ଟରଫେସ, ଫିଲଟରଲେସ, ଡେକୋରେଟିଭ ଏଲ୍‌ଇଡି ପ୍ୟାନେଲ ଭଳି ଫିଚର ଗ୍ରାହକ ଏଥିରେ ଲାଭ କରିପାରିବେ।



ନମିତ୍ ବଜୋରିଆ

" ତୃତୀୟ ଥର ପାଇଁ ଜାତୀୟ ଦଳର ମୁଖ୍ୟ କୋଚ୍ ହେବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ନ ଥିବାରୁ ମୁଁ ଏଥର ବୋଲିଂ କୋଚ୍ ପାଇଁ ଆବେଦନ କରିଛି।**–ୱାକାର ୟୁନିସ, ପୂର୍ବତନ ପାକିସ୍ତାନ ଅଧିନାୟକ**



" ପୁରୁଷ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମରେ ରୋଜର ଫେଡରରଙ୍କ ରେକର୍ଡକୁ ଭଙ୍ଗ କରିପାରିବି କି ନା ଲୋକେ ଯାହା ଆଲୋଚନା କରୁଛନ୍ତି, ତାହା ମୋ ପାଇଁ ପ୍ରେରଣା ସଦୃଶ।**–ନୋଭାକ ଜୋକୋଭିଚ୍, ସର୍ବୀୟ ଖେଳାଳି**



# ଶିଖରରେ ସିନ୍ଧୁ: ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କ ରେକର୍ଡ




**ବାସେଲ (ସୁଇଜରଲାଣ୍ଡ), ୨୫।୮ (ପି.ଟି.)**

ଭାରତୀୟ ଖେଳାଳିଭାବେ ପି.ଭି. ସିନ୍ଧୁ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ୨୪ ବର୍ଷୀୟା ସିନ୍ଧୁ ୨୧-୭, ୨୧-୭ ସିଧାସଳଖ ଗେମ୍‌ରେ ଜାପାନର ନୋଜୋମି ଓକୁହାରାଙ୍କୁ ପରାସ୍ତ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଲଗାତର ୩ୟଥର ଫାଇନାଲ ଖେଳିଥିବା ସିନ୍ଧୁ ଶେଷରେ ସ୍ୱର୍ଣ୍ଣ ଜିତିବାର ସ୍ୱାଦ ଚାଖିଛନ୍ତି। ପୂର୍ବରୁ ସେ ଗତ ୨ଟି ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ।

### ଝାଙ୍ଗ୍‌ଙ୍କ ସହ ସମକକ୍ଷ ହେଲେ

ଏହି ବିଜୟ ସହ ସିନ୍ଧୁ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ର ସମସ୍ତ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ସେ ୨୦୧୩ ଓ ୨୦୧୪ରେ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ଏବଂ ୨୦୧୭ ଓ ୨୦୧୮ରେ ରୌପ୍ୟ ପଦକ ଜିତିଥିଲେ। ଏବେ ସ୍ୱର୍ଣ୍ଣ ଜିତି ସେ ବିଶ୍ୱ ଚାମ୍ପିୟନଶିପ୍‌ର ପଦକ ସେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ସର୍ବାଧିକ ପଦକ ଜିତିବାରେ ଚାଇନାର ଝାଙ୍ଗ୍ ନିଙ୍ଗ୍‌ଙ୍କ ସହ ସିନ୍ଧୁ ସମକକ୍ଷ ହୋଇଛନ୍ତି। ଝାଙ୍ଗ୍ ମଧ୍ୟ ତାଙ୍କ କ୍ୟାରିୟରରେ (୨୦୦୧ରୁ ୨୦୦୭ ମଧ୍ୟରେ) ବିଶ୍ୱ ଚାମ୍ପିୟନଶିପ୍‌ର ଗୋଟିଏ ସ୍ୱର୍ଣ୍ଣ ଏବଂ ୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ।

### ପ୍ରକାଶ ପାଦୁକୋନଙ୍କଠାରୁ ଆରମ୍ଭ

ପ୍ରଥମ ଭାରତୀୟ ଭାବେ ପ୍ରକାଶ ପାଦୁକୋନ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ୧୯୮୩ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାପରେ ସାଇନା ନେହ୍ୱାଲ ୨୦୧୫ ଓ ୨୦୧୭ରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ୨୦୧୧ରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପା ଯୋଡ଼ି ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ସଦ୍ୟତମ ପୁରୁଷ ସିଙ୍ଗଲ୍ସ ଖେଳାଳିଭାବେ ବି. ସାଇ ପ୍ରଣୀଥ୍ ଚଳିତ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଛନ୍ତି।



ପ୍ରମୋଦ ଭଗତ

**ଭୁବନେଶ୍ୱର, ୨୫।୮ (କ୍ରୀଡ଼ା ପ୍ରତିନିଧି)**

ସମ୍ପ୍ରତି କ୍ୟାରିୟରର ଉତ୍ଥାନ ପଥରେ ଥିବା ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଏବେ ଆଉ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏହି ଓଡ଼ିଆ ତାରକା। ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ଅର୍ଜନ କରିଛନ୍ତି। ପ୍ରଥମ ଭାରତୀୟ ପାରା ଆଥଲେଟ୍ ଭାବେ ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବିଥେଲଙ୍କୁ ୬-୨୧, ୨୧-୧୪, ୨୧-୧୫ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପ୍ରଥମ ସେଟ୍‌ରେ ପଛରେ ପଡ଼ିଯାଇଥିଲେ ହେଁ ଚାପର ବଶବର୍ତ୍ତୀ ନ ହୋଇ ପ୍ରମୋଦ ଦ୍ୱିତୀୟ ସେଟ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ଧୈର୍ଯ୍ୟ ବଜାୟ ରଖି ସେ ତୃତୀୟ ତଥା ଅନ୍ତିମ ସେଟ୍‌ରେ ପ୍ରତିପକ୍ଷ ଇଂଲଣ୍ଡ ଖେଳାଳିଙ୍କୁ ମାତ୍ ଦେଇଥିଲେ। ଭାରତର ଅନ୍ୟତମ ଖେଳାଳି ମନୋଜ ସରକାରଙ୍କୁ ସାଥିକରି ପ୍ରମୋଦ ଶନିବାର ରାତିରେ ଡବଲ୍ସ ଚାମ୍ପିୟନ ହୋଇଥିଲେ। ପ୍ରମୋଦ-ମନୋଜ ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ତରୁଣ ଓ ନିତେଶ କୁମାରଙ୍କୁ ୧୪-୨୧, ୨୧-୧୫, ୨୧-୧୬ରେ ହରାଇ ଏହି ସଫଳତା ପାଇଥିଲେ। ମାତ୍ର ୪ ବର୍ଷ ବୟସରେ ବାମଗୋଡ଼ ପୋଲିଓ ଯୋଗୁ ଭିନ୍ନକ୍ଷମ ହୋଇଯାଇଥିବା ପ୍ରମୋଦ ଅସୀମ ସାହସ ଓ ଧୈର୍ଯ୍ୟର ପରିଚୟ ଦେଇ ଆଜି ଏଠାରେ ପହଞ୍ଚି ପାରିଛନ୍ତି। ଏହାକୁ ମିଶାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରମୋଦ ହାସଲ କରିଛନ୍ତି ୨୧ ସ୍ୱର୍ଣ୍ଣ ଆଉ ୭ ରୌପ୍ୟ। ଏଥିମଧ୍ୟରେ କେବଳ ୨୦୧୯ରେ ହିଁ ସେ ପାଇଛନ୍ତି ୧୦ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ। ଏହା ବ୍ୟତୀତ ପ୍ରମୋଦଙ୍କ ନିକଟରେ ରହିଛି ଜାତୀୟ ସ୍ତରରେ ୩୦ ସ୍ୱର୍ଣ୍ଣ ଏବଂ ୧୨ ରୌପ୍ୟ ପଦକ। ଦୃଢ଼ମନା ପ୍ରମୋଦ ଓଡ଼ିଶାର ଅଷ୍ଟମ ଖେଳାଳି ଭାବେ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହେବା ପୂର୍ବରୁ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରି ନିଜ ଚୟନକୁ ଯଥାର୍ଥ ପ୍ରମାଣିତ କରିଛନ୍ତି।

**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

### ସଂକ୍ଷେପରେ...

- ନାମ: ପ୍ରମୋଦ ଭଗତ
- ଜନ୍ମ: ୪ ଜୁନ୍ ୧୯୮୮
- ଜନ୍ମସ୍ଥାନ: ଅତାବିରା, ବରଗଡ଼
- ସ୍ପୋର୍ଟ୍ସ: ବ୍ୟାଡ୍‌ମିଣ୍ଟନ (ଏସ୍‌ଏଲ୍-୩)
- ଟ୍ରେନିଂ ବେସ୍: ଜିଆଇଏଚ୍ ୟୁନିଟ୍-୧, ଭୁବନେଶ୍ୱର
- ଶାରୀରିକ ଅକ୍ଷମତାର ପ୍ରକୃତି- ଅର୍ଥୋପେଡିକ୍ ପୋଲିଓ (ବାମଗୋଡ଼)
- ମାତାପିତା: କୁସୁମ ଦେବୀ, ସ୍ୱର୍ଗତ କୈଳାସ ଭଗତ

ପ୍ରମୁଖ ଅନ୍ତର୍ଜାତୀୟ ସଫଳତା

- ସ୍ୱର୍ଣ୍ଣ (ଡବଲ୍ସ), ରୌପ୍ୟ (ସିଙ୍ଗଲ୍ସ)- ୨୦୧୫ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍
- ବ୍ରୋଞ୍ଜ (ସିଙ୍ଗଲ୍ସ ଓ ଡବଲ୍ସ)- ୨୦୧୬ ବିଡବ୍ଲ୍ୟୁଏଫ୍ ଏସିଆନ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍।
- ବ୍ରୋଞ୍ଜ - ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ପାରା ଚାମ୍ପିୟନଶିପ୍
- ଡବଲ ସ୍ୱର୍ଣ୍ଣ (ସିଙ୍ଗଲ୍ସ ଓ ଡବଲ୍ସ): ୨୦୧୯ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

## ମା'ଙ୍କୁ ଜନ୍ମଦିନର ଭେଟିଦେଲେ ସିନ୍ଧୁ

ଲଗାତର ୩ୟଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ଧୁ ଶେଷରେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ରବିବାର ସିନ୍ଧୁଙ୍କ ମା' ପି. ବିଜୟାଙ୍କ ଜନ୍ମଦିନ ଥିଲା। ତେଣୁ ଏହି ସ୍ୱର୍ଣ୍ଣ ପଦକକୁ ମା' ବିଜୟାଙ୍କ ଉଦ୍ଦେଶ୍ୟରେ ସିନ୍ଧୁ ଉତ୍ସର୍ଗ କରିଛନ୍ତି ବୋଲି ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। 'ଶେଷ ଦୁଇଥର ଫାଇନାଲରେ ମୁଁ ହାରିଯାଇଥିଲି। ତେଣୁ ଏହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜୟ ଥିଲା। ଏଠାରେ ମୋତେ ସମର୍ଥନ କରିଥିବା ଦର୍ଶକଙ୍କୁ ଧନ୍ୟବାଦ ଦେବି। ମୋ ଦେଶ ପାଇଁ ଏହା ଜିତିଛି ଏବଂ ଜଣେ ଭାରତୀୟ ହୋଇଥିବାରୁ ଗର୍ବିତ ଅନୁଭବ କରୁଛି। ମୋ ପ୍ରଶିକ୍ଷକ କିମ୍ ଓ ଗୋପୀ ସାର୍ ଏବଂ ସହାୟକ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଦେବି। ଆଜି ମୋ ମା'ଙ୍କ ଜନ୍ମଦିନ ଥିବାରୁ ତାଙ୍କୁ ଏହି ବିଜୟ ଉତ୍ସର୍ଗ କରୁଛି' ବୋଲି ସିନ୍ଧୁ ଏହି ଅବସରରେ ପ୍ରକାଶ କରିଛନ୍ତି।


ସିନ୍ଧୁଙ୍କ ମା' ପି. ବିଜୟା (ବାମ)

### ପ୍ରମୁଖ ସଫଳତା

| ପ୍ରତିଯୋଗିତା | ପଦକ | ବର୍ଗ | ବର୍ଷ |
|---|---|---|---|
| ଅଲିମ୍ପିକ୍ସ | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୬ |
| ବିଶ୍ୱ ଚାମ୍ପିୟନଶିପ୍ | ବ୍ରୋଞ୍ଜ | ମହିଳା ସିଙ୍ଗଲ୍ସ | ୨୦୧୩ |
| ବିଶ୍ୱ ଚାମ୍ପିୟନଶିପ୍ | ବ୍ରୋଞ୍ଜ | ମହିଳା ସିଙ୍ଗଲ୍ସ | ୨୦୧୪ |
| ବିଶ୍ୱ ଚାମ୍ପିୟନଶିପ୍ | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୭ |
| ବିଶ୍ୱ ଚାମ୍ପିୟନଶିପ୍ | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୮ |
| ବିଶ୍ୱ ଚାମ୍ପିୟନଶିପ୍ | ସ୍ୱର୍ଣ୍ଣ | ମହିଳା ସିଙ୍ଗଲ୍ସ | ୨୦୧୯ |
| ରାଜ୍ୟଗୋଷ୍ଠୀ କ୍ରୀଡ଼ା | ବ୍ରୋଞ୍ଜ | ମହିଳା ସିଙ୍ଗଲ୍ସ | ୨୦୧୪ |
| ରାଜ୍ୟଗୋଷ୍ଠୀ କ୍ରୀଡ଼ା | ରୌପ୍ୟ | ମହିଳା ସିଙ୍ଗଲ୍ସ | ୨୦୧୮ |
| ରାଜ୍ୟଗୋଷ୍ଠୀ କ୍ରୀଡ଼ା | ସ୍ୱର୍ଣ୍ଣ | ମିକ୍ସଡ୍ ଡବଲ୍ସ | ୨୦୧୮ |

### ଶୁଭେଚ୍ଛାର ସୁଅ

ତୁମକୁ ଶୁଭେଚ୍ଛା। ଏହା ପୂରା ଦେଶ ପାଇଁ ଗର୍ବର ବିଷୟ। କୋର୍ଟରେ ତୁମ ମ୍ୟାଜିକ ବହୁ କ୍ରୀଡ଼ାବିତଙ୍କୁ ପ୍ରେରଣା ଦେବ। **-ରାମନାଥ କୋବିନ୍ଦ, ରାଷ୍ଟ୍ରପତି**

ଚମତ୍କାର ପ୍ରଦର୍ଶନ। ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ପ୍ରଥମ ଭାରତୀୟଙ୍କୁ ଶୁଭେଚ୍ଛା। **-ସଚିନ ତେନ୍ଦୁଲକର, କ୍ରିକେଟର**

ପ୍ରଥମ ଭାରତୀୟ ଭାବେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜିତି ସିନ୍ଧୁ ଇତିହାସ ରଚିଛନ୍ତି। ଦେଶ ତୁମ ପାଇଁ ଗର୍ବିତ। **-କିରନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**

ପ୍ରଥମ ଭାରତୀୟ ଭାବେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ତୁମକୁ ଶୁଭେଚ୍ଛା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ଚାମ୍ପିୟନ ଭଳି ଖେଳିଲ। **-ୱାଇ. ଏସ୍. ଜଗନ ମୋହନ ରେଡ୍ଡୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ**

# ଫାଓରୁ ସଞ୍ଜୟଙ୍କ ଇସ୍ତଫା: ଓସିଏ ପାଇଁ ପ୍ରସ୍ତୁତି

**କଟକ ଅଫିସ, ୨୫।୮**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ପାଇଁ ଦିନ ପାଖେଇ ଆସୁଛି। କୌଣସି ନିର୍ଦ୍ଧାରିତ ତାରିଖ ଏଯାଏ ଘୋଷଣା ହୋଇ ନ ଥିଲେ ମଧ୍ୟ ନିର୍ବାଚନ ଆସନ୍ତା ୧୪ ତାରିଖ ମଧ୍ୟରେ ହେବାର ଆଶା ଦୃଢ଼ୀଭୂତ ହେଲାଣି। ରାଜ୍ୟର ଅନେକ କ୍ରୀଡ଼ା ସଙ୍ଗଠକଙ୍କ ନଜର ଏବେ ଓସିଏର ପଦବୀ ଉପରେ। ଏହାକୁ ନେଇ ଦୀର୍ଘଦିନ ଧରି ଚାଲିଛି ଜୋର୍‌ଦାର ଅଙ୍କକଷା। ପୂର୍ବତନ ସମ୍ପାଦକ ତଥା ଭେଟେରାନ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ଗୋଟି ଚାଳନାରେ ପୁନର୍ବାର ଓସିଏ ପଦବୀ ପୂର୍ଣ୍ଣ ହେବ ବୋଲି ଆଲୋଚନା ହେଉଥିବା ବେଳେ ଏହାକୁ ବିରୋଧ କରି ଆଗକୁ ଆସିଛନ୍ତି କିଛି ନାମୀଦାମୀ କ୍ଲବ ମାଲିକ। ଏହି ଦୁଇ ଗୋଷ୍ଠୀ ଭିତରେ ଓସିଏର ପରବର୍ତ୍ତୀ ପିଢ଼ି ରହିଛି ବୋଲି କ୍ରୀଡ଼ା ସମୀକ୍ଷକମାନେ ମତ ଦେଉଛନ୍ତି। ରବିବାର ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ତଥା ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା ଇସ୍ତଫା ଦେଇଛନ୍ତି। କିଛିଦିନ ପୂର୍ବରୁ ସଞ୍ଜୟ ଓସିଏ ନିର୍ବାଚନରେ ଭାଗନେବାର ଯୋଜନା ଅଛି ବୋଲି ଫାଓ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ମିଳିଥିଲା। ସଞ୍ଜୟଙ୍କ ଇସ୍ତଫା ଘୋଷଣା ପରେ ଏହି ଆଶଙ୍କା ଅଳ୍ପବହୁତେ ଦୂର ହୋଇଛି। ପୂର୍ବରୁ ଅନ୍ୟତମ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପଙ୍କଜ ଲୋଚନ ମହାନ୍ତି ବିଭିନ୍ନ କ୍ରୀଡ଼ା ସଂଘରୁ ଇସ୍ତଫା ଦେଇ ଓସିଏ ପଦବୀ ପାଇଁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ ଓସିଏର ସମ୍ପାଦକ ପଦବୀ ପାଇଁ ଆଶାୟୀ ବୋଲି କୁହାଯାଉଛି। ଏଣୁ ଆଶୀର୍ବାଦଙ୍କ ଇସାରାରେ ଆଗାମୀ ଓସିଏ ନିର୍ବାଚନ ପାଇଁ ଏହା ପଥ ପ୍ରସ୍ତୁତି ବୋଲି ଚର୍ଚ୍ଚା ହେଉଛି।


ସଞ୍ଜୟ ବେହେରା

୨୦୧୦ ମସିହାରୁ ସଞ୍ଜୟ ଫାଓର ସମ୍ପାଦକ ପଦବୀରେ ଥିଲେ । ରାଜ୍ୟ ଫୁଟ୍‌ବଲ କ୍ରୀଡ଼ାର ଉନ୍ନତି କ୍ଷେତ୍ରରେ ଫାଓ ଓ ସଞ୍ଜୟଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଅନେକ ଜାତୀୟ ଟୁର୍ନାମେଣ୍ଟ ସଫଳ ଭାବେ ଆୟୋଜନ କରି ସଞ୍ଜୟ ନିଜ ସଙ୍ଗଠକ ଦକ୍ଷତାର ପରିଚୟ ଦେଇଛନ୍ତି । ୨୦୧୨ ମସିହାରେ ସନ୍ତୋଷ ଟ୍ରଫି, ଦୁଇ ଦୁଇଥର ଫେଡେରେଶନ କପ୍ ଓ ସୁପରକପ୍ ମଧ୍ୟ ସଞ୍ଜୟଙ୍କ କାର୍ଯ୍ୟକାଳ ମଧ୍ୟରେ ଆୟୋଜନ ହୋଇଛି। ଏହାଛଡ଼ା ଏହି ସମୟ ମଧ୍ୟରେ ୫୦ରୁ ଅଧିକ ବାଳିକା ତଥା ମହିଳା ଖେଳାଳି ଓ ୧୦ରୁ ଅଧିକ ବାଳକ ତଥା ପୁରୁଷ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ରବିବାର ମଧ୍ୟାହ୍ନରେ ଫାଓ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଫାଓ ସଭାପତି ଦେବାଶିଷ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଫାଓର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସଞ୍ଜୟ ନିଜ ଇସ୍ତଫା ନେଇ ବିଧିବଦ୍ଧ ଘୋଷଣା କରିବା ସହ ଫାଓର ପରବର୍ତ୍ତୀ କର୍ମକର୍ତ୍ତା ନିର୍ବାଚନ ପର୍ଯ୍ୟନ୍ତ ଦେବାଶିଷ ଦାୟିତ୍ୱ ସମ୍ଭାଳିବେ ବୋଲି କହିଥିଲେ । ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଓସିଏ ପାଇଁ ଆଶାୟୀ ଅଛନ୍ତି ନା ନାହିଁ ପଚାରିବାରୁ ସେ କହିଥିଲେ ଯେ, ଏବେ ଏ ସମ୍ପର୍କରେ କୌଣସି ମତ ଦେଇପାରିବି ନାହିଁ । ଆଗାମୀ ଦିନରେ କ'ଣ ପଦକ୍ଷେପ ରହିବ, ତାହା ସମୟ କହିବ ବୋଲି ସଞ୍ଜୟ କହିଛନ୍ତି। ହେଲେ ଓସିଏର ଆଗାମୀ ନିର୍ବାଚନରେ ସମ୍ପାଦକ ପଦ ଲାଗି ସଞ୍ଜୟ ପ୍ରାର୍ଥିପତ୍ର ଦାଖଲ କରିବା ନିଶ୍ଚିତ ବୋଲି କିଛି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପରୋକ୍ଷ ଭାବେ ମତ ରଖିଛନ୍ତି। ଆଶୀର୍ବାଦଙ୍କ ପରେ ତାଙ୍କ ଉତ୍ତରାଧିକାରୀ ହିଁ ଓସିଏ ଦାୟିତ୍ୱ ସମ୍ଭାଳିବ ବୋଲି ହେଉଥିବା ଚର୍ଚ୍ଚା ଏବେ ଆଉ ଏକପାଦ ଆଗକୁ ବଢ଼ିଛି। ପଙ୍କଜ ସଭାପତି ପଦ ନିମନ୍ତେ ଲଢ଼ିବେ ବୋଲି ନିଜ ପ୍ରତିକ୍ରିୟାରେ ମଧ୍ୟ ସ୍ପଷ୍ଟ କରିଛନ୍ତି। ପଙ୍କଜ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନର କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଉପସଭାପତି, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ଉପସଭାପତି, ବେସ୍‌ବଲ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ପଦବୀରୁ ଇସ୍ତଫା ଦେଇସାରିଲେଣି। ପଙ୍କଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସଭାପତି ପଦବୀ ପାଇଁ ଆଶାୟୀ ରହିଛି। ସମସ୍ତ କାର୍ଯ୍ୟ ଠିକ୍ ଭାବେ ହେଲେ ଆଶା ପୂରଣ ହେବ। କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରିବାର ସୁଯୋଗ ଅପେକ୍ଷାରେ ବୋଲି ପଙ୍କଜ ମତ ଦେଇଛନ୍ତି। ଏତଦ୍‌ବ୍ୟତୀତ ପଙ୍କଜ-ସଞ୍ଜୟଙ୍କ ବିପକ୍ଷରେ ଆଗକୁ ଆସିବେ କିଛି କ୍ଲବର ମାଲିକ, ଯେଉଁମାନେ ଦୀର୍ଘବର୍ଷ ହେବ କ୍ରିକେଟ ସହ ଜଡ଼ିତ ଅଛନ୍ତି। ଏମାନେ ଆଗାମୀ ନିର୍ବାଚନରେ ପଙ୍କଜ-ସଞ୍ଜୟଙ୍କ ବିରୋଧରେ ପ୍ରାର୍ଥୀ ଦେବେ ବୋଲି ଶୁଣିବାକୁ ମିଳୁଛି।



"ଭାରତ ବିପକ୍ଷ ଓପନିଂ ଟେଷ୍ଟରେ ଆମ ମିଡଲ ଅର୍ଡର ଏବଂ ଲୋୟର ଅର୍ଡର ଭଲ ବ୍ୟାଟିଂ କରୁଛନ୍ତି ମାତ୍ର ଟପ୍ ଅର୍ଡରର ପ୍ରଦର୍ଶନ ଚିନ୍ତାର କାରଣ ହୋଇଛି।" **–ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ ଅଧିନାୟକ**



"ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ମ୍ୟାଚରେ ଅଧିକ ରନ ସଂଗ୍ରହ କରିବାକୁ ହେଲେ କିଛି ଧୈର୍ଯ୍ୟର ଆବଶ୍ୟକତା ରହିଥିବା ମୁଁ ଅନୁଭବ କରୁଛି।" **–କେ.ଏଲ୍. ରାହୁଲ, ଭାରତୀୟ ବ୍ୟାଟ୍ସମ୍ୟାନ**

**ସଂକ୍ଷେପରେ**

## ସୁବ୍ରତ ଚାମ୍ପିୟନ, ସୌଭାଗ୍ୟ ରନର୍ସଅପ୍



**ଭୁବନେଶ୍ୱର, ୨୫।୮ (କ୍ରୀଡ଼ା ପ୍ରତିନିଧି):** ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟ ଇଣ୍ଡିଆ ଆମନ୍ତ୍ରଣୀୟ ଓପନ ୬ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ଦୁଇ ଓଡ଼ିଆ ଖେଳାଳି ବାଜି ମାରିଛନ୍ତି। ଓଡ଼ିଶାର ସୁବ୍ରତ ଦାସ ଚାମ୍ପିୟନ ଏବଂ ତାଙ୍କ ଶିଷ୍ୟ ସୌଭାଗ୍ୟ ବେହେରା ରନର୍ସଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସୁବ୍ରତ ୬(୧୧)-୩ ଫ୍ରେମ୍‌ରେ ସୌଭାଗ୍ୟଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ବିଜୟ ସହ ସୁବ୍ରତ ଅଭିଯାନ ଆରମ୍ଭ କରିଥିଲେ ହେଁ ପ୍ରାରମ୍ଭରେ ସୌଭାଗ୍ୟ କଡ଼ା ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଅଭିଜ୍ଞତାର ଉପଯୋଗ କରି ସୁବ୍ରତ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ସୌଭାଗ୍ୟ ଚମତ୍କାର ପ୍ରଦର୍ଶନ କରି ଝାଡ଼ଖଣ୍ଡର ଅନିଶ ପାରିଖଙ୍କୁ ୫-୪ ଫ୍ରେମ୍‌ରେ ପରାସ୍ତ କରିଥିଲେ। ଅନ୍ୟ ଏକ ସେମିଫାଇନାଲରେ ସୁବ୍ରତ ଝାଡ଼ଖଣ୍ଡର ଆଦର୍ଶ ବର୍ମାଙ୍କୁ ୫-୧ରେ ହରାଇବାରୁ ଅଲ୍ ଓଡ଼ିଶା ଫାଇନାଲ ହେବା ପଥ ପରିଷ୍କାର ହୋଇଥିଲା। ଚାମ୍ପିୟନ ସୁବ୍ରତ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍ ସୌଭାଗ୍ୟ ଟ୍ରଫି ଏବଂ ୧୦,୦୦୦ଟଙ୍କାର ପୁରସ୍କାର ରାଶି ପାଇଛନ୍ତି।

## ସିନ୍ଧୁ, ସାଇ ପ୍ରଣୀଥ୍‌ଙ୍କୁ ପୁରସ୍କାର

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଐତିହାସିକ ସଫଳତା ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ବାଇ) ତରଫରୁ ରବିବାର ପି. ଭି. ସିନ୍ଧୁଙ୍କ ଲାଗି ୨୦ ଲକ୍ଷ ଏବଂ ସାଇ ପ୍ରଣୀଥଙ୍କ ଲାଗି ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ସିନ୍ଧୁ ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ବିଶ୍ୱଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପକ୍ଷରେ ପ୍ରକାଶ ପାଦୁକୋନଙ୍କ ପରେ ୩୬ ବର୍ଷ ବ୍ୟବଧାନରେ ସାଇ ପ୍ରଣୀଥ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ହିସାବରେ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।

## କ୍ରିକେଟକୁ ଫେରିବେ ସ୍ମିଥ୍

**ଲିଡ୍ସ,୨୫।୮(ଏଏଫ୍‌ପି):** ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ୍ କିଛିଦିନର ବିଶ୍ରାମ ପରେ କ୍ରିକେଟକୁ ଫେରିବାକୁ ଯାଉଛନ୍ତି। ଗତ ରବିବାର ଇଂଲଣ୍ଡ ପେସର ଜୋଫ୍ରା ଆର୍ଚରଙ୍କ ଏକ ବାଉନ୍ସର ତାଙ୍କ ବେକରେ ବାଜିଥିଲା। ଏଥିଯୋଗୁ ବିଶ୍ୱର ଅନ୍ୟତମ ଅଗ୍ରଣୀ ବ୍ୟାଟ୍ସମ୍ୟାନଙ୍କୁ ଆଶେସ ସିରିଜ୍‌ର ୩ୟ ଟେଷ୍ଟରୁ ବିଶ୍ରାମ ଦିଆଯାଇଥିଲା। ସେ ଗୁରୁବାର ଡର୍ବିଶାୟାର ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଖେଳିପାରନ୍ତି। ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଗୁରୁବାରଠାରୁ ଖେଳାଯିବ। ସେ ରବିବାର ନେଟ୍ସକୁ ଫେରିଛନ୍ତି। ୨୫ ମିନିଟ୍ ବିଶିଷ୍ଟ ସେସନରେ ବ୍ୟାଟିଂ କରିବା ସହ ରନିଂ ମଧ କରିଥିଲେ। ତାଙ୍କ ଅବସ୍ଥା ଏବେ ମଧ ଯାଞ୍ଚ କରାଯାଉଛି। କିନ୍ତୁ ଡର୍ବି ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବେ ବୋଲି ଆଶା କରାଯାଉଥିବା ଅଷ୍ଟ୍ରେଲିଆ ଦଳର ପ୍ରବକ୍ତା କହିଛନ୍ତି। ଉଲ୍ଲେଖଥାଉ କି, ଚମତ୍କାର ଫର୍ମରେ ଥିବା ସ୍ମିଥ୍ ପ୍ରଥମ ଟେଷ୍ଟରେ ୧୪୪ ଓ ୧୪୨ ରନ୍‌ର ଇନିଂସ୍ ଖେଳିଥିଲେ। ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ୍‌ରେ ୯୨ ରନ୍ କରିଥିଲେ। ଏହି ମ୍ୟାଚ୍ ବେଳେ ତାଙ୍କ ବେକରେ ବଲ୍ ବାଜିଥିଲା। ତାଙ୍କ ବଦଳରେ ସ୍ଥାନ ପାଇଥିବା ମାର୍ନସ ଲାବୁସାନେ ଗତ ୩ ଇନିଂସ୍‌ରେ ହ୍ୟାଟ୍ରିକ ଅର୍ଦ୍ଧଶତକ ଲଗାଇଛନ୍ତି।

# ଇଂଲଣ୍ଡକୁ ଜିତାଇଲେ ଷ୍ଟୋକ୍ସ

**ଲିଡ୍ସ, ୨୫।୮ (ଏଏଫ୍‌ପି)**

ସ୍ଥାନୀୟ ହେଡିଙ୍ଗ୍‌ଲେଠାରେ ଅନୁଷ୍ଠିତ ତୃତୀୟ ଆଶେସ କ୍ରିକେଟ ଟେଷ୍ଟ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିଛି। ବେନ୍ ଷ୍ଟୋକ୍ସଙ୍କ ଲଢୁଆ ଅପରାଜିତ ଶତକ (୧୩୫*) ଯୋଗୁ ଇଂଲଣ୍ଡ ୧ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜ ୧–୧ ସ୍ତରକୁ ଚାଲିଆସିଛି। ଇଂଲଣ୍ଡ ୩୫୯ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଷ୍ଟୋକ୍ସ ଓ ଜନି ବେୟାରଷ୍ଟୋ (୩୬)ଙ୍କ ମଧ୍ୟରେ ୫ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୮୬ ରନର ପାର୍ଟନରଶିପ୍ ହୋଇଥିଲା। ମାତ୍ର ଏହି ଯୋଡ଼ିକୁ ଜୋସ୍ ହାଜେଲଉଡ୍ ଭାଙ୍ଗି ଦେଇଥିଲେ। ସେ ବେୟାରଷ୍ଟୋଙ୍କୁ ମାର୍ନସ ଲବୁସ୍କେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଷ୍ଟୋକ୍ସ ଗୋଟିଏ ପାର୍ଶ୍ୱରେ କ୍ରିଜ୍‌ରେ ଜମି ରହିଥିବାବେଳେ ଅନ୍ୟପଟେ ଜଣକ ପରେ ଜଣେ ଶୀଘ୍ର ଆଉଟ ହୋଇ ପ୍ୟାଭିଲିୟନକୁ ଫେରିବାରେ ଲାଗିଥିଲେ। ପରେ ବ୍ୟାଟିଂ କରିବାକୁ ଆସିଥିବା ଜୋସ୍ ବଟଲର ଏବଂ କ୍ରିସ୍ ଓକ୍ସ ମାତ୍ର ୧ ରନ ଲେଖାଏ କରିଥିଲେ। ଜୋଫ୍ରା ଆର୍ଚର ୧୫ରନ କରିଥିବାବେଳେ ଷ୍ଟୁଆର୍ଟ ବ୍ରଡ୍ ବିନା କୌଣସି ରନରେ ଜେମ୍ସ ପ୍ୟାଟିନସନଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ତେବେ ଷ୍ଟୋକ୍ସ ଏବଂ ଜ୍ୟାକ ଲିଚ୍ (୧*)ଙ୍କ ମଧ୍ୟରେ ଅନ୍ତିମ ଉଇକେଟରେ ୯୬ ରନର ଅପରାଜିତ ପାର୍ଟନରଶିପ୍ ହୋଇଥିଲା। ଷ୍ଟୋକ୍ସ ତାଙ୍କ ଅପରାଜିତ ଲଢୁଆ ଇନିଂସରେ ୨୧୯ ବଲ୍ ସାମ୍ନା କରିଥିଲେ। ସେ ୧୧ ଚୌକା ଓ ୮ ଛକା ଲଗାଇଥିଲେ। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୯ ଉଇକେଟ ହରାଇ ୩୬୨ ରନ କରି ମ୍ୟାଚ ଜିତି ନେଇଥିଲା।

ଇଂଲଣ୍ଡ ରବିବାର ପୂର୍ବଦିନର ଅସମାପ୍ତ ସ୍କୋର ୧୫୬/୩ରୁ ଖେଳ ଆରମ୍ଭ କରିଥିଲା। ପ୍ରଥମ ସେସନ ଖେଳରେ ଅଷ୍ଟ୍ରେଲିଆର ୪ଜଣିଆ ପେସ୍ ବାହିନୀ ନୂଆ ବଲ୍‌ରେ ଇଂଲଣ୍ଡକୁ ବିଶେଷ କ୍ଷତି ପହଞ୍ଚାଇ ପାରି ନ ଥିଲେ। ସେମାନେ କେବଳ ଗୋଟିଏ ଉଇକେଟ ପତନ ଘଟାଇ ପାରିଥିଲେ। ମଧ୍ୟାହ୍ନଭୋଜନ ଖେଳ ସୁଦ୍ଧା ଘରୋଇ ଦଳ ପୂର୍ବଦିନରୁ ୭୫ରନ କରି ଅପରାଜିତ ରହିଥିବା ଅଧିନାୟକ ଜୋ ରୁଟ୍‌ଙ୍କ ଉଇକେଟ ହରାଇଥିଲା। ରୁଟ୍ ମାତ୍ର ୨ ରନ ଯୋଗକରି ନାଥାନ ଲିଅନଙ୍କ ବଲ୍‌କୁ ଲେଗ୍ ସାଇଡ୍‌ରେ ଖେଳିବାକୁ ଯାଇ ଡେଭିଡ୍ ୱାର୍ନରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ।



ଅପରାଜିତ ଶତକୀୟ ଇନିଂସ ଖେଳି ଇଂଲଣ୍ଡକୁ ଜିତାଇ ଥିବା ବେନ୍ ଷ୍ଟୋକ୍ସ ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୭୯
**ଇଂଲଣ୍ଡ ପ୍ରଥମ ଇନିଂସ:** ୬୭
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୪୬
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୬୨/୯ (ବେନ୍‌ଷ୍ଟୋକ୍ସ–୧୩୫*, ଜୋ ରୁଟ୍–୭୭, ଜୋ ଡେନ୍‌ଲୀ–୫୦, ଜନି ବେୟାରଷ୍ଟୋ–୩୬, , ଜୋସ୍ ହାଜେଲଉଡ୍–୪/୮୫, ନାଥାନ ଲିଅନ୍–୨/୧୧୪)

# ନ୍ୟୁଜିଲାଣ୍ଡର ମହତ୍ତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ

**କଲମ୍ବୋ, ୨୫।୮**

ସ୍ଥାନୀୟ ପି. ସାରା ଓଭାଲ ଗ୍ରାଉଣ୍ଡରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ମହତ୍ତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୪୪ ରନରେ ସୀମିତ ରହିଥିଲା। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓପନର୍ ଟମ୍ ଲଥାମ୍‌ଙ୍କ ଦମ୍‌ଦାର ଶତକ ବଳରେ ରବିବାର ୪ର୍ଥ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ୍ ହରାଇ ୩୮୨ ରନ୍ ସଂଗ୍ରହ କରିଛି। ଫଳରେ ହାତରେ ଆଉ ୫ ଉଇକେଟ୍ ସୁରକ୍ଷିତ ରହିଥିବାବେଳେ କେନ୍ ୱିଲିୟମସନଙ୍କ ଦଳ ୧୩୮ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ସୋମବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ୍ ଡ୍ର' ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ନୂଆ ନିୟମ ଅନୁଯାୟୀ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ନ୍ୟୁଜିଲାଣ୍ଡ ପଏଣ୍ଟ ଖାତା ଖୋଲିବ ଏକପ୍ରକାର ସ୍ପଷ୍ଟ ହୋଇଛି।

ପୂର୍ବଦିନର ଅସମାପ୍ତ ସ୍କୋର ୧୯୬/୪ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ରବିବାର ବର୍ଷା ଯୋଗୁ ପୁରା ଦିନରେ ୪୮ ଓଭର ଖେଳିପାରିଥିଲା। ଓପନର୍ ଟମ୍ ଲଥାମ୍ ନିଜ ସ୍କୋରରେ ଆଉ ୪୩ ରନ୍ ଯୋଡ଼ି ୧୫୪ ରନରେ ଆଉଟ୍ ହୋଇଥିଲେ। ୨୫୧ ବଲର ସାମ୍ନା କରିଥିବା ବାମହାତୀ ଲଥାମ୍ ଇନିଂସରେ ୧୫ ଚୌକା ମାରି ଦିଲରୁୱାନା ପେରେରାଙ୍କ ବଲରେ ଏଲ୍‌ବିଡବ୍ଲୁ ହୋଇଯାଇଥିଲେ। ଏହାପରେ ଉଇକେଟ୍‌କିପର ବିଜେ ୱାଟ୍‌ଲିଙ୍ଗଙ୍କ ସହ ମିଶି କଲିନ ଡି ଗ୍ରାଣ୍ଡହୋମ୍ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ସତର୍କତାର ସହ ବ୍ୟାଟିଂ କରି ଷ୍ଟମ୍ପ ଅପସାରଣ ପର୍ଯ୍ୟନ୍ତ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ୱାଟ୍‌ଲିଙ୍ଗ୍ ୮୧ (୨୦୮ ବଲ୍) ଓ ଦ୍ରୁତ ବ୍ୟାଟିଂ କରୁଥିବା ଗ୍ରାଣ୍ଡହୋମ୍ ୮୩ (୭୫ ବଲ୍, ୫ ଚୌକା, ୫ ଛକା) ରନରେ ଅପରାଜିତ ରହିଛନ୍ତି। ଅସମାପ୍ତ ୬ ଉଇକେଟ୍ ଯୋଡ଼ିରେ ଉଭୟଙ୍କ ମଧ୍ୟରେ ୧୧୩ ରନର ଭାଗୀଦାରି ହୋଇଛି। ଘରୋଇ ଦଳ ପକ୍ଷରୁ ପେରେରା ସର୍ବାଧିକ ୩ଟି ଉଇକେଟ୍ ନେଇଛନ୍ତି। ପୂର୍ବରୁ ଧନଞ୍ଜୟ ଡି ସିଲ୍‌ଭା (୧୦୯)ଙ୍କ ଶତକ ବଳରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୪୪ ରନ କରିଥିଲା। ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌କୁ ୬ ଉଇକେଟ୍‌ରେ ଜିତି ଶ୍ରୀଲଙ୍କା ସିରିଜରେ ୧–୦ରେ ଅଗ୍ରଣୀ ରହିଛି।



କଲିନ୍ ଡି ଗ୍ରାଣ୍ଡହୋମ୍

# ଅଙ୍କିତଙ୍କ ଶତକ ସତ୍ତ୍ୱେ ଇଣ୍ଡିଆ ରେଡ୍ ଅଗ୍ରଣୀ

**ବେଙ୍ଗାଲୁରୁ, ୨୫।୮**

ଆଲୁରସ୍ଥିତ କର୍ନାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେ.ଏସ୍.ସି.ଏ.) ଗ୍ରାଉଣ୍ଡରେ ଚାଲିଥିବା ଇଣ୍ଡିଆ ବ୍ଲୁ ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ରେଡ୍ ପ୍ରଥମ ଇନିଂସରେ ୧୨୪ ଓଭରରେ ୨୮୫ ରନ କରି ଆଉଟ ହୋଇଥିଲା। ଜବାବରେ ବ୍ଲୁ ପ୍ରଥମ ଇନିଂସ ଆରମ୍ଭ କରି ଅଙ୍କିତ ବାୱନେଙ୍କ ଅପରାଜିତ ଶତକ ସହାୟତାରେ ରବିବାର ତୃତୀୟ ଦିନ ଚା'ପାନ ବିରତି ବେଳକୁ ୮୩.୨ଓଭରରେ ୨୫୫ ରନ କରି ଅଲଆଉଟ ହୋଇଯାଇଛି। ୩୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କର ଥିବା ରେଡ୍ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟରେ ୯୩ ରନ କରିଛି। ଏଥିସହିତ ଦଳ ହାତରେ ୮ଉଇକେଟ ଥାଇ ମୋଟ ଉପରେ ୧୨୩ ରନ ଅଗ୍ରଣୀ ଲାଭ କରିଛି। ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୭୪/୩ରୁ ଖେଳ ଆରମ୍ଭ କରି ବ୍ଲୁ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଅଙ୍କିତ ବାୱନେ ୧୫ରନରୁ ଖେଳ ଆରମ୍ଭ କରି ୧୨୧ରନର ଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ୬ରନରୁ ଖେଳ ଆରମ୍ଭ କରି ଅନ୍‌ମୋଲପ୍ରୀତ ସିଂ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ପୂର୍ବରୁ ଓପନର ଋତୁରାଜ ଗାଏକ୍ୱାଡ଼ ୩୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ତେବେ ବାକି ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ସ୍ନେଲ ପଟେଲ, ଜଲାଜ ସାକସେନା, ଦିୱେସ ପଠାନିଆ, ବାସିଲ ଥମ୍ପି ଖାତା ଖୋଲିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ ୯, ରିଙ୍କି ଭୁଇ ୩, ସୌରଭ କୁମାର ୩, ଅନିକେତ୍ ଚୌଧୁରୀ ୮ ରନ କରି ଆଉଟ ହୋଇଥିଲେ। ବୋଲିଂରେ ରେଡ୍ ତରଫରୁ ଆଭେସ ଖାଁ ସର୍ବାଧିକ ୪, ଜୟଦେବ ଉନାଡ଼କଟ ଓ ଅକ୍ଷୟ ୱାଖରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଣ୍ଡିଆ ରେଡ ପ୍ରଥମ ଇନିଂସ:** ୧୨୪ ଓଭରରେ ୨୮୫ ଅଲଆଉଟ୍।
**ଇଣ୍ଡିଆ ବ୍ଲୁ ପ୍ରଥମ ଇନିଂସ:** ୮୩.୨ ଓଭରରେ ୨୫୫ ଅଲଆଉଟ (ଅଙ୍କିତ୍ ବାୱନେ– ୧୨୧*, ଅନମୋଲପ୍ରୀତ –୫୬, ଋତୁରାଜ ଗାଏକ୍ୱାଡ଼– ୩୭, ଆଭେସ ଖାଁ– ୪/୫୮, ଉନାଡ଼କଟ– ୩/୫୨, ୱାଖରେ– ୩/୩୨ )।
**ଇଣ୍ଡିଆ ରେଡ୍ ଦ୍ୱିତୀୟ ଇନିଂସ:** ୯୩/୨ (କରୁଣ ନାୟାର–୪୩*, ଅଙ୍କିତ କଲ୍‌ସୀ–୨୧*, ଦିୱେସ ପଠାନିଆ– ୧/୨୨, ଜଲଜ ସାକ୍‌ସେନା– ୧/୩୫)।

# ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୧୯ ରନ ବିଜୟ ଲକ୍ଷ୍ୟ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୫।୮**

ଅଜିଙ୍କ୍ୟ ରାହାନେଙ୍କ ୧୦ମ ଟେଷ୍ଟ ଶତକ ସହାୟତାରେ ଭାରତ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ ନିଜର ସ୍ଥିତି ମଜଭୁତ କରିଛି। ରବିବାର ୪ର୍ଥ ଦିବସରେ ଭାରତ ଏହାର ଦ୍ୱିତୀୟ ଇନିଂସକୁ ୩୪୩/୭ରେ ଘୋଷଣା କରିଛି। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୧୯ ରନ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୮୫/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଅଧିନାୟକ ବିରାଟ କୋହଲିଙ୍କୁ ତାଙ୍କ ପୂର୍ବ ଦିନର ସ୍କୋରରେ ହିଁ ଆଉଟ କରି ୱେଷ୍ଟଇଣ୍ଡିଜ ପାଇଁ ବଡ଼ ସଫଳତା ଆଣିଥିଲେ ରଷ୍ଟନ ଚେଜ୍। ୧୧୩ ବଲ୍‌ର ସମ୍ମୁଖୀନ ହୋଇଥିବା ବିରାଟ ୨ ଚୌକା ସହାୟତାରେ ୫୧ ରନ କରିଥିଲେ। ବିରାଟଙ୍କୁ ଆଉଟ କରିବାପରେ ୱେଷ୍ଟଇଣ୍ଡିଜ ଶୀଘ୍ର ଭାରତ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇବା ଲକ୍ଷ୍ୟରେ ରହିଥିଲା। ମାତ୍ର ଅଜିଙ୍କ୍ୟ ରାହାନେଙ୍କ ସହ ହନୁମା ବିହାରି କ୍ରିଜରେ ଯୋଗଦେଇ ଦଳକୁ ଦୃଢ଼ ସ୍ଥିତିକୁ ନେଇ ଯାଇଥିଲେ। ଦୁହେଁ ୫ମ ଉଇକେଟରେ ଶତକୀୟ(୧୩୫ ରନ) ଭାଗୀଦାରି ଗଢ଼ି ଭାରତର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ହନୁମା ଏଠାରେ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ।

**ରାହାନେଙ୍କ ଶତକ**

ସେ ୧୨୮ ବଲ୍‌ରୁ ୧୦ ଚୌକା ସହାୟତାରେ ୯୩ ରନକରି ଆଉଟ ହେବାସହ ଭାରତ ଇନିଂସ ଘୋଷଣା କରିଥିଲା। ପୂର୍ବରୁ ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୫୬ ରନ। ରାହାନେ କିନ୍ତୁ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ। ସେ ୨୪୨ ବଲ୍‌ରୁ ୫ ଚୌକା ସହ ୧୦୨ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରଷ୍ଟନ ଚେଜ୍ ୪ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ଇନିଂସ: ୨୯୭।
ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୨୨।
ଭାରତ ଦ୍ୱିତୀୟ ଇନିଂସ: ୪୩/୭/ଘୋଷଣା(ରାହାନେ–୧୦୨, ହନୁମା–୯୩, କୋହଲି–୫୧, ଲୋକେଶ ରାହୁଲ–୩୮, ଚେତେଶ୍ୱର ପୂଜାରା–୨୫, ଚେଜ୍–୪/୧୩୨, ରୋଚ୍–୧/୨୯, ଗାବ୍ରିଏଲ–୧/୬୩, ହୋଲ୍ଡର–୧/୪୫)।



ଶତକୀୟ ଭାଗୀଦାରି ଅବସରରେ ହନୁମା ବିହାରୀ ଓ ଅଜଙ୍କ୍ୟ ରାହାନେ ।



ବବଲୁ ମୁଣ୍ଡାଙ୍କୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଉଷୁ ପ୍ରତିଭା ବବଲୁଙ୍କୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ୨୫।୮(କ୍ରୀଡ଼ା ପ୍ରତିନିଧି)**

ବ୍ରୁନେଇଠାରେ ଅନୁଷ୍ଠିତ ୧୦ମ ଏସିଆନ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବା କେନ୍ଦୁଝର ଜିଲା ସିଆଳିଯୋଡା ଗ୍ରାମର ବବଲୁ ମୁଣ୍ଡାଙ୍କୁ ରବିବାର ଏଠାରେ ଭବ୍ୟ ସ୍ୱାଗତ ଜ୍ଞାପନ କରାଯାଇଛି। ଅଗଷ୍ଟ ୧୬ ରୁ ୨୪ ପର୍ଯ୍ୟନ୍ତ ଆୟୋଜିତ ଆନ୍ତର୍ଜାତୀୟ ପ୍ରତିଯୋଗିତାର ୪୫ କେଜି ବର୍ଗରେ ବବ୍‌ଲୁ ରୌପ୍ୟ ପଦକ ହାସଲ କରିଥିଲେ। ଭୁବନେଶ୍ୱର ବିମାନବନ୍ଦରରେ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଅଲ୍‌ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା, ଉଷୁ କୋଚ୍ ପଙ୍କଜ ମହନ୍ତ ଏବଂ ଅନେକ ଖେଳାଳି ଓ ଶୁଭାକାଂକ୍ଷି ଉପସ୍ଥିତ ରହି ବବଲୁଙ୍କୁ ସ୍ୱାଗତ କରିଥିଲେ। ବବଲୁଙ୍କ ସଫଳତାରେ ଖୁସି ଜାହିର କରିଛନ୍ତି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ। ଏହି ଯୁବ ଖେଳାଳିଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଓଡ଼ିଶାରେ ଉଷୁର ଭବିଷ୍ୟତ ଉଜ୍ଜଳ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ବବଲୁ ୨୦୧୮ରେ ବ୍ରାଜିଲର ବ୍ରାସିଲାଠାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିଲେ। ଦ୍ୱିତୀୟ ଥରପାଇଁ ସେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରି ରାଜ୍ୟର ଅନ୍ୟ ଖେଳାଳିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ବ୍ରୁନେଇଠାରେ ଅନୁଷ୍ଠିତ ଉଷୁ ଚାମ୍ପିୟନଶିପ୍‌ରେ ୨୬ ଦେଶରୁ ୩୯୮ ପ୍ରତିଯୋଗୀ ଭାଗ ନେଇଥିଲେ। ଏକମାତ୍ର ଓଡିଆ ଭାବେ ବବଲୁ ୨୨ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିଲେ।

## କୋମାଲିକା ବିଶ୍ୱ ଚାମ୍ପିୟନ ରିକର୍ଭ କ୍ୟାଡେଟ

**ମାଡ୍ରିଡ୍,୨୫।୮(ପିଟି):** କୋମାଲିକା ବରି ନିଜଠାରୁ ଉନ୍ନତ ର୍‍ୟାଙ୍କ୍ ଜାପାନର ସୋନୋଡା ୱାକାଙ୍କୁ ଏକତରଫା ମ୍ୟାଚ୍‌ରେ ହରାଇ ରିକର୍ଭ କ୍ୟାଡେଟ୍‌ରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଏଥିସହ ଏଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଯୁବ ଚାମ୍ପିୟନଶିପରେ ସେ ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ଜାମସେଦ୍‌ପୁର ଜନ୍ମିତ ଟାଟା ଆର୍ଚେରି ଏକାଡେମୀ କ୍ୟାଡେଟ୍ ଫାଇନାଲକୁ ୭–୩ ବ୍ୟବଧାନରେ ଜିତିନେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୬/୨୦୧୯ Bhubaneswar, Monday, August 26/2019




# କ୍ରୋମାଇଟ୍ ଲୋଡିଂରେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ଦାବି

**ସୁକିନ୍ଦା,୨୫ା୮(ଡି.ଏନ୍.ଏ.):** କ୍ରୋମାଇଟ୍ ଖଣିରେ ୨୦୦୯ରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶାନାମା ଖଣି ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ହେଲେ କେତେଜଣ ନ୍ୟର୍ଥ ସ୍ୱାର୍ଥୀ ଗୋଷ୍ଠୀ ଖଣି ଖାଦାନରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଲାଗୁ କରିବା ନାମରେ ବିଭ୍ରାନ୍ତ କରିଆସୁଛନ୍ତି। ତେଣୁ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶାନାମାକୁ ବଳବତ୍ତର ରଖିବା ନିମନ୍ତେ ସୁକିନ୍ଦା ଟ୍ରକ ମାଲିକ ସଂଘ ରବିବାର ଏକ ଖବରଦାତା ସମ୍ମିଳନୀରେ ସଭାପତି ବିମଳେନ୍ଦୁ ବେହୁରା, ବିଭୁରଞ୍ଜନ ଦାସ, ସଞ୍ଜୀବ ମିଶ୍ର, କଲକ ବେହୁରା, ବିପିନ ଆଚାରି ପ୍ରମୁଖ ଦାବି କରିଛନ୍ତି । ୨୦୦୯ ନିର୍ଦ୍ଦେଶାନାମା ଅନୁଯାୟୀ ତତ୍କାଳୀନ ଜିଲାପାଳ ୮ଟି ସର୍ତ୍ତ ଆଧାରରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ କଡ଼ାକଡି ପାଳନ କରାଯାଉଛି। ଯଦି ଯେ ନିୟମକୁ ପରିବର୍ତ୍ତନ କରାଯାଏ। ଏହା ଜିଲାର ହଜାର ହଜାର ଟ୍ରକ୍ ମାଲିକଙ୍କ ଉପରେ ଗଭୀର ପ୍ରଭାବ ପଡିବ। ତେଣୁ ଜିଲାପାଳ ଉକ୍ତ ନିର୍ଦ୍ଦେଶାନାମାକୁ ପୁନର୍ବିଚାର ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।






# ଦୁର୍ଦ୍ଦିନରେ ନୀଳାଚଳ ଇସ୍ପାତ କାରଖାନା

## କଳିଙ୍ଗନଗର ମଜଦୁର ୟୁନିୟନର ପୁନଃ ଉଦ୍ଧାର ଦାବି

**କଳିଙ୍ଗନଗର,୨୫ା୮(ଡି.ଏନ୍.ଏ.)** ଯାଜପୁର ଜିଲା କଳିଙ୍ଗନଗରରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର (ଏନ୍ଆଇଏନ୍ଏଲ୍) ପୁନରୁଦ୍ଧାର ପାଇଁ କଳିଙ୍ଗନଗର ମଜଦୁର ୟୁନିୟନ ଦାବି କରିଛି। ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍(ଆର୍ଆଇଏନ୍ଏଲ୍) ଏବଂ ଷ୍ଟିଲ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଓ ଓମ୍‌ସି (ଓଡ଼ିଶା ଖଣି ନିଗମ) ସହିତ ମିଶ୍ରଣ କରିବାକୁ ରବିବାର ବ୍ୟାସନଗର ସହରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୟୁନିୟନ ପକ୍ଷରୁ ଦାବି କରାଯାଇଛି। ଏଥିରେ ୟୁନିୟନର ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଥିଲେ ଯେ, ସରକାର ୨୦୨୫ ସୁଦ୍ଧା ୩ଶହ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ କରିବାକୁ ଯୋଜନା କରିଛନ୍ତି। ଏହି କ୍ରମରେ ଓଡ଼ିଶାରୁ ୧ଶହ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍ଏମ୍‌ଟିସିର ୪୯.୭୮ ପ୍ରତିଶତ ଅଂଶଧନ ଏବଂ ରାଜ୍ୟ ସରକାରଙ୍କର ଉଦ୍ୟୋଗ ଏମ୍‌ସି ଓ ଇପିକଲର ୩୨ ପ୍ରତିଶତ ଅଂଶଧନ ସହାୟତାରେ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଏହି କାରଖାନା ଏବେ ରୁଗ୍ଣ ଅବସ୍ଥା ଦେଇ ଗତି କରୁଛି। ଏହି କାରଖାନା ୨୦୦୨ରୁ ପିଗ୍ ଆଇରନ, କୋକ, ସାର ଏବଂ ବିଦ୍ୟୁତ୍ ଉତ୍ପାଦନ କରୁଥିବା ବେଳେ ଏବେ ୧.୧ ନିୟୁତ ଟନ୍ ଷ୍ଟିଲ ଉତ୍ପାଦନ ଆରମ୍ଭ କରିଛି। ନୀଳାଚଳ ଇସ୍ପାତ ନିଗମ ନିକଟରେ ୨୫ଶହ ଏକର ଜମି ଏବଂ ନିଜସ୍ୱ ୮୭୪ ହେକ୍ଟର ଲୌହ ଖଣି ଥିବା ବେଳେ ପ୍ରଶାସନିକ ଉଦାସୀନତା ଏବଂ ଆବଶ୍ୟକ ପୁଞ୍ଜି ଲଗାଣ ହୋଇ ନ ପାରିବାରୁ ଏହା ଏବେ କ୍ଷତିରେ ଚାଲୁଛି। ସରକାର ଚାହିଁଲେ ନୀଳାଚଳ ଇସ୍ପାତ ନିଗମ ନିକଟରେ ଥିବା ଜମି ଏବଂ ଖଣିକୁ ବ୍ୟବହାର କରି ବାର୍ଷିକ ୬ରୁ ୧୨ ମିଲିୟନ ଟନ୍ ଇସ୍ପାତ ନିର୍ମାଣ ହୋଇପାରନ୍ତା। ମାତ୍ର ଏହାର ମୁଖ୍ୟ ଅଂଶୀଦାର ଥିବା ଏମ୍ଏମ୍‌ଟିସି ଏହି କାରଖାନାର କ୍ରୟ ଓ ବିକ୍ରୟ ଉପରେ ୩.୩ ପ୍ରତିଶତ ଲାଭାଂଶ ନେଉଛି। କିନ୍ତୁ କାରଖାନାର ସମ୍ପ୍ରସାରଣ ଦିଗରେ କୌଣସି ପଦକ୍ଷପ ନେଉନାହିଁ। ଅଦ୍ୟାବଧି ଏମ୍ଏମ୍‌ଟିସି ଯେତିକି ପୁଞ୍ଜି ବିନିଯୋଗ କରିଥିଲା ତାଠାରୁ ଅଧିକ ଅର୍ଥ ପ୍ରାୟ ୧୭ଶହ କୋଟି ଏହାର ବିକ୍ରି ଓ ଖର୍ଦ୍ଦିରୁ ପାଇଥିବା ୩.୩ ପ୍ରତିଶତ ଲାଭାଂଶରୁ ଉଠାଇସାରିଲାଣି। ତେଣୁ ନିଜ ଅଂସଧନ ପରିମାଣର ଅର୍ଥ ପାଇ ସାରିବା ପରେ କାରଖାନାର ହାନି ଲାଭ କଥା କିମ୍ବା କର୍ମଚାରୀଙ୍କ ଭବିଷ୍ୟତ କଥା ଚିନ୍ତା ନ କରି ନୀଳାଚଳ ଇସ୍ପାତ ନିଗମରୁ ଏମଏମଟିସି ନିଜର ପୁଞ୍ଜି ପ୍ରତ୍ୟାହର କରିବା ପାଇଁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଏହି କାରଖାନାର ବ୍ଲାଷ୍ଟ ଫର୍ନେସ ଓ ଷ୍ଟିଲ ମେଲଟିଂ ଉପରେ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାବେଳେ କୋଇଲା ଅଭାବରୁ ଜଟିଳ ସ୍ଥିତି ଦେଇ ଗତି କରୁଛି। ପାୱାର ପ୍ଲାଣ୍ଟ ଏବଂ କୋକୋଭେନ ଯେକୌଣସି ସମୟରେ ବନ୍ଦ ହେବାର ସମ୍ଭାବନା ରହିଛି। କୋକୋଭେନ ପ୍ଲାଣ୍ଟ ବନ୍ଦହେଲେ କାରଖାନାର ପ୍ରାୟ ୫ ହଜାର ଶ୍ରମିକ ଓ ଜୀବନଜୀବିକା ସଙ୍କଟରେ ପଡିବା ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ତୁରନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ଇସ୍ପାତ ମନ୍ତ୍ରାଳୟ ହସ୍ତକ୍ଷେପ କରିବା, ଏମ୍ଏମ୍‌ଟିସିର କ୍ରୟ ଏବଂ ବିକ୍ରୟ ଉପରେ ୩.୩ ପ୍ରତିଶତ ଲାଭାଂସ ନେବା ତୁରନ୍ତ ବନ୍ଦ କରିବା, ବର୍ତ୍ତମାନ ସମୟରେ ନୀଳାଚଳ ଇସ୍ପାତ ର ଉତ୍ପାଦନ ପଦାର୍ଥ ବିକ୍ରୟ ଲାଭାଂଶ ଅର୍ଥକୁ ନୀଳାଚଳ ଇସ୍ପାତ ପରିଚାଳନା ପାଇଁ ନୀଳାଚଳ କର୍ତ୍ତୃପକ୍ଷଙ୍କୁ ପ୍ରଦାନ, ପାରାଦୀପ ପୋର୍ଟରେ ଏମ୍ଏମ୍‌ଟିସିର ଗଚ୍ଛିତ ରଖିଥିବା ଅଷ୍ଟ୍ରେଲିଆନ କୋଲକୁ ତୁରନ୍ତ ଏନଆଇଏନଏଲ୍ ପରିସରକୁ ଆଣିବା, ଆବଶ୍ୟକ ପୁଞ୍ଜି ଲଗାଣ ପାଇଁ ସେଲ ଓ ଓଏମ୍‌ସି କୁ ସରକାରଙ୍କ ତରଫରୁ ତୁରନ୍ତ ନିର୍ଦ୍ଦେଶ, ନୀଳାଚଳର ବନ୍ଦରହିଥିବା ସମସ୍ତ ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ୟୁନିୟନ ଦାବି କରିଛି। ଏହି ସମ୍ମିଳନୀରେ କଳିଙ୍ଗନଗର ମଜଦୁର ୟୁନିୟନର ସଭାପତି ଆଜାହର ଅହମଦ ଖାଁ, ନୀଳାଚଳ ଶାଖା ସମ୍ପାଦକ ବିଷ୍ଣୁ ବିଶ୍ୱାଳ, ସହସମ୍ପାଦକ ଅଭିରାମ ଦାସଙ୍କ ସହିତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

**ବାଲେଶ୍ୱର ଅଫିସ/ରୂପ୍‌ସା, ୨୫ା୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ସିନ୍ଧିଆ ପଞ୍ଚାୟତର ବାଲିପାଳ ଗ୍ରାମର ସ୍ୱପ୍ନାରେଖା ମହାଳିକ (୪୫) ରବିବାର ଅପରାହ୍ନରେ ବିଲରେ କାମ କରୁଥିବା ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇ ପଡ଼ିଯିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି ସଦର ବ୍ଲକ ରୂପ୍‌ସା ଥାନା ପିଣ୍ଡ୍ରାବଣିଆ ଗ୍ରାମର ଚାଷୀ ସୋମନାଥ ସିଂ (୫୫) ରବିବାର ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ସୋମନାଥ ବିଲରେ ଚାଷ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ।



All new True Value at: BHUBANESWAR: Narayani Motors, Ph: 7381000406, 7381093625, Sky Automobiles, Ph: 9776900002, 7381028108, Jyote Motors, Ph: 8338033993, 7064499352, 7064499353. CUTTACK: Sky Automobiles, Ph: 9583011021, 9090333770, JAJPUR: Sky Automobiles, Ph: 7978621363, PURI: Narayani Motors, Ph: 8599002011, PARADEEP: Narayani Motors, Ph: 9583022061, KEONJHAR/NAYAGARH/BALUGAON: Jyote Motors, Ph: 7064499354

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସିଧାମୂଳା, କୁମୁଣ୍ଡି ମାଳବନ୍ଧ ରାସ୍ତା ଶୋଚନୀୟ ପିଚୁ ରାସ୍ତା ନିର୍ମାଣ ଦାବି



**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବାଣପୁର ପଞ୍ଚାୟତସ୍ଥ କୁମୁଣ୍ଡିଠାରୁ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ମହାନଦୀ ପାର୍ଶ୍ୱସ୍ଥ ମାଳବନ୍ଧ ରାସ୍ତା ବର୍ତ୍ତମାନ ଶୋଚନୀୟ ହୋଇପଡ଼ିଛି। ଏଭଳି ପରିସ୍ଥିତି ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କଣ୍ଟିଲୋ ଜଳସେଚନ ବିଭାଗ ଅଧୀନ ଉକ୍ତ ମାଳବନ୍ଧ ରାସ୍ତାର ଉନ୍ନତୀକରଣ ନିମନ୍ତେ ୨୦୧୬-୧୭ ଆର୍ଥିକ ବର୍ଷରେ ଅର୍ଥ ମଞ୍ଜୁର ହୋଇଥିଲା । ଉକ୍ତ ଅର୍ଥରେ ମାଳବନ୍ଧ ଉପର ରାସ୍ତାକୁ ପିଚୁ କରିବା ଉଦ୍ଦେଶ୍ୟରେ ମେଟାଲିଂ କରାଯାଇଥିଲା। ଅନେକ ଦିନ ପରେ ପିଚୁ କାର୍ଯ୍ୟ କରା ନ ଯିବାରୁ ଏବେ ମାଳବନ୍ଧ ରାସ୍ତା ଉପରୁ ମେଟାଲଗୁଡିକ ଉଠିଯାଇ ଏଣେତେଣେ ପଡ଼ିଛି । ଫଳରେ ଏହି କଦର୍ଯ୍ୟ ରାସ୍ତାରେ ଲୋକେ ଯାତାୟାତ କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଦୂରତ୍ୱ କମ୍ ଦୃଷ୍ଟିରୁ ମାଳବନ୍ଧ ରାସ୍ତା ଦେଇ ଦୈନିକ ଶହଶହ ଲୋକେ ଯାନବାହନରେ ଚଳାଚଳ କରୁଛନ୍ତି। ତେବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ସ୍ଥଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ବୋଲି ସାଧାରଣରେ କୁହାଯାଉଛି। ତେଣୁ ଜରୁରିକାଳୀନ ଭିତ୍ତିରେ ରାସ୍ତାଟିକୁ ତୁରନ୍ତ ପିଚୁ କରିବାକୁ ଆଖପାଖ ଗ୍ରାମବାସୀ ଦାବି କରିଛନ୍ତି । ଏ ସମସ୍ୟା ନେଇ କଣ୍ଟିଲୋ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଶଙ୍କର ଦଳାଇଙ୍କୁ ପଚାରିବାରୁ ଅନୁଦାନ ଅର୍ଥ ମଞ୍ଜୁର ପରେ ରାସ୍ତା ନିର୍ମାଣ ପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ମୁଣ୍ଡିଆ ହନୁମାନ ପୀଠରେ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.):** ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ରବିବାର ତ୍ରିନାଥ ଦେବଙ୍କ ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ପାଣି ତୋଳିବା ପରେ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟପୂଜା ପରେ ଠାକୁରଙ୍କ ହୋମଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଉପଲକ୍ଷେ ଦିବାରାତ୍ର ବାଦୀ ସଙ୍କୀର୍ତ୍ତନ ମଣ୍ଡଳୀ ଓ ନଦିଆ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଛି । ମର୍ଦ୍ଦରାଜପୁର ଗ୍ରାମବାସୀଙ୍କ ସହଯୋଗ ତଥା କାର୍ଯ୍ୟଗ୍ରାହୀ ମାୟାଧର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ସନ୍ଧ୍ୟା ପ୍ରାୟ ୬ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ରାସ୍ତାରେ ମାଡୁଛି ଡ୍ରେନ ପାଣି
### ଜିଲାପାଳଙ୍କୁ ଗୁହାରି କଲେ ଲେନ୍‌ବାସୀ

**ପୁରୀ ଅଫିସ, ୨୫।୮:** ସ୍ୱଚ୍ଛତା ଉପରେ ଏବେ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମଧ ଗ୍ରହଣ କରାଯାଉଛି। ରାସ୍ତା ଉପରେ ମାଡୁଛି ଡ୍ରେନ୍ ପାଣି। ଫଳରେ ଅତିଷ୍ଠ ହୋଇ ଗତ ୨୧ ତାରିଖରେ ଜିଲାପାଳଙ୍କୁ ଗୁହାରୀ ଜଣାଇଛନ୍ତି ସିଦ୍ଧବକୁଳ ଲେନବାସୀ(ବାଲିସାହି)। ଏ ସମ୍ପର୍କରେ ସତ୍ୟନାରାୟଣ ପୃଷ୍ଟି କହିଛନ୍ତି, ବାତ୍ୟା ପରଠାରୁ ତାଙ୍କ ଲେନ୍‌ରେ ଡ୍ରେନ୍ ସଫା କରାଯାଇ ନାହିଁ। ଫଳରେ ବିଭିନ୍ନ ସ୍ଥାନରେ ଅଳିଆ ଜମି ଗଲାଣି। ବେଳେ ବେଳେ ଡ୍ରେନ୍ ପାଣି ଉଚ୍ଛୁଳି ରାସ୍ତାକୁ ମାଡୁଛି। ରାସ୍ତାରେ ଯାତାୟାତ ଲାଗି ଲୋକେ ଅସୁବିଧା ଭୋଗୁଛନ୍ତି। ଡ୍ରେନ୍ ସଫା ହୋଇ ନ ଥିବାରୁ ଦୁର୍ଗନ୍ଧ ହେଉଛି। ସେହିପରି ମଶା, ମାଛିଙ୍କ ପ୍ରାଦୁର୍ଭାବ ମଧ ବଢ଼ୁଛି। ସିଦ୍ଧବକୁଳ ମଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏପରି ଅବସ୍ଥା ଦେଖି କ୍ଷୋଭ ପ୍ରକାଶ କରୁଛନ୍ତି। ପୁରୀ ଭଳି ଏକ ପବିତ୍ର ସହର ହୋଇଥିଲେ ମଧ ଏହା ପରିମଳ ପ୍ରତି ପ୍ରଶାସନର ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ତେଣୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଲେନ୍‌ବାସୀ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଡ୍ରେନ୍ ସଫେଇ ସହ ବାତ୍ୟା ପରେ ରାସ୍ତାକଡ଼ରେ କଟା ହୋଇପଡିଥିବା ନଡ଼ିଆ ଗଛକୁ ଉଠାଇ ନେବାକୁ ମଧ ଜଣାଇଛନ୍ତି।

## ସିଂହଦ୍ୱାର ସମ୍ମୁଖରେ ରବିବାରିଆ ସକାଳ
# ଆକର୍ଷଣ ସାଜିଲା କଣ୍ଢେଇ ନାଚ

**ପୁରୀ ଅଫିସ, ୨୫।୮**

ସକାଳର କୋହଲା ପାଗ ସାଙ୍ଗକୁ ଭଜନ, କୀର୍ତ୍ତନ ଆଉ ବିବିଧ ନୃତ୍ୟରେ ଝଙ୍କୃତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ପୁଣି ଏକ ରବିବାରିଆ ସକାଳକୁ ନେଇ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ ସହରବାସୀ ଏବଂ ଶ୍ରଦ୍ଧାଳୁ। ମନରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ଭାବନା। ସିଂହଦ୍ୱାର ସମ୍ମୁଖରେ ଭାବଭକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଦେଇଥିଲା ନିଆରା ଅନୁଭୂତି। ବ୍ୟାରିକେଡିଂ ହୋଇଥିବା ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ସକାଳୁ ଜମିଥିଲା ଆଧ୍ୟାତ୍ମିକଭରା ସାଂସ୍କୃତିକ କାର୍ଯ୍ୟକ୍ରମ। ତେବେ ସବୁଠୁ ବେଶ୍ ଆକର୍ଷଣ ସାଜିଥିଲା କଣ୍ଢେଇ ନାଚ। ହଜିଯାଉଥିବା ଏହି ଲୋକକଳାକୁ ଦେଖଣାହାରି ଖୁବ୍ ନିକଟରୁ ଦେଖିବାର ସୁଯୋଗ ପାଇଥିଲେ, ତାହା ପୁଣି ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାରରେ। ଝିପି ଝିପି ବର୍ଷା ବି ଏଥିରେ ବାଧକ ସାଜି ନ ଥିଲା। କୁନି ଝିଅଟିର ସ୍କେଟିଂ ହେଉ ଅବା ପିଲାଙ୍କ ଯୋଗ ପ୍ରଦର୍ଶନରେ ହଜିଯାଇଥିଲେ ଦେଖଣାହାରି। କୋହଲା ପାଗରେ



ଶ୍ରୀମନ୍ଦିର ସମ୍ମୁଖରେ ସାଂସ୍କୃତିକ ଉତ୍ସବରେ କଣ୍ଢେଇ ନାଚ।

ଜମିଥିଲା ଏହି ଆଧ୍ୟାତ୍ମିକ ଆସର।

ସାକ୍ଷୀଗୋପାଳ ଖଡ଼ିକୁଦାର ମଗୁଲି ମୁରୁଡ଼ି ଓ ସାଥୀ କରିଥିଲେ ଏହି କଣ୍ଢେଇ ନାଚ। ପରଦା ଆଢୁଆଳରେ ରହି ୪ ଜଣ ବ୍ୟକ୍ତି ସଙ୍ଗୀତର ତାଳେ ତାଳେ ୮ଟି କଣ୍ଢେଇକୁ ଧରି ନଚେଇବା ଦୃଶ୍ୟ ଥିଲା ବେଶ୍ ନିଆରା। କଣ୍ଢେଇଙ୍କୁ ନଚାଉଥିବା ବ୍ୟକ୍ତିଙ୍କୁ ଲୋକେ ଦେଖିପାରୁ ନ ଥିବାବେଳେ କଣ୍ଢେଇଗୁଡ଼ିକର ନାଚ ବେଶ୍ ମନୋମୁଗ୍ଧକର ଥିଲା। ଆଗରେ ଭିନ୍ନ ଧରଣରେ ସଜେଇ ହୋଇଥିବା ଏହି ଗାଡିକୁ ଆଗେଇ ନେଉଥିଲେ ମଗୁଲି। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡିଂ ଅଞ୍ଚଳରେ ବୁଲି ବୁଲି ଏହି କଣ୍ଢେଇ ନାଚ କରାଯାଉଥିଲା। ସେହିପରି କୁନି ଝିଅ ଶ୍ରେୟାଂଶୀ ବଳିୟାର ସିଂ ଗହଳି ଭିତରେ ସ୍କେଟିଂ କରି ଲୋକଙ୍କ ମନ ଜିଣିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଘୋରଡ଼ିଆର ରାଧାମୋହନ ଦେବ ନଦିଆ ସଂକୀର୍ତ୍ତନ ମଣ୍ଡଳୀ, ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ, ମହ୍ଲାର ଭଜନ ଗ୍ରୁପ୍, ମଧୁବନର ସରସ୍ୱତୀ ବିଦ୍ୟାମନ୍ଦିର, ଜଗନ୍ନାଥ ବେଦାନ୍ତ ଯୋଗ ଗ୍ରୁପ୍ ଓ ଭାରତ ଯୋଗକେନ୍ଦ୍ର ପକ୍ଷରୁ ଯୋଗ ଏବଂ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ପେଣ୍ଟିଂ କରାଯାଇଥିଲା। ସେହିପରି ଗୋପାଳ ସୁଆର ଗ୍ରୁପ୍‌ର ବନାଟି, ନୃସିଂହ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କୁନିଝିଅ ଅଭିଲିପ୍ସା ଘଟୁଆରୀ ଦୁର୍ଗାମେଢ଼ ବନ୍ଧାଇ ବେଶ୍ ଆକର୍ଷଣୀୟ ସାଜିଥିଲେ। ଏହାବ୍ୟତୀତ ସରସ୍ୱତୀ ଦୋରା, ରୂପାଲି ନାୟକ, ମୋନାଲିସା ପ୍ରଧାନ ପ୍ରମୁଖ ଝୋଟି ପକାଇଥିବା ବେଳେ କଣାସ ମୋଟରିର ବେନୁପଡ଼ା ଗାଦି ଗୁରୁଦେବ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ନୟାଗଡ଼ ଅଫିସ,୨୫।୮**

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ଆଚାର୍ଯ୍ୟ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ ପ୍ରତ୍ୟେକ ଶିଶୁ ଅନ୍ୱେଷଣ ମାର୍ଗରେ ନୂତନ ଉଦ୍ଭାବନ ସହ ଦେଶର ପ୍ରଗତିରେ ନିଜକୁ ନିୟୋଜିତ କରିବା ଉଚିତ୍ ବୋଲି କହିଥିଲେ। ପରିଚାଳନା ସମିତି ସଦସ୍ୟ ସନ୍ତୋଷ କୁମାର ମଲ୍ଲିକ ବିଭିନ୍ନ ବୈଜ୍ଞାନିକଙ୍କ ଜୀବନୀ ଓ ସେମାନଙ୍କର



ପ୍ରଧାନ ଆଚାର୍ଯ୍ୟ ନିଜର ବକ୍ତବ୍ୟ ରଖୁଛନ୍ତି।

କୃତି କିପରି ସମାଜରେ ପ୍ରତିଫଳିତ ହେଉଛି ଉଦାହରଣ ମାଧମରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିର୍ଣ୍ଣାୟକ ରୂପେ ସହଯୋଗ କରିଥିଲେ। ନୟାଗଡ ସଂକୁଳ ଅନ୍ତର୍ଗତ ୯ ବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଗଣିତ ଓ ବିଜ୍ଞାନ ପ୍ରୟୋଗ, ଚାର୍ଟ ପ୍ରଦର୍ଶନୀ, ପତ୍ରବାଚନ, ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷା ବିକାଶ ସମିତିର ପୂର୍ବସମ୍ଭାଗ ସଦସ୍ୟ ଚନ୍ଦ୍ରଭାନୁ ବରାଡ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନୟାଗଡ ସଂକୁଳ ସଂଯୋଜକ ଅମ୍ବିକା ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂକୁଳ ପ୍ରମୁଖ ବୈକୁଣ୍ଠ ବିହାରୀ ମିଶ୍ର ପୌରୋହିତ୍ୟ କରିଥିଲା ବେଳେ ସ୍ଥାନୀୟ ଶିଶୁ ମନ୍ଦିର ସଭାପତି, ପରିଚାଳନା ସମିତି ସଦସ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗିଆ ଜଗିଛି
ଭୋଗିଆ ଭୋଗୁଛି ।**

ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା ଭଳି ଜଣକୁ ଭକୁଆ ବନେଇ ଅନ୍ୟଜଣେ ସୁବିଧା ସୁଯୋଗ କୌଶଳ କରି ହାତେଇ ନେଇଥାନ୍ତି। ସୁବିଧାବାଦୀ ବ୍ୟକ୍ତି ଚଞ୍ଚକତା କରି ଅନ୍ୟର ପରିଶ୍ରମର ଫଳ ଅନାୟାସରେ ଭୋଗ କରିଥାନ୍ତି। ଚାଲାକ ଚତୁର ଲୋକ ନିଜ ସୁବିଧା କରିନେବା ଓ ସାଦାସିଧା ସରଳ ଲୋକ ଅନେଇ ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଳିଲା ଦୀପ,
ତଳ ଅନ୍ଧାର ।**

ଦୀପ ଜଳୁଥିବା ବେଳେ ଦୀପର ଚାରିପଟ ଆଲୁଅ ହୋଇଥାଏ। ପରନ୍ତୁ ଦୀପତଳ ଜାଗାରେ ଆଲୁଅ ପଡ଼େ ନାହିଁ, ଅନ୍ଧାର ଥାଏ। ପରୋକ୍ଷରେ ଅତି ପାଖରେ ଥିବା ବ୍ୟକ୍ତି ବା ବସ୍ତୁ ପ୍ରତି ଅନାଦର, ଦୂରଲୋକ ସକଳ ସୁବିଧା ପାଉଥିବା ବେଳେ ପାଖଲୋକ ସେଥିରୁ ବଞ୍ଚିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବସ୍‌ଷ୍ଟାଣ୍ଡରେ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି




ମନ୍ତ୍ରୀ ଅରୁଣ ସାହୁ ଜଣେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ନୟାଗଡ଼ ଅଫିସ,୨୫।୮**

କାର୍ଯ୍ୟାଳୟ ବଦଳରେ ବସ୍‌ଷ୍ଟାଣ୍ଡରେ ଅଭିଯୋଗ ଶୁଣିଲେ ମନ୍ତ୍ରୀ। ତୃତୀୟଥର ପାଇଁ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ରବିବାର ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡରେ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ନୟାଗଡ଼ ପୌରପରିଷଦ ଓ ବ୍ଲକରୁ ଆସିଥିବା ୧୬୦ ଅଭିଯୋଗର ଶୁଣାଣି କରିଥିଲେ। ନିର୍ବାଚନ ଜିତିବା ପରେ ମନ୍ତ୍ରୀ ଲୋକଙ୍କ ନିକଟକୁ ଯାଇ ଅଭିଯୋଗ ଶୁଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ସେ ପ୍ରତି ମାସର ଶେଷ ରବିବାର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଭତ୍ତା, ପକ୍କାଘର ଯୋଜନା ଆଦି ସମସ୍ୟା ବିଷୟରେ ଅଭିଯୋଗ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ – ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୂଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ 3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1984ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
– ସ୍ପେଶାଲିଷ୍ଟ –
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର


EDUCATION

BUSINESS

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଷ୍ଠାପର ଲୋକ ହିଁ ଅନ୍ୟର ନିଷ୍ଠାକୁ ଚିହ୍ନିପାରେ।
- କାର୍ଲାଇଲ



## ସଂକ୍ଷେପରେ

### ଭାପୁର ବ୍ଲକରେ ପ୍ରଥମ ଡେଙ୍ଗୁ ରୋଗୀ

ଭାପୁର,୨୫।୮ (ଡି.ଏନ୍.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକରେ ଏ ବର୍ଷ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି। ସେ ହେଲେ ବଡ଼ସହରା ପଞ୍ଚାୟତ ରାମପଡ଼ା ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କ ପୁଅ ବଦ୍ରିପ୍ରସାଦ ସ୍ୱାଇଁ (୫)। କିଛିଦିନ ଜ୍ୱର ଲାଗିରହିବାରୁ ବଦ୍ରିଙ୍କୁ ପ୍ରଥମେ ଭାପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଉପଶମ ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ବଦ୍ରି ଡେଙ୍ଗୁ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ବ୍ଲକରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଡେଙ୍ଗୁ ରୋଗୀ ଚିହ୍ନଟ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଖବର ନ ଥିବା ଜଣାପଡିଛି।

### ନୂଆଗାଁରେ ରମ୍ଭା ପୋଲିସର ଚଢ଼ାଉ
### ବେପାରୀ ଫେରାର୍, ୨ ଗାଡ଼ି ଜବତ

ନୟାଗଡ଼ ଅଫିସ/ନୂଆଗାଁ (ଡି.ଏନ୍.ଏ.),୨୫।୮: ଗଞ୍ଜାମ ଜିଲା ରମ୍ଭା ପୋଲିସ ଗତ ୧୮ ତାରିଖରେ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଏକ ଟ୍ରକ୍‌ରୁ ୩୫ ବସ୍ତା ଗଞ୍ଜେଇ ଜବତ କରିଥିଲା। ଏହାସହ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗାଡ଼ି ଚାଳକଙ୍କ ବୟାନ ଓ କାଗଜପତ୍ର ଯାଞ୍ଚ କରିବା ପରେ ଉକ୍ତ ଗାଡ଼ିଟି ନୟାଗଡ଼ ଜିଲା ନୂଆଗାଁ ଥାନା ଖୁଣ୍ଟୁବନ୍ଧ ଗ୍ରାମର ପ୍ରେମାନନ୍ଦ ବେହେରାଙ୍କର ବୋଲି ଜାଣିବାକୁ ପାଇଥିଲା। ତଦନୁଯାୟୀ ନୂଆଗାଁ ପୋଲିସ ସହାୟତାରେ ରମ୍ଭା ପୋଲିସ ରବିବାର ପ୍ରେମାନନ୍ଦଙ୍କ ଘରେ ଚଢ଼ାଉ କରିଥିଲା। ହେଲେ ପ୍ରେମାନନ୍ଦ କୌଶଳକ୍ରମେ ଖସି ଯାଇଥିଲେ। ପୋଲିସ ତାଙ୍କର ଗୋଟିଏ ବୁଲେଟ୍ ଓ ଗୋଟିଏ ବାଇକ୍‌କୁ ଜବତ କରି ଆଣିଛି। ପ୍ରେମାନନ୍ଦଙ୍କ ନାମରେ ଏକ ୱାରେଣ୍ଟ ଜାରି କରାଯିବ ବୋଲି ନୂଆଗାଁ ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।

### ଚିକିତ୍ସାଧୀନ ମହିଳାଙ୍କ ପତ୍ତା ମିଳୁନି

ଭାପୁର,୨୫।୮ (ଡି.ଏନ୍.ଏ.): ଜଣେ ମହିଳା ଭାପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସି କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଏ ନେଇ ମହିଳାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫତେଗଡ଼ ଥାନା ତରବାଲୋ ଗ୍ରାମର ଶିଶୁ ନାୟକଙ୍କ ଝିଅ ଟିକିନା ବାଘୁଆପଲ୍ଲୀ ପଞ୍ଚାୟତ ଓଲାସ ଗ୍ରାମର ଆଲୋକ ଜେନାଙ୍କୁ ୪ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ଅଢେଇ ବର୍ଷର ଏକ ପୁଅ ରହିଛି। ଟିକିନାଙ୍କ ସ୍ୱାମୀ ଆଲୋକ ଜେନା କେରଳରେ ରହି କାମ କରନ୍ତି। ଟିକିନା ଅସୁସ୍ଥ ଥିବାରୁ ୨ମାସ ହେଲା ବାପଘରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସେ ତାଙ୍କ ଭାଇ ସହ ଭାପୁର ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ କିଣିବା ସମୟରେ ଭାଇଙ୍କର ଏକ ଜରୁରୀ କାମ ପଡିବାରୁ ସେ ଚାଲିଯାଇଥିଲେ। ଏହି ସମୟରେ ଉକ୍ତ ମହିଳା ଜଣକ କୁଆଡେ ଚାଲିଯାଇଥିଲେ। ଭାଇ ଡାକ୍ତରଖାନା ଆସି ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶନିବାର ଶିଶୁ ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ୨୫/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ମାର୍କେଟ କମ୍ପ୍ଲେକ୍ସ ବେନିୟମ ଭାବେ ବଣ୍ଟନ

ନୟାଗଡ଼ ଅଫିସ,୨୫।୮



ବିଜୁ ମାର୍କେଟରେ ହୋଇଥିବା ଗୋଦାମ ଗୃହ।



କଦଳୀ ଗୋଦାମ ପାଲଟିଛି ଏକ ଗୃହ।

- ଜଣେ ଜଣେ ହାତେଇଛନ୍ତି ଏକାଧିକ ଗୃହ
- ଦୋକାନ ବଦଳରେ ଅଧିକାଂଶ ଗୃହ ପାଲଟିଛି ଗୋଦାମ
- ୧୦ ମାର୍କେଟରେ ରହିଛି ୩୫୭ ଗୃହ

ନୟାଗଡ଼ ସହରର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନ ଗୃହଗୁଡିକ ବେନିୟମ ଭାବେ ବଣ୍ଟନ କରାଯାଇଛି। ସହରରେ ବସବାସ କରୁଥିବା ଯୁବକମାନେ ଯେପରି ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ ଭିନ୍ନ ଭିନ୍ନ ଯୋଜନାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ଏହା ଦ୍ୱାରା ସମ୍ପୃକ୍ତ ଯୁବକମାନେ ବ୍ୟବସାୟ କରି ଆର୍ଥିକ ସ୍ୱାବଲମ୍ବୀ ହେବେ ବୋଲି ଲକ୍ଷ୍ୟ ରହିଥିଲା। କିନ୍ତୁ ବେନିୟମ ଭାବେ ଆବଣ୍ଟନ ହୋଇଥିବାରୁ ଏଥିରେ ବିଚ୍ୟୁତି ଘଟିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏନ୍‌ଏସି ବର୍ତ୍ତମାନ ପୌର ପରିଷଦ ପକ୍ଷରୁ ମନଇଚ୍ଛା ପ୍ରଭାବଶାଳୀ ଲୋକମାନଙ୍କୁ ଏହି ଘରଗୁଡ଼ିକ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ ଚଳିତବର୍ଷ ଫେବୃୟାରୀ ମାସରେ ନୟାଗଡ଼ ଏନ୍‌ଏସି ପୌର ପରିଷଦ ମାନ୍ୟତା ପାଇଥିଲା। ବର୍ତ୍ତମାନ ଜଣେ ଜଣେ ବ୍ୟକ୍ତି ୧୦ରୁ ଅଧିକ ଦୋକାନ ଗୃହ ହାତେଇଛନ୍ତି। ଏମାନେ ଉକ୍ତ ଗୃହଗୁଡ଼ିକୁ ଭଡ଼ା ଆକାରରେ ଲଗାଇଛନ୍ତି। ପୌର ପରିଷଦ ଏମାନଙ୍କଠାରୁ ଅଳ୍ପକିଛି ଟଙ୍କା ଭଡା ଆକାରରେ ନେଉଥିବା ବେଳେ ଏମାନେ କିନ୍ତୁ ଲୋକମାନଙ୍କଠାରୁ ୨ଗୁଣା ଅଧିକା ଭଡ଼ା ଆଦାୟ କରୁଛନ୍ତି।

ପ୍ରକାଶ ଯେ, ନୟାଗଡ଼ ସହରର ୧୦ଟି ମାର୍କେଟରେ ୩୫୭ଟି ଗୃହ ରହିଛି। ଜୁବୁଲି ମାର୍କେଟରେ ୯୧ ଗୃହ ଥିବାବେଳେ ଭଡ଼ା ବାବଦକୁ ପ୍ରତିମାସରେ ୭୦ ହଜାର ୪୮୭ ଟଙ୍କା ଆଦାୟ ହେଉଛି। ବିଜୁ ମାର୍କେଟରେ ୧୦୩ ଗୃହ ଥିବାବେଳେ ଭଡ଼ା ବାବଦକୁ ୧୫,୬୭୦, ଇନ୍ଦିରା ପ୍ରିୟଦର୍ଶିନୀ ମାର୍କେଟରେ ୩୫ ଗୃହରୁ ୨୩୬୧୦, କୃଷ୍ଣଚନ୍ଦ୍ର ପରିବା ମାର୍କେଟରେ ୨୧ ଗୃହରୁ ୧୬୯୧୦, କୃଷ୍ଣଚନ୍ଦ୍ର ଗୋଡାଉନ ବ୍ଲକ ୨ରେ ୭ ଗୃହରୁ ୫୦୯୬, ପୁରୁଣା ବସ୍‌ଷ୍ଟାଣ୍ଡଠାରେ ୧ଟି ଗୃହରୁ ୫୦୦, ଫଳ ଦୋକାନ ଲାଗି ଥିବା ୧୨ ଗୃହରୁ ୫୮୫୦, ବାଳଭବନରେ ୧ଟି ଗୃହରୁ ୨୩୦ ଓ ରାଜୀବ ମାର୍କେଟରେ ୮୬ ଗୃହରୁ ୪୧,୩୭୦ ଟଙ୍କା ଭଡ଼ା ବାବଦକୁ ଆଦାୟ କରାଯାଉଛି। ନୟାଗଡ଼ ପୌର ପରିଷଦ ୧୦ଟି ମାର୍କେଟରେ ଥିବା ୩୫୭ ରୁମ୍‌ରୁ ପ୍ରତିମାସରେ ଭଡ଼ା ବାବଦକୁ ୧ ଲକ୍ଷ ୭୯ ହଜାର ୭୨୩ ଟଙ୍କା ଆଦାୟ କରୁଛି। ହେଲେ ପ୍ରଭାବଶାଳୀ ଲୋକମାନେ ଏହାକୁ ପୁନର୍ବାର ଭଡ଼ାଦେଇ ଏହାଠାରୁ ଢେରଗୁଣା ଅଧିକ ଭଡାଟଙ୍କା ଆଦାୟ କରୁଛନ୍ତି। ଅନ୍ୟପଟେ ୩୫୭ ଗୃହରୁ କିଛି ହାତଗଣତି ଗୃହରେ ଦୋକାନ ଚାଲିଥିବା ବେଳେ ଅଧିକାଂଶ ଗୃହ ଗୋଦାମ ପାଲଟିଛି। କିଏ ଉକ୍ତ ଗୃହରେ କଦଳୀ ରଖୁଛି ତ ଆଉ କିଏ ଅନ୍ୟାନ୍ୟ ସାମଗ୍ରୀ ରଖିଥିବା ଦେଖିବାକୁ ମିଳୁଛି। ଏହିଭଳି ବେନିୟମ ଭାବେ ମାର୍କେଟଗୁଡ଼ିକ ଚାଲୁଥିଲେ ମଧ ପ୍ରଶାସନର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ପ୍ରଶାସନ ସବୁ ଜାଣି ନୀରବ ରହୁଥିବା ଅଭିଯୋଗ ହେଉଛି। ଏ ନେଇ ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ସେ ଏ ନେଇ କୌଣସି ମତ ଦେବାକୁ ମନା କରିଦେଇଥିଲେ। ଏଭଳି ଅନିୟମିତତାର ତଦନ୍ତ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଟେଲିଫୋନ ଟାୱାର ସ୍ଥାପନ ଦାବି

ଦଶପଲ୍ଲା,୨୫।୮ (ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକର ଆଦିବାସୀ ଅଞ୍ଚଳରେ ଟେଲି ଯୋଗାଯୋଗ କୌଣସି ସୁବିଧା ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଆଦିବାସୀ ବହୁଳ ପୋଖରୀଗୋଚ୍ଛା, ଚଢେୟାପଲ୍ଲୀ, କଳସାଖମଣ ଓ ନୂଆଗାଁ ପଞ୍ଚାୟତରେ ଟେଲି ଯୋଗାଯୋଗ ନିମନ୍ତେ କୌଣସି ଟାୱାର ସ୍ଥାପନ ହୋଇନାହିଁ। ତେଣୁ ଯୋଗାଯୋଗ ହୋଇପାରୁନାହିଁ। ଲୋକେ ଗଛ ଉପରେ କିମ୍ବା ପାହାଡ଼ ଉପରେ ଚଢି ଫୋନ କରିଥାନ୍ତି। ଏ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗତବର୍ଷ ଆଦିବାସୀ ବହୁଳ କଳସାଖମଣ ପଞ୍ଚାୟତର ନୂଆସାହି ଗ୍ରାମଠାରେ ଟେଲିଫୋନ ଟାୱାର ସ୍ଥାପନ ପାଇଁ ଅଞ୍ଚଳବାସୀ ରଥକାଠ ଗାଡ଼ି ଛାଡ଼ି ନ ଥିଲେ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଟେଲିଫୋନ ଟାୱାର ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହା ପୂରଣ ହୋଇପାରି ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଉକ୍ତ ଆଦିବାସୀ ଅଞ୍ଚଳର ସରୋଜ ମଲିକ, ସରୋଜ ବିଶୋଇ, ବିରୁପାକ୍ଷ କହଁର ପ୍ରମୁଖ ଦାବି କରିଛନ୍ତି।

# ଜିଲାସ୍ତରୀୟ ସାରସ୍ୱତ ଆସର, କବିତା ପାଠୋତ୍ସବ

ନୟାଗଡ଼ ଅଫିସ,୨୫।୮




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ରବିବାର ସ୍ଥାନୀୟ ରୋଟାରି କ୍ଲବଠାରେ ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ କାବ୍ୟ କବିତାରେ ବର୍ଷା ଉପରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଡ. ପୋମା ଟୁଡୁ ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଭାଗୀରଥି ମହାସୁଆର ବିଶିଷ୍ଟ ଅତିଥି, ସଦସ୍ୟ ନିର୍ମଳ ଚନ୍ଦ୍ର ଶୂରଦେଓ ସମ୍ମାନିତ ଅତିଥି ଓ ସଭାମୁଖ୍ୟ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହା ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ କୁମାର ଦାଶ ଓ ସ୍ମିତା ସ୍ୱାଇଁଙ୍କ ସଂଯୋଜନାରେ ହୋଇଥିବା ଏହି ଅଧିବେଶନରେ ସଭାମୁଖ୍ୟ ଭାବେ ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରମୋଦ ପଟ୍ଟନାୟକ, ନୀଳଲୋହିତ ମହାପାତ୍ର, ବସିରିନ୍ ବିବି, ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ସେମାନଙ୍କ କବିତା ପାଠ କରିଥିଲେ। ଅନ୍ୟପଟେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ଅନ୍ୟ ଏକ ରୁମ୍‌ରେ ବସିଥିବାରୁ ତାଙ୍କୁ ଡକାଯାଇ ନ ଥିଲା। କିଛି ସମୟ ପରେ ସେ ଆସି ଦେଖିବାରୁ ସଭା କାର୍ଯ୍ୟ ଆରମ୍ଭ ହୋଇସାରିଥିଲା। ଏହାକୁ ନେଇ ସେ ଅଭିମାନ କରିଥିଲେ। ସାହିତ୍ୟିକମାନେ ମନାଇବା ପରେ ସେ ମଞ୍ଚାସୀନ ହୋଇଥିଲେ।

### ଭିନ୍ନକ୍ଷମଙ୍କୁ ଖାଦ୍ୟ ବଣ୍ଟନ

ନିରାକାରପୁର,୨୫।୮(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ସହଯୋଗ ଅନୁଷ୍ଠାନ ପକ୍ଷରୁ ରବିବାର ସ୍ଥାନୀୟ ମାନସିକ ଭିନ୍ନକ୍ଷମ, ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ପଦ୍ମପୁରସ୍ଥିତ ଜରାଶ୍ରମ ଅନ୍ତେବାସୀମାନଙ୍କୁ ମଧ ଖାଦ୍ୟ ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ଦାଶରଥୀ ବିଶୋଇ, ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଜରାଶ୍ରମର ୨୩ ବୃଦ୍ଧାବୃଦ୍ଧଙ୍କୁ ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ। ଅନୁଷ୍ଠାନର ଏଭଳି ଲୋକହିତକର କାର୍ଯ୍ୟ ଅଞ୍ଚଳର ଅସହାୟ ଲୋକଙ୍କ ମଧ୍ୟରେ କିଛି ମାତ୍ରାରେ ଆନନ୍ଦ ଆଣିପାରିଛି। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ହିମାଂଶୁ ଭୂଷଣ ଚମ୍ପତିରାୟ, ପ୍ରଭାକର ଜୟସିଂହ, ମାନସ ଚନ୍ଦ୍ର ପଟ୍ଟନାୟକ, ଦେବାଶିଷ ପାହାଡ଼ସିଂହ ଓ ଲଛମନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ନୂତନ ବିଦ୍ୟୁତ୍ ଖୁଣ୍ଟ ବସାଇବାକୁ ଦାବି

ବୋଲଗଡ଼,୨୫।୮(ଡି.ଏନ.ଏ.)

୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱ ରାଜସୁନାଖଳା ତ୍ରିନାଥ ବଜାର ଅଞ୍ଚଳରେ ଥିବା ଏକ ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟ ବର୍ତ୍ତମାନ ଲୋକଙ୍କ ପାଇଁ ବିପଜ୍ଜନକ ପାଲଟିଛି। ତେଣୁ ଏହାକୁ ତୁରନ୍ତ ହଟାଇ ନୂତନ ଖୁଣ୍ଟ ସ୍ଥାପନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିରେ ୧୧ କେଭିଏ ବିଦ୍ୟୁତ୍ ପ୍ରବାହିତ ହେଉଥିବାରୁ ଖୁଣ୍ଟ ନିକଟ ଦେଇ ଯିବା ଆସିବା କରୁଥିବା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହେଉଛି। ଏହା ଏତେ ଦୁର୍ବଳ ହୋଇପଡ଼ିଛି ଯେ, କୌଣସି ସମୟରେ ଜୀବନ ହାନି କରିପାରେ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଲୁହା ନିର୍ମିତ ଖୁଣ୍ଟଟିର ନିମ୍ନ ଅଂଶରେ କଳଙ୍କି ଲାଗିଥିବାରୁ ଯେ କୌଣସି ମୁହୂର୍ତ୍ତରେ ଏହା ଭାଙ୍ଗିଯାଇପାରେ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ବଜାର ଅଞ୍ଚଳରେ ସର୍ବଦା ଭିଡ଼ ଲାଗି ରହିଥିବାରୁ କୌଣସି ଯାନବାହନ ଏହା ସହ ପିଟି ହୋଇଯାଇପାରେ। ତେଣୁ ଏହାକୁ ତୁରନ୍ତ ବଦଳା ଯାଇ ନୂତନ ଖୁଣ୍ଟ ସ୍ଥାପନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

### ସ୍ୱାସ୍ଥ୍ୟ ସଚେତନତା ଶିବିର

ରଣପୁର,୨୫।୮(ସ୍ୱ.ପ୍ର.)

ରଣପୁର ବ୍ଲକର ଖଡିଆ ୟୁଜିଏମଇ ସ୍କୁଲରେ ରବିବାର ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତ ବିକାଶ ପରିଷଦ ବାଣୀବିହାର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଆଖପାଖ ଅଞ୍ଚଳର ୩୨୦ ଜଣ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ । ଏହାକୁ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟିର ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ନାରାୟଣ ପ୍ରଧାନ, ସୁନୀଲ ରଞ୍ଜନ ସାହୁ, ମୁରଲୀ ଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ଶିଶୁରୋଗ ବିଶେଷଜ୍ଞ ଅର୍ଚ୍ଚନା ପଟ୍ଟନାୟକ, ଦନ୍ତ ଚିକିତ୍ସକ ଡାକ୍ତର ଶିତିକାନ୍ତ ରାୟ, ସସ୍ମିତା ସାହୁ, ମେଡିସିନ୍ ବିଶେଷଜ୍ଞ ପ୍ରଭାତ ତ୍ରିପାଠୀ ରୋଗୀଙ୍କ ଚିକିତ୍ସା କରିଥିଲେ । ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ ।




ଶିବିରରେ ଉପସ୍ଥିତ ବିଧାୟକ, ଡାକ୍ତର ଓ ଅନ୍ୟମାନେ।

# ଗଛ ପଡ଼ି ରାସ୍ତା ଅବରୋଧ, ୧୭ ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ସେବା ବ୍ୟାହତ

ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଓ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଖଣ୍ଡପଡା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରବିବାର ସକାଳ ୫ଟାରୁ ରାତିପ୍ରାୟ ୧୦ଟା ପର୍ଯ୍ୟନ୍ତ ଦୀର୍ଘ ୧୭ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଫଳରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ପ୍ରବଳ ବର୍ଷା ପବନରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗିପଡି ରାସ୍ତା ବନ୍ଦ ହୋଇଯାଇଥିବା ବେଳେ ବିଦ୍ୟୁତ୍ ତାର ଉପରେ ଗଛ ପଡିଥିବାରୁ ସରବରାହ ବ୍ୟାହତ ହୋଇଛି। ସମଗ୍ର ଖଣ୍ଡପଡା ଅଞ୍ଚଳରେ ହଜାର ହଜାର ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ପ୍ରକାଶ ଯେ, ଶନିବାର ଲଘୁଚାପଜନିତ ବର୍ଷା ଓ ପବନ ଲାଗି ରହିଥିବା ବେଳେ ରବିବାର ସକାଳୁ ଖବର ଲେଖାହେବା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ରାଜପାଟଣା ଗ୍ରୀଡ୍‌ଠାରେ କେତେକ ତ୍ରୁଟି ଯୋଗୁ ରାତି ପ୍ରାୟ ୧୦ କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ସ୍ୱାଭାବିକ ହେବାର ରହିଛି । ଏହି ଦୀର୍ଘ ସମୟ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଜଳ ଯୋଗାଣ, ଟେଲିସେବା ସାଙ୍ଗକୁ ଘରୋଇ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ସେସୁ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଓ ମନମୁଖି କାର୍ଯ୍ୟ ଯୋଗୁ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ କାଟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଉଥିଲେ ମଧ ସେମାନଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ବିଦ୍ୟୁତ୍ ସମସ୍ୟାର ସମାଧାନ ନିମନ୍ତେ ସେସୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ ବିଧାୟକଙ୍କ ଖବରଦାତା ସମ୍ମିଳନୀ
# ରଣପୁରର ବିକାଶ ଲାଗି ପ୍ରତିଶ୍ରୁତି

ରଣପୁର,୨୫।୮(ସ୍ୱ.ପ୍ର.)

ରଣପୁରସ୍ଥିତ ମା' ମଣିନାଗଙ୍କ ପାନ୍ଥନିବାସରେ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟିର ଅଧକ୍ଷ ସତ୍ୟନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ରଣପୁର ବ୍ଲକ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ବିଧାୟକ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ବିଧାୟକ ରଣପୁରର ବିକାଶ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ଏଥିସହ ପ୍ରତିନିଧିମାନେ ଯାହା ପଚାରିଛନ୍ତି ତାହା ତାଙ୍କ ପାଇଁ ପରାମର୍ଶ ଥିଲା ବୋଲି ବିଧାୟକ କହିବା ସହ ଉପରୋକ୍ତ ପରାମର୍ଶଗୁଡିକର ଠିକଣା ସମୟରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ରଣପୁର ବ୍ଲକ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ । ଯେଉଁଠି ରହିଛି ତାହା କାମରେ ଲାଗୁନି । ଭେଟବର ଡ୍ୟାମ ପୁନରୁଦ୍ଧାର ନ ହେବାରୁ ଚାଷୀ ଉପକୃତ ହେଉ ନାହାନ୍ତି। ମରୁଡି ସମୟରେ ବନ୍ଧରେ ପାଣି ରହୁ ନ ଥିବାରୁ ଜମିରେ ଜଳ ମାଡୁନି । ଭେଟବର ଡ୍ୟାମକୁ ବାଣପୁରର ଶାଳିଆ ଡ୍ୟାମ ସହ ସଂଯୋଗ କରାଇଲେ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଖବରଦାତାମାନେ ଦାବି ଉପସ୍ଥାପନ କରିଥିଲେ। ସେହିପରି ରଣପୁର ସହରରେ ସ୍ଥାନୀୟ ବାସିନ୍ଦା ସହରର ସର୍ବନିମ୍ନ ସୁବିଧା ପାଉ ନାହାନ୍ତି। ବିଦ୍ୟୁତ୍ ସମସ୍ୟା ଲାଗି ରହୁଛି । ଡ୍ରେନରେ ବର୍ଷାଜଳ ନ ଯାଇ ରାସ୍ତାରେ ଭାସୁଛି। ରଣପୁର ବଜାରରେ ପନିପରିବା ମାର୍କେଟ ନାହିଁ । ରାସ୍ତା ଜାମ ହୋଇ ସବୁବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ବୋଲି ଖବରଦାତାମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ୩ଜଣ ଡାକ୍ତର ନିଯୁକ୍ତି ପାଇଥିବାବେଳେ ପ୍ରତ୍ୟହ ଜଣେ ଆସୁଛନ୍ତି। ଶିଶୁ, ସ୍ତ୍ରୀ ରୋଗ ବିଶେଷଜ୍ଞ, ମେଡିକାଲ ଅଫିସର ପଦବୀ ଖାଲି ପଡିଛି। ଡାକ୍ତରଖାନା ସଫେଇ ହେଉନି । ରଣପୁର ସହରରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ପାଇଖାନା ଓ ପରିସ୍ରାଗାର ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଏମଜିଏନଆରଇଜିଏସ୍‌ରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ରଣପୁର ଅଞ୍ଚଳର ପୋଖରୀ ପୁନରୁଦ୍ଧାର ହୋଇପାରୁନି । ସେହିପରି ବସଷ୍ଟାଣ୍ଡ ନାହିଁ ବୋଲି ଖବରଦାତାମାନେ କହିଥିଲେ। ବିଧାୟକ ସମସ୍ତ ସମସ୍ୟା ସମାଧାନ ପାଇଁ ଖୁବ୍‌ଶୀଘ୍ର ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ଏଥିରେ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ରଣପୁର ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ସୁକାନ୍ତ ଲେଙ୍କାଙ୍କୁ ଖବରଦାତାମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରଣପୁର ବ୍ଲକର ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଭାତ ଦଳବେହେରା,ବରିଷ୍ଠ ଖବରଦାତା ଆଚାର୍ଯ୍ୟ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ସିଂଘାପଡ଼ାରେ ପ୍ରହସନ ପାଲଟିଛି ସ୍ୱଚ୍ଛ ଭାରତ ମିଶନ
# ହିତାଧିକାରୀଙ୍କୁ ମିଳୁନି ପାଇଖାନା ନିର୍ମାଣ କାର୍ଯ୍ୟାଦେଶ

ଖଣ୍ଡପଡ଼ା,୨୫।୮(ସ୍ୱ.ପ୍ର.)

ସ୍ୱଚ୍ଛ ଭାରତ ମିଶନ ଅଭିଯାନ ନିମନ୍ତେ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ସୁଦ୍ଧା ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣ୍ଡପଡ଼ା ବ୍ଲକର ସିଂଘାପଡ଼ା ପଞ୍ଚାୟତରେ ଅନେକ ହିତାଧିକାରୀ ଉକ୍ତ ଯୋଜନାରୁ ବଞ୍ଚିତ ହେବାରୁ ଏହି ଯୋଜନା ଏକପ୍ରକାର ପ୍ରହସନ ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସ୍ୱଚ୍ଛ ଭାରତ ମିଶନ ମାଧମରେ ଗ୍ରାମାଞ୍ଚଳ, ସହାରାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ପାଇଖାନା ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ଯୋଗାଇ ଦିଆଯାଉଛି। ମାତ୍ର ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ୍ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଲାଞ୍ଚ ନ ଦେଲେ ପାଇଖାନା ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ମିଳୁ ନ ଥିବା ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତସ୍ଥ ଖୁଣ୍ଟବନ୍ଧ, କୁଟୁକୁଣୀ, ବେଡାକି, ରୁପାପଲ୍ଲୀ, ସମ୍ବରବିନ୍ଧା, ବରଗଣ୍ଡ ଆଦି ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡିକରେ। ଖୁଣ୍ଟବନ୍ଧ ଦଳିତ ସାହିର ଅନେକ ଗରିବଙ୍କ ଘରେ ପକ୍କା ପାଇଖାନାଟିଏ ନାହିଁ। ତେଣୁ ସେମାନେ ବାଧହୋଇ ଘର ପଛପଟେ ଝାଟିମାଟି କାନ୍ଥ କରି ପୁରୁଣା ଲୁଗା ଟାଣି ଯେଭଳି ଦୟନୀୟ ଅବସ୍ଥାରେ ମଳତ୍ୟାଗ କରୁଛନ୍ତି ସେଥିରୁ ଜଣାପଡ଼େ ଯେ ଗରିବଙ୍କ ପାଇଁ ପାଇଖାନା ନିର୍ମାଣ ଯୋଜନାରେ ସ୍ୱଚ୍ଛତା କେତେ ରହିଛି ? ପାଇଖାନାଟିଏ ନିର୍ମାଣ ନିମନ୍ତେ ଗରିବ ହିତାଧିକାରୀମାନେ ବାରମ୍ବାର ଏହି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି। ଏହାପରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ପାଇ ନ ଥିବା ସେମାନେ କହିଛନ୍ତି । ଖଣ୍ଡପଡ଼ା ବିଡିଓ ଗୌରବମୟ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ମତ ଦେଇଛନ୍ତି।



ଲୁଗାବେଢ଼ା ହୋଇ ତିଆରି ହୋଇଥିବା ପାଇଖାନା।